(ପୃଷ୍ଠା–୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୩/୨୦୨୨ (୧୨+୮=୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, October 23/2022 | Page 20 | ₹ 7.00 | ★★★★★★

୪୮ଶ ଭାଗ ୩୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 327 | ମୂଲ୍ୟ₹୭/-




5% EXTRA CASHBACK | SBI card

#Min. Trxn.: ₹30,000; Max. Cashback: ₹2,500 per credit card account.
Validity: 19 Oct - 24 Oct 2022. T&C Apply.

ଲାଲ୍‌ଚାନ୍ଦ୍ ପୂର୍ବଭାରତର ଅଗ୍ରଣୀ ଜୁଏଲର୍ସ ହେବା ପଛରେ ୫ଟି ପ୍ରମୁଖ କାରଣ - ଅଳଙ୍କାର ଡିଜାଇନ୍‌ର ବିଶାଳ ରେଞ୍ଜ, ବିଶୁଦ୍ଧ ୨୨ କ୍ୟାରେଟ୍ ହଲ୍‌ମାର୍କଯୁକ୍ତ ଅଳଙ୍କାର, ବିଶ୍ୱସ୍ତରୀୟ ଗ୍ରାହକ ସେବା, ବୃହତ ସୋରୁମ୍, ନ୍ୟୁନତମ ଗଢ଼ାମୂଲ୍ୟ

ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଓଡ଼ିଶାର ଏକମାତ୍ର ଅଳଙ୍କାର ପ୍ରତିଷ୍ଠାନ ଭାବେ ଲାଲ୍‌ଚାନ୍ଦ୍ ଜୁଏଲର୍ସଙ୍କୁ ଦେଶ ବିଦେଶରୁ ମିଳିଛି ଶତାଧିକ ପୁରସ୍କାର ଓ ସମ୍ମାନ

Hallmark | IGI | YOUR TRUST OUR COMMITMENT | /Lalchnd JewellersPvtLtd /Lalchnd Jewellers

ଆମର ସମସ୍ତ ସୋରୁମ୍ ରବିବାର ସକାଳ ୮ଟାରୁ ଖୋଲାଯିବ

| BHUBANESWAR | BHUBANESWAR | BERHAMPUR | CUTTACK |
|---|---|---|---|
| NANDANKANAN ROAD, RAGHUNATHPUR | STATION SQUARE, UNIT 3 | SIDHI VINAYAK TOWERS, DHARMANAGAR | CANTONMENT ROAD |
| CONTACT: 0674-2469149/150/251 | CONTACT: 0674-2534016/17/18 | CONTACT: 0680-2229401/02/04 | CONTACT: 0671-2302505/3505/4505 |

**ଓୟୋ ରୁମ୍‌ରେ ଗୁପ୍ତ କ୍ୟାମେରା: ୪ ଗିରଫ**

ଉତ୍ତରପ୍ରଦେଶର ନୋଏଡ଼ାରେ ଥିବା ଓୟୋ ହୋଟେଲ ରୁମ୍‌ରେ ଗୁପ୍ତ କ୍ୟାମେରା ଖଞ୍ଜାଯାଇ ଦମ୍ପତିମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତକୁ ରେକର୍ଡ କରାଯିବା ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ଉକ୍ତ ଭିଡିଓକୁ ନେଇ ଦମ୍ପତିମାନଙ୍କୁ ବ୍ଲାକ୍‌ମେଲ୍ କରିବା ସହ ସେମାନଙ୍କ ଦାବି ଅର୍ଥ ପୈଠ ନ କଲେ ସେଗୁଡ଼ିକୁ ପ୍ରଘଟ କରିଦେବାର ଧମକ ଦେଉଥିଲେ। ର୍‍ୟାକେଟର ସଦସ୍ୟମାନେ ପ୍ରଥମେ ଓୟୋ ହୋଟେଲ୍ ରୁମ୍ ବୁକ୍ କରି ସେଠାରେ ଗୁପ୍ତ କ୍ୟାମେରା ଖଞ୍ଜି ଚାଲିଯାଉଥିଲେ। କିଛିଦିନ ପରେ ସେମାନେ ଉକ୍ତ ରୁମ୍‌ରେ ରହିବା ସହ କ୍ୟାମେରାକୁ ନେଇଯାଉଥିଲେ। ପରେ ଟାର୍ଗେଟରେ ଥିବା ଦମ୍ପତିଙ୍କ ସହ ମୂଲଚାଲ କରାଯାଉଥିଲା।

## ସୁନକଙ୍କୁ ଶହେ ଏମ୍‌ପିଙ୍କ ସମର୍ଥନ

**ଲଣ୍ଡନ, ୨୨।୧୦:** ବ୍ରିଟେନ ପ୍ରଧାନମନ୍ତ୍ରୀ ପଦରୁ ଲିଜ୍ ଟ୍ରସ୍‌ଙ୍କ ଇସ୍ତଫା ପରେ ଦେଶରେ ରାଜନୈତିକ ସଙ୍କଟ ଜାରିରହିଛି। ଆସନ୍ତା ୨୮ ତାରିଖରେ ବ୍ରିଟେନ ନୂଆ ପ୍ରଧାନମନ୍ତ୍ରୀ



ପାଇବାକୁ ଥିବାବେଳେ ଡାଉନିଂ ଷ୍ଟ୍ରିଟ୍ ଦୌଡ଼ରେ ପୁଣି ଆଗୁଆ ଅଛନ୍ତି ଭାରତୀୟ ବଂଶୋଦ୍ଭବ ତଥା ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକ। ପ୍ରଥମ ପ୍ରାର୍ଥୀଭାବେ ତାଙ୍କୁ ୧୦୦ ଏମ୍‌ପିଙ୍କ ସମର୍ଥନ ଥିବା ସୁନକଙ୍କ ସମର୍ଥକମାନେ ଦାବି କରିଛନ୍ତି। କଞ୍ଜରଭେଟିଭ୍ ପାର୍ଟି ନେତା ଏବଂ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ପଦ ପାଇଁ ଏବେ ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ ମଧ୍ୟ ରେସ୍‌ରେ ଅଛନ୍ତି। ତେବେ ସୁନକ୍ କିମ୍ବା ବୋରିସ୍ ଏ ନେଇ ବିଧିବଦ୍ଧ ଭାବେ କୌଣସି ଘୋଷଣା କରିନାହାନ୍ତି। କେବଳ ଲିଡର ଅଫ୍ କମନ୍ସ ପେନି ମୋର୍ଡାଣ୍ଟ ନିଜ ପ୍ରାର୍ଥିତ୍ୱ ଘୋଷଣା କରିଛନ୍ତି। ଅପରପକ୍ଷେ ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରୀତି ପଟେଲ ପ୍ରଧାନମନ୍ତ୍ରୀ ପଦ ପାଇଁ ବୋରିସ୍‌ଙ୍କୁ ସମର୍ଥନ କରିଛନ୍ତି।

## ବାହୁବଳୀ ରକେଟରେ ୩୬ ସାଟେଲାଇଟକୁ ମହାକାଶ ପଠାଇଲା ଇସ୍ରୋ

ଚେନ୍ନାଇ,୨୨।୧୦ : ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ବାହୁବଳୀ ରକେଟ ଜିଏସ୍‌ଏଲ୍‌ଭି ଏମ୍‌କେ୩ ଶନିବାର ମଧ୍ୟରାତ୍ରରେ ୩୬ଟି ୱାନ୍‌ୱେବ୍ ସାଟେଲାଇଟକୁ ନେଇ ସେମାନଙ୍କ କକ୍ଷପଥରେ ଅବସ୍ଥାପିତ କରିଛି। ୪୩.୫ ମିଟର ଦୈର୍ଘ୍ୟ ଓ ୬୪୪ ଟନ୍ ଓଜନ ବିଶିଷ୍ଟ ଏଲ୍‌ଭିଏମ୍୩ ଏମ୍୨ ରକେଟକୁ ରାତି ୧୨ଟା ୭ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ରକେଟ ପୋର୍ଟରୁ ଲଞ୍ଚ୍ କରାଯାଇଛି। ପ୍ରଥମ ଥର ପାଇଁ ଜିଏସ୍‌ଏଲ୍‌ଭି ଏମ୍‌କେ୩ ବିଦେଶୀ ସାଟେଲାଇଟ୍‌କୁ ପୃଥିବୀର ନିମ୍ନ କକ୍ଷପଥରେ ଅବସ୍ଥାପିତ କରିଛି। ଫଳରେ ବ୍ୟବସାୟିକ ସାଟେଲାଇଟ୍ ଲଞ୍ଚ୍ କରିବାରେ ଇସ୍ରୋ ବିଶ୍ୱ ବଜାରରେ ସ୍ଥାନ ସୃଷ୍ଟି କରିପାରିଛି।

# ଅଣୁଅସ୍ତ୍ର ବଢ଼ାଇବ ଚାଇନା

## ସେଣ୍ଟ୍ରାଲ କମିଟିକୁ ଜିନ୍‌ପିଙ୍ଗ୍ ନିର୍ବାଚିତ



ସିପିସି ଅଧିବେଶନ ଚାଲିଥିବାବେଳେ ଚାଇନାର ପୂର୍ବତନ ରାଷ୍ଟ୍ରପତି ହୁ ଜିଣ୍ଟାଓଙ୍କୁ ସୁରକ୍ଷାକର୍ମୀମାନେ ଉଠାଇ ନେଉଛନ୍ତି।

ବେଜିଂ, ୨୨।୧୦

ଚାଇନା କମ୍ୟୁନିଷ୍ଟ ପାର୍ଟି(ସିପିସି)ର ସପ୍ତାହେ ଧରି ଚାଲିଥିବା ୨୦ ତମ ଅଧିବେଶନ ଶନିବାର ଶେଷ ହୋଇଛି। ଏଥିରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କମ୍ୟୁନିଷ୍ଟ ପାର୍ଟିର ଶକ୍ତିଶାଳୀ ସେଣ୍ଟ୍ରାଲ କମିଟିକୁ ନିର୍ବାଚିତ ହୋଇଛନ୍ତି। ଫଳରେ ୬୯ ବର୍ଷୀୟ ଜିନ୍‌ପିଙ୍ଗ୍ ତୃତୀୟ ଥର ପାଇଁ ଚାଇନାର ରାଷ୍ଟ୍ରପତି ହେବା ସୁନିଶ୍ଚିତ ହୋଇଛି। ରବିବାର ସେଣ୍ଟ୍ରାଲ କମିଟିର ବୈଠକ ବସିବା ସହ ଏଥିରେ ୨୫ ଜଣ ସଦସ୍ୟ ବିଶିଷ୍ଟ ପଲିଟିକାଲ ବ୍ୟୁରୋ ଗଠନ ହେବ। ଏଥିରେ ଷ୍ଟାଣ୍ଡିଂ କମିଟିକୁ ୭ କିମ୍ବା ତଦୂର୍ଦ୍ଧ୍ୱ ମେମ୍ବରଙ୍କୁ ଚୟନ କରାଯିବ। ପରେ ଷ୍ଟାଣ୍ଡିଂ କମିଟି ଏହାର ମହାସଚିବଙ୍କୁ ବାଛିବ ଯେ କି ଉଭୟ କମ୍ୟୁନିଷ୍ଟ ପାର୍ଟିର ମୁଖ୍ୟ ରହିବା ସହ ଦେଶ ମଧ୍ୟ ଚଳାଇବେ। ସେଣ୍ଟ୍ରାଲ କମିଟିକୁ ଜିନ୍‌ପିଙ୍ଗ୍ ନିର୍ବାଚିତ ହୋଇସାରିଥିବାବେଳେ ତାଙ୍କୁ ହିଁ ମହାସଚିବ ଚୟନ କରାଯିବ ବୋଲି ପ୍ରାୟ ନିଶ୍ଚିତ। ବୈଠକ ଶେଷରେ ଜିନ୍‌ପିଙ୍ଗ୍ କହିଥିଲେ, 'ଡେୟାର ଟୁ ଷ୍ଟ୍ରଗଲ୍, ଡେୟାର ଟୁ ୱିନ' (ସଂଘର୍ଷ କରି ଜିତିବାକୁ ସାହସ କର)।

ସିପିସି କଂଗ୍ରେସରେ ଜିନ୍‌ପିଙ୍ଗ୍ ଏକ ଶକ୍ତିଶାଳୀ ରଣନୈତିକ ପ୍ରତିରକ୍ଷା ବ୍ୟବସ୍ଥା ତଥା ସାମରିକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେବା ପରେ ଚାଇନା ଏହାର ଆଣବିକ ଅସ୍ତ୍ର ସଂଖ୍ୟା ବଢ଼ାଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସେଣ୍ଟ୍ରାଲ ମିଲିଟାରି କମିଶନ (ସିଏମ୍‌ସି)ର ମଧ୍ୟ ମୁଖ୍ୟ ଥିବା ଜିନ୍‌ପିଙ୍ଗ୍ ୨୦୧୭ରେ ଜାରି କରିଥିବା ରିପୋର୍ଟରେ ଏପରି ସାମରିକ ଶକ୍ତି ବଢ଼ାଇବାକୁ ଗୁରୁତ୍ୱ ଦେଇ ନ ଥିଲେ। ଏବେ ଆଣବିକ ମହାଶକ୍ତି ଆମେରିକା ସହ ତିକ୍ତତା ବୃଦ୍ଧିକୁ ଦୃଷ୍ଟିରେ ରଖି ଚାଇନା ଏପରି ଯୋଜନା କରିପାରେ। ଦେଶର ସାର୍ବଭୌମତ୍ୱ ରକ୍ଷା ପାଇଁ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ନିଜ ଷ୍ଟ୍ରାଟେଜିକ୍ ନ୍ୟୁକ୍ଲିୟର ଫୋର୍ସକୁ ଅଧିକ ବିକଶିତ ଓ ଅତ୍ୟାଧୁନିକ କରିବ ବୋଲି ଚାଇନାର ଜଣେ ପୂର୍ବତନ ଆର୍ମି ଇନ୍‌ଷ୍ଟ୍ରକ୍ଟର ସୋଙ୍ଗ୍ ଜୋଙ୍ଗପିଙ୍ଗ୍ କହିଛନ୍ତି। ଆଣବିକ ଶକ୍ତି ବୃଦ୍ଧିକୁ ନେଇ ପୂର୍ବରୁ ଆମେରିକା ଚାଇନାକୁ ଚେତାବନୀ ଦେଇଆସିଛି। ନିକଟରେ ପେଣ୍ଟାଗନ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୨୦୧୭ ସୁଦ୍ଧା ଚାଇନା ନିକଟରେ ୭୦୦ ପରିବହନ ଯୋଗ୍ୟ ନ୍ୟୁକ୍ଲିୟର ୱାରହେଡ୍ ଥିବ। ୨୦୩୦ ସୁଦ୍ଧା ଏହି ସଂଖ୍ୟା ୧୦୦୦କୁ ବୃଦ୍ଧି ପାଇପାରେ। ତାଇୱାନ ଓ ୟୁକ୍ରେନ୍ ପ୍ରସଙ୍ଗରେ ଆମେରିକା ଉଭୟ ଚାଇନା ଏବଂ ରୁଷିଆକୁ ଚ୍ୟାଲେଞ୍ଜ କରିଛି। ଆଣବିକ ଶକ୍ତି ବୃଦ୍ଧି ଦ୍ୱାରା ହିଁ ଚାଇନା ଏହାର ଜାତୀୟ ନିରାପତ୍ତା ଏବଂ ସାର୍ବଭୌମତ୍ୱ ବଜାୟ ରଖିପାରିବ ବୋଲି ସୋଙ୍ଗ୍ କହିଛନ୍ତି।

## ପୂର୍ବତନ ରାଷ୍ଟ୍ରପତିଙ୍କୁ ହଲ୍‌ରୁ ବାହାର କରିଦେଲେ

### ସେଣ୍ଟ୍ରାଲ କମିଟିରୁ ପ୍ରଧାନମନ୍ତ୍ରୀ ଲି ବିଦା

ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ଅଧିବେଶନର ଶେଷଦିନରେ ଗ୍ରେଟ୍ ହଲ୍ ଅଫ୍ ପିପୁଲରେ ଶନିବାର ହାଇଡ୍ରାମା ଦେଖିବାକୁ ମିଳିଥିଲା। ଶି ଜିନ୍‌ପିଙ୍ଗଙ୍କ ପାଖ ସିଟ୍‌ରେ ବସିଥିବା ପୂର୍ବତନ ରାଷ୍ଟ୍ରପତି ହୁ ଜିଣ୍ଟାଓ(୭୯)ଙ୍କୁ ଅପମାନିତ କରାଯିବା ଢଙ୍ଗରେ ସେଠାରୁ ଉଠାଯାଇ ଜବରଦସ୍ତି ପୋଡିୟମ ବାହାରକୁ ସିକ୍ୟୁରିଟି କର୍ମଚାରୀମାନେ ନେଇଯାଇଥିଲେ। ପ୍ରାୟ ୨,୩୦୦ ପ୍ରତିନିଧି, ଅନ୍ୟ ଅଧିକାରୀ ଓ ଗଣମାଧ୍ୟମ କର୍ମଚାରୀଙ୍କ ସମ୍ମୁଖରେ ଏପରି ହେଉଥିଲେ ହେଁ ଜିନ୍‌ପିଙ୍ଗ୍ ଚୁପ୍‌ଚାପ ସେଠାରେ ବସିରହିଥିଲେ। ଏପରିକି ଜିଣ୍ଟାଓଙ୍କ ବାମ ପାଖ ସିଟ୍‌ରେ ବସିଥିବା ଆଉ ଜଣେ ସଦସ୍ୟ ଉଠି ତାଙ୍କୁ ପଚାରିବାକୁ ଯାଉଥିବାବେଳେ ଉକ୍ତ ସଦସ୍ୟଙ୍କ ନିକଟରେ ଥିବା ଅନ୍ୟ ଜଣେ ବ୍ୟକ୍ତି ଅଟକାଇଦେଇଥିଲେ। ଜିଣ୍ଟାଓ ଏହି ସମୟରେ ଜିନ୍‌ପିଙ୍ଗଙ୍କୁ କିଛି କହୁଥିବାର ଦେଖିବାକୁ ମିଳିଥିଲା। ହେଲେ ପରେ ସୁରକ୍ଷାକର୍ମୀମାନେ ଜିଣ୍ଟାଓଙ୍କ ହାତ ଧରି ପୋଡିୟମ ବାହାରକୁ ଟାଣିଟାଣି ନେଇଯାଇଥିଲେ। ତେବେ ତାଙ୍କୁ କାହିଁକି ଏପରି ଢଙ୍ଗରେ ହଲ୍‌ରୁ ବିଦା କରାଯାଇଥିଲା ସେ ନେଇ ବେଜିଂ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ୧୦ ବର୍ଷ ରାଷ୍ଟ୍ରପତି ରହିବା ପରେ ଜିଣ୍ଟାଓ ୨୦୧୨ରେ ଜିନ୍‌ପିଙ୍ଗଙ୍କୁ କ୍ଷମତା ହସ୍ତାନ୍ତର କରିଥିଲେ।

ଚାଇନା ସେଣ୍ଟ୍ରାଲ କମିଟି ସଦସ୍ୟଙ୍କ ଅଦଳବଦଳ ମଧ୍ୟରେ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍‌ଙ୍କୁ ଏଥିରୁ ବିଦା କରାଯାଇଛି। ସେହିପରି ନ୍ୟାଶନାଲ ପିପୁଲ୍ସ କଂଗ୍ରେସ ଚେୟାରମ୍ୟାନ ଲି ଜାନ୍‌ଶୁ, ଚାଇନିଜ୍ ପିପୁଲ୍ସ ପଲିଟିକାଲ କନ୍‌ସଲ୍‌ଟେଟିଭ୍ କନ୍‌ଫରେନ୍ସ ଅଧ୍ୟକ୍ଷ ୱାଙ୍ଗ୍ ୟାଙ୍ଗ୍, ଉପପ୍ରଧାନମନ୍ତ୍ରୀ ହାନ୍ ଜେଙ୍ଗ୍ ପ୍ରମୁଖ ସେଣ୍ଟ୍ରାଲ କମିଟିରେ ସ୍ଥାନ ପାଇନାହାନ୍ତି।

## ଇଞ୍ଜିନିୟରଙ୍କୁ ଗଣବଳାତ୍କାର

### ଆକ୍ରମଣରେ ପୁରୁଷବନ୍ଧୁ ଗୁରୁତର, ୧୨ ଅଟକ

ରାଞ୍ଚି, ୨୨।୧୦

ଝାଡ଼ଖଣ୍ଡର ୱେଷ୍ଟ ସିଂହଭୂମ ଜିଲାରେ ଜଣେ ୨୬ ବର୍ଷୀୟା ସଫ୍ଟୱେର ଇଞ୍ଜିନିୟରଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ୧୨ ଜଣଙ୍କୁ ଅଟକ ରଖିଛି। ଏକ ଜଣାଶୁଣା ଆଇଟି କମ୍ପାନୀରେ କାର୍ଯ୍ୟରତ ଯୁବତୀ ଜଣକ ଗୁରୁବାର ସନ୍ଧ୍ୟାରେ ତାଙ୍କ ପୁରୁଷବନ୍ଧୁଙ୍କ ସହ ଚାଇବାସାର ପୁରୁଣା ବିମାନବନ୍ଦର ନିକଟକୁ ବାଇକ୍‌ରେ ବୁଲିବାକୁ ଯାଇଥିଲେ। ସେଠାରେ ପ୍ରାୟ ୧୦ ଜଣ ଉଭୟଙ୍କୁ ଅଟକାଇଥିଲେ। ତାଙ୍କ ବଏଫ୍ରେଣ୍ଡଙ୍କୁ ସେମାନେ ସେଠାରେ ମାଡ଼ ମାରିବା ସହ ଯୁବତୀଙ୍କୁ ନିଛାଟିଆ ସ୍ଥାନକୁ ନେଇ ଗଣବଳାତ୍କାର କରିଥିଲେ। ପରେ ପୀଡ଼ିତାଙ୍କୁ ସେଠାରେ ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଯିବାବେଳେ ସେମାନେ ଯୁବତୀଙ୍କ ମୋବାଇଲ ଓ ପର୍ସ ମଧ୍ୟ ନେଇଯାଇଥିଲେ। ପୀଡ଼ିତା କୌଣସିମତେ ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ଯୁବତୀଙ୍କ ମେଡିକାଲ ଟେଷ୍ଟ କରାଯାଇଛି।

ଘଟଣାରେ ୧୨ ଜଣଙ୍କୁ ପଚରାଉଚରା ଚାଲିଥିବା ସ୍ଥାନୀୟ ଏସ୍‌ପି ଆଶୁତୋଷ ଶେଖର କହିଛନ୍ତି। ଏ ନେଇ ମୁଫସିଲ୍ ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାରେ ଭାଜପା ଜେଏମ୍‌ଏମ୍ ସରକାରଙ୍କୁ ସମାଲୋଚନା କରିବା ସହ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଇସ୍ତଫା ଦାବି କରିଛି। ୩ ବର୍ଷ ହେଲା ଝାଡ଼ଖଣ୍ଡରେ ବଳାତ୍କାର ବଢ଼ିଚାଲିଥିବାବେଳେ ସରକାରଙ୍କ ପକ୍ଷରୁ ମହିଳାଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ରଘୁବର ଦାସ କହିଛନ୍ତି। ଘଟଣାର ତଦନ୍ତ ଚାଲିଛି। ଅପରାଧୀଙ୍କୁ ଛଡ଼ାଯିବ ନାହିଁ ବୋଲି ଜେଏମ୍‌ଏମ୍ ମୁଖପାତ୍ର ମୋହନ କର୍ମାକର କହିଛନ୍ତି।

## ରୋଜଗାର ମେଳା ଶୁଭାରମ୍ଭ କଲେ ମୋଦି

# ୧୦୦ ଦିନରେ ଯିବନି ମହାମାରୀ ପ୍ରଭାବ



ନୂଆଦିଲ୍ଲୀ,୨୨।୧୦(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର 'ରୋଜଗାର ମେଳା'ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ୧୦ ଲକ୍ଷ ଯୁବତୀଯୁବକଙ୍କୁ ସରକାରୀ ନିଯୁକ୍ତି ଯୋଗାଇ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ଶନିବାର ୭୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିଭିନ୍ନ ବିଭାଗରେ ନିଯୁକ୍ତି ଲାଗି ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଅଧିକାଂଶ ଦେଶରେ ଅତ୍ୟଧିକ ମୁଦ୍ରାସ୍ଫୀତି ଓ ବେରୋଜଗାରୀ ଯୋଗୁ ବିଶ୍ୱ ଅର୍ଥନୀତି ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ଏଭଳି ସ୍ଥିତିରୁ ମୁକୁଳିବା ଲାଗି ଭାରତ ସବୁ ପ୍ରକାର ଉଦ୍ୟମ ଜାରି ରଖିଛି। ଏହା ସତ ଯେ, ବିଶ୍ୱର ଆର୍ଥିକ ସ୍ଥିତି ଭଲ ନାହିଁ। ଅନେକ ବୃହତ୍ ଅର୍ଥନୀତି ମାନ୍ଦାବସ୍ଥାରୁ ମୁକୁଳିବା ଲାଗି ସଂଘର୍ଷ କରୁଛନ୍ତି। କୋଭିଡ୍ ମହାମାରୀର ପାର୍ଶ୍ୱ ପ୍ରଭାବ ୧୦୦ ଦିନରେ ଦୂର ହୋଇଯିବ, ଏହା କେହି ଭାବିବା ଉଚିତ ନୁହେଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହା ସତ୍ତ୍ୱେ ଉପରୋକ୍ତ ଚ୍ୟାଲେଞ୍ଜରୁ ଭାରତକୁ ମୁକ୍ତ ରଖିବା ଲାଗି ସରକାର ନୂଆ ଉପକ୍ରମ ହାତକୁ ନେଇଛନ୍ତି। ସରକାରୀ ବିଭାଗଗୁଡ଼ିକର ସାମର୍ଥ୍ୟ ବହୁଗୁଣିତ ହୋଇଛି। ଫଳରେ ଭାରତ ୮ ବର୍ଷ ମଧ୍ୟରେ ବିଶ୍ୱ ଅର୍ଥନୀତିରେ ୧୦ମ ସ୍ଥାନରୁ ୫ମ ସ୍ଥାନକୁ ଉନ୍ନୀତ ହୋଇପାରିଥିବା ମୋଦି କହିଛନ୍ତି। ନିଯୁକ୍ତି ସୁଯୋଗ ବଢ଼ାଇବା ପାଇଁ ସରକାର ଉତ୍ପାଦନ, ଭିତ୍ତିଭୂମି, ପର୍ଯ୍ୟଟନ ସେକ୍ଟରରେ ଅଧିକ ନିବେଶ କରିଛନ୍ତି। ସରକାର ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବିଫଳ ହୋଇଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଆସୁଥିଲେ। ଅଧିକାଂଶ ନିର୍ବାଚନରେ ଶାସକ ଦଳ ଭାଜପା ବିଜୟୀ ହୋଇ ବିରୋଧୀଙ୍କ ଅଭିଯୋଗକୁ ଭୁଲ୍ ପ୍ରମାଣିତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## 'ଇଭେଣ୍ଟବାଜି' କହିଲା କଂଗ୍ରେସ

କେନ୍ଦ୍ର ସରକାରଙ୍କ 'ରୋଜଗାର ମେଳା'କୁ ବିରୋଧୀ ଦଳ ଜୁମ୍‌ଲା ରାଜାଙ୍କ 'ଇଭେଣ୍ଟବାଜି' ବୋଲି କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ଷକୁ ୨ କୋଟି ନିଯୁକ୍ତି ଯୋଗାଇବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ। ୮ ବର୍ଷରେ ୧୬ କୋଟି ନିଯୁକ୍ତି ଯୋଗାଇବା ପ୍ରତିଶ୍ରୁତି କେବେ ପୂରଣ ହେବ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ ସୁର୍ଜେୱାଲା ଶନିବାର ପ୍ରଶ୍ନ କରିଛନ୍ତି। କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ମାତ୍ର ୪ଟି ରାଜ୍ୟ ଅତିକ୍ରମ କରିଥିବାବେଳେ ଦେଶ ତଥା ଯୁବସମାଜ ପାଇଁ ବେରୋଜଗାରୀ ସବୁଠୁ ବଡ଼ ସମସ୍ୟା ବୋଲି ସରକାର ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି। ଭାରତ ଯୋଡ଼ୋ ଯାତ୍ରାର ଏହା ବଡ଼ ସଫଳତା। ଇଭେଣ୍ଟବାଜି ନିଯୁକ୍ତି ଯୋଗାଇବ ନାହିଁ ବୋଲି କଂଗ୍ରେସ ନେତା କହିଛନ୍ତି। କେବେ ୧୬ କୋଟି ନିଯୁକ୍ତି ମିଳିବ ଏବଂ ସରକାରୀ ବିଭାଗରେ ଖାଲି ପଡ଼ିଥିବା ୩୦ ଲକ୍ଷ ପଦବୀ କେବେ ପୂରଣ ହେବ ବୋଲି ସେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ଦେଶର ଯୁବ ସମାଜ କାମ ଚାହେଁ। ପ୍ରଧାନମନ୍ତ୍ରୀ ସେମାନଙ୍କୁ ଜବାବ ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ନେତା ଡେରେକ୍ ଓ୍ୱବ୍ରିଏନ୍ କହିଛନ୍ତି, ରୋଜଗାର ମେଳା ପ୍ରଧାନମନ୍ତ୍ରୀଙ୍କର ଏକ ପ୍ରଚାର ଷ୍ଟଣ୍ଟ। ନିଯୁକ୍ତି ପ୍ରଦାନ ପ୍ରତିଶ୍ରୁତି ପାଳନରେ ବିଫଳ ହୋଇଥିବା କେନ୍ଦ୍ର ସରକାର ନିଜ ବିଫଳତା ଘୋଡ଼ାଇବାକୁ ଏଭଳି ପ୍ରଚାର ଚଳାଇଥିବା ସେ କହିଛନ୍ତି।

## ଶକ୍ତି ଭିତ୍ତିଭୂମିକୁ ଟାର୍ଗେଟ

# ୟୁକ୍ରେନ୍‌ରେ ବ୍ଲାକ୍‌ଆଉଟ୍

**କିଭ୍, ୨୨।୧୦:** ୟୁକ୍ରେନ୍‌ର ପାୱାର ଷ୍ଟେଶନ, ଜଳଯୋଗାଣ ବ୍ୟବସ୍ଥା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ରୁଷିଆ ଘନଘନ ଆକ୍ରମଣ ଜାରି ରଖିଛି। ଫଳରେ ୟୁକ୍ରେନ୍‌ର ଶତାଧିକ ସହର, ହଜାର ହଜାର ଗ୍ରାମରେ ସମ୍ପୂର୍ଣ୍ଣ ବ୍ଲାକଆଉଟ୍ ହୋଇଛି। ସପ୍ତାହକ ମଧ୍ୟରେ ୟୁକ୍ରେନ୍ ପାୱାର ଷ୍ଟେଶନର ୩୦%ରୁ ଊର୍ଦ୍ଧ୍ୱ ନଷ୍ଟ ହୋଇସାରିଥିବା ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ଶନିବାର ମଧ୍ୟ ରୁଷିଆ ବାୟୁ ଏବଂ ସମୁଦ୍ର ତଟରୁ ୩୩ କ୍ରୁଜ୍ ମିଶାଇଲ ଛାଡ଼ିଥିଲା। ସେଥିମଧ୍ୟରୁ ୧୮ଟିକୁ ନଷ୍ଟ କରାଯାଇଥିବା ୟୁକ୍ରେନ୍ ବାୟୁସେନା ପକ୍ଷରୁ



ରୁଷିଆ କ୍ଷେପଣାସ୍ତ୍ର ମାଡ଼ରେ କିଭ୍‌ର ଏକ ତାପଜବିଦ୍ୟୁତ କେନ୍ଦ୍ର ଜଳୁଛି।

କୁହାଯାଇଛି। ରାଜଧାନୀ କିଭ୍ ସମେତ ଓଡେଶାରେ ମଧ୍ୟ ସମାନ ଧରଣର ଆକ୍ରମଣ ହୋଇଛି। ଜଳଯୋଗାଣ ବ୍ୟବସ୍ଥା ଠପ୍ ହୋଇଯିବା ଆଶଙ୍କାରେ ଲୋକଙ୍କୁ ଆଗୁଆ ପାନୀୟ ଜଳ ମହଜୁଦ କରି ରଖିବାକୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ ଖେର୍‌ସନରୁ ମସ୍କୋ ସୈନ୍ୟଙ୍କୁ ଘଉଡ଼ାଇବା କିଭ୍ ପାଇଁ ପ୍ରସ୍ତୁତ ହେଉଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସେହି

### ଡ୍ୟାମ୍ ନଷ୍ଟ ନ କରିବାକୁ ରୁଷିଆକୁ ଚେତାବନୀ ଦେଉ ପାଶ୍ଚାତ୍ୟ: ଜେଲେନ୍‌ସ୍କି

ଅଞ୍ଚଳରେ ଥିବା ଡ୍ୟାମ୍‌କୁ ଟାର୍ଗେଟ ଯୋଜନା କରିଛନ୍ତି। ଡ୍ୟାମ୍ ନଷ୍ଟହେଲେ ଦକ୍ଷିଣ ୟୁକ୍ରେନ୍‌ର ବଡ଼ ଭାଗରେ ବନ୍ୟା ଆସିଯିବ ବୋଲି ଜେଲେନ୍‌ସ୍କି କହିଛନ୍ତି। ଏବେ ପୂରା ବିଶ୍ୱ ଏକାଠି ହୋଇ ରୁଷିଆର ଏଭଳି ଆତଙ୍କବାଦୀ ଆକ୍ରମଣକୁ ରୋକିବାକୁ ପଦକ୍ଷେପ ନେବା ଜରୁରୀ। ଏପରି ନ କରିବାକୁ ପାଶ୍ଚାତ୍ୟ ଦେଶ ରୁଷିଆକୁ ଚେତାବନୀ ଦିଅନ୍ତୁ ବୋଲି ସେ କହିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୩/୨୦୨୨ | Bhubaneswar, Sunday, October 23/2022 | ପୃଷ୍ଠା-୧



## ଟାଇଟଲ ଜିତିଲେ ଦେବାଶିଷ

ଓଡ଼ିଶାର ଦେବାଶିଷ ସାହୁ ଜାତୀୟ ଫେନେଷ୍ଟା ଟେନିସ ଟୁର୍ନାମେଣ୍ଟର ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି।

୧୦

୦୮

## ‘ମୋତେ ନାଚ ଆସେନି’

ଟ୍ରୋଲ ପରେ ନାଚ ଆସି ନ ଥିବା କଥାକୁ ସ୍ୱୀକାର କରିଛନ୍ତି ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ।



# ପ୍ରଶାସନ କହୁଛି ଦାଦନ ଯାଉନାହାନ୍ତି | ସପ୍ତାହରେ ୪୦୦ ଉଦ୍ଧାର

୧୯୮୦ ଓ ୯୦ ଦଶକର ପ୍ରାରମ୍ଭରେ ଅବିଭକ୍ତ ବଲାଙ୍ଗୀର ଦେଶର ଦରିଦ୍ରତମ ଜିଲାଗୁଡ଼ିକ ମଧ୍ୟରେ ପରିଗଣିତ ହେଉଥିଲା। ବିଗତ ୨ ଦଶନ୍ଧି ହେଲା ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ଏହାସତ୍ତ୍ୱେ ଗ୍ରାମାଞ୍ଚଳରେ ସରକାରୀ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରି ନ ଥିବା ଶ୍ରମିକଙ୍କ ଗଣପଳାୟନରୁ ସ୍ପଷ୍ଟ ହୋଇଛି। ପ୍ରତିବର୍ଷ ଅନେକ ହଜାର ପରିବାର ଦାରିଦ୍ର୍ୟର କଷାଘାତ ସହି ନ ପାରି ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ତାମିଲନାଡୁକୁ ଦାଦନ ଖଟିବାକୁ ଯାଉଛନ୍ତି। ୨୦୨୦ରେ କୋଭିଡ୍-୧୯ ଜନିତ ଲକ୍‌ଡାଉନ୍ ବେଳେ ବଲାଙ୍ଗୀର ଜିଲାକୁ ପ୍ରାୟ ଦେଢ଼ଲକ୍ଷ ପ୍ରବାସୀ ବାହ୍ୟ ରାଜ୍ୟରୁ ଫେରିଥିଲେ। ସେମାନଙ୍କ ମଧ୍ୟରୁ ଲକ୍ଷେ ହେଉଛନ୍ତି ଦାଦନ ଶ୍ରମିକ। ଗତ ସପ୍ତାହକ ମଧ୍ୟରେ ଜିଲାର ବିଭିନ୍ନ ରେଳଷ୍ଟେଶନରୁ ପ୍ରାୟ ୪୦୦ ଦାଦନଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୦ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି। ଏତେ ସତ୍ତ୍ୱେ ପ୍ରଶାସନ କହୁଛି, ଲୋକେ ଦାଦନ ଖଟିବାକୁ ଯାଉନାହାନ୍ତି। ଏହା ପ୍ରଶାସନର ବିରୋଧାଭାସ ଚିତ୍ରକୁ ପ୍ରଦର୍ଶନ କରୁଥିବା ସାଧାରଣରେ ଆଲୋଚନା ହେଉଛି।



ବଲାଙ୍ଗୀର ଜିଲା ଲାଠୋର ରେଳ ଷ୍ଟେଶନରେ ଦାଦନ ଶ୍ରମିକଙ୍କ ଭିଡ଼।

**ବୀରେନ୍ଦ୍ର କୁମାର ଝାଙ୍କର**

**ବଲାଙ୍ଗୀର ଅଫିସ,୨୨।୧୦**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପରଠାରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଲାଙ୍ଗୀର ଜିଲାରେ ଦାଦନ ଶ୍ରମିକ ଚାଲାଣ ପର୍ବ ଆରମ୍ଭ ହୋଇଛି। ଏହାକୁ ରୋକିବା ପାଇଁ ଜିଲା ପୋଲିସ ‘ମିଶନ ଉଦ୍ଧାର’ ନାମରେ ଏକ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଜିଲାର ବିଭିନ୍ନ ରେଳଷ୍ଟେଶନରେ ଅସ୍ଥାୟୀ ପୋଲିସ ଆଉଟପୋଷ୍ଟ ଖୋଲାଯାଇ ବେଆଇନ ଶ୍ରମିକ ଚାଲାଣ ଉପରେ କଡ଼ା ନଜର ରଖାଯାଇଛି। ଖୋଦ୍ ଏସ୍‌ପି ଏହାର ତଦାରଖ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଜରିଆରେ ଗତ ସପ୍ତାହକ ମଧ୍ୟରେ ଜିଲାର ବିଭିନ୍ନ ରେଳଷ୍ଟେଶନ ଓ ଅନ୍ୟ ସ୍ଥାନଗୁଡ଼ିକରୁ ପ୍ରାୟ ୪୦୦ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ବେଆଇନ ଦାଦନ ଶ୍ରମିକ ଚାଲାଣକୁ ନେଇ ବିଭିନ୍ନ ଥାନାରେ ୨୦ଟି ମାମଲା ରୁଜୁ କରାଯାଇଛି। ୧୦ ଜଣ ଦାଦନ ସର୍ଦ୍ଦାରଙ୍କୁ ଗିରଫ ମଧ୍ୟ କରାଯାଇଛି। ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ ‘ମିଶନ ଉଦ୍ଧାର’କୁ ଏକ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ବୋଲି କୁହାଯାଇଛି। ଜିଲାରୁ ବେଆଇନ ଭାବେ ଶ୍ରମିକ ଚାଲାଣ ହେଉଥିବା ଏହି କାର୍ଯ୍ୟକ୍ରମରୁ ପୁଣି ଥରେ ସ୍ପଷ୍ଟ ହୋଇଛି। ଏଥିସହ ‘ମିଶନ ଉଦ୍ଧାର’କୁ ନେଇ ଜିଲାରେ ବିତର୍କ ଆରମ୍ଭ ହୋଇଛି। ପୋଲିସ ବିଭିନ୍ନ ରେଳଷ୍ଟେଶନ ଏବଂ ରାସ୍ତାରୁ ☞ପୃଷ୍ଠା-୨

## କାମ ମିଳୁନାହିଁ, ଯୋଜନା ଅପହଞ୍ଚ

**ମୃତ୍ୟୁଞ୍ଜୟ ଶତପଥୀ**

**ସୋନପୁର,୨୨।୧୦**

### ଦାଦନଙ୍କ ହିସାବ ରଖୁନାହିଁ ଶ୍ରମ ବିଭାଗ

ରାଜ୍ୟର ୧୧ଟି ଦାଦନପ୍ରବଣ ଜିଲା ମଧ୍ୟରୁ ସୁବର୍ଣ୍ଣପୁର ଅନ୍ୟତମ। ଏହି ଜିଲାରେ ଦାଦନ ଚାଲାଣ ହୁଏନାହିଁ ବୋଲି ଜିଲା ପ୍ରଶାସନ ପୂର୍ବରୁ ବାହୁସ୍ଫୋଟ ମାରୁଥିଲା। କିନ୍ତୁ କରୋନା ମହାମାରୀ ପ୍ରଶାସନର ଦାବିକୁ ଭୁଲ୍ ପ୍ରମାଣିତ କରିଥିଲା, ଯେତେବେଳେ ୧୫,୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଲକ୍‌ଡାଉନ୍ ଯୋଗୁ ଅନ୍ୟ ରାଜ୍ୟରୁ ଘରକୁ ଫେରିଥିଲେ। ଗରିବଙ୍କୁ ନିଜ ଅଞ୍ଚଳରେ କାମ ମିଳୁନି। ସେମାନଙ୍କ ପାଇଁ ଗଢ଼ାଯାଇଥିବା ସରକାରୀ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହେଉନି। ଫଳରେ ଦାଦନ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଉଛି।

ସୁବର୍ଣ୍ଣପୁର ଏକ କୃଷି ପ୍ରଧାନ ଜିଲା। ଶିଳ୍ପ ବିହୀନ ଏହି ଜିଲାର ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି। ହୀରାକୁଦ କେନାଲ ସିଷ୍ଟମ ଦ୍ୱାରା ଜଳସେଚିତ ହେଉଥିବା ଜିଲାର ବିନିକା ଓ ଡୁଙ୍ଗୁରିପାଲି ବ୍ଲକକୁ ଅଞ୍ଚଳର ଭାତହାଣ୍ଡି କୁହାଯାଏ। କିନ୍ତୁ ଏଠାରେ ଦାଦନ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ସାଧାରଣରେ ଚିନ୍ତା ବଢ଼ାଇଛି। ପ୍ରତ୍ୟେକ ବର୍ଷ ଡୁଙ୍ଗୁରିପାଲି, ବିନିକା ଓ ତରଭା ବ୍ଲକରୁ ଅନେକ ହଜାର ଦାଦନ ଶ୍ରମିକ ସେମାନଙ୍କ ପରିବାର ସହିତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ତାମିଲନାଡୁ ଭଳି ରାଜ୍ୟକୁ ଯାଉଛନ୍ତି। ସେହିପରି ବେକାର ଯୁବତୀଯୁବକ ବିଭିନ୍ନ ଶିଳ୍ପ ସଂସ୍ଥାରେ କାମ କରିବା ପାଇଁ ଗୁଜରାଟ, ତାମିଲନାଡୁ, କେରଳ, ମହାରାଷ୍ଟ୍ର ଓ କର୍ନାଟକ ଭଳି ରାଜ୍ୟକୁ ଯାଉଛନ୍ତି। କିନ୍ତୁ ଦାଦନ ଯାଉଥିବା ଶ୍ରମିକଙ୍କ ପ୍ରକୃତ ହିସାବ ଜିଲା ଶ୍ରମ ବିଭାଗ କିମ୍ବା ପଞ୍ଚାୟତ କାର୍ଯ୍ୟାଳୟରେ ରହୁନାହିଁ। ନିୟମ ଅନୁସାରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ଶ୍ରମିକମାନେ ପଞ୍ଚାୟତ କାର୍ଯ୍ୟାଳୟରେ ନିଜର ଓ ନିଜ ପରିବାର ସଂଖ୍ୟା ଏବଂ କେଉଁଠିକୁ କାମ କରିବାକୁ ଯାଉଛନ୍ତି, ସବିଶେଷ ବିବରଣୀ ସହ ପଞ୍ଜୀକରଣ କରିବା କଥା। କିନ୍ତୁ ସଚେତନତା ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

କଠୋର ମନୋଭାବ

### ଆଜିର ମନ୍ତବ୍ୟ

“ କଂଗ୍ରେସର ‘ଭାରତ ଯୋଡ଼ୋ ଯାତ୍ରା’ ଦେଶର ରାଜନୈତିକ ବାତାବରଣରେ ପରିବର୍ତ୍ତନ ଆଣିବ।

-ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ







## ୨୫ରେ ସୂର୍ଯ୍ୟୋପରାଗ ସରକାରୀ ଛୁଟି

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ସୂର୍ଯ୍ୟୋପରାଗ ୨୫ ତାରିଖ ମଙ୍ଗଳବାର ହେଉଛି। ସେଥିପାଇଁ ସେହି ଦିନଟିକୁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ଉକ୍ତ ଦିନ ରାଜ୍ୟର ସମସ୍ତ ସରକାରୀ ଅଫିସ, ସ୍କୁଲ, କଲେଜ, ରାଜସ୍ୱ ବିଭାଗୀୟ କୋର୍ଟ, ବ୍ୟାଙ୍କ ଓ ଅନ୍ୟ ବ୍ୟାଙ୍କିଙ୍ଗ୍ ଅନୁଷ୍ଠାନ ବନ୍ଦ ରହିବ। ଏନେଇ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏହି ସୂଚନା ପ୍ରଦାନ କରାଯାଇଛି। ଆଜି ଚତୁର୍ଥ ଶନିବାର ହୋଇଥିବାରୁ ସରକାରୀ ଛୁଟି ରହିଛି। ଆସନ୍ତାକାଲି ରବିବାର ଓ ସୋମବାର ଦୀପାବଳି ପଡୁଛି। ତେଣୁ ୨ ଦିନ ସରକାରୀ ଛୁଟି ରହିଛି। ମଙ୍ଗଳବାର ସୂର୍ଯ୍ୟୋପରାଗ ପାଇଁ ରାଜ୍ୟ ସରକାର ସ୍କୁଲ କଲେଜ, କୋର୍ଟଠାରୁ ଆରମ୍ଭକରି ସବୁ ଛୁଟି ଘୋଷଣା କରିଛନ୍ତି। ଅର୍ଥାତ୍ ସରକାରୀ କର୍ମଚାରୀମାନେ ଲଗାତର ୪ଦିନ ଛୁଟି ପାଇଛନ୍ତି। ଆସନ୍ତା ସୋମବାର ପବିତ୍ର ଦୀପାବଳି ଅମାବାସ୍ୟା। ସେହିଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ☞ପୃଷ୍ଠା-୨

## ଆଖିବୁଜିଲା ଧଳା ବାଘୁଣୀ ବିଜୟା



**ବାରଙ୍ଗ,୨୨।୧୦(ଡି.ଏନ୍.ଏ.)**

- ଟ୍ରିମ୍ପାନୋ ମାୟୋସିସ୍ ଭାଇରସ୍‌ରେ ସଂକ୍ରମିତ ଥିଲା
- ଅଧିକ କାରଣ ଜାଣିବା ପାଇଁ ହୋଇଥାନ୍ତା ଅଲଟ୍ରାସାଉଣ୍ଡ

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମୁଖ୍ୟ ଆକର୍ଷଣ ସାଜିଥିବା ବାଘ ସଫାରିର ଧଳା ବାଘୁଣୀ ବିଜୟାର ଶନିବାର ମୃତ୍ୟୁ ହୋଇଛି। ଗତ କିଛିଦିନ ହେବ ସେ ଅସୁସ୍ଥ ହେବା ସହ ଖାଇବା କମାଇଦେଇଥିବାରୁ ଦୁର୍ବଳ ହୋଇପଡ଼ିଥିଲା। ଫଳରେ ତା’ର ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ଗତ ୧୪ତାରିଖରେ ବାଘସଫାରୀରୁ ବିଜୟାକୁ ପ୍ରାଣୀ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ତା’ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଡାକ୍ତରମାନେ ଚିକିତ୍ସା ଆରମ୍ଭ କରିଥିଲେ। ଏହାପରେ ଗତ ୧୯ତାରିଖରେ ଚିକିତ୍ସାଳୟରୁ ବିଜୟାକୁ ପୁଣିଥରେ ସଫାରିର ଫିଡିଂ ଚାମ୍ବରକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସା ସମୟରେ ବିଜୟାର ଖାଦ୍ୟନଳୀରେ ସଂକ୍ରମଣ ହୋଇଥିବା ଜଣାପଡ଼ିଥିଲା। ଏହାପରେ ଅଧିକ ଜାଣିବା ପାଇଁ ବିଜୟାର ରକ୍ତନମୁନା ସଂଗ୍ରହ ☞ପୃଷ୍ଠା-୨

## ଅସ୍ତିତ୍ୱ ହରାଇଛି ରଘୁନନ୍ଦନ ପାଠାଗାର

**ପୁରୀ ଅଫିସ,୨୨।୧୦**

- ପୁନରୁଦ୍ଧାର ପାଇଁ ଆଗ୍ରହ ଦେଖାଉନି ପ୍ରଶାସନ
- ଦୁଷ୍ପ୍ରାପ୍ୟ ଗ୍ରନ୍ଥ ଓ ତାଳପତ୍ର ପୋଥିର ସଂରକ୍ଷଣକୁ ନେଇ ଆଶଙ୍କା
- ଗୁରୁ ରଘୁନନ୍ଦନ ରାମାନୁଜଙ୍କ ସ୍ମୃତି ଉଦ୍ଦେଶ୍ୟରେ ଖୋଲିଥିଲା

ପରିକ୍ରମା ପ୍ରକଳ୍ପ ଜମି ଅଧିଗ୍ରହଣରେ ଜଗନ୍ନାଥ ସଂସ୍କୃତିର ସର୍ବପୁରାତନ ପାଠାଗାର ରଘୁନନ୍ଦନ ଲାଇବ୍ରେରୀ ନିଜ ଅସ୍ତିତ୍ୱ ହରାଇଛି। ଯେଉଁ ପାଠାଗାର ଦିନେ ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କ ସାଧନାର କେନ୍ଦ୍ର ଥିଲା, ସମ୍ପ୍ରତି ତାହା ବିଲୁପ୍ତ ହୋଇଯାଇଛି। ପରିକ୍ରମା ପ୍ରକଳ୍ପ ଅଧୀନରେ ପୁରୀ ସହରକୁ ଏକ ଐତିହ୍ୟ ସହର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ମଧ୍ୟରେ ରଘୁନନ୍ଦନ ଲାଇବ୍ରେରୀ ହଜାର ହଜାର ପାଠକ ଓ ନିଜର ଅଖଣ୍ଡ ଗୌରବ ହରାଇ ବସିଛି। ଏହି ପାଠାଗାର ପୁନରୁଦ୍ଧାର ପାଇଁ ପୁରୀ ଜିଲାର ଅନେକ ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀମାନେ ବିଭିନ୍ନ ସମୟରେ ଦାବି କରିଆସୁଥିବାବେଳେ ପ୍ରଶାସନ ଏଥିପାଇଁ ଗୁରୁତ୍ୱ ଦେବାଭଳି ମନେହେଉନାହିଁ। ପୁସ୍ତକ ସଂରକ୍ଷିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବାବେଳେ ପାଠାଗାର ପାଇଁ ପୁନଶ୍ଚ ଭିତ୍ତିଭୂମି କିଭଳି ଭାବେ ନିର୍ମାଣ ହେବ ଓ ପାଠିକାପାଠକ ରଘୁନନ୍ଦନ ପାଠାଗାରରେ ପଢ଼ିବାର କିପରି ସୁଯୋଗ ପାଇବେ ସେନେଇ ପ୍ରଶାସନ ଚିନ୍ତା କରୁ ନଥିବାରୁ ବୁଦ୍ଧିଜୀବୀ ମହଲ ଚିନ୍ତା ପ୍ରକଟ କରିଛି। ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଏମାର ମଠ ରଘୁନନ୍ଦନ ପାଠାଗାରକୁ ☞ପୃଷ୍ଠା-୨



ପୂର୍ବରୁ ଏମାର ମଠ ପରିସରରେ ଥିବା ରଘୁନନ୍ଦନ ପାଠାଗାର।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଆଖି ବୁଜିଲା ଧଳା ...

କରାଯାଇ ଓୟୁଏଟିକୁ ପଠାଯାଇଥିଲା। ଗୁରୁବାର ଅପରାହ୍ଣରେ ବିଜୟାର ରକ୍ତପରୀକ୍ଷାରୁ ମଶା କାମୁଡ଼ାଜନିତ ରୋଗ ଟ୍ରିପାନୋ ମାୟୋସିସ ଭାଇରସରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଶନିବାର ପ୍ରାଣୀ ଚିକିତ୍ସକମାନେ ସଫାରି ଫିଡିଂଚାମ୍ବରକୁ ଯାଇ ବିଜୟାର ଅଲଟ୍ରାସାଉଣ୍ଡ କରିବା ନିମନ୍ତେ ନିଶା ଦେଇଥିଲେ। ହେଲେ ଅପରାହ୍ଣ ପ୍ରାୟ ୧ଟା ସମୟରେ ବିଜୟାର ମୃତ୍ୟୁ ହୋଇଥିଲା। ଗତ ୧୫ଦିନ ଧରି ବିଜୟା ଅସୁସ୍ଥ ରହିବା ସହ ଖାଦ୍ୟ ଖାଇବା ଧୀରେ ଧୀରେ କମାଇଦେଇଥିଲା। କିନ୍ତୁ ୧୪ତାରିଖରୁ ବିଜୟା ସମ୍ପୂର୍ଣ୍ଣ ରୂପେ ଆହାର ତ୍ୟାଗ କରିଥିବାବେଳେ ନିଶା ଦିଆଯିବା ପରେ ତା'ର ମୃତ୍ୟୁ ଘଟିଲା ବୋଲି କର୍ମଚାରୀମାନେ ଆଲୋଚନା କରୁଛନ୍ତି। ଗତ ୯ତାରିଖରୁ ବିଜୟା ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲା। ସ୍ୱାସ୍ଥ୍ୟଗତ ସମସ୍ୟାର କାରଣ ଅଧିକ ଜାଣିବା ପାଇଁ ଅଲଟ୍ରାସାଉଣ୍ଡ ଓ ଏକ୍ସ-ରେ କରିବା ଲାଗି ଶନିବାର ସ୍ୱାସ୍ଥ୍ୟ କମିଟି ଆସିଥିଲେ। କିନ୍ତୁ ଏହା ପୂର୍ବରୁ ବିଜୟାର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ଶତକଡା ୯୦ଭାଗ ଫୁସ୍‌ଫୁସ୍‌, କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ବିଜୟାର ମୃତ୍ୟୁପରେ ନନ୍ଦନକାନନରେ ବାଘ ସଂଖ୍ୟା ହ୍ରାସ ପାଇ ୨୫ରେ ପହଞ୍ଚିଛି। ସେଥିମଧ୍ୟରେ ଧଳାବାଘ ୬, କଳାଲୋମଯୁକ୍ତ ବାଘ ୩ ଓ ସାଧାରଣ ବାଘ ୧୬ଟି ଥିବା ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ସପ୍ତାହରେ ୪୦୦ ...

ଦାଦନ ଶ୍ରମିକଙ୍କୁ ଉଦ୍ଧାର କରି ସେମାନଙ୍କ ଗାଁରେ ଛାଡ଼ିଦେଇଥିବା କହୁଛି। ତେବେ ଶ୍ରମିକଙ୍କୁ ଗାଁରେ ଛାଡ଼ିଦେବା ପରେ ସେହି ଶ୍ରମିକମାନେ ଏବେ କେଉଁଠି ଅଛନ୍ତି ଏବଂ କ'ଣ କରୁଛନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ମିଳିଥିବା ଏକ ତଥ୍ୟ ମୁତାବକ, ଉଦ୍ଧାର ହୋଇଥିବା ୪୦୦ ଶ୍ରମିକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ପୁଣି ଥରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଚାଲିଯାଇଥିବା ଜଣାପଡିଛି। ଗତ ୧୦ ଦିନ ଭିତରେ ଜିଲାର ଖପ୍ରାଖୋଲ ଥାନା ଅନ୍ତର୍ଗତ ଦମକିପାଲି, ଭାନପୁର ଗ୍ରାମର କେତେଜଣ ଦାଦନ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରି ଗାଁକୁ ଫେରାଇଥିଲା। ଏହାର ଦିନକ ପରେ ସେହି ଶ୍ରମିକମାନେ ପୁଣି ଥରେ ଅନ୍ୟ ରାସ୍ତାରେ ରାଜ୍ୟ ବାହାରକୁ ଚାଲିଯାଇଛନ୍ତି। ସେହିପରି ଲାଠୋର ପୋଲିସ ଉଦ୍ଧାର କରିଥିବା ନୂଆପଡ଼ା ଓ ବରଗଡ଼ ଜିଲାର ଦାଦନ ଶ୍ରମିକମାନେ ବର୍ତ୍ତମାନ କେଉଁ ଅବସ୍ଥାରେ ଅଛନ୍ତି ତାହା ଜଣାପଡିନାହିଁ। କାମ ନ ଯୋଗାଇ ଉଦ୍ଧାର ନାଁରେ ଶ୍ରମିକଙ୍କୁ ରୋକିବା ଆଦୌ ଫଳପ୍ରଦ ହେଉ ନ ଥିବା ଏହା ସୂଚିତ କରୁଛି। ୨୦୧୭ ମସିହାରେ ବଲାଙ୍ଗୀର ଓ ନୂଆପଡା ଜିଲାର ଦାଦନ ଶ୍ରମିକ ସମସ୍ୟା ରୋକିବା ସକାଶେ ୧୩୪ କୋଟି ଟଙ୍କାର ଏକ ଯୋଜନା ପ୍ରସ୍ତୁତ କରି ରାଜ୍ୟ ସରକାର ଟାଟା ଟ୍ରଷ୍ଟ ସହ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ସେହି ଯୋଜନାରେ କେତେ ଦାଦନ ରୋକାଗଲା ତା'ର କିଛି ହିସାବ ମିଳିଲା ନାହିଁ। ଏବେ ପୁଣି ଦାଦନ ଶ୍ରମିକ ଉଦ୍ଧାର କଥା କୁହାଯାଇଛି। ଶ୍ରମିକଙ୍କ ସମସ୍ୟା ଉପରେ କାମ କରୁଥିବା ଗବେଷକ ସଞ୍ଜୟ ମିଶ୍ର କହିଛନ୍ତି, ଥଇଥାନ ନ କରି ଶ୍ରମିକ ଉଦ୍ଧାର କରିବା ମୂଲ୍ୟହୀନ। ଶ୍ରମିକଙ୍କୁ ଅଗ୍ରିମ କାମ ଓ ଠିକ୍ ସମୟରେ ପାଉଣା ମିଳିଲେ ସେମାନେ ରାଜ୍ୟ ବାହାରକୁ ଯିବେନାହିଁ। ଯେଉଁ ଦାଦନ ଶ୍ରମିକମାନେ ଗୋଟି ଶ୍ରମିକ ପ୍ରମାଣପତ୍ର ପାଇଆସିଛନ୍ତି, ସେମାନଙ୍କୁ ଏପର୍ଯ୍ୟନ୍ତ ଥଇଥାନ କରାଯାଇନାହିଁ। ଏଣୁ ଦାଦନ ଶ୍ରମିକମାନେ ପଳାୟନ କରୁଛନ୍ତି। 'ମିଶନ ଉଦ୍ଧାର' ସହ 'ମିଶନ ଥଇଥାନ' କରାଯିବା ଜରୁରୀ ବୋଲି ସେ କହିଛନ୍ତି। ଦାଦନ ଶ୍ରମିକ ସମସ୍ୟା ଉପରେ କାମ କରିଥିବା କଣ୍ଟାବାଞ୍ଜିର ବରିଷ୍ଠ ଆଇନଜୀବୀ ବିଷ୍ଣୁ ଶର୍ମା କହିଛନ୍ତି, ଏହା କେବଳ ଏକ ପୋଲିସ ସମସ୍ୟା ନୁହେଁ। ପ୍ରଶାସନ ପକ୍ଷରୁ ଜିଲାରେ ଗୋଟି ଶ୍ରମିକ କମିଟିର ବୈଠକ କରାଯାଉନାହିଁ। ଉଦ୍ଧାର ପରେ ଶ୍ରମିକଙ୍କ ସମସ୍ୟାର ସମାଧାନ ଉପରେ ଦୃଢ଼ ପଦକ୍ଷେପ ନିଆଯାଉନାହିଁ। ଏହା ଏକ ସାମାଜିକ-ଅର୍ଥନୈତିକ ସମସ୍ୟା ହୋଇଥିବାରୁ ଏନ୍‌ଜିଓ ଅପେକ୍ଷା ପଞ୍ଚାୟତିରାଜ ବ୍ୟବସ୍ଥା ଜରିଆରେ ଏହାର ସମାଧାନ କରାଯିବା ଉଚିତ ବୋଲି ସେ କହିଛନ୍ତି। ଏନେଇ ଏସ୍‌ପି ନୀତିନ କୁଶଲକରଙ୍କୁ ପଚରାଯିବାରୁ ସେ କହିଛନ୍ତି, 'ମିଶନ ଉଦ୍ଧାର' ଜରିଆରେ ଏନ୍‌ଫୋର୍ସମେଣ୍ଟ କରାଯାଉଛି। ବେଆଇନ ଶ୍ରମିକ ଚାଲାଣ ରୋକିବା ଏହାର ଲକ୍ଷ୍ୟ। ଯେଉଁମାନେ ବି ଅନ୍ୟତ୍ର କାମ କରିବାକୁ ଯାଉଛନ୍ତି, ପଞ୍ଜୀକୃତ ହୋଇ ବିଧିବ୍ୟବସ୍ଥା ଜରିଆରେ ଯାଆନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ଜିଲାପାଳ ଚଞ୍ଚଳ ରାଣାଙ୍କୁ ଏ ସମ୍ପର୍କରେ ପଚାରିବାରୁ ଦାଦନ ଶ୍ରମିକଙ୍କଠାରୁ ଏବଂ ଆନୁଷଙ୍ଗିକ କ୍ଷେତ୍ରରୁ ସବିଶେଷ ତଥ୍ୟ ପାଇବା ଏହି ମିଶନର ଲକ୍ଷ୍ୟ ବୋଲି କହିଛନ୍ତି। ଏବେ ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକ ନିୟୋଜନ ଉପରେ ଜୋର୍ ଦିଆଯାଇଛି। ଜିଲାର ୬ଟି ଦାଦନପ୍ରବଣ ବ୍ଲକ୍‌ରେ ୨୦୦ରୁ ୩୦୦ ଦିନର କାମ ଯୋଗାଇ ଦିଆଯାଇଥିବା ନଜିର ରହିଛି। କୃଷି, ଦୁଗ୍ଧ, କୁକୁଡ଼ା ଚାଷ ସହ ଅନ୍ୟାନ୍ୟ ଜୀବିକା ମିଶନ ଯୋଜନାରେ ଶ୍ରମିକଙ୍କୁ ସାମିଲ କରାଯାଇ ଆତ୍ମନିର୍ଭରଶୀଳ କରାଯାଉଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଶ୍ରମିକ ଚାଲାଣ ପ୍ରକ୍ରିୟା ଆଇନଗତ ଭାବେ ବ୍ୟବସ୍ଥିତ କରାଯିବା ଲକ୍ଷ୍ୟ ରଖାଯାଇଛି ବୋଲି ଜିଲାପାଳ କହିଛନ୍ତି।

## କାମ ମିଳୁନାହିଁ, ...

ଅଭାବରୁ କୌଣସି ପଞ୍ଚାୟତରେ ଶ୍ରମିକମାନେ ପଞ୍ଜୀକରଣ କରାଉନାହାନ୍ତି। ଗତବର୍ଷ ବାହାର ରାଜ୍ୟକୁ ଖଟିବାକୁ ଯାଇ ନିର୍ଯାତିତ ହୋଇ ପରେ ପ୍ରଶାସନ ସହାୟତାରେ ଶତାଧିକ ଶ୍ରମିକ ଉଦ୍ଧାର ହୋଇଛନ୍ତି। ଜିଲାରେ ଏମଜିଏନ୍‌ଆରଇଜିଏସ୍‌ରେ ଶ୍ରମିକଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇଦେବାର ନିୟମ ରହିଛି। କିନ୍ତୁ ନାମକୁ ମାତ୍ର ଶ୍ରମିକଙ୍କୁ ଶହେ ଦିନର କାମ ମିଳୁଛି। ଶ୍ରମିକଙ୍କ ବଦଳରେ ମେସିନ ଦ୍ୱାରା ମାଟି କାମ ହେଉଛି। ଗରିବଙ୍କ ପାଇଁ ଆସୁଥିବା ସରକାରୀ ଯୋଜନାରେ ରାଜନୈତିକ ହସ୍ତକ୍ଷେପ ହେଉଛି। ତେଣୁ ପ୍ରକୃତ ହିତାଧିକାରୀ ଏହାର ସୁଫଳ ନ ପାଇ ଦାଦନ ଖଟିବାକୁ ଯାଉଛନ୍ତି। ଜିଲା ଗଠନକୁ ୨୯ ବର୍ଷ ବିତିଲାଣି। ଏଯାଏ ଜିଲାରୁ ଦାଦନ ସମସ୍ୟା ଦୂର ନ ହେବା ଚିନ୍ତାର ବିଷୟ। ବିଶେଷକରି ଗଣପର୍ବ ନୂଆଁଖାଇ ସରିଲା ପରେ ଜିଲାରୁ ଶ୍ରମିକମାନେ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଇଥାନ୍ତି। ଗଣପର୍ବ ପୂର୍ବରୁ ଦାଦନ ସର୍ଦ୍ଦାର ଗାଁ ଗାଁ ବୁଲି ସେମାନଙ୍କୁ ଉତ୍ସବ ମନାଇବା ପାଇଁ ଅଗ୍ରିମ ଟଙ୍କା ଦେଇଥାନ୍ତି। ଭଲ ରୋଜଗାର ଆଶା ଦେଖାଇ ଗରିବ ଲୋକଙ୍କୁ ବାହାର ରାଜ୍ୟକୁ ନେଇଥାନ୍ତି। ସେଠାରେ ବିଶେଷ ଭାବରେ ଇଟାଭାଟିରେ ଶ୍ରମିକଙ୍କୁ ନିୟୋଜିତ କରାଯାଇଥାଏ। ଅଧିକ ରୋଜଗାର ଆଶା ଦେଖାଇ ଇଟାଭାଟି ମାଲିକମାନେ ଅଧିକ ଖଟାଇଥାନ୍ତି। କିନ୍ତୁ ଉପଯୁକ୍ତ ମଜୁରି ଦେଇନଥାନ୍ତି। ଏହାର ପ୍ରତିବାଦ କଲେ ନାନା ଅକଥନୀୟ ନିର୍ଯାତନା ମିଳିଥାଏ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା କୁହନ୍ତି, ସରକାରୀ ଭାବେ ପ୍ରତିବର୍ଷ ଶହେରୁ କମ୍ ସଂଖ୍ୟକ ଶ୍ରମିକ ପଞ୍ଜୀକୃତ ହୋଇ ରାଜ୍ୟ ବାହାରକୁ କାମ ପାଇଁ ଯାଉଛନ୍ତି। ଅଧିକାଂଶ ଶ୍ରମିକ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱେଚ୍ଛାକୃତ ଭାବେ ନାମ ପଞ୍ଜୀକରଣ କରୁନାହାନ୍ତି। ଶ୍ରମିକମାନେ କର୍ମକ୍ଷେତ୍ରରେ ନିର୍ଯାତନାର ଶିକାର ହେଲେ ଠିକଣା ଜଣା ନ ଥିବାରୁ ସେମାନଙ୍କୁ ଉଦ୍ଧାର କରିବା ସମୟରେ ସମସ୍ୟା ହେଉଛି। ଏ ଦିଗରେ ଶ୍ରମିକଙ୍କୁ ସଚେତନ କରାଯାଉଥିବା ଶ୍ରମ ଅଧିକାରୀ କହିଛନ୍ତି।

## ଅସ୍ତିତ୍ୱ ହରାଇଛି ରଘୁନନ୍ଦନ ...

ଜନ୍ମ ଦେଇଥିଲା। ମହନ୍ତ ଗଦାଧର ରାମାନୁଜ ଦାସ ୧୯୨୧ ଅଗଷ୍ଟ ୧୪ ତାରିଖରେ ରଘୁନନ୍ଦନ ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ସେବେଠାରୁ ଏମାର ମଠର ତତ୍ତ୍ୱାବଧାନରେ ରଘୁନନ୍ଦନ ପାଠାଗାର ପରିଚାଳିତ ହୋଇଆସୁଥିଲା। ଗଦାଧର ରାମାନୁଜ ନିଜ ଗୁରୁ ରଘୁନନ୍ଦନ ରାମାନୁଜ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଠାଗାରକୁ ନିର୍ମାଣ କରିଥିଲେ। ୧୯୩୬ ରେ ରଘୁନନ୍ଦନ ପାଠାଗାର ପକ୍ଷରୁ ଏକ ବାର୍ଷିକ ବିବରଣୀ ପ୍ରକାଶ ପାଇଥିଲା। ଏହି ବାର୍ଷିକ ବିବରଣୀରୁ ଜଣାଯାଏ, ଷ୍ଟେଟ୍ସମ୍ୟାନ୍, ଅମୃତ ବଜାର ପତ୍ରିକା, ନିୟୁ ଓଡ଼ିଶା, ଦୈନିକ ବସୁମତୀ, ସମାଜ, ଆଶା, ବିଶ୍ୱାମିତ୍ର ଭଳି ୨୦ରୁ ଊର୍ଦ୍ଧ୍ୱ ପତ୍ରିକା ଏଠାକୁ ଦୈନିକ ଆସୁଥିଲା। ୧୩ଟି ସାପ୍ତାହିକ ପତ୍ରିକା ମଧ୍ୟ ପାଠିକାପାଠକଙ୍କ ଉଦ୍ଦେଶ୍ୟରେ ଆସୁଥିଲା। ସେହିଭଳି ଏଠାରେ ୭୧୫ ଖଣ୍ଡ ଇଂଲିଶ ପୁସ୍ତକ, ୮୧୧ ଖଣ୍ଡ ଓଡ଼ିଆ, ୭୦୧ ଖଣ୍ଡ ସଂସ୍କୃତ, ୫୫୦ଖଣ୍ଡ ବଙ୍ଗଳା ଓ ୪୮୩ ଖଣ୍ଡ ହିନ୍ଦୀ ପୁସ୍ତକ ରହିଥିଲା। ଏହା ସହ ୨୬୬ ଖଣ୍ଡ ତାଳପତ୍ର ପୋଥି ମଧ୍ୟ ରଘୁନନ୍ଦନ ଲାଇବ୍ରେରୀରେ ରହିଥିଲା। ପରବର୍ତ୍ତୀ ସମୟରେ ଭାରତର ବିଭିନ୍ନ ପ୍ରଦେଶରୁ ଅନେକ ଦୁର୍ଲଭ ଗ୍ରନ୍ଥ ଓ ଧର୍ମ ଗ୍ରନ୍ଥ ମଧ୍ୟ ରଘୁନନ୍ଦନ ଲାଇବ୍ରେରୀରେ ସଂରକ୍ଷିତ ହୋଇ ରହିଥିଲା। ବିଶେଷ କରି ଦକ୍ଷିଣ ଭାରତର ପଣ୍ଡିତମାନେ ରଘୁନନ୍ଦନ ଲାଇବ୍ରେରୀକୁ ଅଧ୍ୟୟନ ଉଦ୍ଦେଶ୍ୟରେ ଆସୁଥିଲେ। ବେଦ, ପ୍ରାଚୀନ ଧର୍ମ ପୁସ୍ତକ, ଉପନିଷଦ ଆଦିର ପାଠ ପାଇଁ ଏହି ପାଠାଗାର ଏକକ ଜ୍ଞାନକେନ୍ଦ୍ର ଭାବେ ଗରିମା ଅର୍ଜନ କରିଥିଲା। ପାଠାଗାରଟି ସିଂହଦ୍ୱାର ସମ୍ମୁଖରେ ଅବସ୍ଥିତ ରହିଥିବାହେତୁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ମଧ୍ୟ ପାଲଟିଥିଲା। ତେବେ ୨୦୦୦ ଆରମ୍ଭ ହେବାବେଳକୁ ଅନେକ ପୁସ୍ତକ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଥିଲା। ଅନେକ ବହି ଓ ତାଳପତ୍ର ପୋଥି ଚୋରି ମଧ୍ୟ ହୋଇସାରିଛି ବୋଲି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଗବେଷକ ଭାସ୍କର ମିଶ୍ର କହିଛନ୍ତି। ଏହି ପାଠାଗାର ପ୍ରାଚୀନ ପୁସ୍ତକର ଏକ ଭଣ୍ଡାର ଥିଲା। ଏଥିରେ ଦ୍ୱିମତ ନାହିଁ। ଅନ୍ୟପକ୍ଷରେ ନୂଆ ପିଢ଼ିର ଜ୍ଞାନ ଭଣ୍ଡାରକୁ ପୂର୍ଣ୍ଣ କରିବାରେ ରଘୁନନ୍ଦନ ଲାଇବ୍ରେରୀ ସମ୍ପୂର୍ଣ୍ଣ ରୂପେ ସକ୍ଷମ ହୋଇପାରିଥିଲା। ବୀଜଗଣିତ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଅର୍ଥ ଶାସ୍ତ୍ର ଓ ରାଜନୀତି ବିଜ୍ଞାନ ସମ୍ପର୍କିତ ପୁସ୍ତକର ଅଧ୍ୟୟନ ପାଇଁ ଏହି ପାଠାଗାର ଏକ ପ୍ରମୁଖ ଉତ୍ସ ଭାବେ ପରିଣତ ହୋଇପାରିଥିଲା। ଶ୍ରୀମନ୍ଦିର ଜାନିଯାତ୍ରା, ପରମ୍ପରା ଓ ସଂସ୍କୃତି ଉପରେ ଜ୍ଞାନ ଆହରଣ କରିବା ପାଇଁ ଅନେକ ପଣ୍ଡିତ ରଘୁନନ୍ଦନ ଲାଇବ୍ରେରୀକୁ ଆସୁଥିଲେ। ସଦାଶିବ ରଥଶର୍ମା ନିଜ ସାଧନାର ଅନେକ ସମୟ ଏହି ପାଠାଗାରକୁ ଦେଇଥିଲେ। ପାଠାଗାରରେ ଥିବା ପୁସ୍ତକର ସଂଖ୍ୟା ସେତେବେଳେ ଓଡ଼ିଶାର ଯେକୌଣସି ପାଠାଗାର ତୁଳନାରେ ଅଧିକ ଥିଲା ବୋଲି କୁହାଯାଇପାରିବ। ଅନେକ ପୁସ୍ତକ ଦାନ ସ୍ୱରୂପରେ ମିଳିଥିବାବେଳେ ଏମାର ମଠ ପକ୍ଷରୁ ପୁସ୍ତକ ସଂଗ୍ରହ କାର୍ଯ୍ୟକ୍ରମ ମଧ୍ୟ କରାଯାଉଥିଲା। ପଞ୍ଚସଖାଙ୍କ ମଧ୍ୟରେ ଗୋପବନ୍ଧୁ ଓ ନୀଳକଣ୍ଠ ଦାଶ ନାରାୟଣ, ଶିରୋମଣୀଙ୍କ ମାଧ୍ୟମରେ ପୁରୀରେ ଏକ ଗବେଷଣା ଅନୁଷ୍ଠାନ କରିଥିଲେ। ନାରାୟଣ ସିରୋମଣୀଙ୍କ ଦେହାନ୍ତ ପରେ ଗବେଷଣା ଅନୁଷ୍ଠାନରେ ଥିବା ସମସ୍ତ ପୋଥି ଓ ପୁସ୍ତକ ରଘୁନନ୍ଦନ ଲାଇବ୍ରେରୀକୁ ସ୍ଥାନାନ୍ତରିତ ହୋଇଥିଲା। ସେହିଭଳି ବ୍ରହ୍ମଗିରିର ଗଡ଼କୋକଲରୁ ମିଳିଥିବା ପୋଥି 'ପାଇକ ଖେଦା' ମଧ୍ୟ ରଘୁନନ୍ଦନ ଲାଇବ୍ରେରୀର ଅଂଶ ଥିଲା। ତେବେ ୨୦୨୦ରେ ରଘୁନନ୍ଦନ ଲାଇବ୍ରେରୀକୁ ଧ୍ୱଂସ କରାଯିବା ପରେ ତାହାର ପୁସ୍ତକକୁ ଜିଲା ପ୍ରଶାସନ ନିଜ ଅକ୍ତିଆରକୁ ନେଇଛି। ତେବେ ଏସବୁ କେତେ ସୁରକ୍ଷିତ ରହିଛି, ପୁସ୍ତକର ଠିକ ସଂରକ୍ଷଣ କରାଯାଉଛି କି ନାହିଁ ଓ ରଘୁନନ୍ଦନ ଲାଇବ୍ରେରୀ ପୁନଶ୍ଚ ନିଜ କଳେବରକୁ ଫେରି ପାରିବ କି ନାହିଁ ତାହା ଏବେ ବୁଦ୍ଧିଜୀବୀ ମହଲରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା କହିଛନ୍ତି, ସଂସ୍କୃତି ବିଭାଗ ଅଧୀନରେ ରଘୁନନ୍ଦନ ଲାଇବ୍ରେରୀର ଦାୟିତ୍ୱ ନାହିଁ। ପୁସ୍ତକ ଜିଲାପାଳଙ୍କ କାର୍ଯ୍ୟାଳୟର କନ୍‌ଫରେନ୍ସ ହଲ୍‌ରେ ସଂରକ୍ଷିତ ହୋଇ ରହିଛି। ସେହିଭଳି ରାଜ୍ୟ ସରକାରଙ୍କ ପକ୍ଷରୁ ଲାଇବ୍ରେରୀ ନିର୍ମାଣ ନେଇ କୌଣସି ପ୍ରକାର ଉଦ୍ୟମ ହୋଇଥିବା ସଂସ୍କୃତି ବିଭାଗର ସୂଚନାକୁ ଆସିନାହିଁ। ଅନ୍ୟପକ୍ଷରେ ପୁରୀ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି ଯେ, ଲାଇବ୍ରେରୀର ପୁସ୍ତକ ସୁରକ୍ଷିତ ରହିଛି। ୬ ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ରହିଛି। ତେବେ ରଘୁନନ୍ଦନ ଲାଇବ୍ରେରୀ ପୁଣି ଥରେ ପ୍ରତିଷ୍ଠା କରାଯିବ ବୋଲି ସାହୁ କହିଛନ୍ତି।

## ୨୫ରେ ସୂର୍ଯ୍ୟପରାଗ ସରକାରୀ ...

ପୟାଶ୍ରାଦ୍ଧ, କାଉଁରିଆ କାଠି ପ୍ରଜ୍ୱଳନ, କାଳୀପୂଜା ଓ ଦୀପଦାନ ଆଦି କରାଯିବ। ସୂର୍ଯ୍ୟୋପରାଗ ସ୍ପର୍ଶର ୧୨ଘଣ୍ଟା ପୂର୍ବରୁ ପାକତ୍ୟାଗ ନୀତି ରହିଛି। ତେଣୁ ଅକ୍ଟୋବର ୨୪ ତାରିଖ ସୋମବାର ରାତି ୪ଟା ୫୭ରୁ ଦେବନୀତି ନିଷେଧ କରାଯାଇଛି। ଗ୍ରହଣ ସ୍ପର୍ଶ ଦିନ ୪ଟା ୫୬ ମିନିଟ୍ ୫୨ ସେକେଣ୍ଡ ଓ ଗ୍ରହଣ ସର୍ବମୋକ୍ଷ ସନ୍ଧ୍ୟା ୬ଟା ୨୬ ମିନିଟ୍ ୫୨ ସେକେଣ୍ଡରେ ହେବ। ଶ୍ରୀମନ୍ଦିରରେ ମଙ୍ଗଳବାର ସୂର୍ଯ୍ୟୋପରାଗ ରାତି ୧୨.୧୦ ମିନିଟ୍ ଦ୍ୱାରଫିଟା ନୀତି ହେବ। ରାତି ସାଢ଼େ ୨ଟାରୁ ସାଢ଼େ ୩ଟା ଭିତରେ ସକାଳଧୂପ, ୪ଟାରେ ବାଲଧୂପ, ୪ଟା ୫୫ରେ ଭୋଗମଣ୍ଡପ ଶେଷ ହୋଇ ନୀତି ବନ୍ଦ ରହିବ। ଭୋଗ ମଣ୍ଡପ ସରିବା ପରେ ରାଧା ଦାମୋଦର ବେଶ ମଇଲମ ହୋଇ ଅପରାହ୍ଣ ୪ଟା ୫୬ରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ ହେବ। ଗ୍ରହଣ ଭୋଗ ନୀତି ବଢ଼ିବା ପରେ ଅନ୍ୟାନ୍ୟ ନୀତି ବଢ଼ିବ। ଛତିଶା ନିଯୋଗରେ ଏହି ସମସ୍ତ ନୀତି ନିର୍ଘଣ୍ଟ କରାଯାଇଛି। ମୋଟ ୧୬ ମିନିଟ୍ ୨୬ ସେକେଣ୍ଡ ପୁରୀକୁ ସୂର୍ଯ୍ୟୋପରାଗ ଦୃଶ୍ୟମାନ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ନିଷ୍ପତ୍ତି ନେଇ ଅନୁତାପ କରିବେ। ପରିବାରର ବିଗତ ଦିନର ସମସ୍ୟାଗୁଡ଼ିକର ସମାଧାନ ସକାଶେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ଦ୍ୱାରା ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଖଳ ଲୋକମାନଙ୍କ କଥାକୁ ସତଭାବି ଘର ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବୃଷ** – ଗତକାଲିଠାରୁ ସମସ୍ୟା ବିଜଡ଼ିତ ରହିଥିବା ଯୋଗୁ କୌଣସି ଭୁଲ୍ କରି ଅନୁତପ୍ତ ହେବେ। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ପରିଶ୍ରମ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ଦିନଟିର ରୋଜଗାରଠାରୁ ଖର୍ଚ୍ଚ ବଳିଯିବ। ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପୂର୍ବପରି ରହିବ।

**ମିଥୁନ** – ଗତକାଲିର କଳିତକରାଳ ବିଷୟର ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଶୁଭଫଳ ପାଇପାରିବେ ନାହିଁ। ଅପରାହ୍ଣେ ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ। ବିବାଦୀୟ ପରିସ୍ଥିତି କିମ୍ବା ମାଲି ମକଦ୍ଦମାରେ ସଫଳତାର ସାମାନ୍ୟ ଆଶା ରହିଛି।

**କର୍କଟ** – କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ସରଳ ସମାଧାନ ପୂର୍ବକ କାର୍ଯ୍ୟ ହାସଲରେ ସମର୍ଥ ହେବେ। ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜ ଲୋକଙ୍କ ତରଫରୁ ସହଯୋଗ ପାଇବେନି। ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ୍ ହେବେ ଓ ପରିସ୍ଥିତି ବଦଳି ଯିବାରୁ ଖୁସି ଅନୁଭବ କରିବେ। ଗୃହ, ରାସ୍ତା କାମ ହଠାତ୍ ଅଟକି ଯାଇପାରେ।

**ସିଂହ** – କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଆଜି ଶେଷ କରିବାକୁ ମନସ୍ଥ କରି ସଫଳତା ହାସଲ କରିପାରିବେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କାରଣରୁ ମନ ଏକପ୍ରକାର ହାଲୁକା ହୋଇଯିବ। ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଉପକୃତ ହେବେ। ବନ୍ଧୁଙ୍କ କଥାରେ ଅଭିମାନ କରି ରାଗରେ ଜରଜର ହୋଇପାରନ୍ତି।

**କନ୍ୟା** – କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ସହଯୋଗ ପ୍ରଦାନ କରି ପ୍ରଶଂସିତ ହୋଇପାରନ୍ତି।

**ତୁଳା** – ଆଶା କରୁଥିବା ଦିଗରୁ ଅର୍ଥ ପାଇବେ, କିନ୍ତୁ ଏଥିପାଇଁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ ଏବଂ ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। କ୍ରନିକ୍ ରୋଗପୀଡ଼ାରୁ ସାମାନ୍ୟ ଆଶ୍ୱସ୍ତିଲାଭରୁ ଖୁସି ରହିବେ।

**ବିଛା** – ଆଜି ଦିନସାରା ଟେନ୍‌ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ବନ୍ଧୁଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ପଡ଼ୋଶୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ ସୁଯୋଗ ପାଇବେ। ଆଲୋଚନା ପରିପ୍ରେକ୍ଷୀରେ ପରିବାର ସଦସ୍ୟଙ୍କ ସହ ଏକମତ ହେବେ।

**ଧନୁ** – କର୍ମକ୍ଷେତ୍ରରେ ଅସ୍ଥିରତା ମାନସିକ ଅଶାନ୍ତିର କାରଣ ହୋଇପାରେ। ସଭାସମିତିରେ ଏପରି କିଛି ପ୍ରସ୍ତାବ ମାନ ଦେବେ, ଯାହାକି ବନ୍ଧୁମାନଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ପ୍ରକାଶନ, ଏଜେନ୍‌ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ରାସ୍ତାରେ ଅପରିଚିତ ଲୋକ ଚିନ୍ତାର କାରଣ ହୋଇପାରନ୍ତି।

**ମକର** – ଯେତେ ଭଲ କାମ କଲେ ମଧ୍ୟ ବିଭିନ୍ନ ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନ ପରେ ପାଇ ଖୁସି ହୋଇପାରନ୍ତି। ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ, ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିବ।

**କୁମ୍ଭ** – ଆଜି ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ବନ୍ଧୁଙ୍କ ସହ କଥା କଟାକଟି କାରଣରୁ ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ସମ୍ଭାବନାକୁ ଏଡ଼ାଇ ହେବ ନାହିଁ। ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ** – ଆଜି ପରିବାର କଥା ନେଇ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ବ୍ୟବସାୟ ଏବଂ ଶିଳ୍ପ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ବନ୍ଧୁ ମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ। ଆତ୍ମୀୟଙ୍କ ସହ ଜମିଜମା ବଣ୍ଟନକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

ଆଜି ଅକ୍ଟୋବର ୨୩ ତାରିଖ ରବିବାର, କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ, ଧନଯମ ଦୀପଦାନ, ଧନ୍ୱନ୍ତରୀ ଜୟନ୍ତୀ, ଧନତେରସ୍ (ଲକ୍ଷ୍ମୀପୂଜା), ଦିବା ଘ.୦୨।୩୩ ଗତେ, ରାଶିନକ୍ଷତ୍ର- ହସ୍ତା/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ.ଘ୦୬।୩୩ ଗତେ ଘ.୦୮।୫୦ ମଧ୍ୟେ, ଘ.୧୨।୫୬ ଗତେ ଘ.୦୨।୫୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ଣ ଘ.୦୩।୪୮ ଗତେ ଘ.୦୫।୧୪ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




GROOM WANTED

Beautiful Khandayat Girl Ph.D./Govt. Professor (Caste no-bar) 'SUHAG' 9938199964, 9090486408. D-1834




SALE

**CAR SALE: 2015 Excellent condition Audi Q3 top model for sale Rs.- 12,80,000/- contact Owner- 9040026465 (BABU BHAI).** D-1809




SALE

Gharabari plot sale at Matitota, Puri (1200sqft. Construction-1100). 6371040313. D-1828

**Residential gharabari plot at Brahmanjharilo Cuttack with boundarywall, Electripole, inside Temple on Bank Loan facilities near English Medium High school 6k.m. from Phulnakhara, 11k.m. from Bhubaneswar. 7809525452.** D-73990

New Cancer Hospital ନାଇଜର, ଜଟଣୀରେ ବର୍ଗଫୁଟ ୩୦୦-୫୦୦ ଜାଗା ବିକ୍ରି ହେଉଛି। 9556840491. D-73655

**Dream House For Sale, Ample Open Area, Excellent Ventilation, Fully Furnished 3BHK 1441 SqFt, Netaji Subhash Enclave, Near Sainiiki School. 70324 17465.** D-1822

Luxurious 4BHK Duplex Balianta syphon. Land-1400 and Construction- 2200- 85Lakh. 9938219397, 9861022055. D-1820

**Beauty parlour for sale at Prime location in Saheed Nagar. Contact: 9861068715, 7978670541.** D-1814

Agricultural land converted to homestead land which is very nearer to N.H. 55 at Biribati in Cuttack Sadar Block is for sale on plotting basis. Interested buyers may contact for purchase of the land. Mobile No.- 9861033990. D-1836

ପାହାଳରେ ୩୦ଫୁଟ ରୋଡ୍‌ଥାଇ ବାଉଣ୍ଡାରି ସହ ପ୍ଲଟ୍ ମିଳୁଛି। ବର୍ଗଫୁଟକୁ ୨୦୦୦ଟଙ୍କା। ଯୋଗାଯୋଗ- **6370621085, 8093078148.** D-1833

**5 BHK new construction individual house sale at Gita Engg. College Madanpur, BBSR, cost@ 1crore 10lakh. (Land area 2750sq.ft., Built-up area 2800sqft.) 7978090773.** D-1818

NH side 2000sqft. prime land at Samantarapur, Bhubaneswar. Mob- 8917520527. D-46558

**Simplex, Duplex and Triplex available for sale within gated community and facilities like Children's Play Area, community Centre, land scape Garden, Volleyball and Badminton Court etc. Near Haribhaina Chhak, Jatni Town. Contact: 9337333685.** D-1806

3acres land emergency sale Rs.175/- per sqft. infront of Trahiachyuta Ashram, Balakati 18km from Bhubaneswar Railwaystation. Contact: 9438288800. D-73354

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Plot sale: 5000sqft. (50ft.x100ft.) Premium Semi commercial gharabari, yellowzone, Sthitiban single patta owner plot for sale, just 3RD plot from Dhauli-Uttara NH at Bhargavi Bihar. Price-2400/- per sqft.. Contact direct Owner- 9853926464. (BABU BABU).** D-1808

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-1669

ଭୁବନେଶ୍ୱର ନଖରା ଘରବାରି AC plot sqft.-130/- General- 350/- 9439660381. D-74139

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-1668




**A Clinical establishment with 5Bed, Minor and Major OT on rent near Care Hospital, Bhubaneswar. 9937000624, 9438080874.** D-73987

**Rent available at Cuttack road, Bomikhal rent for: 1) Bank, 2) Office, 3) Showroom, 4) Restaurant. Mobile No.-8847867731, 9040096909.** D-1813




Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73991

**Relax, Refresh your body, Mind at Saikrupa Spa with best therapies. 8984068077.** D-1743

"Contact for only professional massage & Steam Bath, Bhubaneswar -9861550765.". D-1787

Newly opened full body massage center by expert therapist. 7381172169. D-73653

Newly open Spa positively health benefit with expert. Contact: 7749976301. D-73882

**AFFIDAVIT**

By virtue of an affidavit before Notary Public, Bhubaneswar, I, Harihar Barik of Ranigoda, Angul declare that the name of my Daughter is wrongly mentioned on some documents as Sudipta Devi instead of Sudeepta Barik. Henceforth, She shall be known as Sudeepta Barik for all purposes. D-71660

By virtue of an affidavit before Notary Public, Bhubaneswar, I, Harihar Barik of Ranigoda, Angul declare that the name of my Son is wrongly mentioned on some documents as Bikashindu instead of Bikashindu Barik. Henceforth, He shall be known as Bikashindu Barik for all purposes. D-71659


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୩,୨୬,୪୩,୨୮୨ | ୬୫,୮୧,୯୩୬ | ୬୧,୧୪,୦୪,୬୧୨ |
| ଭାରତ | ୪,୪୬,୪୦,୭୪୮ | ୫,୨୮,୯୫୭ | ୪,୪୦,୮୭,୭୪୮ |
| ଓଡ଼ିଶା | ୧୩,୩୫,୮୦୮ | ୯୨୦୨(+୫୩) | ୧୩,୨୬,୧୦୫ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ୧୦ ସରକାରୀ ମେଡିକାଲ କଲେଜରେ ୪୦୦ ଶିକ୍ଷକ ପଦବୀ ଖାଲି

**କଟକ ଅଫିସ,୨୦।୧୦**

ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୦ରେ ପହଞ୍ଚିଛି। କିନ୍ତୁ ମେଡିକାଲ ପାଠ ପଢ଼ାଇବା ନିମନ୍ତେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସରକାର ନୂତନ ନିଯୁକ୍ତି ସହ ପଦୋନ୍ନତି ମାଧ୍ୟମରେ ଖାଲିଥିବା ଶିକ୍ଷକ ପଦ ପୂରଣ ପାଇଁ ଓଡ଼ିଶା ମେଡିକାଲ କଲେଜ ଶିକ୍ଷକ ସଂଘ ଦାବି କରିଛି। ସୂଚନାନୁସାରେ, ରାଜ୍ୟର ୧୦ ସରକାରୀ ମେଡିକାଲ କଲେଜରେ ପାଠ ପଢ଼ାଇବା ନିମନ୍ତେ ପ୍ରଫେସର, ସହକାରୀ ପ୍ରଫେସର, ସହଯୋଗୀ ପ୍ରଫେସର ମିଶି ପ୍ରାୟ ୧୪୦୦ ଶିକ୍ଷକ ପଦବୀ ରହିଛି। ସେଥିମଧ୍ୟରୁ ୪୦୦ ପଦବୀ ଖାଲି ପଡ଼ିଛି। ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି) ଦ୍ୱାରା ଆଗାମୀ ଦିନରେ ୩୦୦ ପଦବୀ ପୂରଣ ହେବାର ଅଛି। ଏହାପରେ ବି ଆହୁରି ଶିକ୍ଷକ ପଦବୀ ଖାଲି ପଡ଼ିବ। ରାଜ୍ୟବାସୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇଦେବା ଏବଂ ଡାକ୍ତରୀ ପାଠ୍ୟକ୍ରମର ବିକାଶ ପାଇଁ ଓଡ଼ିଶା ମେଡିକାଲ କଲେଜ ଶିକ୍ଷକ ସଂଘ ସଂକଳ୍ପବଦ୍ଧ। ସରକାର ଓ ସଂଘ ମଧ୍ୟରେ ସମନ୍ୱୟ ସ୍ଥାପନ କରାଗଲେ ସଂଘର ଅନେକ ସମସ୍ୟା ସମାଧାନ ହୋଇପାରିବ। ଏସ୍‌ସିବି ମେଡିକାଲ କଲେଜ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ହେବାକୁ ଯାଉଛି। ସଂଘର ଏଥିପ୍ରତି ପୂର୍ଣ୍ଣ ସମର୍ଥନ ରହିଛି। ମେଡିକାଲ ଶିକ୍ଷକଙ୍କ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ। ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ମେଡିକାଲ କଲେଜରେ ଅଧିକ ଶିକ୍ଷକ ରହିବାର ଆବଶ୍ୟକତା ରହିଛି। ସରକାର ଓ ସଂଘ ମଧ୍ୟରେ ଆଲୋଚନା ମାଧ୍ୟମରେ ଏହା ସମାଧାନ ହୋଇପାରିବ ବୋଲି କଟକ କ୍ଲବ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଡା. ଜୟନ୍ତ କୁମାର ପଣ୍ଡା ଓ ସାଧାରଣ ସମ୍ପାଦକ ଡା. ଦୀପକ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏହି ଅବସରରେ ଆଗାମୀ ୨ ବର୍ଷ ପାଇଁ ନିର୍ବାଚିତ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ କୋଷାଧ୍ୟକ୍ଷ ଡା. ସୌମ୍ୟରଞ୍ଜନ ନାୟକ, ସଂଘ ଜର୍ନାଲର ସମ୍ପାଦକ ଡା. ମିହିର ରଞ୍ଜନ ନାୟକ, ଡା. ସାରଦା ପ୍ରସନ୍ନ ସ୍ୱାଇଁ, ମନୋରଞ୍ଜନ ଦାସ, କାଳୀପ୍ରସନ୍ନ ସ୍ୱାଇଁ, ଆଶିଷ ରଞ୍ଜନ ବାରିକ, ଫକୀର ମୋହନ ଦେଷ୍ଟା, ନିର୍ମଳ ଚନ୍ଦ୍ର ସାହୁ ଓ ଡା. ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ବସ୍ ଦୁର୍ଘଟଣାରେ ୧୫ ମୃତ

**ରେୱା (ମଧ୍ୟପ୍ରଦେଶ),୨୨।୧୦(ପି.ଟି.)**

ମଧ୍ୟପ୍ରଦେଶର ରେୱା ଜିଲାରେ ଶୁକ୍ରବାର ବିଳମ୍ବିତ ରାତିରେ ଘରୋଇ ବସ୍ ଏକ ଟ୍ରେଲରକୁ ଧକ୍କା ଦେବାରୁ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪୦ ଜଣ ଆହତ ହୋଇଛନ୍ତି। ଉତ୍ତରପ୍ରଦେଶ ଯାଉଥିବା ଉକ୍ତ ବସ୍‌ର ଅଧିକାଂଶ ଯାତ୍ରୀ ଶ୍ରମିକ ଥିଲେ। ସେମାନେ ଦୀପାବଳି ମନାଇବା ପାଇଁ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ବସ୍‌ଟି ହାଇଦ୍ରାବାଦରୁ ଗୋରଖପୁର ଯାଉଥିବାବେଳେ ୩୦ ନମ୍ବର ଜାତୀୟ ରାଜପଥର ଡେଓନ୍ଥର ସହର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ରେୱା ଏସ୍‌ପି ନବନୀତ ଭାସିନ୍ କହିଛନ୍ତି। ଟ୍ରେଲରଟି ଅନ୍ୟ ଏକ ଯାନକୁ ଧକ୍କା ଦେଇ ହଠାତ୍ ବ୍ରେକ୍ ଦେବାରୁ ବସ୍‌ଟି ଏହାକୁ ପିଟିଥିଲା। ଦୁର୍ଘଟଣାରେ ବସ୍ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାରୁ ଗ୍ୟାସ୍ କଟରରେ କାଟି ଲୋକଙ୍କୁ ବାହାର କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଓ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ଘୋଷଣା କରିଛନ୍ତି।

# ଅବପାତରେ ଲଘୁଚାପ, ଆଜିଠାରୁ ବର୍ଷା

**୨୫ ସକାଳେ ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳ ଛୁଇଁବ ବାତ୍ୟା ସିତ୍ରାଙ୍ଗ**

- ଉପକୂଳ ଜିଲାଗୁଡ଼ିକୁ ଏଲୋ ୱାର୍ନିଂ ଜାରି
- ୨୩ରୁ ୨୫ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

**ଭୁବନେଶ୍ୱର,୨୨।୧୦ (ବ୍ୟୁରୋ)**

ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ ଶନିବାର ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଅବପାତରେ ପରିଣତ ହୋଇଛି। ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ନ ଥିଲେ ମଧ୍ୟ ଏହାର ପ୍ରଭାବରେ ରବିବାରଠାରୁ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ରବିବାର ପୁରୀ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା କେନ୍ଦୁଝର,



ଢେଙ୍କାନାଳ, କନ୍ଧମାଳ, ମୟୂରଭଞ୍ଜର କିଛି ସ୍ଥାନରେ ବର୍ଷା ହେବାର ଆଶଙ୍କା ରହିଛି। ସେହିପରି ସୋମବାର ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବ। ସେହିଦିନ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ସମେତ ପଶ୍ଚିମ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେପଟେ ୨୫ ତାରିଖ ସକାଳେ ସମ୍ଭାବ୍ୟ ବାତ୍ୟା ବାଂଲାଦେଶ-ପଶ୍ଚିମବଙ୍ଗ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ୨୫ ଓ ୨୬ ତାରିଖରେ ମଧ୍ୟ ରାଜ୍ୟର କିଛି ଜିଲାରେ ବର୍ଷା ହୋଇପାରେ।

୨୫ ତାରିଖରେ ଉତ୍ତର ଉପକୂଳ ଓଡ଼ିଶା, ମୟୂରଭଞ୍ଜ ଏବଂ ପଶ୍ଚିମ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହେବ। ୨୬ରେ ମୟୂରଭଞ୍ଜ ସମେତ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅପରପକ୍ଷେ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ପଟେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି।







# କଠୋର ମନୋଭାବ



## ଆକାର ପଟେଲ

ଭାରତୀୟ ଜନତା ପାର୍ଟି(ଭାଜପା) ଅନେକ ବର୍ଷ ହେଲା ଏକ ଅସାଧାରଣ ଢଙ୍ଗରେ ବିକଶିତ ହୋଇଛି। ଏହା ପ୍ରାରମ୍ଭରୁ ସାମାଜିକ ପ୍ରସଙ୍ଗରେ ରକ୍ଷଣଶୀଳ ବା ରୂଢ଼ିବାଦୀ ଥିଲା। କିନ୍ତୁ ଉକ୍ତ ଧାରାରୁ ଦୂରେଇ ଯାଇ ଏବେ ଉଗ୍ର ସ୍ୱଭାବ ବା କଠୋର ମନୋଭାବ ପୋଷଣ କରୁଛି। ପ୍ରଥମେ ଏହା ଭାରତୀୟ ଜନସଂଘ ଭାବେ ପ୍ରକାଶ ଲାଭ କରିଥିଲା। ପ୍ରାରମ୍ଭିକ ଦଶନ୍ଧିଗୁଡ଼ିକରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏହା ଆଗକୁ ବଢୁଥିବା ସମୟରେ ବ୍ୟକ୍ତିଗତ ଆଇନ ସମ୍ପର୍କିତ ପ୍ରସଙ୍ଗଗୁଡ଼ିକୁ ଏହା ଗ୍ରହଣ କରିବା ଲାଗି ଦ୍ୱିଧା ପ୍ରକାଶ କରିଥିଲା। ଜନସଂଘ ୧୯୫୧ର ଇସ୍ତାହାରରେ ଆମ୍ବେଦକରଙ୍କ ହିନ୍ଦୁ କୋଡ୍ ବିଲ୍ ସମ୍ପର୍କରେ ଉଲ୍ଲେଖ କରିଥିଲା ଯେ, ଦଳ ସେହି ସାମାଜିକ ସଂସ୍କାରକୁ ଧରି ରଖିବ ଯାହାକୁ କୌଣସି ଆଇନ ଦ୍ୱାରା ଗ୍ରହଣ କରିବାକୁ ବାଧ କରାଯାଉ ନ ଥିବ। ଏହା ସମାଜ ମଧ୍ୟରେ କାମ କରିବା ଉଚିତ ଏବଂ ଅନେକ ଲୋକଙ୍କୁ ଅତ୍ୟଧିକ ପ୍ରଭାବିତ କରୁଥିବା ପରିବର୍ତ୍ତନଗୁଡ଼ିକ ଯାହା ହିନ୍ଦୁ କୋଡ୍ ବିଲ୍ ଦ୍ୱାରା ପରିକଳ୍ପିତ ତାହା କରାଯିବା ଉଚିତ ନ ଥିଲା ବୋଲି ଏହା ପ୍ରକାଶ କରିଥିଲା। ଦୁଇଟି ପରିବର୍ତ୍ତନ ଅତ୍ୟଧିକ ଲୋକଙ୍କୁ ପ୍ରଭାବିତ କରୁଥିଲା। ପ୍ରଥମରେ ମହିଳାଙ୍କ ସମ୍ପତ୍ତି ଉତ୍ତରାଧିକାର, ବିଶେଷ କରି ବିଧବାମାନଙ୍କର ଏବଂ ଦ୍ୱିତୀୟରେ ଛାଡ଼ପତ୍ର। ଆଇନଗୁଡ଼ିକ ପାସ୍ ହେଲା ପରେ ଏଭଳି ବିଚାରକୁ ଭାଜପା/ ଜନସଂଘ ବିରୋଧ କରିଥିଲା ଓ ସେଗୁଡ଼ିକୁ ରଦ୍ଦ କରିବା ଲାଗି ସଙ୍କଳ୍ପ ନେଇଥିଲା। ୧୯୫୭ ଇସ୍ତାହାରରେ ଉଲ୍ଲେଖ କରିଥିଲା ଯେ, ସ୍ଥାୟୀ ତଥା ଅଖଣ୍ଡନୀୟ ବିବାହ ହିନ୍ଦୁ ସମାଜର ଆଧାର ହୋଇଥିବାରୁ ଏହା ମହିଳାଙ୍କୁ ଛାଡ଼ପତ୍ର ଦେବା ଲାଗି ଅନୁମତି ଦେବ ନାହିଁ। ତେବେ ସମୟକ୍ରମେ ହିନ୍ଦୁ କୋଡ୍‌କୁ ନେଇ ଉପୁଜିଥିବା ସ୍ଥିତି ଦୂର ହୋଇଗଲା, କାରଣ ଆଇନଗୁଡ଼ିକ ସମାଜରେ ଗ୍ରହଣୀୟ ହୋଇଥିଲା। ସାମାଜିକ ପ୍ରସଙ୍ଗରେ ରକ୍ଷଣଶୀଳତାକୁ ଦେଖିଲେ, ଦଳ ଆରମ୍ଭରୁ ଏକକ ନାଗରିକ ସଂହିତା ଉପରେ ଗୁରୁତ୍ୱ ଦେବା ଲାଗି ଦ୍ୱନ୍ଦ୍ୱରେ ରହିଥିଲା, ଯାହା ପାଞ୍ଚ ଦଶକରେ ଥରେ ମାତ୍ର ଏ ସମ୍ପର୍କରେ ସୂଚିତ କରିଥିଲା। ପରେ ୧୯୬୭ରେ ଦଳ ହିନ୍ଦୁ ବିବାହ ଓ ଉତ୍ତରାଧିକାର ଆଇନଗୁଡ଼ିକୁ ବିରୋଧ କରିବା ବନ୍ଦ କରିଦେଲା। କହିଥିଲା ଯେ, ସବୁ ଭାରତୀୟଙ୍କ ବିବାହ, ପୋଷ୍ୟ ଏବଂ ଉତ୍ତରାଧିକାର ଆଇନଗୁଡ଼ିକୁ ସଂଚାଳନ କରିବା ଲାଗି ଏକ ଆଇନ ଗଠନ କରିବ। କିନ୍ତୁ ଏଥିପାଇଁ ତାହାର ଆଗ୍ରହ ନ ଥିଲା ଏବଂ ତା'ପର ୨୫ ବର୍ଷରେ ଏହା ଉପରେ କୌଣସି ସୂଚନା ଦେଇ ନାହିଁ।

ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଜନସଂଘ ଗଠନରୁ ୧୯୮୪ ନିର୍ବାଚନ ପର୍ଯ୍ୟନ୍ତ ଭାଜପାର ଅଯୋଧ୍ୟା ସମ୍ପର୍କରେ କୌଣସି ରୁଚି ନ ଥିଲା। ଜନସଂଘ ଗଠନ ହେବା ପୂର୍ବରୁ ଦଳ ପାଇଁ ରାମମନ୍ଦିର କେବେ ବି ଏକ ପ୍ରସଙ୍ଗ ହୋଇ ନ ଥିଲା। କିନ୍ତୁ ଯେତେବେଳେ ୧୯୮୪ ନିର୍ବାଚନରେ ଦଳର ବିପର୍ଯ୍ୟୟ ଘଟିଲା ଓ ବାଜପେୟୀ ଆଡଭାନୀଙ୍କୁ ସଭାପତି ଦାୟିତ୍ୱ ହସ୍ତାନ୍ତର କଲେ ସେତେବେଳେ ଏହି ପ୍ରସଙ୍ଗ ଉଠିଲା। ଆଡଭାନୀ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଛନ୍ତି ଯେ, ମନ୍ଦିର ପ୍ରସଙ୍ଗ ଉଠାଇବା ପରେ ତାଙ୍କ ରଥ ଚାରପାଖରେ ସମବେତ ବିଶାଳ ଜନସମୁଦ୍ରକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଭଳି ପ୍ରତିକ୍ରିୟାରେ ଉଲ୍ଲସିତ ହୋଇ ଭାଜପା ଏହାର ଇସ୍ତାହାରରେ ପ୍ରଥମେ ରାମମନ୍ଦିର ସମ୍ପର୍କରେ ସୂଚିତ କରିଥିଲା। ଭାଜପା ଦ୍ୱାରା ରାଜନୀତିରେ ଧର୍ମର ପ୍ରବେଶ ଘଟିଲା ୧୯୮୯ରେ। ପୂର୍ବରୁ ଭାରତରେ ହୋଇ ଆସୁଥିବା ନିର୍ବାଚନକୁ ଏହା ବିଭାଜିତ କଲା ଓ ନିର୍ବାଚନରେ ଭାଜପାକୁ ଅଭୂତପୂର୍ବ ବିଜୟ ଆଣିଦେଲା। ୧୯୯୨ ଘଟଣା ଜାତୀୟ ସ୍ତରରେ ପ୍ରାଧାନ୍ୟ ବିସ୍ତାର କଲା। ଅଯୋଧ୍ୟା ପ୍ରସଙ୍ଗ ନ ଉଠିବା ଯାଏ ଦଳର ଭୋଟ ହାର କେବେ ମଧ୍ୟ ଏକ ଅଙ୍କରୁ ଅଧିକ ନ ଥିଲା। କିନ୍ତୁ ଅଯୋଧ୍ୟା ପ୍ରସଙ୍ଗ ପରେ ଭୋଟ ହାର ୧୮ ପ୍ରତିଶତ ଓ ପରେ ଦୁଇଗୁଣ ହୋଇଗଲା। ହିନ୍ଦୁ ରକ୍ଷଣଶୀଳ ବଦଳରେ ମୁସଲମାନ ବିରୋଧୀ କଠୋର ମନୋଭାବ ଜୋର୍ ଧରିବା ହୃଦ୍‌ବୋଧ ହେଲା ଓ ଏହି ପ୍ଲାଟ୍‌ଫର୍ମରେ ଦଳ ଗତିଶୀଳ ହୋଇପାରିଲା। ଏକକ ନାଗରିକ ସଂହିତା ସେତେବେଳେ କାର୍ଯ୍ୟକ୍ରମରେ ଏକ ସ୍ଥାୟୀ ପ୍ରସଙ୍ଗ ହୋଇଗଲା ଓ ନିର୍ଦ୍ଦିଷ୍ଟ ଭାବେ ବହୁବିବାହ ଉପରେ ଆକ୍ରମଣ କରାଗଲା। ମୋଦିଙ୍କ ସମୟରେ ଭାଜପା ମୁସଲମାନ ଛାଡ଼ପତ୍ରକୁ ପିଛା କଲା। ହେଲେ ଫଳପ୍ରଦ ହେଲା ନାହିଁ।

ହିନ୍ଦୁ ଓ ମୁସଲମାନଙ୍କ ବିବାହକୁ ଅପରାଧୀକରଣ କରୁଥିବା ଆଇନଗୁଡ଼ିକ ଭାଜପା ଶାସିତ ଉତ୍ତରାଖଣ୍ଡ (୨୦୧୮) ଏବଂ ପରେ ହିମାଚଳପ୍ରଦେଶ(୨୦୧୯), ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶ (୨୦୨୦), ଗୁଜରାଟ(୨୦୨୧) ଏବଂ କର୍ଣ୍ଣାଟକ (୨୦୨୨)ରେ ଅଣାଗଲା। ଭାଜପା ଶାସିତ ଆସାମ, ଉତ୍ତରପ୍ରଦେଶ, ଗୁଜରାଟ ଏବଂ କର୍ଣ୍ଣାଟକରେ ଦୁଇ ସନ୍ତାନ ନୀତିକୁ ଜୋର୍ ଦେବା ସହିତ ମୁସଲ୍‌ମାନ ଓ ବହୁବିବାହକୁ ଟେର୍ଗେଟ କରାଯାଉଛି। ଅର୍ଥ ବ୍ୟବସ୍ଥା, ବେରୋଜଗାର ଏବଂ ଇନ୍ଧନ ଦରର ସ୍ଥିତି ଖରାପ ଥିବାବେଳେ ମତଦାତା ଭାବେ ଆମେ ଏହିସବୁ ବିଷୟ ଦ୍ୱାରା ନିୟନ୍ତ୍ରିତ ହେଉଥିବା ମନେ ହେଉଛି। ଜନସଂଘ /ଭାଜପା ସମାନ୍ତରାଳ ବିକାଶରେ ଅପରାଧ ଆଇନ ଏବଂ ନାଗରିକ ସ୍ୱତନ୍ତ୍ରତା ସମ୍ପର୍କରେ କଠୋରତା ଗ୍ରହଣ କରିଛି। ୧୯୫୧ରେ ଏହା କହିଥିଲା ଯେ, ବାକ୍ ସ୍ୱାଧୀନତା, ସମାବେଶ ଏବଂ ସଂଗଠନର ପ୍ରତିବନ୍ଧକକୁ ନେଇ ନେହେରୁଙ୍କ ପ୍ରଥମ ସଂଶୋଧନକୁ ରଦ୍ଦ କରିବ। ୧୯୫୪ରେ ଏବଂ ତା'ପର ବର୍ଷଗୁଡ଼ିକରେ ଏହା ୟୁଏପିଏ ଏବଂ ପବ୍ଲିକ ସେଫ୍ଟି ଆକ୍ଟ ଭଳି ପ୍ରିଭେନ୍‌ସନ ଡିଟେନଶନ ଆଇନଗୁଡ଼ିକୁ ରଦ୍ଦ କରିବ ବୋଲି କହିଥିଲା। କିନ୍ତୁ ଭାଜପା ଏବେ ଏହିସବୁ ଆଇନଗୁଡ଼ିକରେ ଚାମ୍ପିୟନ ହୋଇଯାଇଛି। କ୍ଷମତାରେ ନ ଥିଲାବେଳେ ଓ କ୍ଷମତା ପାଇବାର ଆଶା କ୍ଷୀଣ ଥିବାବେଳେ, ଭାଜପା ସେହିସବୁ ରାଜ୍ୟଗୁଡ଼ିକ ସ୍ୱାର୍ଥର ଉପରକୁ ଉଠି ଭାରତର ନାଗରିକମାନଙ୍କ ଅଧିକାରଗୁଡ଼ିକ ପାଇଁ ସ୍ୱର ଉଠାଇଥିଲା। ଏବେ ସେହି ରାଜ୍ୟଗୁଡ଼ିକରେ କ୍ଷମତାରେ ରହି ଭାଜପା ବ୍ୟକ୍ତି ଅଧିକାରକୁ ଛାଡ଼ି ରାଜ୍ୟର ଅଧିକାର ଓ ସ୍ୱାର୍ଥ ପାଇଁ ଠିଆ ହୋଇଛି।

Email:aakar.patel@gmail.com

# ଓଡ଼ିଶାର ରାଜନୀତି ଓ ସାହିତ୍ୟରେ ଭଗବତୀ ଯୁଗ



## ଡ. ହୃଷୀକେଶ ମଲ୍ଲିକ

ତ୍ରିଂଶ ଶତାବ୍ଦୀର ତୃତୀୟ-ଚତୁର୍ଥ ଦଶକରେ ଓଡ଼ିଶାରେ ଗଢ଼ି ଉଠିଥିଲା ରାଜନୀତି ଓ ସାହିତ୍ୟର ଏପରି ଏକ ଯୁଗ, ଯାହା ଓଡ଼ିଶୀ ବା ଭାରତୀ-ଭାବନାର ହୋଇ ବି ଦୃଷ୍ଟିକୋଣରେ ଥିଲା ଆନ୍ତର୍ଜାତିକବାଦୀ। ବିଶ୍ୱର ନାନା ଦେଶରେ ଘଟୁଥିବା ଘଟଣାବଳୀ ପ୍ରତି ଆଖି ଖୋଲାରଖି ଏହି ଯୁଗର ବିଚାରବୋଧଟି ସ୍ୱଦେଶ ଓ ସ୍ୱଜାତିର ସଂକୀର୍ଣ୍ଣତାକୁ ଅତିକ୍ରମ କରିବାରେ ଆପଣାକୁ ପ୍ରତିବଦ୍ଧ କରି ରଖିଥିଲା। କହିବା ବାହୁଲ୍ୟ ଯେ, ଭାରତ ବର୍ଷର ଅନ୍ୟ ବହୁ ରାଜ୍ୟକୁ ପଛରେ ପକାଇ ଏହି ଯେଉଁ ଯୁଗଟି ଓଡ଼ିଶା ଭୂଇଁରେ ପାଦ ଥାପିଥିଲା, ତା'ର ମହାନାୟକ ଥିଲେ କମ୍ରେଡ୍ ଭଗବତୀ ଚରଣ ପାଣିଗ୍ରାହୀ। ସୁତରାଂ ଯୁଗଟି ସର୍ବାନ୍ତକରଣରେ ଥିଲା 'ଭଗବତୀ ଯୁଗ'।

ଭଗବତୀ ଥିଲେ ଓଡ଼ିଶାରେ ବୈପ୍ଳବିକ ଆନ୍ଦୋଳନର ପୁରୋଧା। ସେ ତାଙ୍କର ସଂକ୍ଷିପ୍ତ ଜୀବଦ୍ଦଶାରେ ତାଙ୍କର କାର୍ଯ୍ୟକ୍ରମକୁ କେବଳ ସ୍ୱାଧୀନତା ସଂଗ୍ରାମ ଓ କୃଷକ ଶ୍ରମିକ ଆନ୍ଦୋଳନରେ ସୀମିତ ନ ରଖି ନିଜର ନୂତନ ବୈପ୍ଳବିକ ଚିନ୍ତାଧାରାର ଦିଗନ୍ତକୁ ନାନା ଭାବରେ ବ୍ୟାପ୍ତ କରିଥିଲେ। ଗରିବ ଚାଷୀକୁ ତା'ର ହକ୍ ପ୍ରାପ୍ୟ ଦେବା ପାଇଁ, ଜମିଦାର-ମହାଜନଙ୍କ ଶୋଷଣ କଷଣରୁ ତାକୁ ମୁକୁଳାଇବା ନିମିତ୍ତ ସେ ଯେଉଁ ଆନ୍ଦୋଳନ କୃଷକସଭା ଜରିଆରେ ଚଳାଇଥିଲେ, ତାହା ଓଡ଼ିଶା ରାଜନୀତିରେ ଥିଲା ଅଭିନବ। ତାଙ୍କ ସଂଗ୍ରାମର ଧରଣଟି ଥିଲା ସ୍ଥାନୀୟ ସମସ୍ୟାଭିତ୍ତିକ ଓ ସେହି ନିର୍ଦ୍ଦିଷ୍ଟ ସମସ୍ୟାର ଦେଶୀୟ ସମାଧାନ ସନ୍ଧାନ। ଛୋଟଛୋଟ ଲଢ଼େଇ ଓ ଛୋଟଛୋଟ ବିଜୟପ୍ରାପ୍ତିର ସାନସାନ ଅଳିନ୍ଦ ଦେଇ ଦେଶ ଓ ବିଶ୍ୱର ମହାସମସ୍ୟା ଓ ତା'ର ସମାଧାନ ମଧ୍ୟକୁ ଅନ୍ତର୍ଜାତୀୟ ଯାତ୍ରା। ଏହି ଲକ୍ଷ୍ୟକୁ ସମ୍ମୁଖରେ ରଖି ସେ କଟକରେ ପ୍ରେସ୍ ଶ୍ରମିକ ସଂଘ, ପୁରୀରେ ମେହେନ୍ତର ସଂଘ ଓ ବାଲେଶ୍ୱରରେ ଚାଉଳ କଳ ଶ୍ରମିକ ସଂଘ ଗଠନ କରିଥିଲେ। ସୋଭିଏଟ୍ ରୁଷ୍‌ର ଲେନିନ୍ ଓ ଭାରତର ଶ୍ରୀଅରବିନ୍ଦଙ୍କ ପରି ଭଗବତୀ ତାଙ୍କର ରାଜନୈତିକ ଓ ସାଂସ୍କୃତିକ ଦୃଷ୍ଟିକୋଣକୁ ସମସମୟର ବିଭିନ୍ନ ପତ୍ରପତ୍ରିକାର ସମ୍ପାଦକୀୟ ଓ ନିବନ୍ଧମାନଙ୍କରେ ପୁଷ୍ଟ କରୁଥିଲେ। ତତ୍ତ୍ୱ ଯେତେ ଜଟିଳ ହେଉ, ତା'ର ସର୍ବଜନବୋଧ୍ୟ ଅବତାରଣାର ଯେଉଁ ଦକ୍ଷତା ତାଙ୍କର ଥିଲା, ତାଙ୍କ ସମକାଳୀନ କୌଣସି ନେତାଙ୍କର ତାହା ନ ଥିଲା।

୧୯୩୫ ମସିହା ନଭେମ୍ବର ୨୯ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ସର୍ବମାନ୍ୟ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ତାଙ୍କର ଉଦ୍‌ଯୋଗକ୍ରମେ 'ନବଯୁଗ ସାହିତ୍ୟ ସଂସଦ'ର ଏକ ଛ'ଦିନିଆ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରୁ ହିଁ ଜନ୍ମ ନେଇଥିଲା ଓଡ଼ିଆ ସାହିତ୍ୟ-ସଂସ୍କୃତିର ଏକ ନୂତନ ଯୁଗ। ପରେ ଏହା ଏକ ଚଳନ୍ତି 'ପାଠଚକ୍ର' ଭାବେ ରୂପ ନେଇ ଓଡ଼ିଶାରେ ଏକ ସୁଶିକ୍ଷିତ ନବବିଦ୍ୱାନ୍ ମଣ୍ଡଳୀର ସୃଷ୍ଟି କରିଥିଲା, ଯହିଁରେ ନାନା ସମୟରେ ସଂଶ୍ଳିଷ୍ଟ ହୋଇଥିଲେ ନବଓଡ଼ିଶାର ବହୁ ମହାନୁଭବୀ ଜନନେତା ଓ ସାହିତ୍ୟ ସ୍ରଷ୍ଟା। ନିତ୍ୟାନନ୍ଦ କାନୁନ୍‌ଗୋ, ନବକୃଷ୍ଣ ଚୌଧୁରୀ, ଦୀନବନ୍ଧୁ ସାହୁ, କାଳିନ୍ଦୀଚରଣ ପାଣିଗ୍ରାହୀ, ଅନନ୍ତ ପଟ୍ଟନାୟକ ଓ ରାମକୃଷ୍ଣ ପତି ଏବଂ ଆଇନଜୀବୀ ରାଜକିଶୋର ଦାସ ଆଦିଙ୍କ ଆତିଥ୍ୟରେ 'ନବଯୁଗ ମଣ୍ଡଳ' ନାମରେ ନାମିତ ହୋଇ ଭଗବତୀଙ୍କ ପ୍ରତିଷ୍ଠିତ ଭ୍ରାମ୍ୟମାଣ ପାଠଚକ୍ରଟିର ଆଲୋଚନାସଭା ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟାୟକ୍ରମେ ଏଥିରେ ସାମିଲ ହୋଇଥିଲେ ବହୁ ସମଦର୍ଶୀ ନେତା ଓ ସାହିତ୍ୟିକ ଓ ସଂଗଠକ।



ତିରୋଧାନ ଦିବସ ଉପଲକ୍ଷେ

ଭଗବତୀଙ୍କ ପାଠଚକ୍ର ଏତେ ସୁବିଦିତ ଥିଲା ଯେ ସେଥିରେ ଯୋଗଦେଇଥିବା ଅନେକ ସତୀର୍ଥ ସେ ସମ୍ବନ୍ଧରେ ନିଜର ବକ୍ତବ୍ୟ ରଖିଯାଇଛନ୍ତି। ବିଶ୍ୱନାଥ ପଶାୟତ ଓଲିଭର ଗୋଲ୍ଡ ସ୍ମିଥ୍‌ଙ୍କୁ ଉଦ୍ଧାର କରି ଏକଦା କହିଥିଲେ- Wonder how such a small head could carry so much he knew''। ଦୁର୍ଗାଚରଣ ମହାନ୍ତିଙ୍କ ଭାଷାରେ ନବଯୁଗ ମଣ୍ଡଳ ଥିଲା ଭଗବତୀଙ୍କ ଚାଟଶାଳୀ, ଯେଉଁଠି ଇତିହାସର ଘଟଣାବଳୀକୁ ଏକ ଫୁଲମାଳ ପରି ନ ଦେଖି ଶ୍ରେଣୀ ସଂଗ୍ରାମର ଏକ ଧାରାବାହିକ ଗତିଧାରା ଭାବେ ଦେଖିବାକୁ ସତୀର୍ଥମାନଙ୍କୁ ଭଗବତୀ ଶିଖାଉଥିଲେ। ଏହା ଥିଲା ପାରସ୍ପରିକ ଜ୍ଞାନ ଓ ଅନୁଭୂତି ଆଦାନପ୍ରଦାନର ଏକ ଯଜ୍ଞାନୁଷ୍ଠାନ, ଯାହାର ଧର୍ମ ଥିଲା ପାରସ୍ପରିକ ଆଲୋଚନା ଦ୍ୱାରା ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସମୃଦ୍ଧ ଓ ନିତ୍ୟାବଗତିକ(contineous self up-dating)କରି ଗଢ଼ିତୋଳିବା। ଭଗବତୀ ଥିଲେ ଏହି ଯଜ୍ଞର ମହା-ଯାଜ୍ଞିକ। ସେ ଥିଲେ ଓଡ଼ିଶାର ଲେନିନ୍। କାରଣ ଲେନିନ୍ ନିଜ ଦେଶରେ ଅତୀତରେ ଠିକ୍ ଏହି ଢଙ୍ଗରେ ତାଙ୍କ ରାଜନୈତିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିଚାଳନା କରୁଥିଲେ।

୧୯୩୬ ମସିହାରେ 'ସ୍ୱତନ୍ତ୍ର ପ୍ରଦେଶ ଗଠନ' ପ୍ରସ୍ତାବକୁ ସ୍ୱାଗତ କରି ଅନୁଷ୍ଠିତ 'ନବଯୁଗ ମଣ୍ଡଳ' ପାଠଚକ୍ରରେ ଭଗବତୀ କହିଥିଲେ: ''ଆଦାନପ୍ରଦାନରେ ହିଁ ସଂସ୍କୃତିର ପରିପୁଷ୍ଟି। ବିଭିନ୍ନ ପ୍ରାନ୍ତୀୟ ସଂସ୍କୃତି ତଥା ଭାଷାରେ ସଂଘର୍ଷ ସ୍ପୃହଣୀୟ ନୁହେଁ। ଓଡ଼ିଶା ପ୍ରଦେଶ ଗଠନ ହେଲେ ଓଡ଼ିଆଭାଷୀ ଅଞ୍ଚଳମାନଙ୍କରେ ଅନେକ ତେଲୁଗୁ, ହିନ୍ଦୀ ଭାଷୀ ଅଞ୍ଚଳ ରହିଯାଇପାରେ। ତେଣୁ ଏହି ସଂଖ୍ୟାଲଘିଷ୍ଠ ଭାଷାଭାଷୀମାନଙ୍କର ଭାଷାକୁ ସୁରକ୍ଷା ଦେବାକୁ ପଡ଼ିବ। ତେଲୁଗୁଭାଷୀଙ୍କ ପାଇଁ ବିଦ୍ୟାଳୟମାନଙ୍କରେ ତେଲୁଗୁ ଶିକ୍ଷା ସହିତ ଓଡ଼ିଆ ଭାଷାର ଶିକ୍ଷାଦାନକୁ ପ୍ରାଧାନ୍ୟ ଦେବାକୁ ହେବ।'' ଭଗବତୀ ଏହି ଅବକାଶରେ ଆହୁରି କହିଥିଲେ ଯେ, ''ବର୍ତ୍ତମାନର ଓଡ଼ିଶାରେ ସହର ବୋଇଲେ ଟିକେ ଟିକେ ନାଳି ରାସ୍ତାର ବିସ୍ତାର, କିଛି ଦୋକାନବଜାର ଓ କୋର୍ଟକଚେରି। ହସ୍ପିଟାଲ ନାହିଁ, ଡାକ୍ତରଙ୍କ ସଂଖ୍ୟା ନଗଣ୍ୟ ମାତ୍ର। ଔଷଧ ନାହିଁ। ଗ୍ରାମ ଓ ସହର- ଉଭୟରେ ଶିଶୁ ଓ ପ୍ରସୂତିଙ୍କ ମୃତ୍ୟୁହାର ପ୍ରଚୁର। ତେଣୁ ସ୍ୱତନ୍ତ୍ର ଉତ୍କଳ ହେଲେ ଏସବୁ ଉପରେ ଆନ୍ଦୋଳନ ଚଳାଇବାକୁ ହେବ।''

ଭଗବତୀଙ୍କ ବିଚାରରେ ପ୍ରତ୍ୟେକ ବିପ୍ଳବର ଏକ ସ୍ଥାନୀୟ ପ୍ରସୂତି କ୍ଷେତ୍ର ରହିଛି। ବିପ୍ଳବ ଏକ ନିର୍ଦ୍ଦିଷ୍ଟ ଦେଶରେ ବିଦ୍ୟମାନ ବାସ୍ତବ ସ୍ଥିତିରେ ସଂଘଟିତ ହୁଏ ସେ ଦେଶର ପାଣିପାଗ ଓ ସାମାଜିକ ବିକାଶକୁ ଦୃଷ୍ଟିରେ ରଖି। ଆଉ ଏହାକୁ ସଂଘଟିତ କରନ୍ତି ସେ ଦେଶର ମେହନତକାରୀ ଜନସାଧାରଣ। କୌଣସି ଦେଶର ବିପ୍ଳବ ଢାଞ୍ଚା ଦ୍ୱାରା ଅନ୍ୟ ଏକ ଦେଶରେ ବିପ୍ଳବ ସଂରଚନା ବୁମେରାଂ ହେବ।'' ଭଗବତୀଙ୍କ ବିପ୍ଳବ ଖସଡ଼ାଟି ଥିଲା ଲେନିନ୍‌ଙ୍କ ବିପ୍ଳବ ଖସଡ଼ାର ଠିକ୍ ଅନୁରୂପ। ଲେନିନ୍ କହନ୍ତି- ''The choice of the social system Is exclusive prorogative of every country. Revolutions are not Imposed, they can't be Imposed from without . They are the logical result of the Internal development .''

ଭଗବତୀ ଚରଣ ନିଜର ସାମାଜିକ-ଚିନ୍ତନରେ କିପରି ନିଜେ ବଞ୍ଚୁଥିବା ସମୟର ବହୁ ଅଗ୍ରଗାମୀ ଓ ବିଜ୍ଞାନ-ଦୃଷ୍ଟି-ସମ୍ପନ୍ନ ଥିଲେ ତାହାର ବହୁ ଉଦାହରଣ ରହିଛି। ପୁରୀରେ ନବଯୁଗ ମଣ୍ଡଳର ଏକ ବୈଠକୀରେ ପୁରୀ ସହରର ଅଛୁଵ, ଦଳିତମାନଙ୍କ ସମସ୍ୟାକୁ ନେଇ ଆଲୋଚନା ଚାଲିଥାଏ। ଏହି ଅବକାଶରେ ପୁରୀ ଜିଲାର ନଡ଼ିଆ ତୋଳାଳି ବାଉରି ଭୋଇ ଶ୍ରେଣୀର ପ୍ରତିନିଧିମାନେ ସେମାନଙ୍କ ଧନ୍ଦାଗତ ସମସ୍ୟା ସମ୍ପର୍କରେ କହିଲେ। ଖୁବ୍ ବିପଦକୁ ସାଥିରେ ଧରି ସେମାନେ ଉଚ୍ଚ ନଡ଼ିଆ ଗଛରେ ଚଢ଼ି ଯାହା ପାରିଶ୍ରମିକ ପାଆନ୍ତି, ସେଥିରେ ପେଟ ପୂରେ ନାହିଁ। ସେମାନେ ରହୁଥିବା କୁଡ଼ିଆଘର ତଳର ମାଟି ସାଆନ୍ତମାନଙ୍କର। ସାଧାରଣବର୍ଗଙ୍କ ପାଇଁ ରହିଥିବା କୂଅ ପୋଖରୀରୁ ପାଣି ପିଇବା ସେମାନଙ୍କୁ ମନା। ପୁରୀ ସହରର ମେହେନ୍ତରଙ୍କ ଝିଅବୋହୂମାନେ ଖୋଲା ଗାଣ୍ଡୁଆରେ ପାଇଖାନା ସଫା କରି ବିଷ୍ଠାର ବୋଝକୁ ମୁଣ୍ଡରେ ବୁହନ୍ତି। ରାସ୍ତାରେ ମରିପଡ଼ିଥିବା ଗାଈଗୋରୁ, ବିରାଡ଼ି କୁକୁରଙ୍କ ଶବ ଉଠାଇବା ସେମାନଙ୍କ ପାଇଁ ବାଧ୍ୟତାମୂଳକ। ମାସିକ ବେତନରେ ଏକ ଟଙ୍କା ବା ଆଠଅଣା ବୃଦ୍ଧି ଦାବିକଲେ ମ୍ୟୁନିସିପାଲିଟି ଧମକ ଦିଏ। ହାତ ଧୋଇବାକୁ ସାବୁନ ମିଳେନାହିଁ। ବୈଠକରେ ସବୁ ଶୁଣି ଭଗବତୀ ବାବୁ କହିଥିଲେ, ଦାସିଆ ବାଉରି ହାତରୁ ରଥାରୂଢ଼ ଜଗନ୍ନାଥ ମହାପ୍ରଭୁ ନଡ଼ିଆ ନେଇଗଲେ- ଏପରି ଗାଲୁଗପ କରି ଦଳିତମାନଙ୍କର ଅଧିକାରକୁ ଉଡ଼େଇ ଦେବାର ନୁହେଁ। ଏମାନଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ କୂଅ ଖୋଳାଯିବା ଦରକାର। ଛୁଆଁ ଅଛୁଆଁ ଭେଦଭାବ କାଟିବାକୁ ସାମାଜିକ ଏକତ୍ର ଭୋଜନ, ବିଦ୍ୟାଳୟରେ ଏକତ୍ର ଅଧ୍ୟୟନ ପାଇଁ ଆମକୁ ସଂଗ୍ରାମ କରିବାକୁ ହେବ। ଏ ଥିଲେ ଭଗବତୀ ବାବୁ- ଯାହାଙ୍କର ଚିନ୍ତାଧାରା କେବଳ ତାଙ୍କ ସମୟ ପାଇଁ ନୁହେଁ, ସବୁକାଳର ମଣିଷଙ୍କ ଲାଗି ଅକାଟ୍ୟ। ଭଗବତୀଙ୍କ ଅଭୁଲା ତିରୋଧାନ ଦିବସରେ ଆମକୁ ଭାବିବାକୁ ହେବ- ଭଗବତୀଙ୍କ ସ୍ୱପ୍ନର ସେଇ ନବଯୁଗଟିକୁ ଆମେ ଆଜି ବି କେତେ ହାସଲ କରିଛୁ, ଆଉ କେତେ ବାକି ଅଛି!

ମୋ: ୯୮୫୩୧୮୭୭୫୫

# ନୂଆ ସିଜେଆଇ

ବ୍ୟକ୍ତିତ୍ୱ



ଡି ୱାଇ ଚନ୍ଦ୍ରଚୂଡ଼

ନିକଟରେ ଉତ୍ତରପ୍ରଦେଶ ନଏଡାର ବେଆଇନ ନିର୍ମିତ ଟ୍ୱିନ୍ ଟାୱାର ଧ୍ୱଂସ ଲାଗି ନିର୍ଦ୍ଦେଶ ଦେଇଥିବା ସୁପ୍ରିମକୋର୍ଟ ଦ୍ୱାରା ଗଠିତ ପୀଠର ମୁଖ୍ୟ ଥିଲେ ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼। ସେ ରାଇଟ୍ ଟୁ ପ୍ରିଭେସି ବା ଅନ୍ତରଙ୍ଗ ତଥ୍ୟ ସୁରକ୍ଷା ଅଧିକାର ଏକ ମୌଳିକ ଅଧିକାର ବୋଲି ୯ ଜଣିଆ ସାମ୍ବିଧାନିକ ପୀଠର ମୁଖ୍ୟ ରାୟ ଲେଖିଥିଲେ। ସେହିପରି ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୭୭ ବଳରେ ସହମତିରେ ଅପ୍ରାକୃତିକ ଯୌନ ସମ୍ପର୍କକୁ ଅପରାଧ ବୋଲି ରହିଆସିଥିବା ବିଧିରେ ପରିବର୍ତ୍ତନ କରାଯାଇ ସମାନତା ଅଧିକାର କ୍ଷୁଣ୍ଣ ହେଉଥିବା ଦର୍ଶାଯିବା ସଂକ୍ରାନ୍ତ ଯେଉଁ ପ୍ରଗତିଶୀଳ ରାୟ ଦିଆଯାଇଥିଲା, ସେହି ପୀଠର ଜଣେ ସଦସ୍ୟ ଭାବେ ଚନ୍ଦ୍ରଚୂଡ଼ଙ୍କ ଯୁକ୍ତି ଥିଲା ଉଲ୍ଲେଖନୀୟ। ଆଧାରର ସାମ୍ବିଧାନିକ ବୈଧତା ନେଇ ୫ ଜଣିଆ ପୀଠର ଜଣେ ସଦସ୍ୟ ଭାବେ ରାୟରେ ବିସମ୍ମତ ପ୍ରକାଶ ପୂର୍ବକ ତାହାକୁ ବ୍ୟକ୍ତିଗତ ମୌଳିକ ଅଧିକାରର ଉଲ୍ଲଂଘନ କହି ସେ ଦର୍ଶାଇଥିବା ଯୁକ୍ତି ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ସାବରିମାଳା ମନ୍ଦିରକୁ ରଜୋଦର୍ଶନ କରିଥିବା ଯୁବତୀ ବା ମହିଳାଙ୍କ ପ୍ରବେଶ ନେଇ ଥିବା ପକ୍ଷପାତିତା ଓ ମହିଳାଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଉଥିବା ଉଲ୍ଲେଖ କରାଯାଇ ଯେଉଁ ରାୟ ପ୍ରକାଶ ପାଇଥିଲା, ସେଥିରେ ସେ ସହମତ ହୋଇଥିଲେ। ଅନୁରୂପ ଭାବେ ଭାରତବର୍ଷର ସର୍ବାଧିକ ଦୃଷ୍ଟି ଆକର୍ଷଣକାରୀ ଅଯୋଧ୍ୟାର ବିବାଦୀୟ ସ୍ଥାନରେ ରାମ ମନ୍ଦିର ପ୍ରତିଷ୍ଠା ଓ ମସ୍‌ଜିଦ୍ ନିର୍ମାଣ ଲାଗି ସୁନ୍ନି ୱାକଫ୍ ବୋର୍ଡକୁ ୫ ଏକର ବିକଳ୍ପ ଜମି ଯୋଗାଇ ଦେବାକୁ କେନ୍ଦ୍ରକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ସର୍ବସମ୍ମତି କ୍ରମେ ଦିଆଯାଇଥିବା ୫ ଜଣିଆ ସାମ୍ବିଧାନିକ ପୀଠ ରାୟର ମଧ୍ୟ ସେ ଏକ ଅଂଶ ଥିଲେ। ଏହିଭଳି ଅନେକ ମାମଲାର ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ବେଳେ ନିଜ ପିତା ତଥା ସୁପ୍ରିମକୋର୍ଟର ସର୍ବାଧିକ କାଳ ଧରି ପ୍ରଧାନ ବିଚାରପତି ରହିଥିବା ୱାଇ. ଭି. ଚନ୍ଦ୍ରଚୂଡ଼ଙ୍କ ଜଜ୍‌ମେଣ୍ଟରେ ଏକମତ ନ ହୋଇ ସେ ଯେଉଁ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି, ତାହା ତାଙ୍କୁ ଜଣେ ବାସ୍ତବବାଦୀ ବିଚାରପତିରେ ପରିଣତ କରିଦେଇଛି। ୧୭ ଅକ୍ଟୋବର ୨୦୨୨ରେ ଭାରତର ୫୦ତମ ପ୍ରଧାନ ବିଚାରପତି(ସିଜେଆଇ) ଭାବେ ନିଯୁକ୍ତ ହୋଇଥିବା ଡି. ୱାଇ. ଚନ୍ଦ୍ରଚୂଡ଼ ବର୍ତ୍ତମାନର ପ୍ରଧାନ ବିଚାରପତି ଉଦୟ ଉମେଶ ଲଲିତଙ୍କ ପରେ ୯ ନଭେମ୍ବରରେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ବିଷୟରେ ଚର୍ଚ୍ଚା ହେବାର ଏବେ ଅବକାଶ ସୃଷ୍ଟି ହୋଇଛି।

ଧନଞ୍ଜୟ ଯଶୱନ୍ତ ଚନ୍ଦ୍ରଚୂଡ଼ ୧୧ ନଭେମ୍ବର ୧୯୫୯ରେ ବମ୍ବେଠାରେ ଜନ୍ମଗ୍ରହଣ କରିଥିଲେ। ପିତା ଯଶୱନ୍ତ ବିଷ୍ଣୁ ଚନ୍ଦ୍ରଚୂଡ଼ ଥିଲେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଓ ମାତା ପ୍ରଭା ଥିଲେ ଶାସ୍ତ୍ରୀୟ ସଙ୍ଗୀତକାର। ବମ୍ବେର କାଥେଡ୍ରାଲ୍ ଆଣ୍ଡ୍ ଜନ୍ କାନନ୍ ସ୍କୁଲ ଓ ଦିଲ୍ଲୀର ସେଣ୍ଟ୍ କଲମ୍ବସ୍ ସ୍କୁଲରୁ ପଢ଼ା ଶେଷ କରିବା ପରେ ୧୯୭୯ରେ ଦିଲ୍ଲୀର ସେଣ୍ଟ୍ ଷ୍ଟିଫେନ୍ସ କଲେଜରୁ ଅର୍ଥନୀତି ଓ ଗଣିତ ବିଷୟବସ୍ତୁ ରଖି ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଆଇନ ବିଶାରଦ ପିତାଙ୍କ ଯୋଗ୍ୟ ଦାୟାଦ ଭାବେ ସେ ମଧ୍ୟ ଏହି ବୃତ୍ତିରେ ନିଜକୁ ସମିଲ କରିବାକୁ ଯାଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଫାକଲ୍ଟି ଅଫ୍ ଲ'ରେ ଭର୍ତ୍ତି ହୋଇଥିଲେ। ସେଠାରୁ ୧୯୮୨ରେ ଉତ୍ତୀର୍ଣ୍ଣ ହେବା ପରେ ଆଇନରେ ଉଚ୍ଚଶିକ୍ଷା ଲାଭ କରିବା ସକାଶେ ଆମେରିକାର ହାର୍ଭାର୍ଡ ଲ' ସ୍କୁଲ ଯାଇ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ମେଧାସମ୍ପନ୍ନ ଧନଞ୍ଜୟ ହାର୍ଭାର୍ଡରେ ଆଇନବିଦ୍ୟାରେ ଉତ୍କର୍ଷ ଲାଭ କରିବା ପରେ ମର୍ଯ୍ୟାଦାଜନକ ଯୋଶେଫ୍ ଏଚ୍. ବିଅଲ୍ ପୁରସ୍କାର ପାଇଥିଲେ। ଜୁରୁଡିକାଲ ସାଇନ୍ସରେ ଡକ୍ଟୋରେଟ୍ କରିବା ଲାଗି ସେ ସେଠାରେ ରହି ଗବେଷଣାରେ ମନୋନିବେଶ କରିଥିଲେ। ୧୯୮୬ରେ ସେ ପିଏଚ୍.ଡି. ଲାଭ କରିଥିଲେ।

ଧନଞ୍ଜୟ ଯେଉଁ ସମୟରେ ଆଇନ ବିଦ୍ୟାକୁ ନେଇ କ୍ୟାରିୟର ଆରମ୍ଭ କରିବାକୁ ଯାଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ୧୯୮୨ରେ ପାଠ ପଢ଼ିଥିଲେ, ସେତେବେଳେ ଯୁବ ଆଇନ ଛାତ୍ରଙ୍କୁ କମ୍ ଚାକିରି ମିଳୁଥିଲା। ତେଣୁ ପ୍ରାରମ୍ଭିକ ଅବସ୍ଥାରେ ସେ ଓକିଲ ଓ ବିଚାରପତିଙ୍କ ଅଧୀନରେ ଜୁନିୟର ଆଡ୍‌ଭୋକେଟ ଭାବେ କାର୍ଯ୍ୟ କରିଥିଲେ। ବିଶିଷ୍ଟ ଆଇନଜ୍ଞ ଫଲି ନରିମାନ୍‌ଙ୍କ ପାଖରେ ରହି ଡ୍ରାଫ୍ଟ୍ କୌଶଳ ଶିଖିଥିଲେ। ତେବେ ହାର୍ଭାର୍ଡରୁ ଡିଗ୍ରୀ ଅର୍ଜନ କରିବା ପରେ ସୁଲିଭିଆନ୍ ଆଣ୍ଡ୍ କ୍ରୋମ୍‌ୱେଲ୍ ଲ' ଫାର୍ମରେ କାର୍ଯ୍ୟ କରି ଅଭିଜ୍ଞତା ହାସଲ କରିଥିଲେ। ସେଠାରୁ ଭାରତ ପ୍ରତ୍ୟାବର୍ତ୍ତନ କରି ସୁପ୍ରିମକୋର୍ଟ ଓ ବମ୍ବେ ହାଇକୋର୍ଟରେ ଲ' ପ୍ରାକ୍ଟିସ୍ କଲେ। ଜୁନ୍ ୧୯୯୮ରେ ସେ ବମ୍ବେ ହାଇକୋର୍ଟରେ ସିନିୟର ଆଡ୍‌ଭୋକେଟ ମାନ୍ୟତା ପାଇଥିଲେ। ଦକ୍ଷତା ବଳରେ ସେ ସେହି ବର୍ଷ ଭାରତର ଆଡିସନାଲ ସଲିସିଟର ଜେନେରାଲ ନିଯୁକ୍ତ ହୋଇଥିଲେ। ୨୯ ମାର୍ଚ୍ଚ ୨୦୦୦ରେ ବମ୍ବେ ହାଇକୋର୍ଟ ବିଚାରପତି, ୩୧ ଅକ୍ଟୋବର ୨୦୧୩ରେ ଆଲ୍ଲାହାବାଦ ହାଇକୋର୍ଟ ମୁଖ୍ୟ ବିଚାରପତି ହେବା ପରେ ୧୩ ମେ ୨୦୧୬ରେ ଦେଶର ଶୀର୍ଷ ଅଦାଲତରେ ସେ ବିଚାରପତି ହେବାର ଗୌରବ ଅର୍ଜନ କରିଥିଲେ। ଆଇନର ବୃହତ୍ ପରିସରରେ ନିଜକୁ ନିମଜ୍ଜିତ କରିପାରିଥିବା ଧନଞ୍ଜୟ ଚାକିରି ସହିତ ଦେଶ ବିଦେଶର କେତେକ ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବେ କାର୍ଯ୍ୟ କରିଛନ୍ତି। ଜଣେ ସୁବକ୍ତା ଭାବେ ଅନ୍ତର୍ଜାତୀୟ ମଞ୍ଚରେ ଆଇନ ସମ୍ବନ୍ଧୀୟ କ୍ଲିଷ୍ଟ ବିଷୟବସ୍ତୁକୁ ସାବଲୀଳ ଢଙ୍ଗରେ ଉପସ୍ଥାପିତ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଦୁଇ ବର୍ଷ ଯାଏ ସେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଆସନରେ ବସିବେ। ତେବେ ୨୦୨୦ ନଭେମ୍ବର ୧୧ରେ ସାରା ଦିନ ଜରୁରୀ ଜାମିନ ଉପରେ ଶୁଣାଣି କରିବାରେ ସମୟ ଦେଇଥିବା ଧନଞ୍ଜୟ ଅଦାଲତ ପରିସରରେ ଜନ୍ମଦିନର ଶୁଭେଚ୍ଛା ପାଇବା ବେଳେ କହିଥିଲେ- ଆଇନ ତାଙ୍କ ଜୀବନ ଓ ତାହାକୁ ଖୁବ୍ ଭଲ ପାଇଥାନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସଡ଼କ ଦୁର୍ଘଟଣାରେ ସାଙ୍ଗଙ୍କ ମୃତ୍ୟୁ ପରେ ନିଳୟ ଅଗ୍ରୱାଲଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆସିଛି। ନିଳୟଙ୍କ ସାଥୀ ବିଶାଲାକ୍ଷୀଙ୍କର ୨୦୧୮ରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ମୃତିରେ ସେ ବିଶାଲାକ୍ଷୀ ଫାଉଣ୍ଡେଶନ ଗଠନ କରି ଗରିବ ଲୋକମାନଙ୍କ ସେବା କରୁଛନ୍ତି ଓ ବସ୍ତିର ପିଲାମାନଙ୍କୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି। ସେ ଏବେ ଗୁଗ୍‌ଲ ଇଣ୍ଡିଆ, ଦିଲ୍ଲୀରେ କାର୍ଯ୍ୟରତ। ବସ୍ତି ପିଲାମାନଙ୍କୁ ଶିକ୍ଷା ଦେବା ଲାଗି ସେ 'ପ୍ରୋଜେକ୍ଟ ଡ୍ରିମ୍ ସ୍କୁଲ' ପ୍ରତିଷ୍ଠା କରିଛନ୍ତି। ପ୍ରଥମେ ୨୦୨୦ ଜୁନ୍‌ରେ ଗୋଟିଏ ସ୍କୁଲ ପ୍ରତିଷ୍ଠା କରିବା ପରେ ଏବେ ଦେଶର ବିଭିନ୍ନ ସ୍ଥାନରେ ୧୭ଟି ଏଭଳି ସ୍କୁଲ ଚଳାଉଛନ୍ତି। ଏହି ସ୍କୁଲଗୁଡ଼ିକରେ ୨,୦୦୦ରୁ ଅଧିକ ବସ୍ତିପିଲା ପଢୁଛନ୍ତି। ପ୍ରାଥମିକ ଶିକ୍ଷା ଦେବା ପରେ ସେମାନଙ୍କୁ ସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି। ଏହି କାର୍ଯ୍ୟରେ ତାଙ୍କ ସହ ୪,୦୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଡ଼ି ହୋଇଛନ୍ତି। ସମସ୍ତେ ବ୍ୟକ୍ତିଗତ ସ୍ତରରେ ଯଥାସମ୍ଭବ ଆର୍ଥିକ ସାହାଯ୍ୟ ମଧ୍ୟ କରୁଛନ୍ତି। ଜଣେ ପିଲାଙ୍କ ପିଛା ପ୍ରତି ମାସରେ ୧,୦୦୦ ଟଙ୍କା ଖର୍ଚ୍ଚ ହେଉଛି। ନିଳୟ ସବୁ ଖର୍ଚ୍ଚ ଲୋକଙ୍କଠାରୁ ପ୍ରାପ୍ତ ଅନୁଦାନରେ ହିଁ ଚଳାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଅକ୍ଟୋବର ୧୯୯୭

- ଜେଲରେ ଅଟକଥିବା ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ସ୍ୱାମୀ ଅଶୀଫ ଅଲ୍ଲୀ ଜର୍ଦ୍ଦାରୀ ଦେଶରେ ପ୍ରଚଳିତ ସନ୍ତ୍ରାସବାଦୀ ନିରୋଧୀ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।
- ଅଭୂତପୂର୍ବ ଭାବେ ରାଷ୍ଟ୍ରପତି କେ.ଆର୍. ନାରାୟଣନ୍‌ଙ୍କ ହସ୍ତକ୍ଷେପ ଏବଂ ସରକାରରେ ଦୃଢ଼ ଆଭ୍ୟନ୍ତରୀଣ ବିରୋଧ ଯୋଗୁ କେନ୍ଦ୍ର କ୍ୟାବିନେଟ ଉତ୍ତରପ୍ରଦେଶରେ ରାଷ୍ଟ୍ରପତି ଶାସନ ଜାରି ଲାଗୁ କରିଥିବା ସୁପାରିସକୁ ପ୍ରତ୍ୟାହାର କରିନେଇଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | |
| 7 | | | 8 | 1 | | | | 5 |
| 8 | | | 3 | | | 9 | | |
| | | | | 4 | | | | 1 |
| 9 | 7 | | | | | 4 | 2 | |
| 3 | | | | | | | | 8 |
| 2 | | | | 8 | | 1 | 3 | 9 |
| | | | | | | | 4 | |
| | | 6 | | 9 | 5 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 4 | 3 | 9 | 2 | 1 | 7 | 8 |
| 1 | 3 | 2 | 6 | 7 | 8 | 4 | 9 | 5 |
| 8 | 7 | 9 | 5 | 4 | 1 | 3 | 6 | 2 |
| 2 | 9 | 8 | 7 | 1 | 5 | 6 | 3 | 4 |
| 4 | 1 | 7 | 2 | 3 | 6 | 8 | 5 | 9 |
| 3 | 6 | 5 | 9 | 8 | 4 | 2 | 1 | 7 |
| 9 | 2 | 1 | 8 | 5 | 3 | 7 | 4 | 6 |
| 5 | 8 | 3 | 4 | 6 | 7 | 9 | 2 | 1 |
| 7 | 4 | 6 | 1 | 2 | 9 | 5 | 8 | 3 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଅବସରଙ୍କ ପାଇଁ ସଂରକ୍ଷଣ

ମହାଶୟ,

ଅଧିକାଂଶ ସମୟରେ ଦେଖାଯାଉଛି, ଅନେକ ବେକାର ଯୁବତୀଯୁବକ ଚାକିରି ନ ପାଇ ରାଜରାସ୍ତାକୁ ଓହ୍ଲାଇ ଆସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ବିଧାନସଭା ଘେରାଉ କରୁଛନ୍ତି। ସରକାରୀ ସଂସ୍ଥାରେ ଅନେକ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ଅର୍ଥାଭାବ ଦେଖାଇ ସରକାର ପଦବୀ ପୂରଣ କରୁନାହାନ୍ତି। ବିକ୍ଷୋଭକାରୀ ଯୁବତୀଯୁବକଙ୍କୁ ପୋଲିସ ଲଗାଇ ଘଉଡ଼ାଇ ଦେଉଛନ୍ତି। ସ୍କୁଲ, କଲେଜ ଏବଂ ବିଭିନ୍ନ ସରକାରୀ ବିଭାଗରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଠିକା କାମରେ ରଖି କାମ ଚଳାଉଛନ୍ତି। ଅନେକ ଅଫିସରଙ୍କର ଅବସର ପରେ ମଧ୍ୟ ଆଉ କିଛି ବର୍ଷ ପାଇଁ ଚାକିରିକାଳକୁ ବଢ଼ାଇ ଦେଉଛନ୍ତି। ସରକାର ଯେଉଁ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଯେତିକି ଅର୍ଥ ଦେଇ ତାଙ୍କର ଚାକିରି କାଳ ବଢ଼ାଇ ଚାଲୁଛନ୍ତି, ସେତିକି ଅର୍ଥ ଦେଇ କିଛି ନୂତନ ଯୁବତୀଯୁବକଙ୍କୁ ନିଯୁକ୍ତି ଦେଲେ ସେମାନେ ଆଉ ଦାଦନ ଖଟିବାକୁ ଯାଆନ୍ତେ ନାହିଁ।

– ଅକ୍ଷୟ ମହାନ୍ତି, ନିର୍ମାଲ୍ୟ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଗତେ ଜାଗିଛି ଜୀବନ ଖେଳ
ଦେଖଲୋ ନାରୀ
କେତେକାଳ ହୀନ ବେପାରେ ଥିବୁ
ନୟନ ଠାରି।

(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବିପର୍ଯ୍ୟୟ ସମୟରେ କର୍ତ୍ତବ୍ୟ ସମ୍ପର୍କିତ ଶିକ୍ଷାଦାନ

**ପୁରୁଣା ଭୁବନେଶ୍ୱର,୨୨।୧୦(ଡି.ଏନ୍.ଏ.):** ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ବିପଦକୁ ହ୍ରାସ କରାଯାଇପାରିବ ଏବଂ ବିପର୍ଯ୍ୟୟ ସମୟରେ ଉଦ୍ଧାରକାରୀ ଦଳଙ୍କ କର୍ତ୍ତବ୍ୟ ସମ୍ପର୍କରେ ଏକ ସଚେତନତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଉତ୍ତରା ଫାଣ୍ଡି ଅଧୀନ ବିଲିପଡ଼ା ଗ୍ରାମସ୍ଥିତ ବହୁମୁଖୀ ଆଶ୍ରୟସ୍ଥଳୀଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିପିଲି ବିଡିଓ ରଶ୍ମିତା ନାଥ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ଏହାକୁ ବ୍ଲକ ଚେୟାରମ୍ୟାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଯାପିତ କରିଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ ଗାୟତ୍ରୀ ପଣ୍ଡା, ବିଜୟ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ଦାସ, ସମିତି ସଭ୍ୟ ସବିତା ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମୋଟ୍ ୭୫ଜଣ ଶିକ୍ଷାର୍ଥୀ ଏଥିରେ ଭାଗ ନେଇ ବିଭିନ୍ନ ଜ୍ଞାନକୌଶଳ ଶିକ୍ଷା କରିଥିଲେ।

### ନରେନ୍ଦ୍ର ଜଣେ ସୁସଙ୍ଗଠକ ଥିଲେ

**ବାଲିପାଟଣା,୨୨।୧୦(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଜୟଦେବ ନିର୍ବାଚନ ମଣ୍ଡଳୀର ଭାଜପା ନେତା ନରେନ୍ଦ୍ର ନାଥ ନାୟକଙ୍କ ବିୟୋଗରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ସ୍ୱର୍ଗତ ନରେନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ନରେନ୍ଦ୍ର ଜଣେ ସୁସଙ୍ଗଠକ ଥିଲେ। ପ୍ରଥମେ ଅନ୍ୟଙ୍କୁ ଓ ପରେ ନିଜକୁ ସେ ଦେଖୁଥିଲେ। ଏଭଳି ଗୁଣ ପାଇଁ ତାଙ୍କୁ ସମସ୍ତେ ଭଲ ପାଆନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ଭାବେ ତାଙ୍କର ମୋର ପରିଚୟ ହୋଇଥିଲା। ଏକା ସମୟରେ ରାଜନୀତିକୁ ଆସିଥିଲୁ। ତାଙ୍କ ନୀତି ଓ ଆଦର୍ଶ କିପରି ବଞ୍ଚିରହିବ ସେଥିପ୍ରତି ଆମେ ସର୍ବଦା ଚେଷ୍ଟିତ ରହିବା ଆବଶ୍ୟକ ବୋଲି ପ୍ରଧାନ କହିଥିଲେ।

### ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବିପତ୍ର

**କଟକ ଅଫିସ ୨୨।୧୦:** ସାମାଜିକ ସଙ୍ଗଠନ ଆମ କଟକ ପକ୍ଷରୁ ସର୍କିଟ ହାଉସରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। କଟକ ଗୋପାଳପୁର ବାଲିକୁଦା ସାମଲ ସାହିରେ ସଦାନନ୍ଦ ନାଏକଙ୍କ ହତ୍ୟା ଘଟଣାରେ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଆଲୋଚନା ହୋଇଥିଲା। ଏନେଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ପୂର୍ବରୁ ନ୍ୟାୟ ପାଇଁ ଡିସିପି, ମାନବାଧିକାର କମିଶନ, ଜାତୀୟ ଏସ୍‌ସି କମିଶନର, ଜିଲାପାଳ, ଆର୍‌ଡିସି ଓ ମୁଖ୍ୟମନ୍ତ୍ରୀ ନିକଟରେ ଅଭିଯୋଗ କରାଯାଇଥିଲେ ମଧ ସଦାନନ୍ଦଙ୍କ ପରିବାରକୁ ନ୍ୟାୟ ମିଳିପାରିନାହିଁ। ତେଣୁ ସଙ୍ଗଠନର ସଭାପତି ଅନିଲ କୁମାର ବେଉରା, ମାନସ ପରିଡା, ଅଜିତ ଦାସ ପ୍ରମୁଖ ନାଏକଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି।

### ସୋମବାର ରାତି ୧୨ଟା ୧୦ରେ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି

**ପୁରୀ ଅଫିସ,୨୨।୧୦:** ୨୫ତାରିଖ ମଙ୍ଗଳବାର କେତୁଗ୍ରସ୍ତ ଖଣ୍ଡଗ୍ରାସ ସୂର୍ଯ୍ୟୋପରାଗ ଅନୁଷ୍ଠିତ ହେବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିକାନ୍ତି ପ୍ରସ୍ତୁତ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ, ୨୪ ତାରିଖ ସୋମବାର ଅପରାହ୍ନ ୪ଟା ୫୭ ମିନିଟ୍‌ଠାରୁ ପାକ ତ୍ୟାଗ ଓ ଦେବନୀତି ନିଷେଧ ରହିବ। ସନ୍ଧ୍ୟା ୬ଟା ୨୬ ମିନିଟ ୫୨ ସେକେଣ୍ଡରେ ଗ୍ରହଣ ସର୍ବମୋକ୍ଷ ହେବା ନେଇ ସୂଚନା ପ୍ରଦାନ କରାଯାଇଛି। ସୂର୍ଯ୍ୟୋପରାଗକୁ ଆଖିଆଗରେ ରଖି ମହାପ୍ରଭୁଙ୍କ ନୀତିକାନ୍ତିରେ ପରିବର୍ତ୍ତନ କରାଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ, ୨୪ ତାରିଖ ରାତି ୧୨ଟା ୧୦ରେ ଶ୍ରୀମନ୍ଦିର ଦ୍ୱାର ଫିଟା ଯାଇ ନୀତି ଆରମ୍ଭ କରାଯିବ। ଦ୍ୱାରଫିଟା ପରେ ଭିତରଶୋଧ ରାତି ୧୨ ଟା ୨୫, ମଙ୍ଗଳଆଳତି ୧୨ ଟା ୩୦, ମଇଲମ ଓ ତଡ଼ପଲାଗି ୧୨ଟା ୪୫, ଅବକାଶ ଓ ରୋଷହୋମ ୧ଟା ୧୫, ସୂର୍ଯ୍ୟ ପୂଜା ୧ଟା ୪୦, ଦ୍ୱାରପାଳ ପୂଜା ୨ଟା, ରାଧାଦାମୋଦର ବେଶ ୨ଟା, ସକାଳଧୂପ ୨ଟା ୩୦ରୁ ୩ଟା ୩୦, ବାଲଧୂପ ଓ ଭୋଗମଣ୍ଡପ ଉଠିବ ୩ଟା ୪୦, ବାଲଧୂପ ଶେଷ ଭୋର ୪ଟା, ଅମାବାସ୍ୟା ଶ୍ରୀନାରାୟଣ ସାଗରବିଜେ ନୀତି ଭୋର ୪ଟା ୧୫, ମଇଲମ ବେଶ ୪ଟା ୧୫ ରୁ ୪ଟା ୪୦ ଏବଂ ଭୋଗ ମଣ୍ଡପ ଶେଷ ୪ଟା ୫୫ ପରେ ନୀତିକୁ ସ୍ଥଗିତ ରଖାଯିବ। ସେହିପରି ମଙ୍ଗଳବାର ଅପରାହ୍ନ ୪ଟା ୫୬ ମିନିଟ୍ ୫୨ ସେକେଣ୍ଡ୍ ଗ୍ରହଣ ସ୍ପର୍ଶ ପରେ ମହାପ୍ରଭୁଙ୍କ ଗ୍ରହଣ ମହାସ୍ନାନ, ଗ୍ରହଣ ଭୋଗ ସମେତ ଅନେକ ନୀତିକାନ୍ତି ଅନୁଷ୍ଠିତ ହେବା ନେଇ ସୂଚନା ପ୍ରଦାନ କରାଯାଇଛି।

# କୁଳପତିଙ୍କ ଅଜାଣତରେ ପ୍ରକାଶ ପାଇଥିଲା ନୋଟିସ



## ବିଜ୍ଞପ୍ତି ରଦ୍ଦ ପରେ ଦୋଷ ଠେଲାଠେଲି

**କଟକ ଅଫିସ୍,୨୨।୧୦**

ରେଭେନଶା ବିଶ୍ୱବିଦ୍ୟାଳୟରେ ପ୍ରଥମେ କଡ଼ା ନିୟମ ନେଇ ବିଜ୍ଞପ୍ତି ପ୍ରକାଶ ପାଇଲା। ଏହାପରେ ଉକ୍ତ ବିଜ୍ଞପ୍ତିକୁ ୨୪ ଘଣ୍ଟା ନପୂରୁଣୁ ପୁଣି ଏକ ବିଜ୍ଞପ୍ତ ଜାରି କରାଯାଇ ପୂର୍ବ ନୋଟିସକୁ ରଦ୍ଦ କରାଯିବା ଘଟଣା ବିଶ୍ୱବିଦ୍ୟାଳୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଆଉ ବର୍ତ୍ତମାନ କୂଳପତି ଏବଂ କୂଳସଚିବଙ୍କ ମଧ୍ୟରେ ଦୋଷ ଠେଲାଠେଲି ଦେଖିବାକୁ ମିଳିଛି । ଗୁରୁବାର ପ୍ରକାଶ ପାଇଥିବା ପ୍ରଥମ ବିଜ୍ଞପ୍ତି ନେଇ ରେଭେନଶା ବିଶ୍ୱବିଦ୍ୟାଳୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଶନିବାର କୁଳପତି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ନୂଆ ନିୟମ ନେଇ ଛାତ୍ରୀଛାତ୍ରମାନେ ପ୍ରଶ୍ନ କରିବା ପରେ ଏ ବିଷୟରେ କୁଳପତି କିଛି ଜାଣିନଥିବା କହିଥିଲେ। କୁଳସଚିବଙ୍କ ଦ୍ୱାରା ଏଭଳି ନିୟମ କରାଯାଇଥିବା କହି ତାଙ୍କୁ ଦୋଷ ଠେଲି ଦେଇଥିଲେ। ଏ ଦିଗରେ କୁଳସଚିବଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ସେ କହିଥିଲେ। ତେବେ କୁଳପତିଙ୍କ ଏଭଳି ମନ୍ତବ୍ୟକୁ ନେଇ ରେଭେନଶାରେ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି। କୁଳପତି ବିଶ୍ୱବିଦ୍ୟାଳୟ ମୁଖ୍ୟ ହୋଇଥିବାବେଳେ ତାଙ୍କ ଅଜାଣତରେ କିପରି ବିଜ୍ଞପ୍ତି ପ୍ରକାଶ ପାଇଲା ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଯାହା ପଦକ୍ଷେପ ନିଆଯାଉଛି ସେ ଦିଗରେ କୌଣସି ଆଲୋଚନା କରାଯାଉନଥିବା ବୈଠକରେ ଅଭିଯୋଗ ହୋଇଥିଲା।

## ରେଭେନ୍ସାରେ ଶୀଘ୍ର ନିର୍ବାଚନ ହେଉ

**କଟକ ଅଫିସ, ୨୨।୧୦**

ରେଭେନ୍ସାକୁ ଓଡିଶାର ଜ୍ଞାନ କେନ୍ଦ୍ର ଓ ମାତୃକଳ୍ପ ଶିକ୍ଷାନୁଷ୍ଠାନ ସ୍ୱୀକୃତି ମିଳିଛି। ଏଥିସହ ୨୦୦୬ ରେ ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟକୁ ରୂପାନ୍ତରିତ ହୋଇଛି। ହେଲେ ବିଶ୍ୱବିଦ୍ୟାଳୟରେ ବୌଦ୍ଧିକ ବାତାବରଣର ମୌଳିକ ଅଭାବଗୁଡିକ ପ୍ରତି ଧ୍ୟାନ ଦିଆଯାଉ ନାହିଁ। ଅନ୍ୟପକ୍ଷରେ ଛାତ୍ର ବିରୋଧୀ ଓ କର୍ମଚାରୀ ବିରୋଧୀ ପଦକ୍ଷେପମାନ ନିଆଯାଉଛି। ଛାତ୍ରୀଛାତ୍ର ପ୍ରତିବାଦ, ଧାରଣା, ବିକ୍ଷୋଭ ଓ ଅଭିଯୋଗ କଲେ ତାହାକୁ ବିଶୃଙ୍ଖଳା ଭାବେ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଯୋଗୁ କର୍ତ୍ତୃପକ୍ଷ ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିଛନ୍ତି। ତେବେ କର୍ତ୍ତୃପକ୍ଷ ଏହିଭଳି ଅଗଣତାନ୍ତ୍ରିକ ମନଭାବରୁ କ୍ଷାନ୍ତ ରହି ବିଶ୍ୱବିଦ୍ୟାଳୟର ମୌଳିକ ଅଭାବ ଅସୁବିଧା ପ୍ରତି ଦୃଷ୍ଟି ଦେବା ଦରକାର। ଏଥିସହ ରେଭେନ୍ସାରେ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରି ଛାତ୍ରୀଛାତ୍ରଙ୍କୁ ଗଣତାନ୍ତ୍ରିକ ଅଧିକାର ଦେବା, ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପଦବୀ ପୂରଣ କରିବା, ଭିତ୍ତିଭୂମି ଗବେଷଣା କ୍ଷେତ୍ର ବିକାଶ କରିବାକୁ ରେଭେନ୍ସା ବିକାଶ ଅଭିଯାନ ପକ୍ଷରୁ ଗାନ୍ଧୀ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏହି ସମ୍ମିଳନୀରେ ରେଭେନ୍ସା ବିକାଶ ଅଭିଯାନର ସଭାପତି ଚିତ୍ତରଞ୍ଜନ ମହାନ୍ତି, ବିଶିଷ୍ଟ ଖବରଦାତା ସତ୍ୟ ରାୟ, ସଂଗ୍ରାମୀ ଫୋରମ ଆବାହକ ପ୍ରଶାନ୍ତ ଦାସ, ପୂର୍ବତନ ଅଧକ୍ଷ ଅକ୍ଷୟ ଦାସ, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, ଗୀତା ଦାସ, ଇସରଫ୍ ଜାହାଁ, ଏନାମୁଲ୍ ହକ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଯାତ୍ରାରେ ବୁଲିବ ମୋବାଇଲ୍ ଟେଷ୍ଟିଂ ଭ୍ୟାନ୍



କଟକ ବାଲିଯାତ୍ରା ପାଇଁ ଶନିବାର ତଳପଡିଆରେ ମୋରମ ପକାଇ ସମତୁଲ କରାଯାଉଛି।

## ଖାଦ୍ୟ ନମୁନା ସଂଗ୍ରହ ପାଇଁ ୪ ଟିମ୍ ଗଠନ ହେବ

**କଟକ ଅଫିସ, ୨୨।୧୦**

କଟକ ବାଲିଯାତ୍ରାରେ ବ୍ୟବସାୟୀମାନେ ନିମ୍ନମାନର ତଥା ବାସି ଖାଦ୍ୟ ବିକ୍ରି କରିପାରିବେନାହିଁ। ଖାଦ୍ୟରେ ଅପମିଶ୍ରଣ ରୋକିବାକୁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପଦକ୍ଷେପ ନିଆଯାଇଛି। ଖାଦ୍ୟର ନମୁନା ସଂଗ୍ରହ ପାଇଁ ସିଏମ୍‌ସି ପକ୍ଷରୁ ୪ଟି ଟିମ୍ ଗଠନ କରାଯିବ। ପ୍ରତିଦିନ ଚାଟ୍, ଦହିବରା, ଠୁଙ୍କାପୁରୀ ଆଦି ଖାଦ୍ୟର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବ। ଏଥିପାଇଁ ମୋବାଇଲ୍ ଟେଷ୍ଟିଂ ଭ୍ୟାନ୍ ମହଜୁଦ ରଖାଯିବ। ଏହି ଭ୍ୟାନ୍‌ରେ ତୁରନ୍ତ ପରୀକ୍ଷା ରିପୋର୍ଟ ମିଳିପାରିବ। ଏଥିସହ ଖାଦ୍ୟ ଅପମିଶ୍ରଣ କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସୁବିଧା ହେବ। ପ୍ରତି ଖାଦ୍ୟ ଷ୍ଟଲରେ ସୂଚନା ଫଳକ ଲଗାଯିବା ସହ ଫୋନ୍ ନମ୍ବର ରହିବ। ଯଦି କୌଣସି ବ୍ୟବସାୟୀ ବାସି କିମ୍ବା ଅପମିଶ୍ରିତ ଖାଦ୍ୟ ବିକ୍ରି କରନ୍ତି ତା'ହେଲେ ଗ୍ରାହକମାନେ ଉକ୍ତ ଫୋନ୍ ନମ୍ବରରେ ସିଏମ୍‌ସି ଅଧିକାରୀଙ୍କୁ ଜଣାଇପାରିବେ। ଫଳରେ ବାସିଖାଦ୍ୟ ଜବତ ହେଲେ ୫୦୦ ଟଙ୍କା ଜରିମାନା କରାଯିବ। ସେହିଭଳି ଖାଦ୍ୟ ତିଆରି କରୁଥିବା ବ୍ୟକ୍ତି ସ୍ୱଚ୍ଛତା ରକ୍ଷା କରିବା ବାଧ୍ୟତାମୂଳକ। ୪ଟି ଟିମ୍ ବାଲିଯାତ୍ରାର ପ୍ରଥମ ଦିନରୁ ଶେଷ ପର୍ଯ୍ୟନ୍ତ ସକାଳ ଓ ସନ୍ଧ୍ୟାବେଳେ ବିଭିନ୍ନ ଖାଦ୍ୟ ଦୋକାନ ଉପରେ ଖାଦ୍ୟର ମାନ ଯାଞ୍ଚ କରିବ। ଯାଞ୍ଚବେଳେ ବାସି ଖାଦ୍ୟ ବିକ୍ରି ହେଉଥିବା ଜଣାପଡିଲେ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।




ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିରଠାରେ ସାହିତ୍ୟିକ ଶାରଦା ପ୍ରସାଦ ସ୍ୱାଇଁଙ୍କ କବିତା ପୁସ୍ତକ 'ଗାଁ ମାଟିର ମହକ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## 'ଗାଁ ମାଟିର ମହକ' ପୁସ୍ତକ ଉନ୍ମୋଚିତ

**ବାଲିପାଟଣା,୨୨।୧୦(ଡି.ଏନ୍.ଏ.)**

ସାହିତ୍ୟିକ ଶାରଦା ପ୍ରସାଦ ସ୍ୱାଇଁଙ୍କ କବିତା ପୁସ୍ତକ 'ଗାଁ ମାଟିର ମହକ' ଶନିବାର ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିର ସଭାଗୃହରେ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ବ୍ୟାଙ୍କ ଅଧିକାରୀ ରବି ଦାସଙ୍କ ସଭାପତିତ୍ୱରେ ସାହିତ୍ୟିକ ପ୍ରଫେସର ଆଦିକନ୍ଦ ସାହୁ ମୁଖ୍ୟ ଅତିଥି, ଅତିଥି ଭାବେ ସଂଳାପ ଲେଖକ ଡ. ରଜନୀରଞ୍ଜନ ଦାସ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବାଲିପାଟଣା ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ରମେଶ ସାହୁ, କବି ବିପିନ ମହାନ୍ତି, ପ୍ରାଚୀଧାରା ପ୍ରକାଶନୀ ସମ୍ପାଦକ ଭଗବାନ ସାହୁ ପ୍ରମୁଖ ପୁସ୍ତକ ଉପରେ ମତ ରଖିଥିଲେ। କବି କମଳିନୀ ମଲିକ, ବୈଜୟନ୍ତୀ ସାହୁ, ସୌଦାମିନୀ ବେହେରା, ବଙ୍କିମ ନାୟକ, ଲିଙ୍ଗରାଜ ମହାନ୍ତି, ଝୁନି ଦେଈ, ଡ. ଭବାନୀ ଶଙ୍କର ଦାସ ପ୍ରମୁଖ କବିତା ସମୀକ୍ଷା କରିଥିଲେ। କବି ଅଭିମନ୍ୟୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

# 'ସଚେତନତା ଦ୍ୱାରା ଦୂରେଇ ହେବ ସ୍ତନକର୍କଟ'

## ଡ୍ରିମ୍ସ ନର୍ସିଂ କଲେଜରେ ଆଲୋଚନାଚକ୍ର

**କଟକ ଅଫିସ, ୨୨।୧୦**

ସ୍ତନ କର୍କଟ ସଚେତନତା ମାସ ପାଳନ ଅବସରରେ ଡ୍ରିମ୍ସ ସ୍କୁଲ ଆଣ୍ଡ୍ କଲେଜ ଅଫ୍ ନର୍ସିଂ ପକ୍ଷରୁ ସ୍ଥାନୀୟ ରାଣୀଦେବୀ ଅଡିଟୋରିୟମରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍କଟ ରୋଗ ବିଶେଷଜ୍ଞ ଡା. ରଣଜିତ୍ କର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସମ୍ପ୍ରତି ଦେଶରେ ସ୍ତନକର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତେବେ ପ୍ରାରମ୍ଭରୁ ରୋଗ ଚିହ୍ନଟ ଓ ଚିକିତ୍ସା କରାଗଲେ ଏହାର ଆରୋଗ୍ୟ ସମ୍ଭବ। ସଚେତନତା ଦ୍ୱାରା ହିଁ ସ୍ତନକର୍କଟକୁ ସମ୍ପୂର୍ଣ୍ଣ ଦୂରେଇ ଦେଇହେବ ବୋଲି ସେ କହିଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ଲୋକନାଥ ବେହେରା ଯୋଗଦେଇ ସ୍ତନକର୍କଟ ପ୍ରତିହତ କରିବା ଦିଗରେ ନର୍ସିଂ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିକ୍ଷାନୁଷ୍ଠାନର ଅଧକ୍ଷା ଡ. ପି. କଙ୍ଗେଶ୍ୱରୀ ସ୍ୱାଗତ ଭାଷଣ, ସହକାରୀ ପ୍ରାଧ୍ୟାପିକା ରୋଜାଲିନ୍ ଦାସ କାର୍ଯ୍ୟକ୍ରମ ସଂଯୋଜନା ଓ ଉପାଧକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ।

ସେହିପରି ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ଆନୁକୂଲ୍ୟରେ ଚାନ୍ଦିନୀଚୌକ ମେହେନ୍ଦିପିର ପ୍ରାଥମିକ ବିଦ୍ୟାଳୟରେ ସ୍ତନକର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାରୀ ଶିଶୁଭୁବନର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବବୁଲିନା ମହାନ୍ତି ଯୋଗଦେଇ ଅଧିକ ବୟସରେ ବିବାହ କରିବା, ପିଲାକୁ କ୍ଷୀର ନ ଦେବା, ପିଲା ଜନ୍ମ କରିବାରେ ବିଳମ୍ବ, ଶାରୀରିକ ବ୍ୟାୟାମ ନ କରିବା, ଚର୍ବିଜାତୀୟ ଖାଦ୍ୟ ଅଧିକ ଖାଇବା ଆଦି ସ୍ତନକର୍କଟର ମୁଖ୍ୟ କାରଣ ବୋଲି କହିଥିଲେ। ଯୋଗଗୁରୁ ସାଗରିକା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାପୁଜୀ ବିଶୋଇ, ପ୍ରଧାନ ଶିକ୍ଷୟିତ୍ରୀ ଲିପିକା ମହାନ୍ତି, ବାସନ୍ତୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ସୌଦାମିନୀ ମିଶ୍ର ଅତିଥି ପରିଚୟ ଓ ଅଞ୍ଜଳି ଦାସ ଧନ୍ୟବାଦ ଦେଇଥିଲେ।




ଡ୍ରିମ୍ସ ନର୍ସିଂ କଲେଜର ରାଣୀଦେବୀ ଅଡିଟୋରିୟମରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

# ଓଡ଼ିଶା ସ୍ୱାସ୍ଥ୍ୟ ଚୁକ୍ତିଭିତ୍ତିକ କର୍ମଚାରୀ ସଂଘ ଗଠିତ

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଚୁକ୍ତିଭିତ୍ତିକ ଡାକ୍ତର ଓ କର୍ମଚାରୀଙ୍କ ବିଭିନ୍ନ ସଂଘକୁ ନେଇ ଗଠିତ ହୋଇଛି ମିଳିତ ମହାମଞ୍ଚ। ଶନିବାର ଏଥିପାଇଁ ଭାରତୀୟ ଚିକିତ୍ସକ ସଂଘର ଭୁବନେଶ୍ୱରସ୍ଥିତ ଓଡ଼ିଶା କାର୍ଯ୍ୟାଳୟ ପରିସରରେ ଆୟୁଷ ଡାକ୍ତର, ନର୍ସିଂ ଅଫିସର, ଡେଣ୍ଟାଲ ସର୍ଜନଙ୍କ ସହ ସ୍ୱାସ୍ଥ୍ୟ କର୍ମଚାରୀ ଏକାଠି ହୋଇଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ମିଳିତ ମହାମଞ୍ଚ ଗଠନ କରାଯାଇ ନାମ ଓଡ଼ିଶା ସ୍ୱାସ୍ଥ୍ୟ ଚୁକ୍ତିଭିତ୍ତିକ କର୍ମଚାରୀ ସଂଘ(ଓଏଚ୍‌ସିଇଏଫ୍) ରଖାଯାଇଛି। ଏଥିସହ ଏକ ପରିଚାଳନା କମିଟି ଗଠନ କରାଯାଇଛି। କବି ପ୍ରସାଦ ସାହୁ ସଭାପତି, ଡା. ବିଶ୍ୱରଞ୍ଜନ ପ୍ରଧାନ ଉପସଭାପତି, ଡା. ପ୍ରଦୀପ କୁମାର ଚମ୍ପତି ସାଧାରଣ ସମ୍ପାଦକ, ଅଶୋକ କୁମାର ନାୟକ ସହ-ସମ୍ପାଦକ, ପ୍ରିୟଦର୍ଶିନୀ ଓତା ସହ-ସମ୍ପାଦିକା, ତପନ କୁମାର ମାଣ୍ଡୁ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଉକ୍ତ ବିଭାଗୀୟ କର୍ମଚାରୀମାନେ ସ୍ୱାସ୍ଥ୍ୟ ବିଭାଗରେ ଓଡ଼ିଶା ସରକାରଙ୍କ ଅଧୀନରେ ଜନସାଧାରଣଙ୍କୁ ନିରନ୍ତର ସେବା ଯୋଗାଇ ଆସୁଥିଲେ ମଧ ଓଡ଼ିଶା ସରକାର ଏମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହି କର୍ମଚାରୀଙ୍କୁ ଓଡ଼ିଶା ସରକାର ଠିକା ପ୍ରଥାରୁ ନିବୃତ କରି ନିୟମିତ ନିଯୁକ୍ତି ଦିଅନ୍ତୁ ବୋଲି ମିଳିତ ମହାମଞ୍ଚ ଦାବି କରିଛି।

# ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ଅସ୍ଥାୟୀ କର୍ମଚାରୀ ମିଳିତ ମଞ୍ଚ

## ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ଘୋଷଣା ଦାବି

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ଓଡ଼ିଶା ଅସ୍ଥାୟୀ କର୍ମଚାରୀ ମିଳିତ ମଞ୍ଚର ଏକ ବୈଠକ ଶନିବାର ସ୍ଥାନୀୟ ୟୁନିଟ୍-୫ସ୍ଥିତ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସରକାରଙ୍କ ଅଧୀନ ବିଭିନ୍ନ ବିଭାଗ ଓ ସଂସ୍ଥାଗୁଡ଼ିକରେ ୧୯୯୩ ପରଠାରୁ ନିଯୁକ୍ତି ପାଇ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସମସ୍ୟା ଓ ଦାବି ନେଇ ଆଲୋଚନା ହୋଇଥିଲା। ଏହି ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ଘୋଷଣା କରିବାକୁ ସରକାରଙ୍କ ପାଖରେ ଏକକ ଦାବି ଉପସ୍ଥାପନ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଦାବିପତ୍ର ପ୍ରଦାନ ସହ ପ୍ରତିବାଦ ଓ ଆବଶ୍ୟକ ହେଲେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଅସ୍ଥାୟୀ କର୍ମଚାରୀ ମିଳିତ ମଞ୍ଚ ପରିଚାଳନା ପାଇଁ ଉପଦେଷ୍ଟା ଭାବେ ମଞ୍ଚର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ପତି, ଓଡ଼ିଶା ଅଣଗେଜେଟେଡ଼ କର୍ମଚାରୀ ସମନ୍ୱୟ ସମିତି ଚେୟାରମ୍ୟାନ ପ୍ରଭାତ କୁମାର ତ୍ରିପାଠୀ, ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ ଓ ଅନ୍ୟ ୭ଜଣ ଆବାହକଙ୍କୁ ନେଇ ଏକ ଆବାହକ ମଣ୍ଡଳୀ ଗଠନ କରାଯାଇଛି। ଏହାଛଡ଼ା ପ୍ରତି ଜିଲାରୁ ଦୁଇଜଣ ଲେଖାଏ କର୍ମଚାରୀ ପ୍ରତିନିଧିଙ୍କୁ କର୍ମକର୍ତ୍ତା ଭାବେ ବଛାଯାଇ ଏକ କୋର୍ କମିଟି ଗଠନ କରାଯାଇଛି। ବୈଠକରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲା ତଥା ଉପାନ୍ତ ଅଞ୍ଚଳଗୁଡ଼ିକରେ ଥିବା ପିଏଚ୍‌ଡ଼ି, ମ୍ୟୁନିସିପାଲିଟି, ଏନ୍‌ଏସି, ଇରିଗେଶନ, ଆର୍‌ଡ଼ି, ଆର୍‌ଡବ୍ଲ୍ୟୁଏସ୍‌ଏସ୍, ଗୃହ ନିର୍ମାଣ ସଂସ୍ଥା, ସ୍ୱେରେଜ ବୋର୍ଡ଼, ଓୟୁଏଟି ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। ନଭେମ୍ବର ୧୨ରେ କର୍ମଚାରୀ ଭବନରେ ଆଉଏକ ପୂର୍ଣ୍ଣାଙ୍ଗ ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ଘୋଷଣା କରାଯାଇଛି।

# ଅଭିଯୁକ୍ତଙ୍କୁ ୧୫ ବର୍ଷ ଜେଲ

## ଅନୁସୂଚିତ ଜାତି ଯୁବତୀଙ୍କୁ ବଳାତ୍କାର ମାମଲା

**କଟକ ଅଫିସ,୨୨।୧୦**

ଅନୁସୂଚୀତ ଜାତିର ଜଣେ ଯୁବତୀଙ୍କୁ ବଳାତ୍କାର ମାମଲାରେ ଏସ୍‌ସି/ଏସ୍‌ଟି ସ୍ୱତନ୍ତ୍ର କୋର୍ଟ ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ୧୫ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ଅଭିଯୁକ୍ତ ହେଲେ ଜଗତପୁର ଥାନା ଅଞ୍ଚଳର ମନୋରଞ୍ଜନ ପରିଡ଼ା। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଅନନ୍ତ ବେହେରାଙ୍କୁ ଅଦାଲତ ଦୋଷମୁକ୍ତ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ପୀଡିତା ଯୁବତୀଙ୍କ ସମ୍ପର୍କୀୟଙ୍କ ପୁଅ ହେଉଛନ୍ତି ଅନନ୍ତ। ଅନନ୍ତଙ୍କ ବନ୍ଧୁ ମନୋରଞ୍ଜନ। ଯୁବତୀ ଅନନ୍ତଙ୍କ ଘରକୁ ଯିବାଆସିବା କରିବାବେଳେ ମନୋରଞ୍ଜନ ତାଙ୍କ ସହ ପରିଚିତ ହୋଇ ପ୍ରେମ ନିବେଦନ କରିଥିଲେ। ଏଥିରେ ଅନନ୍ତ ସହଯୋଗ କରିଥିଲେ। ୨୦୧୫ ଡିସେମ୍ବର ୧୨ରେ ମନୋରଞ୍ଜନ ଯୁବତୀଙ୍କୁ ଘରକୁ ଡାକି ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ସେ ବିବାହର ପ୍ରତିଶ୍ରୁତି ଦେଇ ବିଭିନ୍ନ ଆଡ଼େ ନେଇ ବଳାତ୍କାର କରିଥିଲେ। ହେଲେ ତାଙ୍କୁ ବିବାହ କରି ନ ଥିଲେ। ଓଲଟି ପୀଡ଼ିତାଙ୍କ ଜାତି ଓ ଚରିତ୍ରକୁ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏନେଇ ପୀଡ଼ିତା ଜଗତପୁର ଥାନାରେ ୨୦୧୬ ଏପ୍ରିଲ ୪ରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ. ୯୪/୨୦୧୬) ରୁଜୁ କରି ତଦନ୍ତ କରିଥିଲା।

# ବର୍ଷକରେ ହେବ ୧୦ ଲକ୍ଷ ନିଯୁକ୍ତି

## ରୋଜଗାର ମେଳା ଶୁଭାରମ୍ଭ

**■୧୦୫ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ**

**କଟକ ଅଫିସ, ୨୨।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ରୋଜଗାର ମେଳା'କୁ ଭିଡିଓ କନ୍‌ଫରେନ୍ସରେ ଶନିବାର ଉଦ୍‌ଘାଟନ କରିଛନ୍ତି। ନିଯୁକ୍ତି ପାଇଥିବା ଯୁବତୀଯୁବକମାନେ ଦେଶ ଓ ଦେଶବାସୀଙ୍କ ସେବାରେ ନିଜକୁ ନିୟୋଜିତ କରି ଭାରତକୁ ଶ୍ରେଷ୍ଠ ଦେଶରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଉକ୍ତ ରୋଜଗାର ମେଳା ଶୁଭାରମ୍ଭର ପ୍ରଥମ ଚରଣରେ ଦେଶରେ ୭୫,୦୦୦ରୁ ଉର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତି ପତ୍ର ବିତରଣ କରାଯାଇଛି। ଏ ନେଇ ଓଡ଼ିଶାର କଟକସ୍ଥିତ ସହିଦ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ଦେଶରୁ ବେରୋଜଗାରୀ ହଟାଇ ଯୁବତୀଯୁବକଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ପ୍ରଧାନମନ୍ତ୍ରୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥାରେ ଖାଲିଥିବା ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏକ ବର୍ଷ ମଧ୍ୟରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତି ଲକ୍ଷ୍ୟ ନିଶ୍ଚିତ ଭାବେ ପୂରଣ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ମନ୍ତ୍ରୀ ଟୁଡୁ ୧୦୫ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, କଟକ ସଦର ଜିଲା ସଭାପତି ପ୍ରକାଶ ବେହେରା, ଦଳର ବରିଷ୍ଠ ନେତା ସଜ୍ଜନ ଶର୍ମା, କର୍ପୋରେଟର ଲକ୍ଷ୍ମୀଧର ବେହେରା, ସତ୍ୟବ୍ରତ ମିଶ୍ର, କାମାକ୍ଷା ମିଶ୍ର, ଅମିତ୍ର ଆଚାର୍ଯ୍ୟ, ଶିବ ନାରାୟଣ ନାୟକ, ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଜଣେ ପ୍ରାର୍ଥିନୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ମା' ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ କାଳୀପୂଜା, ଜିଜିପି କଲୋନୀ, ରସୁଲଗଡ଼, ପୂର୍ବାହ୍ନ ୯ଟା ୫।
- ଭୂମିକା ଚାରିଟେବୁଲ ଟ୍ରଷ୍ଟ ଏବଂ ଜେଆର୍‌ଏନ୍ ଓପନ୍ ହାପିନେସ୍ ପକ୍ଷରୁ କୁନି କୁନି ପିଲାଙ୍କ ମୁଖରେ ହସ ଫୁଟାଇବା ପାଇଁ ଫିଲ୍ମ 'ତୁ ମୋର ଓକେ'ର ପ୍ରସାରଣ, ସ୍ୱାତୀ ସିନେ ପ୍ଲେକ୍ସ, ମଧାହ୍ନ ୧୨ଟା।
- ଶ୍ୱେତ ସଙ୍କେତ ଦୀପାବଳି ଆସର, ରାଜଧାନୀ କଳା ସଂସଦ, ଅପରାହ୍ନ ୫ଟା ୩୦।
- ହରିଭାଇ କମେଡି କ୍ଲବ ପକ୍ଷରୁ ଶାଢ଼ି ହରଣ କମେଡି ଡ୍ରାମା, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ୪ର୍ଥ ଲାସ୍ୟ ଲାବଣ୍ୟ ସାଂସ୍କୃତିକ ଓଡ଼ିଶୀ ଡ୍ୟାନ୍ସ ଫେଷ୍ଟିଭାଲ, ଜିକେସିଏମ୍, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସନ୍ଧ୍ୟା ୬ଟା ୩୦।
- ଶ୍ରୀ ଶ୍ରୀ ମା' ଦକ୍ଷିଣକାଳୀ ମନ୍ଦିର ପରିଚାଳନା ସମିତି ପକ୍ଷରୁ ୪୩ତମ ମହାକାଳୀ ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ, ବରମୁଣ୍ଡା, ରାତି ୮ଟା।

# ଆଲିଶାନ ବଙ୍ଗଳାରୁ ଜେଲ କୋଠରି

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ରାଜନେତା, ଚଳଚ୍ଚିତ୍ର ପ୍ରଯୋଜକ, ବ୍ୟବସାୟୀ, ପ୍ରଶାସନିକ ଓ ପୋଲିସ ଅଧିକାରୀଙ୍କୁ ମାୟାଜାଲରେ ଫସାଇ ଟଙ୍କା ଲୁଟିଥିବା ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ଏବେ ଝାରପଡ଼ା ଜେଲରେ। ଆଲିଶାନ ବଙ୍ଗଳାରେ ରାଜକୀୟ ଜୀବନ ବିତାଉଥିବା ଏହି ନାଗ-ଚାନ୍ଦ ଦମ୍ପତିଙ୍କ ନୂଆ ଠିକଣା ପାଲଟିଛି ଜେଲ କୋଠରି। ଅର୍ଚ୍ଚନା ଜେଲ୍ ଯିବାର ୧୫ଦିନ ପରେ ଜଗବନ୍ଧୁ ଗିରଫ ହୋଇଥିଲେ। ଉଭୟ ଗୋଟିଏ ଜେଲରେ ଥିବାରୁ ସେମାନଙ୍କ ମଧ୍ୟରେ ଦେଖାସାକ୍ଷାତ ହୋଇପାରିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଜେଲ ଡିଆଇଜି ଶୁଭକାନ୍ତ ମିଶ୍ର କହିଛନ୍ତି, ଜେଲ ମାନୁଆଲ ଅନୁଯାୟୀ ଜେଲରେ ରହଣି କାଳ ମଧ୍ୟରେ ସପ୍ତାହକୁ ଥରେ ଉଭୟ ସ୍ୱାମୀ-ସ୍ତ୍ରୀ ଭେଟ ହୋଇପାରିବେ। ଏଥିପାଇଁ ରବିବାର ଦିନ ଧାର୍ଯ୍ୟ ହୋଇଥିବାବେଳେ ୧୫ ମିନିଟ୍ ସମୟ ଦିଆଯିବ। ଏହି ସମୟ ମଧ୍ୟରେ ଜେଲ୍‌ର କିଛି ମହିଳା ୱାର୍ଡର ଓ କର୍ମଚାରୀ ଉପସ୍ଥିତ ରହିବେ। ତେବେ କେଇଟା ଦିନରେ ବହୁ କୋଟି ସମ୍ପତ୍ତିର ମାଲିକ ପାଲଟିଥିବା ଅର୍ଚ୍ଚନା ଓ ଜଗବନ୍ଧୁ ରାଜପ୍ରାସାଦ ଭଳି ଘରେ ରହି ବିଏମ୍‌ଡବ୍ଲ୍ୟୁ ଭଳି କାର୍, ହାର୍ଡଲେ ଡାଭିଡ୍‌ସନ୍ ପରି ବାଇକ୍ ଚଢ଼ି ବିଳାସମୟ ଜୀବନ ବିତାଉଥିଲେ। ଏବେ ଜେଲର ଚାରିକାନ୍ଥ ଭିତରେ ସେମାନଙ୍କ ଜୀବନ ବହୁ କଷ୍ଟକର ହୋଇପଡିଛି। ନେତା ଓ ମନ୍ତ୍ରୀଙ୍କ ସହ ସମୟ ବିତାଉଥିବା ଏହି ଦମ୍ପତି ଏବେ କଏଦୀଙ୍କ ମେଳରେ କଟୁଛି। ବଡ଼ବଡ଼ିଆଙ୍କ ଚାପରେ ପଡ଼ି ଜେଲ ଭିତରେ ସେମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ରହଣି ବ୍ୟବସ୍ଥା ହୋଇଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ। ଅନ୍ୟପଟେ ପୋଲିସ ଉଭୟଙ୍କୁ ପଚରାଉଚରା କରିବାବେଳେ ବହୁ ତଥ୍ୟ ହାସଲ କରିଛି। ସେମାନଙ୍କ ଘରୁ ଜବତ ହୋଇଥିବା ମୋବାଇଲ ଫୋନ୍, ଲାପ୍‌ଟପ୍, ହାର୍ଡଡିସ୍କ, ଡାଏରୀ, ବ୍ୟାଙ୍କ ପାସ୍‌ବୁକ୍‌ରୁ ତାଙ୍କ ଲିଙ୍କ୍‌ରେ ଥିବା ଓ ତାଙ୍କୁ ସୁରକ୍ଷା ଦେଉଥିବା ନେତା, ମନ୍ତ୍ରୀ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ତଥ୍ୟ ପ୍ରମାଣ ହାସଲ କରିବାକୁ ଚେଷ୍ଟା ଚାଲିଛି। ଏଥିସହ ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟର ଗୁମର ଖୋଜା ଚାଲିଥିଲେ ମଧ୍ୟ କ୍ଷମତାଶାଳୀ ନେତାଙ୍କ ସମ୍ପୃକ୍ତି ଥିବାରୁ

## ଅର୍ଚ୍ଚନା-ଜଗବନ୍ଧୁଙ୍କ ନୂଆ ଠିକଣା





### ପ୍ରତି ରବିବାର ଭେଟ, ୧୫ ମିନିଟ୍ କଥା ହେବାକୁ ସୁଯୋଗ

ପୋଲିସର ପ୍ରତିଟି କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ହାର୍ଡଡିସ୍କରେ ଥିବା ଅନେକ ଭିଡିଓ ଫାଇଲ୍‌ର ପାସ୍‌ୱାର୍ଡ ଜଗବନ୍ଧୁଙ୍କ ଡାଏରୀରେ ଉଲ୍ଲେଖ ଥିବା ଅନୁମାନ କରାଯାଉଛି। ତେଣୁ ଏସବୁର ରହସ୍ୟ ଉନ୍ମୋଚନ ପୋଲିସ କରିବ ନାଁ ଅର୍ଚ୍ଚନାଙ୍କୁ ଗିରଫ କରି ଯେମିତି ଚୁପ୍ ହୋଇ ବସିଛି ସେମିତି ତଦନ୍ତ କରି ଦିନ ପରେ ଦିନ ଗଡାଇବ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାନୁସାରେ, ଉଭୟଙ୍କ ନାମରେ ଡରାଇବା, ବ୍ଲାକ୍‌ମେଲିଂ, ଦାଦାବଟି ଆଦାୟ ଆଦି ଅଭିଯୋଗ ରହିଥିବାବେଳେ ପୋଲିସ ୧୬ଟି ଦଫାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅର୍ଚ୍ଚନାଙ୍କ କଳା କାରନାମାରେ ସମ୍ପୃକ୍ତି ନେଇ ଠୋସ୍ ପ୍ରମାଣ ପରେ ଜଗବନ୍ଧୁଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟତମ ସହଯୋଗୀ ଖଗେଶ୍ୱର ପାତ୍ର ଏବେ କେଉଁଠି ଓ ତାଙ୍କୁ ପୋଲିସ କେବେ ଗିରଫ କରୁଛି ତାହାକୁ ନେଇ ଉତ୍କଣ୍ଠା ଲାଗି ରହିଛି।

## ସେଲ୍‌ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିନୋଦ



@ କାଜଲ



@ ମହେଶ୍ୱର



@ ଅମର



@ ତୁଷାରକାନ୍ତ



@ କାହ୍ନୁଚରଣ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ଭୁବନେଶ୍ୱରସ୍ଥିତ ପର୍ଶୁରାମେଶ୍ୱର ମନ୍ଦିରରେ ଓଡ଼ିଶା ଐତିହ୍ୟ ପଦଯାତ୍ରା ଶୁଭାରମ୍ଭ ଅବସରରେ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଟିଡ଼ିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ର୍‍ୟାପର୍ ସମୀର ରିଶୁ ମହାନ୍ତି ଓ ଅନ୍ୟମାନେ।

# ଶୁକ୍ରବାରରୁ ରବିବାର ଓଡ଼ିଶା ଐତିହ୍ୟ ପଦଯାତ୍ରା

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଓଡ଼ିଶା ଐତିହ୍ୟ ପଦଯାତ୍ରା (ଓଡ଼ିଶା ୱାକ୍‌ସ) ଶନିବାର ଆରମ୍ଭ ହୋଇଛି। ପୁରୁଣା ଭୁବନେଶ୍ୱରସ୍ଥିତ ପର୍ଶୁରାମେଶ୍ୱର ମନ୍ଦିରଠାରୁ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କ ଉପସ୍ଥିତିରେ ଓଟିଡ଼ିସିର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ର୍‍ୟାପର୍ ସମୀର ରିଶୁ ମହାନ୍ତି ଯୋଗ ଦେଇଥିଲେ। ପୁରାତନ ଐତିହ୍ୟ ପୀଠ ସହିତ ସମ୍ପର୍କ ଯୋଡ଼ିବାର ଏହି କାର୍ଯ୍ୟକ୍ରମ ପ୍ରତି ସପ୍ତାହ ଶୁକ୍ରବାରଠାରୁ ରବିବାର ୩ଦିନ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି କହିଛନ୍ତି, ଏହି ଯାତ୍ରା ଓଡ଼ିଶାର କଳା,ସଂସ୍କୃତି, ଉଚ୍ଚ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଉଦ୍ଦିଷ୍ଟ। ରାଜଧାନୀରେ ଥିବା ମୁକ୍ତେଶ୍ୱର ମନ୍ଦିର, ଲିଙ୍ଗରାଜ ମନ୍ଦିର, ଧଉଳି ଭଳି ପର୍ଯ୍ୟଟନ ସ୍ଥାନ ପର୍ଯ୍ୟଟକଙ୍କ ପାଇଁ ପରିଚିତ ଥିଲେ ମଧ୍ୟ ଆହୁରି ଅନେକ କିଛି ମନ୍ଦିର, ସ୍ଥାପତ୍ୟ ଲୋକଙ୍କ ସାମ୍ନାକୁ ଆସିବା ଦରକାର। ନିର୍ଦ୍ଦେଶକ ଯାଦବ ଓଡ଼ିଶାର ପ୍ରାଚୀନ କୀର୍ତ୍ତିରାଜି ଓ ଐତିହ୍ୟକୁ କେବଳ ପର୍ଯ୍ୟଟନର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ନୁହେଁ, ବରଂ ସ୍ଥାନୀୟ ଜନସାଧାରଣଙ୍କୁ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରା ସମ୍ପର୍କରେ ଅବଗତ ଓ ସଚେତନ କରାଇବା ନିମନ୍ତେ ଲକ୍ଷ୍ୟ ରହିଥିବା ପ୍ରକାଶ କରିଥିଲେ। ଦୁଇ ଘଣ୍ଟା ଧରି ଅନୁଷ୍ଠିତ ଏହି ପଦଯାତ୍ରା ପର୍ଶୁରାମେଶ୍ୱର, କେଦାରଗୌରୀ, ଶୁକସାରୀ, ବୈତାଳ ଦେଉଳ ଏବଂ ଏକାମ୍ର ବନ ପରିଭ୍ରମଣ କରିଥିଲା। ୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରାରେ ଯୋଗଦେବାକୁ ଇଚ୍ଛୁକ ବ୍ୟକ୍ତିମାନେ WWW. BOOKODISHA.COM ୱେବସାଇଟ୍ ମାଧ୍ୟମରେ ଟିକେଟ ବୁକ୍ କରିପାରିବେ।

## ପାର୍ଲରରୁ ମହିଳାଙ୍କ ମୃତଦେହ ଜବତ

**କଟକ ଅଫିସ, ୨୨।୧୦**

ମର୍କତନଗର ଥାନା ଅନ୍ତର୍ଗତ ସିଡିଏ ସେକ୍ଟର-୬ ଅଞ୍ଚଳର ଏକ ପାର୍ଲର ଭିତରୁ ଶନିବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ତାଙ୍କ ନାମ ତୃପ୍ତିପ୍ରଭା ଦାସ(୪୫) ବୋଲି ଜଣାପଡ଼ିଛି। ସେ ସିଡିଏ ସେକ୍ଟର-୬ରେ ଘର ଭଡ଼ା ନେଇ ପାର୍ଲର କରିଥିଲେ। ୫ ବର୍ଷ ପୂର୍ବେ ତାଙ୍କ ସ୍ୱାମୀଙ୍କ ପରଲୋକ ହୋଇଥିଲା। ଗୋଟିଏ ପୁଅ ରାୟଗଡ଼ା ଗୁଣୁପୁରରେ ପାଠ ପଢୁଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୧୮/୨୨) ରୁଜୁ ହୋଇଛି। ଏନେଇ ଡିସିପି ପିନାକ ମିଶ୍ର କହିଛନ୍ତି, ବିଷକ୍ରିୟା ଯୋଗୁଁ ମହିଳାଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ପୁରୀ- ହାଓଡା ଟ୍ରେନ୍ ଲାଇନଚ୍ୟୁତ

### ଦୁର୍ଘଟଣାଗ୍ରସ୍ତ ୩ ବଗିରେ ନଥିଲେ ଯାତ୍ରୀ

**ପୁରୀ ଅଫିସ,୨୨।୧୦**

ପୁରୀ- ହାଓଡା ଟ୍ରେନର ଶନିବାର ମାଳତିପାଟପୁରଠାରେ ୩ଟି ବଗି ଲାଇନଚ୍ୟୁତ ହୋଇଛି। ସୌଭାଗ୍ୟବଶତଃ ବଗିରେ କୌଣସି ଯାତ୍ରୀ ନ ଥିବା ହେତୁ ଧନଜୀବନ ହାନି ହୋଇ ନାହିଁ। ଟ୍ରେନଟି ଟ୍ରାକ ଚେଞ୍ଜ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଶନିବାର ରାତି ୮ଟା ୧୫ରେ ଟ୍ରେନ୍ ପୁରୀରୁ ହାଓଡା ଅଭିମୁଖେ ବାହାରିଥାନ୍ତା। ଏଥିପାଇଁ ଟ୍ରେନ୍ ଗୋଟିଏ ଟ୍ରାକ୍‌ରୁ ଅନ୍ୟ ଟ୍ରାକ୍‌କୁ ଯିବା ପାଇଁ ଯାଉଥିଲା। ହେଲେ ମାଳତିପାଟପୁର ନିକଟରେ ହଠାତ୍ ଟ୍ରେନର ଏସି- ୧, ୨ ଓ ୩ ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ତେବେ ଦୁଇଟି ବଗି ଗୋଟିଏ ପଟକୁ ଢଳି କରି ରହିଥିବା ହେତୁ ଅନ୍ୟ ପଟଟି ଉଠିକରି ରହିଛି। ଏସ୍ ୧ ବଗି ସାମାନ୍ୟ ଲାଇନଚ୍ୟୁତ ହୋଇଛି। ତେବେ ଲୁପ୍ ଲାଇନରୁ ମେନ ଲାଇନ୍‌କୁ ଯିବା ପୂର୍ବରୁ ଏଭଳି ଅଘଟଣ ଘଟିଛି। ଦୁର୍ଘଟଣା ପରେ ରେଳ ସୁରକ୍ଷା ବଳର କର୍ମଚାରୀ ଓ ଟେକ୍ନିସିଆନ ଟିମ୍ ପହଞ୍ଚି ମରାମତି କାର୍ଯ୍ୟ କରିଛନ୍ତି। ଟେକ୍ନିସିଆନ ପ୍ରଭୁ ଦତ୍ତଙ୍କ କହିବା ଅନୁଯାୟୀ, ଲାଇନଚ୍ୟୁତ ହୋଇଥିବା ବଗିକୁ ପ୍ରଥମେ ମୁଖ୍ୟ ଟ୍ରେନ ଓ ଇଞ୍ଜିନଠାରୁ ଅଲଗା କରାଯିବା ପରେ ବଗିକୁ ଲାଇନକୁ ଅଣାଯିବ। ଅନ୍ୟପଟେ ପୂର୍ବତଟ ରେଳପଥର ଲୋକ ସମ୍ପର୍କ ଅଧିକାରୀ ତପନ କୁମାର କହିଛନ୍ତି, ୱାଶିଂ ଲାଇନରୁ ବାହାରି ମେନ ଲାଇନକୁ ଯିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଏଥିପାଇଁ ଯାତ୍ରା ବ୍ୟାହତ ହେବ ନାହିଁ। ସେହିଭଳି ଦୁର୍ଘଟଣା ପରେ ପୁରୀରୁ ତପସ୍ୱିନୀ, ପୁରୀ, ପୁରୁଷୋତ୍ତମ ଓ ଉତ୍କଳ ଏକ୍ସପ୍ରେସ ଯିବାକୁ ଥିବାବେଳେ ପୁରୀକୁ ବଡବିଲ ସମେତ ଅନ୍ୟ ଏକ୍ସପ୍ରେସ ଆସିବାର କାର୍ଯ୍ୟକ୍ରମ ରହିଛି । ଏହାକୁ କିଭଳି ଭାବେ ସୁରୁଖୁରୁରେ ପରିଚାଳିତ କରାଯିବ ତାହା ପ୍ରାଥମିକତା ରହିଛି। ସେହିଭଳି ଦୁର୍ଘଟଣାର ତଦନ୍ତ କରାଯିବ। କେଉଁ ପରିସ୍ଥିତିରେ ଏଭଳି ଅଘଟଣ ଘଟିଲା ତାହାର କାରଣ ଖୋଜିବାକୁ ତଦନ୍ତ ନିର୍ଦ୍ଦେଶ ହେବ ବୋଲି ସେ କହିଛନ୍ତି।






ଲୋକଙ୍କ ଆତ୍ମହତ୍ୟା ପ୍ରବଣତା ଦୂର ସହ ରାଜଧାନୀରେ ଆତ୍ମହତ୍ୟା ରୋକିବା ପାଇଁ ଶନିବାର ଉତ୍ସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରୁ ବାହାରିଥିବା ସଚେତନତା ରାଲିକୁ ଆଇଜି ଏସ୍. ସାଇନି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।




ସଙ୍ଗୀତାଳୟ ପକ୍ଷରୁ ଭୁବନେଶ୍ୱର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଶନିବାର ଅନୁଷ୍ଠିତ ଲାସ୍ୟ ଲାବଣ୍ୟ ନୃତ୍ୟ ମହୋତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ୧୪ ଚୋରି ସାଇକେଲ ଜବତ, ୩ ଗିରଫ

**ଭୁବନେଶ୍ୱର,୨୨।୧୦ (ବ୍ୟୁରୋ):** ରାଜଧାନୀର ବିଭିନ୍ନ ସ୍ଥାନରୁ ସାଇକେଲ ଚୋରି କରୁଥିବା ଗ୍ୟାଙ୍ଗର ୩ ଜଣ ସଦସ୍ୟଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲାର ମୁନା ଓରଫ ଟୁକୁନା ବିଶୋଇ(୪୮), ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଅନୁଗୋଳର କ୍ଷମା ସାହୁ(୨୮) ଓ କେନ୍ଦ୍ରାପଡ଼ାର କେଶବ ସ୍ୱାଇଁ(୨୬)। ସେମାନଙ୍କଠାରୁ ପୋଲିସ ୧୪ ଟି ଚୋରି ସାଇକେଲ ଜବତ କରିଛି। ସୂଚନାନୁସାରେ, ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଭି. ଶ୍ରୀନିବାସ ରାଓ ନାମକ ବ୍ୟକ୍ତି ଗତ ୧୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ ଯେ, କୌଣସି ଅଚିହ୍ନା ବ୍ୟକ୍ତି ତାଙ୍କ ଘରର ଗ୍ରୀଲ ଭାଙ୍ଗି ଘରେ ଥିବା ଏକ ସାଇକେଲ ଚୋରି କରିନେଇଛନ୍ତି। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ଜଣକୁ କାବୁ କରିବା ସହିତ ତାଙ୍କ ନିକଟରୁ ଏକ ସାଇକେଲ ଜବତ କରିଥିଲା। ପଚରାଉଚରା ସମୟରେ ତାଙ୍କର ଅନ୍ୟ ୨ଜଣ ସହଯୋଗୀଙ୍କ ନାମ କହିବାରୁ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

### ୫ ବାଇକ୍ ଜବତ, ୩ ଗିରଫ

**ଭୁବନେଶ୍ୱର ୨୨।୧୦ (ବ୍ୟୁରୋ):** କମିଶନରେଟ ପୋଲିସର ଦୁଇଟି ଥାନା ପକ୍ଷରୁ ପୃଥକ ମାମଲା ରୁଜୁ କରାଯାଇ ୩ ବାଇକ୍ ଚୋରଙ୍କୁ ଗିରଫ କରାଯିବା ପରେ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୫ଟି ବାଇକ ଜବତ କରାଯାଇଛି। ସୂଚନାନୁସାରେ, ଗତ ୨୦ ତାରିଖରେ ସ୍ୱାଧୀନ କୁମାର ନାୟକଙ୍କ ବାଇକ ଏମ୍ସ ହସ୍ପିଟାଲ ପରିସରରୁ ଚୋରି ହୋଇଥିବା ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ବାଣପୁରର ସନ୍ତୋଷ ଜଗଦେବ ଓରଫ ଇଲୁ (୩୨) ଓ ବୋଲଗଡ଼ର ଅନିଲ ସାହୁ(୨୩)ଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨ ଟି ବାଇକ ଜବତ କରିଛି। ସେହିପରି ଶୁକ୍ରବାର ହରେକୃଷ୍ଣ ମୁଦୁଲିଙ୍କ ବାଇକ ଚୋରି ନେଇ ପାହାଳ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ଜଗନ୍ନାଥପୁରର ରାଜା ଓରଫ ଲୋକନାଥ ଭଞ୍ଜ(୩୨)ଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ପୋଲିସ ୩ଟି ବାଇକ ଜବତ କରି ଶନିବାର କୋର୍ଟ ଚାଲାଣ କରିଛି।

### ବ୍ରାଉନସୁଗାର ଜବତ, ଯୁବକ ଗିରଫ

**ଭୁବନେଶ୍ୱର,୨୨।୧୦ (ବ୍ୟୁରୋ):** ଭରତପୁର ଥାନା ପୋଲିସ ଶନିବାର ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ନୟାଗଡ ଜିଲାର ଆକାଶ ନାୟକ (୨୪) । ତାଙ୍କଠାରୁ ୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି । ପୋଲିସ ମାମଲା (୪୨୪/୨୨) ରୁଜୁ କରି ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ମାସରେ ଭୁବନେଶ୍ୱର ପୋଲିସ ପକ୍ଷରୁ ୩ଟି ବେଆଇନ ବ୍ରାଉନସୁଗାର ମାମଲା ରୁଜୁ ହୋଇ ମୋଟ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୩୭ ଗ୍ରାମ ବ୍ରାଉନସୁଗାର, ୧ହଜାର ୭ଶହ ଟଙ୍କା ଓ ୨ଟି ଦୁଇଚକିଆ ଯାନ ଜବତ ହୋଇଛି ।

### ଆୟୁର୍ବେଦ ସଚେତନତା ସୃଷ୍ଟି ନିମନ୍ତେ ଶୋଭାଯାତ୍ରା

**ବାରଙ୍ଗ,୨୨।୧୦(ଡି.ଏନ୍.ଏ.):** ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଶନିବାର ଜାତୀୟ ଆୟୁର୍ବେଦ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜନ ସାଧାରଣଙ୍କ ମଧ୍ୟରେ ଆୟୁର୍ବେଦ ସଚେତନତା ସୃଷ୍ଟି ନିମନ୍ତେ ଏକ ଶୋଭାଯାତ୍ରାକୁ ବିଶ୍ୱ ବିଦ୍ୟାଳୟର ଆଇକ୍ୟୁଏସ୍‌ସି ନିର୍ଦ୍ଦେଶକ ପ୍ରଫେସର ବିଷ୍ଣୁ ପ୍ରସାଦ ଦାଶ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଉକ୍ତ ଶୋଭାଯାତ୍ରା ହାଇକୋର୍ଟସ୍ଥିତ ଜୁଡିସିଆଲ୍ ଏକାଡେମୀ ଛକରୁ ବାହାରି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ସମାପ୍ତ ହୋଇଥିଲା। ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, ଡାକ୍ତରଙ୍କ ସହ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯୋଗଦେଇଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ମୁଖ୍ୟ ପ୍ରବେଶ ପଥରେ କୁଳପତି ପ୍ରଫେସର ବି.ଆର୍. ଶର୍ମା ଶୋଭାଯାତ୍ରାକୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଡିନ୍ ପ୍ରଫେସର ପ୍ରଦୀପ ପଣ୍ଡା, ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ହଷ୍ଟେଲରେ ରହି ଚୋରି କରୁଥିଲେ ଏମ୍‌ବିଏ ଛାତ୍ରୀ

- ଛାତ୍ରୀ ଓ ତାଙ୍କ ସହଯୋଗୀ ଗିରଫ
- ୪ ମୋବାଇଲ, ୩ ଲାପଟପ ଜବତ
- ପଶ୍ଚିମବଙ୍ଗରେ ବିକ୍ରି ହେଉଥିଲା ଚୋରି ସାମଗ୍ରୀ

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ଏକ ପ୍ରତିଷ୍ଠିତ ଘରୋଇ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢ଼ୁଥିଲେ ମଧ୍ୟ ଅୟସ ଜୀବନ ବିତାଇବା ଲାଗି ଚୋରି ପେସାକୁ ଆପଣାଇଥିଲେ। ହଷ୍ଟେଲରେ ରହି ଅନ୍ୟମାନଙ୍କ ଲାପ୍‌ଟପ୍, ମୋବାଇଲ୍ ଫୋନ୍ ଆଦି ଚୋରି କରୁଥିଲେ। ଶେଷରେ ପୋଲିସ ହାତରେ ଧରାପଡିଛନ୍ତି ସମ୍ପୃକ୍ତ ଏମ୍‌ବିଏ ଛାତ୍ରୀ। ଇନ୍‌ଫୋସିଟି ଥାନା ପୋଲିସ ଅଭିଯୁକ୍ତ ଛାତ୍ରୀ ପଶ୍ଚିମବଙ୍ଗର ପୂଜା ଶାହା ଓ ତାଙ୍କ ସହଯୋଗୀ ଭୁବନେଶ୍ୱରରେ ରହୁଥିବା ଅହମ୍ମଦ ହୁସେନଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ବିଭିନ୍ନ କମ୍ପାନୀର ୪ଟି ଦାମୀ ମୋବାଇଲ ଓ ୩ଟି ଲାପଟପ ଜବତ କରଛି। ଏନେଇ ପୋଲିସ ମାମଲା (ନଂ. ୨୮୯/୨୨) ରୁଜୁ କରି ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ପୂଜା ବିଶେଷକରି ମୋବାଇଲ୍ ଫୋନ୍ ଓ ଲାପ୍‌ଟପ୍‌କୁ ଟାର୍ଗେଟ କରନ୍ତି। ଧରା ନ ପଡ଼ିବା ଲାଗି ଚୋରି ପରେ ସଙ୍ଗେସଙ୍ଗେ ସେଗୁଡ଼ିକୁ ସହଯୋଗୀ ହୁସେନଙ୍କୁ ବିକ୍ରି କରି ଟଙ୍କା ଆଣିଥାନ୍ତି। ଏହାପରେ ହୁସେନ ଉକ୍ତ ମୋବାଇଲଗୁଡ଼ିକୁ ପଶ୍ଚିମବଙ୍ଗ ନେଇ ବିକ୍ରି କରି ପୁଣି ଭୁବନେଶ୍ୱର ଚାଲି ଆସୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

ସୂଚନାନୁସାରେ, ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଉକ୍ତ ଘରୋଇ ବିଶ୍ୱବିଦ୍ୟାଳୟରେ ବାରମ୍ବାର ଚୋରି ଅଭିଯୋଗ ହେଉଥିଲା। ଗତ ୨୦ ତାରିଖରେ ହଷ୍ଟେଲର ବ୍ଲକ୍-ଡିରେ ରହୁଥିବା ୨ ଛାତ୍ରୀ ରୁମ୍‌ରେ ନ ଥିବାବେଳେ ତାଙ୍କର ୨ଟି ଲାପ୍‌ଟପ୍ ଚୋରି ହୋଇଥିଲା। ଛାତ୍ରୀଦ୍ୱୟ ସହପାଠିନୀ ପୂଜାଙ୍କ ଉପରେ ସନ୍ଦେହ କରି ତାଙ୍କୁ ପଚାରିଥିଲେ। ହେଲେ ପୂଜା ଉତ୍‌କ୍ଷିପ୍ତ ହୋଇ ଛାତ୍ରୀଦ୍ୱୟଙ୍କୁ ଠେଲାପେଲା କରିଥିଲେ। ଏହି ସମୟରେ ଛାତ୍ରୀଦ୍ୱୟ ପୂଜାଙ୍କ ମୋବାଇଲ ଛଡାଇ ଆଣି ଯାଞ୍ଚ କଲାବେଳେ ବହୁ ପରିମାଣର ଟଙ୍କା ନେଣଦେଣ ହୋଇଥିବା ଜାଣିବାକୁ ପାଇଥିଲେ। ତେଣୁ ସେମାନେ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ସହ ପୂଜା ଶାହା ଉପରେ ସନ୍ଦେହ ଥିବା ପୋଲିସ ଆଗରେ କହିଥିଲେ। ପୋଲିସ କେତେଜଣ ଛାତ୍ରୀଙ୍କୁ ପଚରାଉଚରା କରିବା ପରେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ରୀ ପୂଜାଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ପୂଜାଙ୍କ କଥାରେ ତାଳମେଳ ନ ରହିବାରୁ ପୋଲିସ ତାଙ୍କୁ ଥାନାରେ ବସାଇ ଅଧିକ ପଚରାଉଚରା କରିଥିଲା। ଶେଷରେ ସେ ଚୋରି କରିଥିବା ମାନିବା ସହ ପୂରା ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ପୋଲିସ ତାଙ୍କ ରୁମ୍‌ରୁ ୨ଟି ଲାପ୍‌ଟପ୍ ଓ ୨ଟି ମୋବାଇଲ୍ ଫୋନ୍ ଏବଂ ସହଯୋଗୀ ଅହମ୍ମଦ ହୁସେନ୍‌ଙ୍କଠାରୁ ଗୋଟିଏ ଲାପ୍‌ଟପ୍ ଓ ୨ଟି ମୋବାଇଲ୍ ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲା।


ଅଭିଯୁକ୍ତ ଏମ୍‌ବିଏ ଛାତ୍ରୀ ପୂଜା ଶାହା ଓ ତାଙ୍କ ସହଯୋଗୀ ଅହମ୍ମଦ ହୁସେନ।

# ଆଇଏଫ୍‌ଏଫ୍‌ଆଇରେ ଓଡ଼ିଆ ଫିଲ୍ମ 'ପ୍ରତୀକ୍ଷା'

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

୫୩ତମ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫ୍‌ଏଫ୍‌ଆଇ)ର ଭାରତୀୟ ପାନୋରାମା ବିଭାଗରେ ସ୍ଥାନ ପାଇଛି ଏକମାତ୍ର ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା'। ନଭେମ୍ବର ୨୦ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଆରେ ଅନୁଷ୍ଠିତ ହେବାକୁ ଥିବା ଏହି ଫେଷ୍ଟିଭାଲ 'ଜୟ ଭୀମ୍', 'ଆରଆରଆର' ଓ 'କଶ୍ମୀର ଫାଇଲ୍ସ' ଭଳି ଚର୍ଚ୍ଚିତ ଚଳଚ୍ଚିତ୍ର ସହ 'ପ୍ରତୀକ୍ଷା' ପ୍ରଦର୍ଶିତ ହେବା ନେଇ ଆଇଏଫ୍‌ଏଫ୍‌ଆଇ ପକ୍ଷରୁ ଘୋଷଣା କରାଯାଇଛି।

ଚଳିତଥର ପାନୋରାମାରେ ମୋଟ ୨୫ଟି ଭାରତୀୟ ଚଳଚ୍ଚିତ୍ର ପ୍ରଦର୍ଶିତ ହେବାକୁ ଚୟନ ହୋଇଛି। ଅମିୟ ପଟ୍ଟନାୟକ ପ୍ରଡକ୍ସନ୍ସ ପକ୍ଷରୁ ନିର୍ମିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଅନୁପମ ପଟ୍ଟନାୟକ ଦେଇଛନ୍ତି। କଥାକାର ଗୌରହରି ଦାସଙ୍କ ଏକ କ୍ଷୁଦ୍ରଗଳ୍ପ ଆଧାରିତ ଏହି ଚଳଚ୍ଚିତ୍ରରେ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ରୋଶନ ବିଷୋଇ। ବର୍ଷା ପଟ୍ଟନାୟକ ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜିକା ଅଛନ୍ତି। ସିଦ୍ଧାନ୍ତ ମହାପାତ୍ର, ଦୀପନ୍ୱିତ ଦାସମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ବର୍ଷା ପଟ୍ଟନାୟକ, ଶ୍ରୀଲା ତ୍ରିପାଠୀ, ରୂପାମ୍ବିକା ନାୟକ, ସୁଶୀଲ ମିଶ୍ର, ଅବକାଶ ମିଶ୍ର ପ୍ରମୁଖ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି।



ଚଳଚ୍ଚିତ୍ର 'ପ୍ରତୀକ୍ଷା'ର ପୋଷ୍ଟର



ଭୁବନେଶ୍ୱର ସୂଚନା ଭବନରେ ଶନିବାର ଅନୁଷ୍ଠିତ ରାଜ୍ୟସ୍ତରୀୟ ସାଇ ଭକ୍ତ ସମ୍ମିଳନୀରେ ଅତିଥିଙ୍କ ସହ ଯୋଗଦେଇଥିବା ସାଇ ଭକ୍ତମାନେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବାରଙ୍ଗ,୨୨।୧୦(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ବିଜେଡି ପକ୍ଷରୁ ଶନିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜେଡି କର୍ମୀମାନେ ଏକ ବିରାଟ ଶୋଭାଯାତ୍ରାରେ ମଧୁବନ ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ବାହାରି ମଧୁବନ, ମଧୁପୁର, କୁସିନ୍ଧା, ତ୍ରିଶୂଳିଆ ପ୍ରଭୃତି ଅଞ୍ଚଳ ପରିକ୍ରମା କରିଥିଲେ। ଉକ୍ତ ଶୋଭାଯାତ୍ରାରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବିଜୟ ପଣ୍ଡା ପ୍ରମୁଖ ବହୁ ବିଜେଡି କର୍ମୀ ଯୋଗଦେଇ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

# ବିଦ୍ୟାଳୟ ଛୁଟି ପାଇଁ ସିଆର୍‌ସିସିଙ୍କୁ ବିଇଓଙ୍କ କାରଣ ଦର୍ଶାଅ ନୋଟିସ

**ବାରଙ୍ଗ,୨୨।୧୦(ଡି.ଏନ୍.ଏ.)**

ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଚାଲିଥିବାବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ସିଆର୍‌ସିସି ଛୁଟି କରି ମହଙ୍ଗାରେ ପଡ଼ିଛନ୍ତି। ଖବର ପାଇ ସିଆର୍‌ସିସିଙ୍କୁ ବିଇଓ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି।

ସୂଚନା ମୁତାବକ, ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ପଦାସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ନିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଚାଲୁଥିଲା। ଏହି ସମୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଛୁଟି ଦେଇଥିଲେ। ସ୍ଥାନୀୟ ଲୋକେ ଏନେଇ ଭୁବନେଶ୍ୱର ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ବିଷୟରେ ସିଆର୍‌ସିସି ନିରଞ୍ଜନ ଦାସଙ୍କୁ ପଚାରିବାରେ, ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଥିବାରୁ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଛୁଟି କରିଦେଇଥିଲୁ। ପାଖରେ ଶ୍ରେଣୀଗୃହ ଥିବା ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ନ କରି ଗୃହ ଅଭାବ ଥିବା ବିଦ୍ୟାଳୟକୁ କାହିଁକି ଏହି କାର୍ଯ୍ୟକ୍ରମ ଲାଗି ଚୟନ କରାଗଲା ବୋଲି ପଚାରିବାରୁ ସେ ଚୁପ୍ ରହିଥିଲେ। ଏ ବିଷୟରେ ବ୍ଲକ ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞାପାରମିତା ଜେନାଙ୍କୁ ପଚାରିବାରୁ, ଅଭିଯୋଗ ପାଇଛି। ମୋ ବିନା ପରାମର୍ଶରେ ଛୁଟି ଦିଆଯାଇଥିବାରୁ ସିଆର୍‌ସିସିଙ୍କୁ କାରଣଦର୍ଶାଅ ନୋଟିସ କରିଥିବା ସେ କହିଛନ୍ତି।

# କ୍ରିକେଟ୍ ଟିମ୍‌ରେ ସୁଯୋଗ ଦେବା ନାଁରେ ଠକେଇ, ଅଭିଯୁକ୍ତ ଗିରଫ

**ବାଲିଅନ୍ତା,୨୨।୧୦ (ଡି.ଏନ୍.ଏ.)**

ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ (ଓସିଏ)ର ୧୯ ବର୍ଷରୁ କମ୍ ଟିମ୍‌ରେ ଖେଳିବାର ସୁଯୋଗ ଦେଇ ଠକିବା ଅଭିଯୋଗରେ ପାହାଳ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସୁରଜ କରୁଆ(୨୫)। ଏନେଇ ପୋଲିସ ଆଇପିସି ଦଫା ୪୨୦ରେ ଏକ ମାମଲା (ନଂ. ୧୯୭/୨୨) ରୁଜୁକରି ତଦନ୍ତ ଚଳାଇଛି। ସୁରଜଙ୍କ ଘର ଆନ୍ଧ୍ରପ୍ରଦେଶରେ ହୋଇଥିବାବେଳେ ସେ ପାହାଳ ଥାନା ଅଧୀନ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ଅଭିଯୋଗକାରୀ ଜଣଙ୍କ ତେଲଙ୍ଗାନାର ହୋଇଥିବାବେଳେ ସେ ହାଇଦ୍ରାବାଦଠାରେ ରହି ପାଠ ପଢ଼ିବା ସହ କ୍ରିକେଟ୍ ଏକାଡେମୀରେ ପ୍ରାକ୍ଟିସ କରୁଥିଲେ। ସେହି ସମୟରେ ଅନ୍ୟ ଜଣଙ୍କ ମାଧ୍ୟମରେ ଅଭିଯୁକ୍ତ ସୁରଜଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ଓସିଏର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଭଲ ଭଲ ସେଠ୍‌ଙ୍କ ଉତ୍ତମ ସମ୍ପର୍କ ଥିବା କଥା ସେ ଅଭିଯୋଗକାରୀଙ୍କୁ କହିଥିଲେ। ଓସିଏରେ ସୁଯୋଗ ପାଇବା ଆଶାରେ ଅଭିଯୋଗକାରୀ ସୁରଜଙ୍କୁ ୫ ଲକ୍ଷ ଟଙ୍କା ଦେଇଥିଲେ। ଏହା ବଦଳରେ ସୁରଜ ଅଭିଯୋଗକାରୀଙ୍କୁ ୫ ଲକ୍ଷ ଟଙ୍କାର ଏକ ରିଟର୍ନ ଚେକ୍ ମଧ୍ୟ ପ୍ରଦାନ କରିଥିଲେ। ପରେ ଅଭିଯୋଗକାରୀ ଅନ୍ୟ ୪ ଆଶାୟୀ ଯୁବ କ୍ରିକେଟରଙ୍କୁ ତାଙ୍କ ସହ ଚିହ୍ନା କରାଇଥିଲେ। ଏହି କ୍ରମରେ ସୁରଜ ପ୍ରଥମ ଆଶାୟୀଙ୍କଠାରୁ ୭ ଲକ୍ଷ, ୨ୟ ଆଶାୟୀଙ୍କଠାରୁ ୫ ଲକ୍ଷ, ୩ୟଙ୍କଠାରୁ ୧.୫୦ ଲକ୍ଷ ଏବଂ ୪ର୍ଥଙ୍କଠାରୁ ୫୦ ହଜାର ନେଇଥିଲେ। ଏହିପରି ସୁରଜ ଅଭିଯୋଗକାରୀଙ୍କ ସମେତ ୫ ଜଣଙ୍କଠାରୁ ୧୯ ଲକ୍ଷ ଟଙ୍କା ନେଇଯାଇଥିଲେ। ପରେ ସେମାନେ ସୁରଜଙ୍କ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ୫ ଜଣ ମିଶି ସୁରଜଙ୍କୁ ସମସ୍ତ ଟଙ୍କା ଫେରସ୍ତ ପାଇଁ କହିଥିଲେ। କିନ୍ତୁ ସୁରଜ ମନା କରିଥିଲେ। ଏନେଇ ପ୍ରଥମ ଆଶାୟୀ ଥାନାରେ ଅଭିଯୋଗ କରିଥିଲେ। ପରେ ଅଭିଯୁକ୍ତ ନିଜ ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି।

# ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ ଗହଣରେ ଦୀପାବଳି ପାଳିଲା ବିଏମ୍‌ସି

**ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ)**

ସନ୍ଥ ଭୀମ ଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ବିଏମ୍‌ସି ପକ୍ଷରୁ ଶନିବାର ପାଳନ ହୋଇଛି ଦୀପାବଳି ପର୍ବ। ମେୟର ସୁଲୋଚନା ଦାସ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ବିଶ୍ୱାଳ, ବିଏମ୍‌ସିର କର୍ପୋରେଟରଙ୍କ ଉପସ୍ଥିତିରେ ଏହି ଉତ୍ସବ ପାଳନ ହୋଇଥିଲା। ୨ବର୍ଷ ପରେ ବିନା କଟକଣାରେ ପର୍ବ ପାଳନ ହେବାକୁ ଯାଉଥିବାରୁ ସମସ୍ତଙ୍କ ମନରେ ଆନନ୍ଦ ଉଲ୍ଲାସ ଭରି ରହିଛି। ଅପରପକ୍ଷେ ବିଦ୍ୟାଳୟରେ ଥିବା ଏହି ସ୍ୱତନ୍ତ୍ର ବର୍ଗର ଶିକ୍ଷାର୍ଥୀମାନେ କିପରି ସମାନ ଆନନ୍ଦ ଉପଭୋଗ କରିବେ ସେଥିପାଇଁ ବିଏମ୍‌ସି ପକ୍ଷରୁ ପ୍ରୟାସ କରାଯାଇଥିଲା।

ସହର ତଥା ରାଜ୍ୟରେ ସମସ୍ତେ ଏହି ମନୋବୃତ୍ତି ଆପଣେଇ ସହଭାଗିତା ଏବଂ ଅନ୍ତର୍ଭୁକ୍ତିକରଣକୁ ଗୁରୁତ୍ୱ ଦିଅନ୍ତୁ ବୋଲି ମେୟର କହିଥିଲେ। ଏଥିସହ ଅନୁଷ୍ଠାନର ଶିକ୍ଷାର୍ଥୀଙ୍କୁ ସହରର ସ୍ୱଚ୍ଛତା ସମ୍ପର୍କିତ ଶିକ୍ଷା ସୂଚନା ଦେଇ ସେମାନଙ୍କୁ ସ୍ୱଚ୍ଛ ଭୁବନେଶ୍ୱରର ଅନ୍ୟତମ ସାରଥି ଭାବେ ପରିଗଣିତ କରାଯିବ, ଯାହା ସାରା ରାଜ୍ୟରେ ଉଦାହରଣ ସୃଷ୍ଟି କରିବ ବୋଲି ମେୟର ସୂଚନା ଦେଇଥିଲେ। ସେହିପରି ସମାଜର ବିଭିନ୍ନ ବର୍ଗଙ୍କୁ ସାମିଲ୍ କରାଯାଇ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା କମିଶନର ବିଜୟ ଅମୃତା କୁଲାଙ୍ଗେ କହିଥିଲେ। ଏଥିସହ ସ୍ୱତନ୍ତ୍ର ବର୍ଗଙ୍କ ପାଇଁ ପାର୍କରେ ଖେଳିବା ଏବଂ ଜାଣିବାର ସୁବିଧା ମଧ୍ୟ କରାଯାଇଛି। ଟିମ୍ ବିଏମ୍‌ସିର ଏହି ପଦକ୍ଷେପ ସହରର ଅନ୍ୟମାନଙ୍କୁ ପ୍ରଭାବିତ କରିବ ଏବଂ ଅନ୍ତର୍ଭୁକ୍ତିକରଣ ବିକାଶର ସ୍ୱାଦ ସମସ୍ତଙ୍କୁ ଜଣାପଡିବ ବୋଲି କମିଶନର କହିଥିଲେ। ଆୟୋଜନରେ ଯୋଗଦେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଧାୟକ ଜେନା ଉଦ୍‌ବୋଧନ ଦେଇଥିଲେ।

ଶବ୍ଦରହିତ ବାଣ ଫୁଟାଇବା, ଗୀତ ଗାଇବା, ଅନ୍ତେବାସୀ ଶିକ୍ଷାର୍ଥୀଙ୍କ ସହିତ କଥାବାର୍ତ୍ତା ହେବାରେ କର୍ପୋରେଟରମାନେ ମଜ୍ଜି ରହିଥିଲେ। ଶେଷରେ ସାନିଟେଶନ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ ବିରଞ୍ଚି ନାରାୟଣ ମହାସୂପକାର ଅନ୍ୟ କର୍ପୋରେଟରଙ୍କ ସହ ମିଶି ବିଦ୍ୟାଳୟ ହତାରେ ପଡ଼ିଥିବା ପୋଡ଼ା ବାଣର ବର୍ଜ୍ୟ ନିଷ୍କାସନ କରି ସେହି ସ୍ଥାନ ପରିଷ୍କାର କରିଥିଲେ।


ସନ୍ଥ ଭୀମ ଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ଶିକ୍ଷାର୍ଥୀଙ୍କ ସହ ଦୀପାବଳି ଉତ୍ସବ ପାଳନ କରୁଛନ୍ତି ବିଏମ୍‌ସି ଅଧିକାରୀ ଓ ଅନ୍ୟମାନେ।


ଦୀପାବଳି ପାଇଁ ଭୁବନେଶ୍ୱର ୟୁନିଟ୍-୧ ମାର୍କେଟରେ ଲିଟୁ ଓ ବିଭିନ୍ନ ଡିଜାଇନ୍‌ର ରଙ୍ଗାରଙ୍ଗ ଲାଇଟ୍ କିଣିବାକୁ ଲୋକଙ୍କ ଭିଡ଼।



ଶୈଳଶ୍ରୀବିହାରେ ଖୋଲିଥିବା ବାଣ ଦୋକାନ।

**୩୦ରେ ହଟିବ ସ୍ପାଇସ୍‌ଜେଟ୍ ଉପରୁ କଟକଣା**

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ଘରୋଇ ବିମାନ କମ୍ପାନୀ ସ୍ପାଇସ୍‌ଜେଟ୍ ଉପରେ ଲାଗିଥିବା କଟକଣା ଚଳିତ ମାସ ଶେଷ ସୁଦ୍ଧା ହଟାଇ ଦିଆଯିବ ବୋଲି ଜଣାପଡ଼ିଛି। ଫଳରେ ଚଳିତ ବର୍ଷ ନଭେମ୍ବର ୧ରୁ କମ୍ପାନୀ ପୂର୍ଣ୍ଣ କ୍ଷମତାରେ ସେବା ପ୍ରଦାନ କରିବ। ଏପରିକି ବିଭିନ୍ନ କାରଣ ଯୋଗୁ କମ୍ପାନୀ ୫୦% କ୍ଷମତାରେ ବିମାନ ଉଡ଼ାଣ କରୁଥିଲା। ବିଗତ ଦିନରେ କେତେକ ଯାନ୍ତ୍ରିକ ତ୍ରୁଟି ଓ ବିମାନଯାତ୍ରୀଙ୍କ ଅଭିଯୋଗ ଯୋଗୁ ସ୍ପାଇସ୍‌ଜେଟ୍ ଉପରେ ଯେଉଁ କଟକଣା ଲାଗିଥିଲା ତାହା ଅକ୍ଟୋବର ୩୦ରେ ହଟିଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଏଲ୍‌ଆଇସି ଆଜି ରାଷ୍ଟ୍ରର ଗର୍ବ

**ଭୁବନେଶ୍ୱର ଡିଭିଜନ ଜୀବନ ବୀମା କର୍ମଚାରୀ ସଂଘର ୨ ଦିନିଆ କର୍ମଶାଳା**

ଭୁବନେଶ୍ୱର,୨୨।୧୦



ଭୁବନେଶ୍ୱର ଡିଭିଜନ ଜୀବନ ବୀମା କର୍ମଚାରୀ ସଂଘର ୧୫ତମ ବାର୍ଷିକ ସମ୍ମିଳନୀ ଶନିବାର ସ୍ଥାନୀୟ ସୂର୍ଯ୍ୟନଗରସ୍ଥିତ ଏଲ୍‌ଆଇସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ୨ ଦିନିଆ କର୍ମଶାଳାକୁ ଅଖିଳ ଭାରତ ବୀମା କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମିଶ୍ର କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ୍ତ ଶିଳ୍ପ ବିରୋଧୀ ମନୋଭାବକୁ କଟୁ ସମାଲୋଚନା କରିଥିଲେ। ସେହିଭଳି ଏଲ୍‌ଆଇସିରୁ ୩.୫%ର ଶେୟାର ବିନିବେଶକୁ ସେ ଘୋର ନିନ୍ଦା କରିଥିଲେ। ଏପରିକି ଏଲ୍‌ଆଇସି ଆଜି ରାଷ୍ଟ୍ରର ଗର୍ବ ଏବଂ ଦେଶର ସମୁଦାୟ ଆଭ୍ୟନ୍ତରୀଣ ଋଣର ୨୫% ପୂରଣ କରିଚାଲି ଥିବାବେଳେ ଏଭଳି ଏକ ବୀମା ଶିଳ୍ପକୁ କେନ୍ଦ୍ର ସରକାର ଘରୋଇକରଣ କରିବା ପାଇଁ ଯେଉଁ ମସୁଧା କରି ଚାଲିଛନ୍ତି ତାକୁ ମିଶ୍ର ବିରୋଧ କରିଥିଲେ। ସେହିପରି କର୍ମଚାରୀମାନଙ୍କ ବହୁ ପ୍ରତୀକ୍ଷିତ ମଜୁରି ସଂଶୋଧନର ସୁସମାଧାନ ପାଇଁ ସେ କର୍ମଶାଳାରେ ଦାବି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଏଲ୍‌ଆଇଇଏର ସାଧାରଣ ସମ୍ପାଦକ ବି. ବି. ନାୟକ ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ। ଅପରପକ୍ଷରେ ସଂଘର କୋଷାଧ୍ୟକ୍ଷ ଅରୁଣ ମହାନ୍ତି ସଂଘର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ।

ଉକ୍ତ କର୍ମଶାଳାରେ ପୂର୍ବ କେନ୍ଦ୍ରାଞ୍ଚଳ ବୀମା କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ତ୍ରିନାଥ ଦୋରା ନିଜ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ଶ୍ରମିକ ମାରଣ ନୀତିର ତୀବ୍ର ବିରୋଧ କରିଥିଲେ। ଏହି ଅବସରରେ ସଂଗଠନର ସଭାପତି ଚନ୍ଦ୍ରମୋହନ ହାଇବ୍ରୁଙ୍କୁ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିଭଳି କଟକ ଡିଭିଜନ ବୀମା କର୍ମଚାରୀ ସଂଘର ପୂର୍ବତନ ସଭାପତି ମାନ ଗୋବିନ୍ଦ ବାରିକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ୩୦୦ରୁ ଅଧିକ କର୍ମଚାରୀ ଯୋଗଦାନ କରିଥିଲେ। ପରିଶେଷରେ ସାଂଗଠନିକ ସମ୍ପାଦକ ରମାକାନ୍ତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ , ଏହି ସମ୍ମିଳନୀ ଜରିଆରେ ସଂଘ ୧୭ ଦଫା ଦାବି ନେଇ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଏକ ରିଜୋଲ୍ୟୁଶନ ଗ୍ରହଣ କରିଥିଲା। ରବିବାର ମଧ୍ୟ କର୍ମଶାଳା ପୂର୍ବ ସୂଚୀ ମୁତାବକ ଜାରି ରହିବ ବୋଲି ସଂଘର ସଦସ୍ୟ ସୁଧାଂଶୁ ମିଶ୍ର ମତବ୍ୟକ୍ତ କରିଛନ୍ତି।

## ଏଫ୍‌ଡି ଉପରେ ସୁଧ ହାର ବଢ଼ାଇଲା ଏସ୍‌ବିଆଇ

ଭୁବନେଶ୍ୱର,୨୨।୭

ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଫିକ୍ସ ଡିପୋଜିଟ (ଏଫ୍‌ଡି) ଉପରେ ସୁଧ ହାର ବୃଦ୍ଧି କରାଯାଇଛି। ଏପରକି ଏସ୍‌ବିଆଇ ତା'ର ଏଫ୍‌ଡି ଉପରେ ୦.୮% ପର୍ଯ୍ୟନ୍ତ ସୁଧ ହାର ବଢ଼ାଇଛି। ଏସ୍‌ବିଆଇର ୱେବ୍‌ସାଇଟ୍ ଅନୁଯାୟୀ ଭିନ୍ନ ଭିନ୍ନ ଅବଧି ପାଇଁ ନେଉଥିବା ଏଫ୍‌ଡି ଦର ୦.୨୫%ରୁ ନେଇ ୦.୮% ପର୍ଯ୍ୟନ୍ତ ବଢ଼ିଥିବା ଜଣାପଡ଼ିଛି। ସେହିଭଳି ନୂଆ ଦର ୨୨ ଅକ୍ଟୋବରଠାରୁ ଲାଗୁ ହେବ ବୋଲି କୁହାଯାଇଛି। ତେବେ ଚଳିତ ସପ୍ତାହରେ ବ୍ୟାଙ୍କ୍ ଦ୍ୱିତୀୟ ଥର ପାଇଁ ଏଫ୍‌ଡି ଦରରେ ବୃଦ୍ଧି କରାଯାଇଛି। ଏହି ସମୟରେ କିଛି ଖାସ୍ ଅବଧିର ଜମା ଉପରେ ମଧ୍ୟ ୦.୯% ପର୍ଯ୍ୟନ୍ତ ବଢ଼ିଛି। ବ୍ୟାଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ଏହି ଦର ବୃଦ୍ଧି ପରେ ବର୍ତ୍ତମାନ ୨୧୧ ଦିନରୁ ଅଧିକ କିନ୍ତୁ ଏକ ବର୍ଷରୁ କମ୍ ଅବଧି ପାଇଁ ୨ କୋଟିରୁ କମ୍ ଜମା ଉପରେ ସୁଧ ୫.୫୦% ମିଳିବ।

## ଜିଓ ଟ୍ରୁ-୫ଜି ପାୱାର୍ଡ ୱାଇ-ଫାଇର ଶୁଭାରମ୍ଭ

ନୂଆଦିଲ୍ଲୀ,୨୨।୧୦




ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ (ଜିଓ) ପକ୍ଷରୁ 'ଜିଓ ଟ୍ରୁ-୫ଜି ପାୱାର୍ଡ ୱାଇ-ଫାଇ' ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଶିକ୍ଷାନୁଷ୍ଠାନ, ଧାର୍ମିକସ୍ଥଳ, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ, କମର୍ସିଆଲ୍ ହବ୍ ଭଳି ଅଧିକ ଭିଡ଼ ରହୁଥିବା ସ୍ଥାନରେ ଏହି ସେବା ପର୍ଯ୍ୟାୟକ୍ରମେ ଆରମ୍ଭ ହେବ। ଏପରିକି ଦେଶର ସମସ୍ତଙ୍କ ପାଖରେ ୫ଜି ପହଞ୍ଚାଇବା ଲାଗି ଜିଓ ମଧ୍ୟ ପ୍ରତିଶ୍ରୁତିବଦ୍ଧ ରହିଛି। ସେହିଭଳି ନିକଟରେ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ବାରାଣସୀରେ ଶୁଭାରମ୍ଭ କରାଯାଇଥିବା ଜିଓ ଟ୍ରୁ-୫ଜି ସେବା ଏବଂ ଜିଓ ୱେଲ୍‌କମ ଅଫର ସହ ଏହି ସେବାକୁ ମଧ୍ୟ ଯୋଡ଼ାଯାଇଛି। ଏପରିକି ଟ୍ରୁ-୫ଜି ଲାଗି ପ୍ରସ୍ତୁତ ହ୍ୟାଣ୍ଡସେଟ୍ ଉପଲବ୍ଧତା ବଢ଼ାଇବା ଲାଗି ଜିଓ ଟିମ୍ ଅବିରତ କାର୍ଯ୍ୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ରାଜସ୍ଥାନର ନାଥଦ୍ୱାରା ଠାରେ ଜିଓ ପକ୍ଷରୁ ଶନିବାର ଜିଓ ଟ୍ରୁ-୫ଜି ପାୱାର୍ଡ ୱାଇ-ଫାଇ ସେବା ଆରମ୍ଭ କରାଯାଇଛି। ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଏମ୍ ଅମ୍ବାନୀ କହିଛନ୍ତି, ମାନବତା ପ୍ରତି ସେବା ହେଉଛି ଭାରତୀୟ ସଂସ୍କୃତିର ଏକ ସ୍ନେହଭରା ଦିଗ। ଏହାର ମୂଳ ଆମର ସାମାଜିକ-ଧାର୍ମିକ ପରମ୍ପରା ଆଦିରେ ଦେଖିବାକୁ ମିଳୁଛି। ପୂର୍ବରୁ କୁହାଯାଇଥିବା ଅନୁସାରେ ୫ଜି କେବଳ କିଛି ସ୍ୱଚ୍ଛଳ କିମ୍ବା ବୃହତ୍ ସହରରେ ବାସ କରୁଥିବା ଲୋକଙ୍କ ପାଇଁ ଏକ ସ୍ୱତନ୍ତ୍ର ସେବା ହୋଇ ରହିବ ନାହିଁ।

## ୟୁବିଓଆଇ ବ୍ରହ୍ମପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ



ସତ୍ୟବ୍ରତ ସାମଲ

ଭୁବନେଶ୍ୱର,୨୨।୧୦

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଓଆଇ)ର ବ୍ରହ୍ମପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ସତ୍ୟବ୍ରତ ସାମଲ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କୋଲକାତାସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧୀନ ଏକ ଶାଖାରେ ଶାଖା ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସାମଲ ୨୦୦୭ରେ ୟୁବିଓଆଇରେ ଯୋଗଦେବା ସହ ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ଛତିଶଗଡ଼, ଆସାମ ଓ ଓଡ଼ିଶା ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ତାଙ୍କର ବ୍ୟାଙ୍କିଙ୍ଗ୍ ସେବାରେ ଦୀର୍ଘ ୧୫ ବର୍ଷର ଅଭିଜ୍ଞତା ରହିଛି। ଏପରିକି ବ୍ରହ୍ମପୁର କ୍ଷେତ୍ର ଅଧୀନରେ ଥିବା ଗଞ୍ଜାମ, ବୌଦ୍ଧ, ନୟାଗଡ଼, ଫୁଲବାଣୀ ଓ କନ୍ଧମାଳ ଜିଲାରେ ବ୍ୟାଙ୍କର ୬୨ ଶାଖା ରହିଥିବା ବେଳେ ଏହି କ୍ଷେତ୍ରରେ ବ୍ୟାଙ୍କର ମୋଟ୍ ବ୍ୟବସାୟ ୪,୮୦୦ କୋଟିରେ ପହଞ୍ଚିଛି। ଉକ୍ତ କ୍ଷେତ୍ରରେ ସାମଲ ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଯୋଗଦେବା ସହ ଡିଜିଟାଇଜେଶନ ଓ କ୍ରେଡିଟ୍ ଉପରେ ଅଧିକ ଧ୍ୟାନ ଦେବେ ବୋଲି ସେ ମତପ୍ରକାଶ କରିଛନ୍ତି।

## ପ୍ରତିରକ୍ଷା କ୍ଷେତ୍ରକୁ ଉନ୍ନତ ସାମଗ୍ରୀ ଯୋଗାଇବ ଜିନ୍ଦଲ




ନୂଆଦିଲ୍ଲୀ,୨୨।୧୦

ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ୧୨ତମ ଡିଫେଏକ୍ସପୋ-୨୦୨୨ରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପ୍ରତିରକ୍ଷା ଭର୍ଟିକାଲ ଜିନ୍ଦଲ ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଅଂଶ ଗ୍ରହଣ କରିଥିଲା। ୫ଦିନିଆ ଏହି ଏକ୍ସପୋକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସମେତ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଓ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଜଣାଶୁଣା ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ। ବିଶେଷକରି ଜିନ୍ଦଲ ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଇଞ୍ଜିନିୟରିଂ, ପ୍ରତିରକ୍ଷା ଉତ୍ପାଦର ବିକାଶ ଓ ନିର୍ମାଣ ପାଇଁ ରାଜ୍ୟ ମାଲିକାନାଧୀନ ଯନ୍ତ୍ର ଇଣ୍ଡିଆ ସହ ଏମ୍‌ଓୟୁ ସ୍ୱାକ୍ଷର କରିଥିଲା। ଜିନ୍ଦଲ ଡିଫେନ୍ସ ଆଣ୍ଡ ଏରୋସ୍ପେସ୍‌ର ମୁଖ୍ୟ ସି.ପି. ଅଗ୍ରୱାଲ କହିଛନ୍ତି, ନିକେଲ ଆଧାରିତ ଆଲଏଜ୍ ସହ ବଳିଷ୍ଠ ଷ୍ଟିଲ୍ ଓ ଅଙ୍ଗାରକାମ୍ଳ ଫାଇବର ଉପସ୍ଥାପନ କରି ଜିନ୍ଦଲ ଡିଫେନ୍ସ ଆଣ୍ଡ ଏରୋସ୍ପେସ୍ ଉନ୍ନତମାନର ସାମଗ୍ରୀ ପ୍ରଦର୍ଶନ କରିଥିବାରୁ ଆମେ ଗର୍ବିତ। ସେହିଭଳି ପରବର୍ତ୍ତୀ ପିଢ଼ିର ପ୍ରତିରକ୍ଷା ପ୍ରୟୋଗଗୁଡ଼ିକ ପାଇଁ ଫାଇବର କମ୍ପୋଜିଟ୍ ମଧ୍ୟ ହେବ। ଆମେ ଦେଶର ସାମରିକ ବାହିନୀ ପାଇଁ ପରବର୍ତ୍ତୀ ପିଢ଼ିର ସୁରକ୍ଷା ପାଇଁ କାର୍ଯ୍ୟ କରିବୁ। ଫଳରେ ଏହାଦ୍ୱାରା ଭାରତୀୟ ସୈନ୍ୟ ବାହିନୀକୁ ଭବିଷ୍ୟତର ଯୁଦ୍ଧ କ୍ଷମତା ଗଠନରେ ସହାୟତା ନୁହେଁ ବରଂ ଭାରତୀୟ ପ୍ରତିରକ୍ଷା ପ୍ରଣାଳୀର ଇକୋ ସିଷ୍ଟମକୁ ମଧ୍ୟ ମଜଭୁତ କରିବ।




ଭୁବନେଶ୍ୱର ଶହୀଦ୍ ନଗରସ୍ଥିତ ସ୍ମାଇଲ ଗୋଲ୍ଡ ଜୁଲେରି ପକ୍ଷରୁ ଦୁଇଦିନିଆ ଧନତେରସ ଉତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗ୍ରାହକଙ୍କୁ ଆକୃଷ୍ଟ ପାଇଁ ଆକର୍ଷଣୀୟ ଅଫର ସାଙ୍ଗକୁ ନୂଆ ନୂଆ ଡିଜାଇନ୍ ଗହଣା ସମ୍ଭାର ପ୍ରଦର୍ଶିତ ହେଉଛି।

**ଫୁର୍‌ସତ୍**

# ଫ୍ୟାଶନ୍ ଇତିହାସର ସବୁଠାରୁ ଦାମୀ ପୋଷାକ



ଦ ନାଇଟ୍‌ଙ୍ଗେଲ୍ ଅଫ୍ କୁଆଲା ଲମ୍ପୁର

**ନୂଆଦିଲ୍ଲୀ:** ଅନେକ ଲୋକଙ୍କୁ ଦାମୀ ପୋଷାକ ପିନ୍ଧିବା ପସନ୍ଦ। ବହୁ ସମୟରେ କେତେଜଣ ଦାମୀ ପୋଷାକ ପିନ୍ଧି ଚର୍ଚ୍ଚାର ପରିସରକୁ ମଧ୍ୟ ଆସିଛନ୍ତି। ଫ୍ୟାଶନ୍ ଇତିହାସରେ ଏମିତି ଅନେକ ଅଧିକ ମୂଲ୍ୟର ଡ୍ରେସ୍ ତିଆରି ହୋଇଛି। ହଜାରେ କି ଲକ୍ଷେ ନୁହେଁ ବରଂ କୋଟି କୋଟି ଟଙ୍କାରେ ଏହି ଡ୍ରେସ୍ ସବୁ ତିଆରି ହୋଇଛି, ଯାହାର ଆୟତନ ଏତେ ଅଧିକ ଯେ,ଯେଉଁଥିରେ ଦୁଇଟି ଦ୍ୱୀପ କିମ୍ବା ବଡ଼ ସହର ସହଜରେ ଜାଗା ହୋଇଯିବ।

### ଦ ନାଇଟ୍‌ଙ୍ଗେଲ୍ ଅଫ୍ କୁଆଲା ଲମ୍ପୁର

ବର୍ତ୍ତମାନ ସମୟର ସବୁଠାରୁ ଦାମୀ ଡ୍ରେସ୍ ହେଉଛି 'ଦ ନାଇଟ୍‌ଙ୍ଗେଲ ଅଫ୍ ଦ ଲମ୍ପୁର'। ଏହାକୁ ଡିଜାଇନ୍ କରିଛନ୍ତି ଫୈସାଲ ଅବଦୁଲ୍ଲାହା। ଏହି ଡ୍ରେସ୍‌ର ମୂଲ୍ୟ ୩୦ ମିଲିୟନ୍ ଡଲାର ଅର୍ଥାତ୍ ୨,୪୭,୨୫,୪୦,୦୦୦ ଟଙ୍କା। କ୍ରିମ୍‌ସନ୍ ସିଲ୍କ ଏବଂ ତାଫେଟା କପଡ଼ାରେ ଏହି ଡ୍ରେସ୍ ତିଆରି ହୋଇଥିବାବେଳେ ୭୫୦ ରିୟଲ୍ ଡାଇମଣ୍ଡ ଡ୍ରେସ୍‌ରେ ଖଞ୍ଜାଯାଇଛି।

### ହାନି ଇଲ ବେହେରି ୱେଡିଂ ଡ୍ରେସ୍

୧୫ ମିଲିୟନ୍ ଡଲାରରେ ଏହି ୱେଡିଂ ଡ୍ରେସ୍ ତିଆରି କରାଯାଇଥିଲା। ୨୦୨୦ରେ ପ୍ୟାରିସ୍ ସ୍ଥିତ ହର୍ଟ କୋଟର୍‌ରେ ଏହି ଡ୍ରେସ୍‌ର ଅନାବରଣ କରାଯାଇଥିବାବେଳେ ଏଥିରେ ଶତାଧିକ ହୀରା ଓ ମୂଲ୍ୟବାନ ପଥର ଖଞ୍ଜାଯାଇଥିଲା। ହାନି ଇଲ୍ ବେହେରି ହେଉଛନ୍ତି ଇଜିପ୍ଟର ଜଣେ ଜଣାଶୁଣା ଫ୍ୟାଶନ୍ ଡିଜାଇନର। ଦାମୀ ୱେଡିଂ ଡ୍ରେସ୍ ତିଆରି କରିବାରେ ସେ ବେଶ୍ ପରିଚିତ। ଇଜିପ୍ଟର ଜଣେ ସମ୍ଭ୍ରାନ୍ତ ପରିବାରର ଝିଅଙ୍କ ବାହାଘର ପାଇଁ ଏହି ଡ୍ରେସ୍ ତିଆରି ହୋଇଥିବାବେଳେ ଏହାକୁ ତିଆରି କରିବା ଲାଗି ୮୦୦ ଘଣ୍ଟା ଲାଗିଥିଲା।

### ମାର୍ଟିନ୍ କାଟ୍‌ଜ ଆଣ୍ଡ ରେନୀ ଷ୍ଟ୍ରଉସ୍ ୱେଡିଂ ଡ୍ରେସ୍

୨୦୦୬ରେ ମାର୍ଟିନ କାର୍ଟଜ୍ ଓ ରେନୀ ଏକ ଗାଉନ୍ ତିଆରି କରିଥିଲେ। ଗାଉନ୍‌ରେ ୧୫୦ କ୍ୟାରେଟର ହୀରା ଲାଗିଥିବାବେଳେ ଏହାର ମୂଲ୍ୟ ୧୬.୨ ମିଲିୟନ୍ ଡଲାର ରହିଥିଲା।

### କୁଇନ୍ ଲେଟିଜିଆଙ୍କ ରୟାଲ୍ ୱେଡିଂ ଡ୍ରେସ୍

ସ୍ପେନ୍‌ର କୁଇନ୍ ଲେଟିଜିଆଙ୍କ ବାହାର ଗାଉନ୍‌ରେ ହାତ ସିଲେଇ ଫ୍ଲୋରାଲ କାମ ହୋଇଥିଲା, ଯେଉଁଥିରେ ସୁନାର ପାତ ମଧ୍ୟ ଖଞ୍ଜାଯାଇଥିଲା। ୨୦୦୪ରେ ଏହି ଡ୍ରେସ୍ ୧୦.୭ ମିଲିୟନ୍ ଡଲାର ମୂଲ୍ୟରେ ତିଆରି କରାଯାଇଥିଲା। ସେହି ବର୍ଷ ଲେଟିଜିଆଙ୍କ ଏହି ଡ୍ରେସ୍ ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଥିଲା।

### ୟୁମି କାଟ୍‌ସୁରା ହ୍ୱାଇଟ୍ ଗୋଲ୍ଡ ଡାଇମଣ୍ଡ ଡ୍ରେସ୍

ଜାପାନର ଫେମସ୍ ଫ୍ୟାଶନ୍ ଡିଜାଇନର ୟୁମି କାଟ୍‌ସୁରାଙ୍କ ହ୍ୱାଇଟ୍ ଗୋଲ୍ଡ ଡାଇମଣ୍ଡ ଡ୍ରେସ୍‌ର ମୂଲ୍ୟ ୮.୫ ନିୟୁତ ଡଲାର। ଡ୍ରେସ୍‌ରେ ହଜାରରୁ ଊର୍ଦ୍ଧ୍ୱ ମୋତି ସାଙ୍ଗକୁ ଲକ୍ଷାଧିକ ଡାଇମଣ୍ଡ ଖଞ୍ଜା ଯାଇଥିଲା। ଆମେରିକୀୟ ଅଭିନେତ୍ରୀ ମାରିଲିନ୍ ମୋନରେଙ୍କ ଏକ ଡ୍ରେସ୍ ମଧ୍ୟ ବେଶ୍ ଚର୍ଚ୍ଚା ସାଉଁଟିଥିଲା। ଆରେମିକାର ପୂର୍ବତନ ରାଷ୍ଟ୍ରପତି ଜନ୍ ଏଫ୍. କେନେଡିଙ୍କ ଜନ୍ମ ଦିନ ଅବସରରେ ମୋନରେ ଏହି ପୋଷାକ ପିନ୍ଧି ଥିଲେ , ଯାହାର ମୂଲ୍ୟ ୪.୮ ମିଲିୟନ୍ ଡଲାର ଥିଲା।

## 'ମୋତେ ନାଚ ଆସେନି'



କ୍ୟାଟ୍ରିନା କୈଫ୍

ମୁମ୍ବାଇ

କମଲି, ଚିକ୍‌ନି ଚମେଲି, ଶିଲାକି ଜୱାନୀ, କାଲା ଚଷମା, ମାଶାଲାହ, ଆଫଗାନ ଜଲେବି ଭଳି ଅନେକ ହିଟ୍ ଗୀତ ସିନେପ୍ରେମୀଙ୍କୁ ଭେଟି ଦେଇଛନ୍ତି ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍। ଏହାସତ୍ତ୍ୱେ କ୍ୟାଟ୍ରିନାଙ୍କୁ ନାଚ ଜଣା ନାହିଁ ବୋଲି ନାୟିକା ଜରକ ସ୍ୱୀକାର କରିଛନ୍ତି। କ୍ୟାଟ୍ରିନାଙ୍କ ନାଚକୁ ନେଇ ଅନେକ ସମୟରେ ସାମାଜିକ ଗଣମାଧ୍ୟମରେ ୟୁଜରମାନଙ୍କ ଭିତରେ କଥା କଟାକଟି ହେଉଥିବାର ମଧ୍ୟ ଦେଖିବାକୁ ମିଳେ। ତେବେ ସତରେ କ୍ୟାଟ୍ରିନାଙ୍କୁ ନାଚ ଆସେନାହିଁ ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି। ଲୋକେ ଯାହା କହୁଛନ୍ତି ତାହା ନିରାଟ ସତ୍ୟ। ଯେତେବେଳେ ନୂଆ କରି କ୍ୟାଟ୍ରିନା ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କଲେ ସେ ସମୟରେ ନାଚକୁ ନେଇ ତାଙ୍କର କୌଣସି ଜ୍ଞାନ ନ ଥିବା ସେ କହିଛନ୍ତି। କିନ୍ତୁ କୋରିଓଗ୍ରାଫର୍ ବୋସ୍କୋ ତାଙ୍କୁ ନୃତ୍ୟ କ୍ଷେତ୍ରରେ ଅନେକ ସାହାଯ୍ୟ କରିଥିବା ସେ ଇଣ୍ଟରଭ୍ୟୁରେ ପ୍ରକାଶ କରିଛନ୍ତି। ବଲିଉଡ୍‌ର ବହୁ କୋରିଓଗ୍ରାଫରଙ୍କ ସହ ସେ କାମ କରିଥିଲେ ହେଁ ବୋସ୍କୋ ପ୍ରଥମେ କ୍ୟାଟ୍ରିନାଙ୍କୁ ନୃତ୍ୟର ଅଙ୍ଗଭଙ୍ଗୀ ଶିଖାଇଥିଲେ। ସେ ଜଣେ ଭଲ ଡ୍ୟାନ୍ସର ହୋଇପାରିବେ ଏବଂ ଏଥିଲାଗି ତାଙ୍କୁ ପରିଶ୍ରମ କରିବାକୁ ପଡ଼ିବ ବୋଲି ବୋସ୍କୋ ପରାମର୍ଶ ଦେଇଥିଲେ। ଧୀରେ ଧୀରେ କ୍ୟାଟ୍ରିନା ନାଚ ଅଭ୍ୟାସ କରିବା ଆରମ୍ଭ କରିଥିଲେ, ଆଉ ଏବେ ସେ ବଲିଉଡ୍‌ର ଜଣେ ଭଲ ଡ୍ୟାନ୍ସର ଭାବେ ଜଣାଯାଉଛନ୍ତି। ନଭେମ୍ବର ୪ରେ 'ଫୋନ୍ ଭୂତ' ନାମରେ କ୍ୟାଟ୍ରିନାଙ୍କ ଏକ ଫିଲ୍ମ ରିଲିଜ୍ ହେବାକୁ ଅଛି। ଏଥିରେ ଇଶାନ ଖତର ଓ ସିଦ୍ଧାର୍ଥ ଚତୁର୍ବେଦୀ ମଧ୍ୟ ନଜରକୁ ଆସିବେ। କିଛିଦିନ ପୂର୍ବରୁ ଫିଲ୍ମର ଟାଇଟଲ ଟ୍ରାକ୍ ରିଲିଜ୍ କରାଯାଇଛି। ଗତବର୍ଷ ଫିଲ୍ମ 'ସୂର୍ଯ୍ୟବଂଶୀ'ରେ ନାୟିକାଙ୍କୁ ଶେଷଥର ପାଇଁ ବଡ଼ ପରଦାରେ ସ୍ପଟ୍ କରାଯାଇଥିଲା।

## ସଲମାନଙ୍କୁ ଡେଙ୍ଗୁ



ମୁମ୍ବାଇ

ବଲିଉଡ୍‌ର ସୁପରଷ୍ଟାର ସଲମାନ ଖାନ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ନାୟକଙ୍କ ଚିକିତ୍ସା ଜାରିଥିବାବେଳେ ସେ ଧୀରେ ଧୀରେ ସୁସ୍ଥ ହେଉଥିବା ଖବର ପ୍ରକାଶ ପାଇଛି। ତେବେ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ବିଗ୍‌ବସ୍ ସିଜନ୍ ୧୬ର ୱିକେଣ୍ଡ୍‌କା ବାର୍‌ରେ ସେ ନଜର ଆସିବେ ନାହିଁ। ତାଙ୍କ ସ୍ଥାନରେ ଫିଲ୍ମ ନିର୍ଦ୍ଦେଶକ ତଥା ପ୍ରଯୋଜକ କରନ ଜୋହର୍ ବିଗ୍ ବସ୍ ହାଉସ୍‌ରେ ଦେଖାଯିବେ। ସୁସ୍ଥ ହେବା ପେର ସେ ଖୁବ୍‌ଶୀଘ୍ର ଶୁଟିଂ ସେଟ୍‌କୁ ଫେରିବେ ବୋଲି ସଲମାନଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି। ଇଦ୍‌ରେ ମୁକ୍ତିଲାଭ ହେବାକୁ ଥିବା 'କିସି କା ଭାଇ କିସି କା ଜାନ୍'ର ଶୁଟିଂ ମଧ୍ୟ ଜାରି ଥିବା ଜଣାପଡ଼ିଛି।

## ପାଟିରେ ୧୫୦ ଜଳନ୍ତା ମହମବତି

ୱାଶିଂଟନ୍



ଆମେରିକାର ଜଣେ ବ୍ୟକ୍ତି ଦେଢ଼ଶହ ଜଳନ୍ତା ମହମବତୀକୁ ପାଟିରେ ୩୦ ସେକେଣ୍ଡ ପର୍ଯ୍ୟନ୍ତ ରଖି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମକୁ ସାମିଲ୍ କରିଛନ୍ତି। ଗତ ଡିସେମ୍ବରରେ ଇଡାହୋର ଡେଭିଡ୍ ରଶ୍ ମହମବତୀକୁ ପାଟିରେ ରଖି ରେକର୍ଡ କରିବାକୁ ଉଦ୍ୟମ କରିଥିଲେ ହେଁ ସେଥିରେ ସେ ଅସଫଳ ହୋଇଥିବା କହିଛନ୍ତି। କ୍ୟାଣ୍ଡେଲଗୁଡ଼ିକର ଓଜନ ବହୁତ ଅଧିକ ହୋଇଥିବାବେଳେ ପାଟିରେ ସେଗୁଡ଼ିକୁ ରଖିବା ସହଜ ନ ଥିଲା। ପାଟିରୁ ଲାଳ ବାହାରିବା କାରଣରୁ ଏଗୁଡ଼ିକ ଖସିଯାଉଥିଲା। ମହମବତୀ ସବୁକୁ ଦାନ୍ତରେ ଜୋର୍‌ରେ କାମୁଡ଼ି ରଖିବା ଦ୍ୱାରା ୩୦ ସେକେଣ୍ଡ ପର୍ଯ୍ୟନ୍ତ ଏହା ପାଟିରେ ରହିଥିଲା ବୋଲି ରଶ୍ କହିଛନ୍ତି। ୟୁଟ୍ୟୁବରେ ଏହାର ଭିଡିଓ ସେ ନିଜେ ଶେୟାର କରିଛନ୍ତି। ତେବେ ଗୋଟିଏ ପରେ ଗୋଟିଏ ଜଳନ୍ତା କ୍ୟାଣ୍ଡେଲ ସେ ପାଟିରେ ରଖୁଥିବାର ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି।

# ଚାଷୀଙ୍କୁ ଠକିଛି କେନ୍ଦ୍ର: କଂଗ୍ରେସ

## ଏମ୍ଏସ୍ପି ବୃଦ୍ଧି ମୁଦ୍ରାସ୍ଫୀତି ହାରଠାରୁ କମ୍


ରଣଦୀପ୍ ସୁର୍ଜେଓ୍ୱାଲା

ନୂଆଦିଲ୍ଲୀ,୨୨।୧୦(ପି.ଟି.)

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ବୃଦ୍ଧି ନାଁରେ ଦେଶର ଚାଷୀମାନଙ୍କୁ ଠକିଛନ୍ତି। ରବି ଫସଲ ଉପରେ ଏମ୍ଏସ୍ପି ବୃଦ୍ଧି ନେଇ ସରକାର ଯେଉଁ ଘୋଷଣା କରିଛନ୍ତି, ତାହା ମୁଦ୍ରାସ୍ଫୀତି ହାରଠାରୁ ମଧ୍ୟ କମ୍ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେଓ୍ୱାଲା କହିଛନ୍ତି। ଦୀପାବଳିର ଆଲୋକରେ କୃଷକମାନଙ୍କ କଠିନ ପରିଶ୍ରମ ହଜିଯାଇଥିବା ସେ ଅଭିଯୋଗ କରିଛନ୍ତି। କଟୁ ସତ୍ୟ ହେଲା ଏହା ଯେ, ମୋଦି ସରକାର କେବଳ ଏମ୍ଏସ୍ପି ଘୋଷଣା କରୁଛନ୍ତି, କିନ୍ତୁ ଏହି ଦାମ୍ରେ ଫସଲ କିଣୁନାହାନ୍ତି। ଏମ୍ଏସ୍ପିକୁ ତୁରନ୍ତ ଆଇନଗତ ମାନ୍ୟତା ପ୍ରଦାନ କରିବାକୁ ସୁର୍ଜେଓ୍ୱାଲା ଦାବି କରିଛନ୍ତି।

# ଗୁଜରାଟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଲେ ଇସି

**ନୂଆଦିଲ୍ଲୀ,୨୨।୧୦ (ପି.ଟି.):** ଗୁଜରାଟରେ ବିଧାନସଭା ନିର୍ବାଚନ ପୂର୍ବରୁ କେତେକ ଅଫିସରଙ୍କୁ ବଦଳି ଓ ପୋଷ୍ଟିଂ ପାଇଁ ନିର୍ବାଚନ କମିଶନ (ଇସି) ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏନେଇ ଇସି ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ବାରମ୍ବାର ମନେ ପକାଇବା ସତ୍ତ୍ୱେ ମୁଖ୍ୟ ସଚିବ ଏବଂ ପୋଲିସ ଡିଜି ଅନୁପାଳନ ରିପୋର୍ଟ ଦାଖଲ କରିନାହାନ୍ତି। କେଉଁ ପରିସ୍ଥିତିରେ ସେମାନେ ଧାର୍ଯ୍ୟ ସମୟ ମଧ୍ୟରେ ଅଫିସରମାନଙ୍କୁ ବଦଳି କଲେନି ଓ କ'ଣ ପାଇଁ ଅନୁପାଳନ ରିପୋର୍ଟ ଦାଖଲ କଲେନି ତାହା ଜଣାଇବାକୁ କୁହାଯାଇଛି। ଅଫିସରମାନଙ୍କ ବଦଳି ଓ ପୋଷ୍ଟିଂ ଲାଗି ହିମାଚଳପ୍ରଦେଶ ଓ ଗୁଜରାଟ ସରକାରଙ୍କ ପାଖକୁ ଇସି ପତ୍ର ଲେଖିଥିଲେ। ନିଜ ଜିଲାରେ ନିଯୁକ୍ତ ହୋଇଥିବା ଓ ୩ ବର୍ଷ କାର୍ଯ୍ୟ କରିଥିବା ଅଫିସରଙ୍କୁ ଅନ୍ୟତ୍ର ବଦଳି ପାଇଁ କୁହାଯାଇଥିଲା। ଲୋକ ସଭା ଓ ବିଧାନସଭା ନିର୍ବାଚନ ପୂର୍ବରୁ ଇସି ଏଭଳି ନିର୍ଦ୍ଦେଶ ଦେଇଥାନ୍ତି। ନଭେମ୍ବର ୧୨ରେ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଗୁଜରାଟ ନିର୍ବାଚନ ତାରିଖ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ।

# ପୋଲିସ ତଥ୍ୟ ପ୍ରକାଶ ନ କଲେ ନବୀନ ନିବାସ ଘେରାଉ: ଭାଜପା

- ଅର୍ଚ୍ଚନା ନାଗ, ଧର୍ମେନ୍ଦ୍ର ସାହୁଙ୍କ ପ୍ରସଙ୍ଗରେ ଭାଜପାର ଅହୋରାତ୍ର ଧାରଣା
- ଅର୍ଚ୍ଚନା ନାଗ ଘଟଣା ବିଧାନସଭାରେ ଉଠିବ: କଂଗ୍ରେସ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)


ପୋଲିସ କମିଶନରଙ୍କ ଅଫିସ୍ ଆଗରେ ଭାଜପା ପକ୍ଷରୁ ଦିଆଯାଇଥିବା ଅହୋରାତ୍ର ଧାରଣାରେ ନେତା ଓ କର୍ମୀ।

ହନିଟ୍ରାପ୍ କରି ଗିରଫ ହୋଇଥିବା ଅର୍ଚ୍ଚନା ନାଗ ମାମଲାରେ ପୋଲିସ ଭୂମିକା ସନ୍ଦେହ ଘେରରେ ଥିବା ଅଭିଯୋଗ ପରେ ଶନିବାରଠାରୁ ଭାଜପା ଆନ୍ଦୋଳନକୁ ଓହ୍ଲାଇଛି। ଭାଜପାର ଶତାଧିକ ନେତା ଓ କର୍ମୀ ପୋଲିସ କମିଶନରଙ୍କ ଅଫିସ ସାମ୍ନାରେ ଅହୋରାତ୍ର ଧାରଣାରେ ବସିଛନ୍ତି। ଶନିବାର ମଧ୍ୟାହ୍ନ ୧୨ଟାରୁ ଆରମ୍ଭ ହୋଇଥିବା ଏହି ଅହୋରାତ୍ର ଧାରଣା ରବିବାର ସକାଳ ୧୦ଟା ପର୍ଯ୍ୟନ୍ତ ଚାଲିବ। ଅର୍ଚ୍ଚନା ନାଗ ପ୍ରସଙ୍ଗରେ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ତଦନ୍ତ କରିବାକୁ ଭାଜପା ନେତାମାନେ ଦାବି କରିଛନ୍ତି। ଏହାସହ ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ମାମଲାରେ ମଧ୍ୟ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଜେରା ପାଇଁ ଭାଜପା ଦାବି କରିଛି। ଏହି ଦୁଇଟି ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ୪୮ ଘଣ୍ଟା ଭିତରେ ତଦନ୍ତ ନ ହେଲେ ନବୀନ ନିବାସ ଘେରାଉ କରିବାକୁ ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟପଟେ ଆଇନ ତା' ବାଟରେ ଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ପଛରେ ଶିକ୍ଷାମନ୍ତ୍ରୀ ଦାଶଙ୍କ ହାତ ରହିଛି। ଉଭୟଙ୍କ ମଧ୍ୟରେ ଟଙ୍କା ନେଣଦେଣର ସୂଚନା ମିଳିଥିବା ବେଳେ ଯୌନ କେଳେଙ୍କାରୀ କଥା ମଧ୍ୟ ରହିଛି। ଏହା ଆତ୍ମହତ୍ୟା ନୁହେଁ, ଏକ ପରିକଳ୍ପିତ ହତ୍ୟାକାଣ୍ଡ। ମାତ୍ର ପୋଲିସ ଏହି ତଦନ୍ତକୁ ଲୁଚାଉଛି ଏବଂ ବାଟବଣା କରିବାକୁ ଚାହୁଁଛି। ଏ ପର୍ଯ୍ୟନ୍ତ ପୋଲିସ ଶିକ୍ଷାମନ୍ତ୍ରୀଙ୍କୁ ତଦନ୍ତ ପରିସରକୁ ନେଉନାହିଁ। ଏଭଳି କଦର୍ଯ୍ୟ ମାନସିକତାକୁ ବରଦାସ୍ତ କରାଯିବନାହିଁ। ଆସନ୍ତା ୪୮ ଘଣ୍ଟାରେ ପୋଲିସ ଶିକ୍ଷାମନ୍ତ୍ରୀଙ୍କୁ ଜେରା ନ କଲେ ତଥା ତାଙ୍କ ସହ ଲିଙ୍କ୍ରେ ଥିବା ସମସ୍ତ ତଥ୍ୟ ବାହାରେ ପ୍ରଘଟ ନ କଲେ ଲମ୍ବା ସମୟ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ପୃଥ୍ୱୀରାଜ କହିଛନ୍ତି। ଏ ପ୍ରସଙ୍ଗରେ ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ଅର୍ଚ୍ଚନା ନାଗ ସରକାର ଚଳାଉଥିଲେ। ତାଙ୍କର ସେକ୍ରେଟେରିଏଟ୍ରୁ ବିଧାନସଭା ପର୍ଯ୍ୟନ୍ତ ସବୁଠି ଅବାଧ ପ୍ରବେଶ ଥିଲା। ବହୁ ମନ୍ତ୍ରୀ, ବିଧାୟକଙ୍କ ସହ ତାଙ୍କ ସମ୍ପୃକ୍ତି ଥିଲା। କାଳେ ସେମାନଙ୍କ ଗୁମର ଫିଟିଯିବ ତେଣୁ ଏବେ ପୋଲିସ ଏହାକୁ ଚାପିବାକୁ ଚେଷ୍ଟା ଚଳାଉଛି। ମୁଖ୍ୟମନ୍ତ୍ରୀ ଠିକ୍ ଭାବେ ଏହାର ତଦନ୍ତ ପ୍ରକ୍ରିୟା ଆଗକୁ ନ ନେଲେ ରବିବାର ସତ୍ୟାଗ୍ରହ ଶେଷ ହେବା ପରେ ଆମେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଖୁଲାସା କରିବୁ ବୋଲି ସେ କହିଛନ୍ତି।

ଅନ୍ୟପଟେ କଂଗ୍ରେସ ବିଧାୟକ ତଥା ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି କହିଛନ୍ତି, ଅର୍ଚ୍ଚନା ନାଗଙ୍କ ଘଟଣାରେ ବହୁ ନେତା, ମନ୍ତ୍ରୀ ସମ୍ପୃକ୍ତ। କେଉଁମାନେ ଅର୍ଚ୍ଚନାଙ୍କ ଗଙ୍ଗାରେ ବୁଡ଼ ପକାଇଛନ୍ତି ସେକଥା ଖୁଲାସା ହେବା ଦରକାର। ଏହି ପ୍ରସଙ୍ଗ ବିଧାନସଭାରେ ଉଠିବ ବୋଲି ସେ କହିଛନ୍ତି।

# ଧାମନଗର ଉପନିର୍ବାଚନ: ଭୋଟର ପରିଚୟପତ୍ରର ବିକଳ୍ପ ତାଲିକା ଦେଲେ ନିର୍ବାଚନ ଆୟୋଗ

**ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ):** ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ନଭେମ୍ବର ୩ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ଭୋଟରଙ୍କ ପରିଚୟ ନିମନ୍ତେ ଭାରତର ନିର୍ବାଚନ ଆୟୋଗ ଭୋଟର ଫଟୋ ପରିଚୟପତ୍ର (ଇପିଆଇସି) ବ୍ୟତୀତ ଅନ୍ୟ କେତେକ ବିକଳ୍ପ ପରିଚୟପତ୍ର ବ୍ୟବହାରକୁ ଅନୁମତି ପ୍ରଦାନ କରିଛନ୍ତି । ମତଦାନ ବେଳେ ଯଦି କୌଣସି ଭୋଟରଙ୍କ ନିକଟରେ ଭୋଟର ଫଟୋ ପରିଚୟପତ୍ର ନ ଥିବ ତେବେ ସେମାନେ ଅନ୍ୟ ବିକଳ୍ପ ପରିଚୟପତ୍ର ବ୍ୟବହାରକରି ମତଦାନ କରିପାରିବେ ବୋଲି ନିର୍ବାଚନ ଆୟୋଗ ଶନିବାର ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ବିକଳ୍ପ ପରିଚୟପତ୍ରଗୁଡ଼ିକ ମଧ୍ୟରେ ଆଧାର କାର୍ଡ, ଏମ୍ଜିଏନ୍ଆର୍ଇଜିଏ ଜବ୍କାର୍ଡ, ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସର ଫଟୋ ଲାଗିଥିବା ପାସ୍ବୁକ୍, ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ୍ କାର୍ଡ, ପାସ୍ପୋର୍ଟ, ଫଟୋ ଲାଗିଥିବା ପେନ୍ସନ ବୁକ୍, ରାଜ୍ୟ ବା କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ଫଟୋ ଥିବା ଚାକିରି ପରିଚୟ ପତ୍ର, ସରକାରୀ ଭାବେ ଏମ୍ପି/ବିଧାୟକଙ୍କୁ ପ୍ରଦାନ କରାଯାଇଥିବା ପରିଚୟପତ୍ର ଏବଂ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ୟୁଡିଆଇଡି କାର୍ଡ ରହିଛି। ଧାମନଗର ଉପନିର୍ବାଚନରେ ଭୋଟର ମତଦାନ ବେଳେ ଉପରୋକ୍ତ ଯେକୌଣସି ଗୋଟିଏ ପରିଚୟପତ୍ର ଦେଖାଇ ମତଦାନ କରିପାରିବେ ବୋଲି ନିର୍ବାଚନ ଆୟୋଗ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି ।

# ଧାମନଗର ଚାଷୀ ବିଜେଡି କାର୍ଯ୍ୟଧାରାକୁ ସମୀକ୍ଷା କରନ୍ତୁ: ଅକ୍ଷୟ କୁମାର

## ସରକାରଙ୍କ ଉପରେ ବର୍ଷିଲା ନବନିର୍ମାଣ କୃଷକ ସଙ୍ଗଠନ



ଖବରଦାତା ସମ୍ମିଳନୀରେ ଅକ୍ଷୟ କୁମାର ସୂଚନା ଦେଉଛନ୍ତି।

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ):** ରାଜଧାନୀକୁ ସମସ୍ତେ ନିଜର ଅଧିକାର ଏବଂ ଦାବି ଜଣାଇବାକୁ ଆସୁଛନ୍ତି। ସେମାନଙ୍କୁ ସରକାର ଡକାଇ ଆଲୋଚନା କରୁଛନ୍ତି। ହେଲେ ଚାଷୀଙ୍କୁ ରାଜଧାନୀ ଜମାରୁ ମଡ଼ାଇ ଦେଉନାହାନ୍ତି। ଥରେ କିମ୍ବା ଦୁଇ ଥର ନୁହେଁ ୪ ଥର ଏହି ଘଟଣା ଘଟିଲାଣି। ୨୦୧୬, ୨୦୧୮,୨୦୧୯ ଏବଂ ୨୦୨୨ରେ କ୍ରମାଗତ ଭାବେ ସରକାର ଚାଷୀମାନଙ୍କୁ ଭୁବନେଶ୍ୱର ଯିବାକୁ ବାରଣ କରୁଛନ୍ତି। ଗୋଟିଏ ଅହିଂସକ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନକୁ ସରକାର କାହିଁକି ଏତେ ଡରୁଛନ୍ତି ଓ ଦବାଇ ଦେଉଛନ୍ତି ତାହା ପ୍ରଶ୍ନବାଚୀ ବୋଲି ନବନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି। ଏହାସହ ଧାମନଗର ଚାଷୀମାନେ ବିଜେଡି କାର୍ଯ୍ୟଧାରାକୁ ସମୀକ୍ଷା କରନ୍ତୁ। ଚାଷୀଙ୍କ କେତେ ଆୟ ବୃଦ୍ଧି ଏହି ସରକାର କରିଛି ତା'ର ସମୀକ୍ଷା କରନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅକ୍ଷୟ କୁମାର କହିଛନ୍ତି, ସମସ୍ତେ ଜାଣନ୍ତି ନବନିର୍ମାଣ କୃଷକ ସଙ୍ଗଠନ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଚିନ୍ତାଧାରାରେ କାମ କରି ଆସୁଛନ୍ତି। କେବେ ବି ଆନ୍ଦୋଳନରେ ହିଂସାର ସ୍ଥାନ ନାହିଁ। ଏଥର କିନ୍ତୁ ରାଜ୍ୟ ପୋଲିସ ବର୍ବରତାର ସହ ମହିଳାଙ୍କୁ ଗୋଇଠା ମାରିବା ସହ ଚାଷୀଙ୍କ ହାତ ଭାଙ୍ଗିଲେ। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନ ନିନ୍ଦନୀୟ। ଏନେଇ ନବନିର୍ମାଣ କୃଷକ ସଙ୍ଗଠନ ନ୍ୟାୟାଳୟ ଯିବ। ଶାସକ ବିଜେଡିର ଅଭ୍ୟାସ ହୋଇଗଲାଣି ଯେ ଚାକିରିଆ ଏବଂ ଶିଳ୍ପପତିଙ୍କୁ ହଜାର ହଜାର କୋଟି ଟଙ୍କାରେ ତୁଷ୍ଟକରି ଚାଷୀଙ୍କୁ ଏଡ଼ାଇଯାଉଛି। ଏଥର ସଙ୍ଗଠନ ପକ୍ଷରୁ ଭୋଟ କି ଚୋଟ୍ ନୀତି ଆପଣାଇବୁ। ଏଥର ଭୋଟରୂପୀ ବ୍ରହ୍ମାସ୍ତ୍ରକୁ ଆପଣାଇବୁ। ଭୋଟ ହେଉଛି ଗୋଟିଏ ମାତ୍ର ସୁଯୋଗ। ଲୋକମାନେ ଅନେକ ସମସ୍ୟା ପ୍ରସଙ୍ଗ ଉଠାଇ ଦଳଗୁଡ଼ିକୁ ପ୍ରଶ୍ନ କରିପାରିବେ। ଧାମନଗର ଉପନିର୍ବାଚନରେ ଶାସକ ଦଳର ଅପାରଗ ଅମଲାତନ୍ତ୍ର କଥା ଉଠାଇବୁ। ଧାମନଗର ଭଳି ବନ୍ୟାଞ୍ଚଳରେ ସରକାର କ'ଣ ସ୍ଥାୟୀ ସମାଧାନ କରିଛନ୍ତି ପଚାରିବୁ। ଉପନିର୍ବାଚନ ବାଲଟ୍ରେ ଚାଷୀମାନେ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୨୩ ଅକ୍ଟୋବର, ୨୦୨୨ Bhubaneswar, Sunday, October 23/2022

# କଳିଙ୍ଗରେ ଓଏଫ୍‌ସି-ବ୍ଲାଷ୍ଟର୍ସ ମ୍ୟାଚ ଆଜି

ଭୁବନେଶ୍ୱର,୨୨।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ଦୀର୍ଘ ୯୮୨ ଦିନ ପରେ ଓଡ଼ିଶାକୁ ଫେରିଛି ଇଣ୍ଡିଆନ୍ ସୁପର୍ ଲିଗ୍(ଆଇଏସ୍‌ଏଲ୍)। କୋଭିଡ୍ କାରଣରୁ ଓଡ଼ିଶାରେ ଏହି ଟୁର୍ନାମେଣ୍ଟ ଖେଳାଯାଇ ନ ଥିବା ବେଳେ ରବିବାର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ରବିବାରର ମ୍ୟାଚ ପୂର୍ବରୁ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ ଉଭୟ ଦଳର କୋଚ୍ ଏବଂ ଖେଳାଳି। ଓଏଫ୍‌ସିର କୋଚ୍ ଯୋଶେପ୍ ଗୋମ୍ବାଉ ଏବଂ ଗୋଲକିପର ଅମରିନ୍ଦର ସିଂ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ କେରଳ ପକ୍ଷରୁ କୋଚ୍ ଇଭାନ୍ ଭୁକୋମାନୋଭିକ୍ ଓ ଅଧିନାୟକ ଜେସେଲ କାର୍ନେଇରୋ ଯୋଗ ଦେଇଥିଲେ। ଉଭୟ ଦଳ ପରସ୍ପର ବିପକ୍ଷରେ ୬ ଥର ଖେଳିଛନ୍ତି। ଓଏଫ୍‌ସି ଥରେ ବିଜୟୀ ହୋଇଥିବା ବେଳେ କେରଳ ଦୁଇଥର ଜିତିଛି। ଅନ୍ୟ ପକ୍ଷରେ ୩ଟି ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଛି। ରେକର୍ଡରେ ଓଏଫ୍‌ସି ପଛୁଆ ରହିଥିଲେ ହେଁ ଏହା ଏକ ନୂଆ ମୁକାବିଲା ବୋଲି କହିଛନ୍ତି ଗୋମ୍ବାଉ। ଅନ୍ୟପକ୍ଷରେ କୋଭିଡ୍ କାରଣରୁ ଅଢେଇ ବର୍ଷ ପରେ କଳିଙ୍ଗକୁ ମାଚ ଫେରିଥିବାରୁ ଓଏଫ୍‌ସି ଖେଳାଳିମାନେ ଉତ୍ସାହିତ ଥିବା ଗୋମ୍ବାଉ ପ୍ରକାଶ କରିଛନ୍ତି। ୨୦୧୯ ପରେ ଗୋମ୍ବାଉ ଓଏଫ୍‌ସିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଦ୍ୟାବଧି ଦୁଇଟି ମ୍ୟାଚରୁ ଦଳ ସମାନ ସଂଖ୍ୟକ ବିଜୟ ଓ ପରାଜୟ ସହିତ ନବମ ସ୍ଥାନରେ ରହିଛି। କେରଳ ଏକ ଭଲ ଟିମ୍, ତେବେ ଓଏଫ୍‌ସିର ନିଜ ପ୍ରସ୍ତୁତି ଉପରେ ସମ୍ପୂର୍ଣ୍ଣ ଭରସା ରହିଛି ବୋଲି ଅମରିନ୍ଦର ପ୍ରକାଶ କରିଥିଲେ। ଓଡ଼ିଶା ମୋ ପାଇଁ ସର୍ବଦା ଲକି ରହିଛି। ଫ୍ୟାନ୍‌ଙ୍କ ସପୋର୍ଟରେ ଆମେ ଆଗକୁ ଭଲ ପ୍ରଦର୍ଶନ କରିବୁ ବୋଲି ଅମରିନ୍ଦର ପ୍ରକାଶ କହିଥିଲେ। ଅପରପକ୍ଷରେ ବିଗତ ସଂସ୍କରଣର ରନର୍ସ ଅପ୍ ରହିଥିବା କେରଳ ଭଲ ଫର୍ମରେ ରହିଛି ଏବଂ ଏହି ମ୍ୟାଚରେ ଭଲ ପ୍ରଦର୍ଶନ କରିବ ବୋଲି କୋଚ୍ ଇଭାନ୍ ଭୁକୋମାନୋଭିକ୍ କହିଛନ୍ତି। ରବିବାର ସନ୍ଧ୍ୟା ୭.୩୦ରେ ଏହି ମ୍ୟାଚ ଖେଳାଯିବ।


ଓଏଫ୍‌ସିର କୋଚ୍ ଯୋଶେପ୍ ଗୋମ୍ବାଉ ଏବଂ ଗୋଲକିପର ଅମରିନ୍ଦର ସିଂ।

# ଦେବାଶିଷଙ୍କୁ ଡବଲ୍ସ ଟାଇଟଲ


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଦେବାଶିଷ ସାହୁ(ବାମରୁ ଦ୍ୱିତୀୟ)।

## ୧୬ ବର୍ଷରୁ କମ୍ ଫେନେଷ୍ଟା ଟେନିସ୍

ଭୁବନେଶ୍ୱର,୨୨।୧୦(ସ୍ପୋର୍ଟ୍ସ ବ୍ୟୁରୋ)

ନୂଆଦିଲ୍ଲୀର ଡିଏଲ୍‌ଟିଏ ଷ୍ଟାଡିୟମରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଜାତୀୟ ଫେନେଷ୍ଟା ଟେନିସ ଟୁର୍ନାମେଣ୍ଟର ଡବଲ୍ସ ଟାଇଟଲ ବିଜୟୀ ହୋଇଛନ୍ତି ଓଡ଼ିଶାର ଦେବାଶିଷ ସାହୁ। ହରିୟାଣାର ତେଜସ ଆହୁଜାଙ୍କ ସହିତ ଡବଲ୍ସ ମ୍ୟାଚ ଖେଳୁଥିବା ଦେବାଶିଷ ଫାଇନାଲରେ ଗୁଜରାଟର ପ୍ରବୀର ମୁକେ ଓ ହିତେଶ ଗୋହିଲଙ୍କୁ ୬-୪, ୬-୩ ସେଟରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ସେମିଫାଇନାଲରେ ପଞ୍ଜାବର ହିତେଶ ଚୌହାନ ଓ ମଣିପୁରର ଶଙ୍କର ହେସନାମଙ୍କୁ ୭-୬(୨), ୬-୨ ସେଟରେ ପରାସ୍ତ କରିଥିଲେ। କେବଳ ଡବଲ୍ସ ନୁହେଁ ସିଙ୍ଗଲ୍ସର ସେମିଫାଇନାଲ ପ୍ରବେଶ କରିଥିଲେ ଦେବାଶିଷ। ସେମିରେ ୩ ସେଟ ବିଶିଷ୍ଟ କଡା ସଂଘର୍ଷ ମୁକାବିଲାରେ ୬-୧, ୫-୭, ୨-୬ ସେଟରେ ହରିୟାଣାର ଅର୍ଜୁନ ରାଠୀଙ୍କ ନିକଟରୁ ସେ ହାରି ଯାଇଥିଲେ। ୧୭ ଅକ୍ଟୋବରରୁ ୨୨ ଅକ୍ଟୋବର ଯାଏ ଡିଏଲ୍‌ଟିଏ ଷ୍ଟାଡିୟମରେ ଖେଳା ଯାଇଥିବା ଟୁର୍ନାମେଣ୍ଟ ଜିତିବାରେ ଦେବାଶିଷ ପ୍ରଥମ ଓଡ଼ିଆ ପାଲଟିଛନ୍ତି। ଏହା ସହିତ ୧୬ ବର୍ଷରୁ କମ୍ ବୟସ ବର୍ଗରେ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବରେ ଡିଏଲଟିଏ ପକ୍ଷରୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଆର୍ଥିକ ଅନଗ୍ରସର ପରିବାରରୁ ଆସିଥିବା ଦେବାଶିଷଙ୍କ ଏହି ସଫଳତା ପାଇଁ ପରିବାର ଲୋକ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ ସହାୟତା କାରଣରୁ ଦେବାଶିଷ ଉଭୟ କିଟ୍ ଓ ଗୁଜରାଟର ଆଲେକଜାଣ୍ଡାର ୱାସକେ ଷ୍ଟାଡିୟମରେ ଅଭ୍ୟାସ କରିବାରେ ସମର୍ଥ ହୋଇ ପାରିଛନ୍ତି ବୋଲି ପରିବାର ପକ୍ଷରୁ ପ୍ରକାଶ।

# ଓଡ଼ିଶାର ଶୋଚନୀୟ ପରାଜୟ

## ସୟଦ ମୁସ୍ତାକ ଅଲୀ ଟି୨୦

ଲକ୍ଷ୍ନୌ,୨୨।୧୦

ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ଓଡ଼ିଶାର ଦୟନୀୟ ପ୍ରଦର୍ଶନ ଜାରି ରହିଛି। ଅନ୍ତିମ ଲିଗ୍ ମ୍ୟାଚରେ ଓଡ଼ିଶା ଛତିଶଗଡ ନିକଟରୁ ୮୭ ରନରେ ପରାଜିତ ହୋଇଛି। ଅମନଦୀପ ଖାରେ ୫୭ ଓ ହରପ୍ରୀତ ସିଂଙ୍କ ୪୭ ରନ ବଳରେ ଛତିଶଗଡ ୭ ଉଇକେଟରେ ୧୬୭ ରନ୍ କରିଥିଲା। ଜବାବରେ ବ୍ୟାଟରଙ୍କ ଦୟନୀୟ ପ୍ରଦର୍ଶନ କାରଣରୁ ଓଡ଼ିଶା ମାତ୍ର ୮୦ ରନରେ ଅଲ୍‌ଆଉଟ ହୋଇଥିଲା। ଏହା ସହିତ ଗ୍ରୁପ୍ ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ୬ ମ୍ୟାଚରୁ ଦୁଇ ବିଜୟ ସହିତ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଛତିଶଗଡ ପକ୍ଷରୁ ଅମନଦୀପ ଖାରେ ୫୭ ରନ୍ କରିଥିଲେ। ଏହି ଇନିଂସରେ ୫ ଚୌକା ଓ ୩ ଛକା ସାମିଲ ଥିଲା। ଓଡ଼ିଶା ପକ୍ଷରୁ ମୁସ୍ତାକ ବେଗ୍ ଦୁଇଟି ଉଇକେଟ ନେଇଥିଲେ। ୧୬୮ ରନ ଜବାବରେ ଓଡ଼ିଶାର ୭ ଜଣ ବ୍ୟାଟର ଦୁଇଅଙ୍କ ଛୁଇଁପାରି ନ ଥିଲେ। ଶୁଭ୍ରାଂଶୁ ସେନାପତି ସର୍ବାଧିକ ୨୪ ରନ୍ କରିଥିଲେ। ସୁମିତ ରୁଇକର ୩, ରବି କିରଣ ଓ ଶୁଭମ ଅଗ୍ରୱାଲ ୨ଟି ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଛତିଶଗଡ଼:** ୨୦ ଓଭରରେ ୧୬୭/୭ (ଅମନଦୀପ ଖାରେ-୫୭, ହରପ୍ରୀତ ସିଂ-୪୭, ଶାହବାନ ଖାନ-୧୯, ମୁସ୍ତାକ ବେଗ-୨/୧୮, ଅଭିଷେକ ରାଉତ-୧/୧୮, ସୁଶୀଲ ବାରିକ-୧/୨୪।)

**ଓଡ଼ିଶା:** ୧୭.୩ ଓଭରରେ ୮୦/୧୦(ଶୁଭ୍ରାଂଶୁ ସେନାପତି-୨୪, ରାଜେଶ ମହାନ୍ତି-୧୫*, ସୁମିତ ରୁଇକର-୩/୨୨, ରବି କିରଣ-୨/୨, ଶୁଭମ ଅଗ୍ରୱାଲ୨/୭)

# ମିଜୋରାମକୁ ହରାଇଲା ଓଡ଼ିଶା

## ସିନିୟର ମହିଳା ଟି୨୦ ଟ୍ରଫି

ଭୁବନେଶ୍ୱର, ୨୨।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ବାଙ୍ଗାଲୋରସ୍ଥିତ ଅଲୁର କ୍ରିକେଟ ଷ୍ଟାଡିୟମରେ ସିନିୟର ମହିଳା ଟି୨୦ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଓଡ଼ିଶା ୨୫ ରନରେ ମିଜୋରାମକୁ ହରାଇ ଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ବିନିମୟରେ ୧୨୬ ରନ କରିଥିଲା। ଦଳ ତରଫରୁ ମାଧୁରୀ ମେହେଟ୍ଟା ସର୍ବାଧିକ ୭୬ରନ (୫୯ବଲ୍, ୬ଚୌକା ଓ ୨ ଛକା) କରି ଅପରାଜିତ ରହିଥିବା ବେଳେ ଶିଲ୍ପା ସ୍ୱାଇଁ ୩୯ରନ (୫୪ବଲ, ୨ ଚୌକା) କରିଥିଲେ। ମିଜୋରାମ ପକ୍ଷରୁ ଅପୁରୱା ଭରଦ୍ୱାଜ ୧୮ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ମିଜୋରାମ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୦୧ରନ କରିଥିଲା। ଦଳ ତରଫରୁ ଟପ୍ ସ୍କୋରର ତରଙ୍ଗ ଝା ୫୬ରନ କରି ଅପରାଜିତ ରହିଥିଲେ। ଜୁଲି ୧୭ ରନ କରିଥିଲେ। ଓଡ଼ିଶା ତରଫରୁ ସଫଳ ବୋଲର ପ୍ରିୟଙ୍କା ପ୍ରିୟଦର୍ଶିନୀ ୧୬ ରନ ବିନିମୟର ୩ ଉଇକେଟ ଏବଂ ରାମେଶ୍ୱରୀ ନାୟକ ୧୧ ରନ ଦେଇ ୨ଉଇକେଟ ଅକ୍ତିଆର କରିଥିଲେ।


ମାଧୁରୀ ମେହେଟ୍ଟା


ପ୍ରିୟଙ୍କା ପ୍ରିୟଦର୍ଶିନୀ



Honda Motorcycle & Scooter India Pvt. Ltd., Registered Office: Plot No. 1, Sector - 03, IMT Manesar, Distt. Gurugram, (Haryana) - 122050, India; Website: www.honda2wheelersindia.com; Customer Care: customercare@honda2wheelersindia.com

Honda Exclusive Authorized Dealerships: ATHAGARH: Sidhivinayak Honda - 9124260000, 9658080060; BALUGOAN: Khimji Honda - 7077726329; BANKI: Shree Honda - 9658201234; BIDHARPUR: Saivinayak Honda - 9937060477, 7894446899; BHUBANESWAR: Shivam Honda - 7873024400, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 7735012345; Khimji Honda - 7735734888, 9090067366; MO Honda - 0674-2964289, 7008990541; CUTTACK: Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; JAGATSINGHPUR: Kanchan Murali Honda - 06724-222122, 223112, 7809568988, 9090876483; JAGATPUR: Durga Honda - 9337301440; JATNI: PGL Honda - 0674-2492419, 7788001033; KEONJHAR: Pritam Honda - 06766-254138, 8908881717; Barbil: Royal Motors- 7008712784; NAYAGRAH: Pattnaik Honda - 7008812540, 6370422120; Nayagarh Honda - 06753-296355, 7437000507; NARSINGH PUR: Baba Honda - 9438057701; NIALI: Hindustan Honda - 9937075187, 0671-2803355; PURI: Shivam Honda - 7735743520, 9040088747; KUJANG: Kanchan Murali Honda - 9937786824; RAHAMA: Navjyoti Honda - 9938339189, 7809568988; PATTAMUNDAI: Satya Honda - 9439375055; SALEPUR: S.N.Honda - 9437439076; KENDRAPARA: Saisudha Honda - 9178455081/2/3/4; KANDARPUR: Jay Pee Honda - 9861007679; KAKATPUR: Shree Ganesh Honda - 9937842437; RAJSUNAKHALA: NC Honda - 9078583100; PARADEEP: Kanchan Murali Honda - 9040650040.
For Bulk/Institutional enquiries, please write us at: institutionalsales@honda2wheelersindia.com

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



**ଫେରାର ଉଦ୍ୟମ କରୁଛନ୍ତି ଜ୍ୟାକ୍ଲିନ: ଇଡି**

ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତି ନେଇ ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍ଲିନ୍ ଫର୍ନାଣ୍ଡିଜ୍ଙ୍କ ଜାମିନ ବାବଦ ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୦ରେ କରାଯିବ।

୦୪

୦୮

**ସାମ୍ କୁରାନଙ୍କୁ ୫ ଉଇକେଟ**

ଆଫଗାନିସ୍ତାନ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚରେ ଇଂଲଣ୍ଡ ବୋଲର ସାମ୍ କୁରାନ ୫ ଉଇକେଟ ସଫଳତା ପାଇଛନ୍ତି।



# ବ୍ରାହ୍ମଣୀ ଆଁରେ ବାଜିଙ୍କ ଗାଁ

- ନଦୀ ଗର୍ଭରେ ବିଲୀନ ଶହୀଦ ସ୍ଥଳ
- ତଟକୁ ସୁରକ୍ଷା ଦେଇପାରୁନାହିଁ ଗାର୍ଡୱାଲ୍
- ନୀଳକଣ୍ଠପୁର ଗ୍ରାମକୁ ଘନଉଛି ବିପଦ

ବିପିନ ବିହାରୀ ସେଠୀ

ଭୁବନ, ୨୨।୧୦



ନୀଳକଣ୍ଠପୁର ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ।

ଅକ୍ଟୋବର ୧୧, ୧୯୩୮। ବ୍ରାହ୍ମଣୀ ତଟରେ ଗର୍ଜିଥିଲା ଗୋରା ଫୌଜର ଗୁଳି। ଟଳି ପଡ଼ିଥିଲେ ୧୨ ବର୍ଷର ବାଳକ ବାଜି ରାଉତ। ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଥିଲା ସର୍ବକନିଷ୍ଠ ଶହୀଦଙ୍କ ବଳିଦାନର ଗାଥା। ଇତିମଧ୍ୟରେ ବିତିଗଲାଣି ଦୀର୍ଘ ଆଠ ଦଶନ୍ଧି। ଦେଶ ପାଇଁ ପ୍ରାଣ ଉତ୍ସର୍ଗ କରିଥିବା ସଂଗ୍ରାମୀଙ୍କ ପାଇଁ ଗର୍ବ କରୁଛି ଦେଶ। ହେଲେ ଶହୀଦଙ୍କ ଗାଁର ଚିତ୍ର ଏବେ କେମିତି? କେମିତି ଚଳୁଛନ୍ତି ତାଙ୍କର ଦାୟାଦ? ଐତିହାସିକ ଗୁଳିକାଣ୍ଡ ସ୍ଥଳର ସ୍ଥିତି କ'ଣ? ଏଭଳି ବହୁ ପ୍ରଶ୍ନର ଉତ୍ତର ଜାଣିବାକୁ ନା ଅଛି ପ୍ରଶାସନ ନିକଟରେ ସମୟ ନା ରାଜନେତାଙ୍କ ଦରଦ। ସେଦିନ ଯେଉଁ ବ୍ରାହ୍ମଣୀ ନଦୀରେ ଘଟିଥିଲା ଗୁଳିକାଣ୍ଡ, ଏବେ ତାହାରି ଆଁକୁ ଚାଲିଯାଇଛି ଶହୀଦଙ୍କ ପୈତୃକ ଘର। ଦୀର୍ଘ ବର୍ଷ ହେଲା ଲିଭିଗଲାଣି ଗୁଳିକାଣ୍ଡ ସ୍ଥଳର ଅସ୍ତିତ୍ୱ। ବିପଦପୂର୍ଣ୍ଣ ବ୍ରାହ୍ମଣୀ ପାଇଁ ଭିଟାମାଟି ଛାଡ଼ି ୭ କି.ମି. ଦୂର ଅନ୍ୟ ପଞ୍ଚାୟତରେ ବସତି ବସାଇଛନ୍ତି ବାଜି ରାଉତଙ୍କ ପର ପିଢ଼ି। ଦିନକୁ ଦିନ ନଦୀ ଜନବସତିମୁହାଁ ହେଉଥିବାବେଳେ ଶହୀଦଙ୍କ ଗାଁ ନୀଳକଣ୍ଠପୁର ପ୍ରତି ଘନଉଛି ବଡ଼ ବିପଦ।

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମହୁଲପାଳ ପଞ୍ଚାୟତର ଶହୀଦ ବାଜି ରାଉତଙ୍କ ପୈତୃକ ଗାଁ ନୀଳକଣ୍ଠପୁର। ବ୍ରାହ୍ମଣୀ ନଦୀ ତଟରେ ଗଢ଼ି ଉଠିଥିବା ଏହି ଗ୍ରାମର ଜନସଂଖ୍ୟା ୨୦୦୦ରୁ ଅଧିକ। ୧୯୩୮ରେ ବ୍ରିଟିଶ ସେନା ଗୁଳିରେ ବାଜିଙ୍କ ସମେତ ମୋଟ ୬ଜଣ ଶହୀଦ ହୋଇଥିବା ବେଳେ ଚର୍ଚ୍ଚାର ପରିସରକୁ ଆସିଥିଲା ନୀଳକଣ୍ଠପୁର। ଇତିମଧ୍ୟରେ ବିତିଲାଣି ଦୀର୍ଘ ୮୦ ବର୍ଷ। ଶହୀଦଙ୍କ ଗାଁକୁ ଯେତିକି ସମ୍ମାନ ମିଳିବା କଥା ତାହା ☞ପୃଷ୍ଠା-୬

## ପ୍ରଦୂଷିତ ବାୟୁ କମାଇଛି ୧୦ ବର୍ଷ ଆୟୁଷ

ନୂଆଦିଲ୍ଲୀ,୨୨।୧୦

ଭାରତ ଏବେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ପ୍ରଦୂଷିତ ରାଷ୍ଟ୍ର। ବାୟୁ ପ୍ରଦୂଷଣ ଯୋଗୁ ଦେଶବାସୀଙ୍କ ହାରାହାରି ଆୟୁଷ ୫ ବର୍ଷ ହ୍ରାସ ପାଇଲାଣି। ରାଜଧାନୀ ଦିଲ୍ଲୀ ସମେତ କେତେକ ସହରାଞ୍ଚଳରେ ଲୋକଙ୍କ ହାରାହାରି ଆୟୁଷ ୧୦ ବର୍ଷ ହ୍ରାସ ପାଇଥିବା ଜଣାପଡ଼ିଛି। ଦିଲ୍ଲୀ ବିଶ୍ୱର ସବୁଠୁ ପ୍ରଦୂଷିତ ସହରର ପରିଚୟ ହାସଲ କରିଛି। ଏହା ସତ୍ତ୍ୱେ ବାୟୁ ପ୍ରଦୂଷଣ ରୋକିବା ଦିଗରେ ସରକାରଙ୍କ କାର୍ଯ୍ୟଯୋଜନା କେବଳ କାଗଜକଲମରେ ଅଟକି ରହିଛି।

ଦେଶର ୧୩୦ କୋଟି ଜନସାଧାରଣ ବସବାସ କରୁଥିବା ଅଞ୍ଚଳରେ ବାର୍ଷିକ ହାରାହାରି କଣିକା ପ୍ରଦୂଷଣ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଗାଇଡ୍ଲାଇନରେ ଧାର୍ଯ୍ୟ ସ୍ତରଠାରୁ ଯଥେଷ୍ଟ ଅଧିକ ରହିଛି। ଡବ୍ଲ୍ୟୁଏଚ୍ଓ ଗାଇଡଲାଇନ ଅନୁଯାୟୀ ପ୍ରତି ଘନମିଟର ବାୟୁ ୫ ମାଇକ୍ରୋଗ୍ରାମ ସୂକ୍ଷ୍ମ କଣିକା ପ୍ରଦୂଷଣ (ପିଏମ୍୨.୫)। ବାୟୁ ପ୍ରଦୂଷଣ ମାପିବାର ଏହା ବର୍ତ୍ତମାନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ମାପକାଠି। ଭାରତର ଜାତୀୟ ବାୟୁ ମାନ ଷ୍ଟାଣ୍ଡାର୍ଡ ପ୍ରତି ଘନମିଟର ବାୟୁରେ ୪୦ ମାଇକ୍ରୋଗ୍ରାମ୍ ଧାର୍ଯ୍ୟ ହୋଇଥିବାବେଳେ ୬୩ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ ରହୁଥିବା ଅଞ୍ଚଳର ପ୍ରଦୂଷଣ ସ୍ତର ଏହାଠାରୁ ଅଧିକ ରହିଛି। ବାୟୁରେ ରହୁଥିବା ସୂକ୍ଷ୍ମ କଣିକା ମାନବ ସ୍ୱାସ୍ଥ୍ୟ ପାଇଁ ସବୁଠୁ ବଡ଼

କାଗଜକଲମରେ ଯୋଜନା ସୀମିତ



ବିପଦ। ଏହା ଯୋଗୁ ଭାରତୀୟଙ୍କ ଆୟୁଷ ହ୍ରାସ ପାଇଛି। ଅନ୍ୟପକ୍ଷରେ ଶିଶୁ ଓ ମାତୃ ଅପପୁଷ୍ଟି ହାରାହାରି ଆୟୁଷକୁ ୧.୮ ବର୍ଷ କମାଇଥିବାବେଳେ ଧୂମପାନ ହାରାହାରି ୧.୫ ବର୍ଷ ଆୟୁଷ ହ୍ରାସ କରାଉଛି।

ଏୟାର କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସ (ଏକ୍ୟୁଏଲ୍ଆଇ) ଅନୁଯାୟୀ ବାୟୁରେ କଣିକା ପ୍ରଦୂଷଣ ବଢ଼ିଚାଲିଛି। ୧୯୯୮ରୁ ହାରାହାରି ବାର୍ଷିକ କଣିକା ପ୍ରଦୂଷଣ ୬୧.୪ ପ୍ରତିଶତ ବୃଦ୍ଧି ପାଇଛି। ଫଳରେ ହାରାହାରି ଆୟୁଷ ୨.୧ ବର୍ଷ ହ୍ରାସ ପାଇଛି। ୨୦୧୩ରୁ ବିଶ୍ୱରେ ବର୍ଦ୍ଧିତ ପ୍ରଦୂଷଣର ପ୍ରାୟ ୪୪ ପ୍ରତିଶତ ଭାରତରୁ ଆସିଛି। ଉତ୍ତର ଭାରତର ଗାଙ୍ଗେୟ ☞ପୃଷ୍ଠା-୬



# ଆଶାଠାରୁ ଅଧିକ ବ୍ୟବସାୟ ଲକ୍ଷ୍ୟ

**ନୂଆଦିଲ୍ଲୀ,୨୨।୧୦**

ଚଳିତ ବର୍ଷର ଧନ୍‌ତେରସ କାରବାର ପାଇଁ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ମନରେ ଉତ୍ସାହ ଭରି ରହିଛି। କାରଣ ଗତ ୨ ବର୍ଷ ପରେ ଏକ ସୁସ୍ଥ ବାତାବରଣରେ ପର୍ବ ପାଳନ ସାଙ୍ଗକୁ କାରବାର ମଧ୍ୟ ଠିକ୍ ଭାବେ କରିହେବ। ଏପରିକି ଚଳିତ ବର୍ଷ ଉଭୟ ସୁନା ଦର ଓ ସଂକ୍ରମଣ ତଳମୁହାଁ ରହିଥିବାରୁ ବ୍ୟବସାୟ ୨୦୧୯-୨୦ ଅପେକ୍ଷା ୨୦% ବୃଦ୍ଧି ପାଇବ ବୋଲି ଇଣ୍ଡିଆନ ବୁଲିଅନ ଓ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଆକଳନ କରାଯାଇଛି। ବିଶେଷକରି ବିଗତ ବର୍ଷର କାରବାରକୁ ଲକ୍ଷ୍ୟ କରାଗଲେ ଚଳିତ ବର୍ଷର ଧନ୍‌ତେରସ କାରବାର ୩୦୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆଶା କରାଯାଉଛି। ସେହିଭଳି ସାରା ଦେଶର ଲୋକ (ସବୁ ବର୍ଗ) ଧନ୍‌ତେରସ ଅବସରରେ ଅଳ୍ପ ବହୁତେ ସୁନା କିଣିଥାନ୍ତି। ସବୁ ବର୍ଗର ଲୋକଙ୍କ ମନରେ ଏଭଳି କିଛି ବିଶ୍ୱାସ ରହିଛି ଯେ ଧନ୍‌ତେରସରେ ସୁନା କିଣିଲେ ଉଭୟ ଧନପ୍ରାପ୍ତି ଏବଂ ଶାନ୍ତି ଲାଭ



(ଗୃହକୁ ଲକ୍ଷ୍ମୀ ଆସିଥାନ୍ତି) ହୋଇଥାଏ। ସେହିପରି ଆଇବିଜେଏ ସୂଚନା ଅନୁସାରେ ଶନିବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୫୦,୦୬୨ ଟଙ୍କା ରହିଛି। ଏହା ପୂର୍ବ ବର୍ଷ ସୁନା ମୂଲ୍ୟ ୫୬ ହଜାରରୁ ଅଧିକ ରହିଥିଲା।

ଅପରପକ୍ଷେ ଓଡ଼ିଶା ବଜାରରେ ମଧ୍ୟ ଧନ୍‌ତେରସକୁ ନେଇ ଗ୍ରାହକଙ୍କ ମନରେ ଅନେକ ଉତ୍ସାହ ରହିଛି। ଭୁବନେଶ୍ୱରରେ ମଧ୍ୟ ଧନ୍‌ତେରସକୁ ନେଇ ଗ୍ରାହକ ମଧ୍ୟରେ ପ୍ରବଳ ଆଗ୍ରହ ସହ ନିଜ ସକ୍ଷମ ଅନୁଯାୟୀ ସୁନା କିଣିବା ପାଇଁ ଗତ ୪ରୁ ୫ ଦିନ ହେବ ସହରର ବିଭିନ୍ନ ବର୍ଗର ଅଳଙ୍କାର ପ୍ରତିଷ୍ଠାନରେ ଭିଡ଼ ଲଗାଉଛନ୍ତି। ଏପରିକି ଭୁବନେଶ୍ୱରର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଗୁଡ଼ିକର କହିବା ଅନୁଯାୟୀ ଚଳିତ ବର୍ଷ ଧନ୍‌ତେରସ ପୂର୍ବ ବର୍ଷ (୨୦୧୯)ର ବିକ୍ରି ରେକର୍ଡ ଭଙ୍ଗ କରିପାରେ ବୋଲି ଆକଳନ

**ଆଜି ଧନ୍‌ତେରସ**

- ସାରା ଦେଶରେ ୩୦୦୦ କୋଟିର କାରବାର ଆକଳନ
- ଓଡ଼ିଶାରେ ୧୫୦ରୁ ୨୦୦ କୋଟି
- ଭୁବନେଶ୍ୱରରେ ୧୦୦କୋଟିରୁ ଅଧିକ

କରାଯାଉଛି। ୨୦୧୯ଠାରୁ ୨୫ରୁ ୩୦% କାରବାର ଅଧିକ ହେବ ବୋଲି ଆଶା ରହିଛି। ବିଶେଷକରି ଚଳିତ ବର୍ଷ ପୂର୍ବ ବର୍ଷଗୁଡିକ ଭଳି ଭୟ ଓ ଦରବୃଦ୍ଧି ନ ଥିବାରୁ ୧୦୦ରୁ ୧୧୦ କୋଟି ଟଙ୍କାର କାରବାର ହେବ ବୋଲି ଆକଳନ କରାଯାଇଛି। କାରଣ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ସହରର ଜଣାଶୁଣା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ପ୍ରତି କ୍ରୟରେ ଉପହାର ଏବଂ ଲକି ଡ୍ର ଭଳି ସୁବିଧା ଓ ବ୍ୟବସ୍ଥା କରାଯାଇଛି। ସେହିଭଳି ଓଡ଼ିଶାର ପ୍ରମୁଖ ବଜାର ବ୍ରହ୍ମପୁର, ରାଉରକେଲା, କଟକ, ବାଲେଶ୍ୱର, ସମ୍ବଲପୁର ଭଳି ରାଜ୍ୟର ୩୦ଜିଲା ମୁଖ୍ୟାଳୟ (ସହର)ଗୁଡ଼ିକରେ ଥିବା ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକର କାରବାର ମଧ୍ୟ ୬୦ ରୁ ୭୦ କୋଟି ଟଙ୍କାର ହେବା ନେଇ ବ୍ୟବସାୟୀମାନେ ଆକଳନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକର ଶାଖା ମଧ୍ୟ ରାଜ୍ୟର ବିଭିନ୍ନ ସହରରେ ରହିଛି। ସେ ସମସ୍ତଙ୍କର ଆକର୍ଷଣୀୟ ଉପହାର ଓ ବ୍ରାଣ୍ଡ୍ ମଧ୍ୟ କାରବାରର ଏକ ପ୍ରମୁଖ ଅଂଶ ହେବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଶୁକ୍ରବାର ଓଡ଼ିଶା ବଜାରରେ ସୁନା ଦର ୪୫ରୁ ୪୮ ହଜାର ଟଙ୍କା ଥିବାବେଳେ ରୁପା କେଜି ୬୩ରୁ ୬୪ ହଜାର ଟଙ୍କା ଏବଂ ହୀରା ମୂଲ୍ୟ ମଧ୍ୟ ୧୫ ହଜାରରୁ ଆରମ୍ଭ ହେଉଛି। ଉଲ୍ଲେଖଯୋଗ୍ୟ, ସୁନା ଓ ରୁପା ମୂଲ୍ୟର ଆଇବିଜେଏର ରେଟିଂ ଅନୁଯାୟୀ ଦେଶରେ ଗ୍ରହଣ କରାଯାଇଥାଏ। ତେବେ ସୁନା ଓ ରୁପାର ମୂଲ୍ୟ ନେଇ ଦେଇଥିବା ଆଇବିଜେଏର ସଦ୍ୟ ରିପୋର୍ଟରେ ଜିଏସ୍‌ଟି ସାମିଲ କରାଯାଇନାହିଁ।

# ଗ୍ରାହକଙ୍କୁ ଆକୃଷ୍ଟ ପାଇଁ ଆକର୍ଷଣୀୟ ଅଫର

**ଭୁବନେଶ୍ୱର,୨୨।୧୦**

ଧନ୍‌ତେରସ କେବଳ ସହରରେ ନୁହେଁ, ଗାଁରେ ମଧ୍ୟ ପାଳନ କରାଯାଉଛି। କାରଣ ପୂର୍ବକାଳରୁ ବିଶ୍ୱାସ ରହିଛି ଯେ ଧନ୍‌ତେରସରେ ନିଜ ସକ୍ଷମ ଅନୁସାରେ ସୁନା ହେଉ କିମ୍ବା ରୁପା ଅଥବା ଅନ୍ୟାନ୍ୟ ଧାତୁ ସମ୍ବନ୍ଧିତ ବସ୍ତୁ କିଣିଲେ ଧନପ୍ରାପ୍ତି ସାଙ୍ଗକୁ ଘରକୁ ଲକ୍ଷ୍ମୀ ଆସିଥାନ୍ତି ବୋଲି ସବୁ ବର୍ଗର ଲୋକଙ୍କ ମନରେ ଏକ ବିଶ୍ୱାସ ଜନ୍ମିଯାଇଛି। ସେହି ବିଶ୍ୱାସକୁ ବ୍ୟବସାୟୀମାନେ ମଧ୍ୟ ଭରସା ଦେବାକୁ ଧନ୍‌ତେରସ ଉପଲକ୍ଷେ ଆକର୍ଷଣୀୟ ଅଫର ସାଙ୍ଗକୁ ନୂଆ ନୂଆ ଡିଜାଇନ ଓ ଆକର୍ଷଣୀୟ ରିହାତି ଗ୍ରାହକଙ୍କୁ ଯୋଗାଇଦେବାକୁ ଅଳଙ୍କାର ପ୍ରତିଷ୍ଠାନ ପକ୍ଷରୁ ଯଥା ସମ୍ଭବ ପ୍ରୟାସ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଧନ୍‌ତେରସ ଉପଲକ୍ଷେ ପ୍ରତିଷ୍ଠାନ ପକ୍ଷରୁ ଆକର୍ଷଣୀୟ ଅଫର ଓ ନୂତନ ଡିଜାଇନର ସମ୍ଭାର ପ୍ରଦର୍ଶିତ ହେଉଛି। ଏପରିକି ସୁନା କ୍ରୟରେ ୫୦% ପର୍ଯ୍ୟନ୍ତ ରିହାତି (ଅନ୍ ମେକିଂ ଚାର୍ଜ) ସାଙ୍ଗକୁ ଆହୁରି ଅନେକ ସୁବିଧା ମଧ୍ୟ ରହିଛି। ସେହିପରି ହୀରା ଗହଣାର କ୍ରୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି (ଅନ୍ ଡାଇମଣ୍ଡ ଭାଲ୍ୟୁ) ଏବଂ ରୁପା ଅଳଙ୍କାର ଉପରେ ୫୦% ପର୍ଯ୍ୟନ୍ତ ରିହାତି (ଅନ୍ ମେକିଂ ଚାର୍ଜ) ରହିଛି। ଅପରପକ୍ଷରେ ସହରର ଅନ୍ୟ ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଲୋକନାଥ ଜୁଏଲେରି, ସାହୁଜୀ ଜୁଏଲର୍ସ, ସ୍ୱର୍ଣ୍ଣମନ୍ଦିର, ସ୍ମାଇଲ ଗୋଲ୍‌ଡ, କନକ ଜୁଏଲେରିରେ ମଧ୍ୟ ଧନ୍‌ତେରସ ଅଫର ସାଙ୍ଗକୁ ଆକର୍ଷଣୀୟ ଡିଜାଇନ ଓ ଉପହାର ପ୍ରତି କ୍ରୟ ଉପରେ ପ୍ରଦାନ କରାଯାଉଛି ବୋଲି ପ୍ରତିଷ୍ଠାନଗୁଡ଼ିକ ମତପ୍ରକାଶ କରିଛନ୍ତି।




## ଝାଡୁ କିଣିବାକୁ ଶୁଭ ମନେ କରାଯାଏ



ଧନତେରସ ଦିନରେ ଝାଡୁ କିଣିବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ବିଶ୍ୱାସ କରାଯାଏ ଯେ ଏହି ଦିନ ଝାଡୁ କିଣିବା ଦ୍ୱାରା ମା' ଲକ୍ଷ୍ମୀଙ୍କ ବାସସ୍ଥାନ ଘରେ ରହିଥାଏ। ହେଲେ ଝାଡୁ କିଣିବା ପୂର୍ବରୁ ଏହାର କିଛି ନିୟମ ଥିବା ନେଇ ଲୋକବିଶ୍ୱାସ ରହିଛି।

ଉଦୟା ତିଥି ଆଧାରରେ ୨୩ ଅକ୍ଟୋବରରେ ଧନତେରସ ପର୍ବ ପାଳନ କରାଯାଉଛି। ଏହି ଦିନ ସୁନା, ପିତ୍ତଳ ଏବଂ ରୁପା ବାସନ କିଣିବାର ଏକ ପରମ୍ପରା ରହିଛି। ଏହି ଦିନ ବାସନ କିଣିବା ଦ୍ୱାରା ଧନ ଏବଂ ସମୃଦ୍ଧି ଆସିଥାଏ ବୋଲି ବିଶ୍ୱାସ ରହିଛି। ଏହାଛଡ଼ା ଏହି ଦିନ ଅନ୍ୟ କିଛି ପଦକ୍ଷେପକୁ ଅତ୍ୟନ୍ତ ଲାଭଦାୟକ ମନେକରାଯାଏ, ଯେମିତିକି ଝାଡୁ କିଣିବା। ତାହାକୁ ଅତ୍ୟନ୍ତ ଶୁଭ ବୋଲି ଧରିନିଆଯାଏ। ଏପରି କି ତାହାକୁ ଦେବୀ ଲକ୍ଷ୍ମୀଙ୍କ ପ୍ରତିନିଧିତ୍ୱ ଭାବେ ବିବେଚନା କରାଯାଏ। ତେବେ ଝାଡୁ କିଣିବାବେଳେ କିଛି ନିୟମ ପାଳନ କରିବା ଆବଶ୍ୟକ, ନଚେତ ଦେବୀ ଲକ୍ଷ୍ମୀ ଖୁସି ହେବା ପରିବର୍ତ୍ତେ କ୍ରୋଧିତ ହୋଇପାରନ୍ତି ବୋଲି ଜନଶ୍ରୁତି ରହିଛି। ସେହି ନିୟମ ମଧ୍ୟରେ- ଧନତେରସ ଦିନ କିଣାଯାଇଥିବା ଝାଡୁକୁ ତିରସ୍କାର କରିବା ଉଚିତ ନୁହେଁ। ଭୁଲ୍‌ରେ ମଧ୍ୟ ସେଥିରେ ଯେଭଳି ଗୋଡ଼ ନ ବାଜିବ ସେଥିପ୍ରତି ଧ୍ୟାନ ଦେବାକୁ ହୋଇଥାଏ। କାରଣ ଏପରି କାର୍ଯ୍ୟ ମା' ଲକ୍ଷ୍ମୀଙ୍କୁ କ୍ରୋଧିତ କରିଥାଏ। ସେହିପରି ଉକ୍ତ ଝାଡୁକୁ କିଣି ଘର ଭିତରକୁ ଆଣିବା ପୂର୍ବରୁ ତାହାର ହ୍ୟାଣ୍ଡେଲ୍‌ରେ ଏକ ଧଳା ରଙ୍ଗର ସୂତା ବନ୍ଧାଯାଏ। ବିଶ୍ୱାସ କରାଯାଏ ଯେ, ଏହି କାରଣରୁ ମା' ଲକ୍ଷ୍ମୀ ଘରେ ସ୍ଥିର ହୋଇରହିଥାନ୍ତି। ସେହିପରି ଗୋଟିଏ, ଦୁଇଟି କିମ୍ବା ୪ଟି ଝାଡୁ କିଣି ଘରକୁ ଅଣାଯାଇ ନ ଥାଏ। ଏକାଥରକେ ୩ଟି ଝାଡୁ କିଣିବାକୁ ଶୁଭ ବୋଲି ବିବେଚନା କରାଯାଏ। ଧନତେରସ୍‌ରେ କିଣାଯାଉଥିବା ଝାଡ଼ୁକୁ ଖୋଲାରେ ରଖିଲେ ଘରେ କଳହ ସୃଷ୍ଟି ହୋଇଥାଏ। ତେଣୁ ତାହାକୁ ଘୋଡ଼େଇ ରଖିବାର ବିଧି ରହିଛି। ଏହି ଦିନ ନୂଆ ଝାଡୁ ଆଣିଲେ, ପୁରୁଣା ଝାଡୁକୁ ଫିଙ୍ଗାଯାଇ ନ ଥାଏ। ପର୍ବ ଦିନ ସନ୍ଧ୍ୟାରେ ପ୍ରଥମେ ପୁରୁଣା ଝାଡୁକୁ ପୂଜା କରାଯାଏ, ତା'ପରେ ନୂଆ ଝାଡୁକୁ ପୂଜା କରାଯାଇ ସମୃଦ୍ଧି ପାଇଁ ପ୍ରାର୍ଥନା କରାଯାଏ। ସେହିପରି ପୁରୁଣା ଝାଡୁକୁ ଭୁଲ୍‌ରେ ମଧ୍ୟ ଖଟ କିମ୍ବା ରୋଷେଇ ଘରେ ରଖାଯାଇ ନ ଥାଏ। ସେଥିରେ ଏକ କଳା ସୂତା ବାନ୍ଧି ନଜର ପଡୁ ନ ଥିବା ସ୍ଥାନରେ ଲୁଚାଇ ରଖାଯାଏ। ଏହାଦ୍ୱାରା ନକାରାତ୍ମକ ଶକ୍ତି ଘରେ ପ୍ରବେଶ କରେ ନାହିଁ ବୋଲି ଏହି ପର୍ବ ପାଳୁଥିବା ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି।















# ବିଶ୍ୱାସ ଦେଇଥାଏ ବ୍ୟବସାୟକୁ ବଳ





**ଭୁବନେଶ୍ୱର,୨୨।୧୦**

ଇତିହାସ ସାଙ୍ଗକୁ ପୁରାଣରେ ବର୍ଣ୍ଣିତ ରହିଛି ଯେ ଆୟୁର୍ବେଦ ଦେବତା ଧନ୍ୱନ୍ତରୀଙ୍କ ଜନ୍ମଦିବସକୁ ଧନ୍‌ତେରସ ଭାବେ ଜୈନ ଧର୍ମାବଲମ୍ବୀମାନେ ପାଳନ କରୁଥିବା ବେଳେ ସମୟକ୍ରମେ ଧୀରେ ଧୀରେ ଭାରତବର୍ଷରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଏପରିକି ଧନ୍‌ତେରସରେ ଧନପ୍ରାପ୍ତି ଓ ପାରିବାରିକ ଶାନ୍ତି (ଗୃହକୁ ଲକ୍ଷ୍ମୀ ପ୍ରବେଶ କରିଥାନ୍ତି) ପାଇଁ ନିଜ ନିଜର ସକ୍ଷମ ଅନୁସାରେ ଲୋକେ ସୁନା କିଣିଥାନ୍ତି। ଏପରିକି ସୁନା ନିଷେଧ ବର୍ଗର ଲୋକମାନେ ରୁପା, ହୀରା ଓ ଅନ୍ୟ ମୂଲ୍ୟବାନ୍ ଅଳଙ୍କାର ସାଙ୍ଗକୁ ପିତଳ ଓ ତମ୍ବାର ବାସନକୁସନ ମଧ୍ୟ କିଣିଥାନ୍ତି ବୋଲି ଶାସ୍ତ୍ର ବିଶାରଦମାନେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଧନପ୍ରାପ୍ତି ଓ ରୋଗ ଦାଉରୁ ବର୍ଷ ତମାମ ମୁକ୍ତି ପାଇବା ଆଶାରେ ଲୋକେ ଉଭୟ ଲୋକକଥା ଓ ପୁରୁଣା ଗାଥାକୁ ବିଶ୍ୱାସକୁ ନେଇ ଧନ୍‌ତେରସକୁ ଏକ ପର୍ବ ଭାବେ ପାଳନ କରୁଛନ୍ତି। କାରଣ ଜୀବନର ସବୁଠାରୁ ବଡ ଧନ ଉତ୍ତମ ସ୍ୱାସ୍ଥ୍ୟ ନୀରୋଗ ଜୀବନ ହୋଇଥାଏ ବୋଲି କୁହାଯାଏ। ଉଲ୍ଲେଖଯୋଗ୍ୟ , ବ୍ରହ୍ମଲୋକରେ ଚିକିତ୍ସକ ଭାବେ ଜଣାଶୁଣା ଆୟୁର୍ବେଦ ଦେବତା ଧନ୍ୱନ୍ତରୀଙ୍କ ପୂଜା କଲେ ଉଭୟ ଧନପ୍ରାପ୍ତି ଓ ନୀରୋଗ (ଉତ୍ତମ ସ୍ୱାସ୍ଥ୍ୟ) ରହି ସୁଖରେ ଜୀବନଯାପନର ସୌଭାଗ୍ୟ ମିଳିଥାଏ।

# ବଢ଼ିଲା ସୁନା, ରୁପା ଦର

**ଭୁବନେଶ୍ୱର, ୨୨।୧୦(ବ୍ୟୁରୋ)**

ଧନ ତ୍ରୟୋଦଶୀ ବା ଧନ୍‌ତେରସ୍‌ରେ ସୁନା ଓ ରୂପା କିଣିଲେ ଘରକୁ ଲକ୍ଷ୍ମୀଙ୍କ ବିରାଜମାନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଏହି ଦିନରେ ସୁନାରୂପା ବ୍ୟବସାୟ ଅଧିକମାତ୍ରାରେ ହୋଇଥାଏ। ଚଳିତବର୍ଷ ରବିବାର ଧନ୍‌ତେରସ ପଡୁଥିବାରୁ ଜୁଏଲେରୀ ଦୋକାନଗୁଡ଼ିକରେ ଶନିବାର ମଧ୍ୟ ବେଶ୍ ଦେଖିବାକୁ ମିଳିଥିଲା। କେହି କେହି ଶନିବାର ସନ୍ଧ୍ୟାରୁ ଧନ୍‌ତେରସ ପାଳନ କରିଛନ୍ତି।ରାଜଧାନୀ ଭୁବନେଶ୍ୱର, କଟକ, ପୁରୀ, ବ୍ରହ୍ମପୁର, ରାଉରକେଲା, ବାଲେଶ୍ୱର ଏବଂ ସମ୍ବଲପୁର ଆଦି ବଡ଼ ବଡ଼ ସହରରେ ସୁନାରୂପା ବ୍ୟବସାୟ ଏଥର ରେକର୍ଡସ୍ତର ଛୁଇଁବ ବୋଲି ଗହଣା ଦୋକାନୀମାନେ ଆଶା ରଖିଛନ୍ତି। ତେବେ ଏଭଳିସ୍ଥଳେ ଶୁକ୍ରବାର ତୁଳନାରେ ଶନିବାର ସୁନା ଏବଂ ରୂପା ଦରରେ ବୃଦ୍ଧି ପାଇଛି। ୨୪ କ୍ୟାରେଟ ସୁନାର ମୂଲ୍ୟ ଭୁବନେଶ୍ୱର ଏବଂ କଟକ ଟ୍ୱିନ୍‌ସିଟିରେ ୧୦ଗ୍ରାମ ପିଛା ୫୨ହଜାର ୧୦୦ଟଙ୍କାରେ ପହଞ୍ଚିଛି। ୨୩ କ୍ୟାରେଟ ପାଇଁ ୧୦ ଗ୍ରାମ ସୁନା ମୂଲ୍ୟ ୫୦,୩୦୦ଟଙ୍କା ଥିବାବେଳେ ୨୨କ୍ୟାରେଟ ୪୮,୨୦୦ ଟଙ୍କା ରହିଛି। ଅନ୍ୟପକ୍ଷେ ଭୁବନେଶ୍ୱରରେ ରୂପା କିଲୋଗ୍ରାମ ପିଛା ୫୯,୫୦୦ଟଙ୍କା(ଜିଏସ୍‌ଟି ସହ)ରେ ବିକ୍ରି ହେଉଛି। ପ୍ରକାଶ ଯେ, ରାଜ୍ୟ ଟିକସ, ଏକ୍ସାଇଜ୍ ଡ୍ୟୁଟି ଏବଂ ମେକିଂ ଚାର୍ଜକୁ ଲକ୍ଷ୍ୟରେ ରଖି ଦେଶରେ ସୁନା ଦର ପରିବର୍ତ୍ତନ ହୋଇଥାଏ। ସେହିପରି ରୂପା ମୂଲ୍ୟ ଅନ୍ତର୍ଜାତୀୟ ସ୍ତରରେ ପରିବର୍ତ୍ତନ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ। ଏହା ମଧ୍ୟ ଡଲାର ତୁଳନାରେ ଟଙ୍କାର ଗତି ଉପରେ ନିର୍ଭର କରିଥାଏ।

# ଅଳଙ୍କାର କିଣିବାକୁ ଆକର୍ଷଣୀୟ ସୁବିଧା

**ଭୁବନେଶ୍ୱର,୨୨।୧୦**

ଗତ ୨ ବର୍ଷ ପରେ ଚଳିତ ବର୍ଷ ଏକ ସୁସ୍ଥ ପରିବେଶରେ ଧନ୍‌ତେରସ ପାଳନ ପାଇଁ ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏପରିକି ଗତ ୩ ବର୍ଷ ତୁଳନାରେ ଚଳିତ ବର୍ଷର ସୁନା, ରୁପା ବହୁତ ଶସ୍ତା ରହିଛି। ସେହିଭଳି ଚଳିତ ବର୍ଷ ସଂକ୍ରମଣର ଭୟ ନ ଥିବାରୁ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟବସାୟୀମାନେ ମଧ୍ୟ ଆକର୍ଷଣୀୟ ଅଫର ସାଙ୍ଗକୁ ଅନେକ ସୁବିଧା ଓ ବ୍ୟବସ୍ଥା କରିଛନ୍ତି। ସେହିପରି ଆକର୍ଷଣୀୟ ରଙ୍ଗବେରଙ୍ଗର ଆଲୋକରେ ମଧ୍ୟ ପ୍ରତିଷ୍ଠାନଗୁଡ଼ିକୁ ସଜାଇ ଗ୍ରାହକଙ୍କ ଅପେକ୍ଷାରେ ବ୍ୟବସାୟୀମାନେ ରହିଥିବା ବେଳେ ଗ୍ରାହକ ମଧ୍ୟ ବ୍ୟବସାୟ ଅନୁଷ୍ଠାନଗୁଡିକର ସୁବିଧା ଓ ଅଫରକୁ ନଜରରେ ରଖି କିଣାକିଣି ପାଇଁ ବାହାରୁଛନ୍ତି। ଚଳିତ ବର୍ଷ ସୁନାର ଦର ୪୫ରୁ ୪୮ ହଜାର ମଧ୍ୟରେ ଥିବାରୁ ସବୁ ବର୍ଗର ଲୋକ ସୁନା କିଣୁଥିବା ବେଳେ କିଲୋ ପ୍ରତି ୬୫ ହଜାର ଟଙ୍କା ମଧ୍ୟରେ ରୁପା ଏବଂ ୧୫ ହଜାରରୁ ହୀରା ମୂଲ୍ୟ ଆରମ୍ଭ ହେଉଛି। ଉଲ୍ଲେଖଯୋଗ୍ୟ, ଗ୍ରାହକଙ୍କ ମନ ପସନ୍ଦର ଅଳଙ୍କାର ସାଙ୍ଗକୁ ଆକର୍ଷଣୀୟ ଅଫର ଓ ଉପହାର ମଧ୍ୟ ବ୍ୟବସାୟୀଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ବିଶେଷକରି ସହରର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଜେ ଆଣ୍ଡ ଟି ଜୁଏଲର୍ସ, ବିଶନଦୟାଲ ଜୁଏଲର୍ସ, ରୀତା ଜୁଏଲର୍ସ, ହିନ୍ଦୁସ୍ଥାନ ଜୁଏଲର୍ସ, ସୁଭାଷ ଜୁଏଲର୍ସ ଏବଂ ରୀତା ଆଣ୍ଡ ସନ୍ସ ଭଳି ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଚଳିତ ବର୍ଷର ପାର୍ବଣ ସାଙ୍ଗକୁ ଧନ୍‌ତେରସ ପାଇଁ ନୂଆ ନୂଆ ଗହଣାର ଡିଜାଇନ ସହ ଭଳିକି ଭଳି ସୁବିଧା ଓ ରିହାତି ମଧ୍ୟ ପ୍ରଦାନ କରାଯାଉଛି। ଏପରିକି ଗ୍ରାହକଙ୍କୁ ବୀମା ଭଳି ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି।



ଏହି ପରିପ୍ରେକ୍ଷୀରେ ରୀତା ଆଣ୍ଡ ସନ୍ସର ସ୍ୱତ୍ୱାଧିକାରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି, ଚଳିତ ବର୍ଷର ଧନ୍‌ତେରସ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ସୁନାଗହଣା ସାଙ୍ଗକୁ ରୁପା ଅଳଙ୍କାର ସୁଲଭ ମୂଲ୍ୟ ସାଙ୍ଗକୁ ସୁବିଧା ମଧ୍ୟ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏହି ଅଫର ୨୭ ଅକ୍ଟୋବର ପର୍ଯ୍ୟନ୍ତ ଉପଲବ୍ଧ ରହିବ। ସେହିଭଳି ହିନ୍ଦୁସ୍ଥାନ ଜୁଏଲର୍ସ ପକ୍ଷରୁ କୁହାଯାଇଛି ଯେ ଧନ୍‌ତେରସ ଉପଲକ୍ଷେ ଆକର୍ଷଣୀୟ ଅଫର ସାଙ୍ଗକୁ ଉପହାର ମଧ୍ୟ ଗ୍ରାହକଙ୍କୁ ଦିଆଯାଉଛି। ସେହିପରି ଜେ ଆଣ୍ଡ ଟି ଜୁଏଲର୍ସର ସୂଚନା ଅନୁସାରେ ଧନ୍‌ତେରସ ପାଇଁ ଆକର୍ଷଣୀୟ ଡିଜାଇନ ଓ ନୂତନ ଉତ୍ପାଦ ମଧ୍ୟ ଗ୍ରାହକଙ୍କ ଲାଗି ଅଣାଯାଇଛି। ଏପରିକି ଅଫର ଓ ଉପହାର ମଧ୍ୟ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଦାନ କରାଯାଉଛି। ଅପରପକ୍ଷରେ ସୁଭାଷ ଜୁଏଲର୍ସ ପକ୍ଷରୁ କୁହାଯାଇଛି , ଧନ୍‌ତେରସ ଓ ଦୀପାବଳି ପାଇଁ ଅନେକ ପ୍ରକାର ଗହଣା ଉପଲବ୍ଧ ସାଙ୍ଗକୁ ଅଫର ଓ ରିହାତି ମଧ୍ୟ ଦିଆଯାଉଛି।






















ପୁରୀ ଜିଲା ଜହ୍ନିକୁଦାରୁ ସାତପଡ଼ା ପର୍ଯ୍ୟନ୍ତ ଚିଲିକାରେ ସ୍ଥାୟୀ ପୋଲ ନିର୍ମାଣ ଦାବିରେ ଶନିବାର କୃଷ୍ଣପ୍ରସାଦ ଦ୍ୱୀପାଞ୍ଚଳ ସେତୁ ମଞ୍ଚ ପକ୍ଷରୁ ମହିଳାମାନେ ପାଣିରେ ବିକ୍ଷୋଭ କରୁଛନ୍ତି।

# ଗୁମ୍‌ନାମି ବାବାଙ୍କ ଡିଏନ୍‌ଏ ରିପୋର୍ଟ ଦେଲାନାହିଁ ଲାବରେଟୋରି

## ରହସ୍ୟ ଘେରରେ ନେତାଜୀଙ୍କ ମୃତ୍ୟୁ

**କୋଲକାତା,୨୨।୧୦**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ମୃତ୍ୟୁ ରହସ୍ୟରୁ ପରଦା ହଟିପାରୁ ନାହିଁ। ଗୁମ୍‌ନାମି ବାବା ହିଁ ନେତାଜୀ ବୋଲି କେତେକ ବିଶ୍ୱାସ କରୁଥିବାବେଳେ ତାଙ୍କର ଡିଏନ୍‌ଏ ନମୁନାର ଇଲେକ୍ଟ୍ରୋଫୋରୋଗ୍ରାମ୍ ରିପୋର୍ଟ ଦେବାକୁ ସେଣ୍ଟ୍ରାଲ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରି (ସିଏଫ୍‌ଏସ୍‌ଏଲ୍) ମନା କରିଦେଇଛି। ସୂଚନା ଅଧିକାରୀ ଆଇନ, ୨୦୦୫ର ଧାରା ୮(୧)(ଏ), (ଇ) ଏବଂ ୧୧(୧) ଅନୁଯାୟୀ ଉକ୍ତ ରିପୋର୍ଟ ଦିଆଯାଇପାରିବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ଉକ୍ତ ଲାବରେଟୋରି କହିଛି। ନେତାଜୀଙ୍କ ଉପରେ ଗବେଷଣା କରୁଥିବା ପଶ୍ଚିମବଙ୍ଗ ହୁଗ୍‌ଲି ଜିଲାର ସାୟକ ସେନ୍ ସୂଚନା ପ୍ରଯୁକ୍ତି ଆଇନ ବଳରେ ଗୁମ୍‌ନାମି ବାବାଙ୍କ ଡିଏନ୍‌ଏ ରିପୋର୍ଟ ପାଇବା ପାଇଁ ଗତ ସେପ୍ଟେମ୍ବର ୨୪ରେ ଆବେଦନ କରିଥିଲେ। ଗୁମ୍‌ନାମି ବାବାଙ୍କ ଡିଏନ୍‌ଏ ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କଲେ ଭାରତର ସାର୍ବଭୌମତ୍ୱ ପ୍ରଭାବିତ ହୋଇପାରେ। ମାତ୍ର ତିନୋଟି କାରଣକୁ ନେଇ ଡିଏନ୍‌ଏର ଇଲେକ୍ଟ୍ରୋଫେରୋଗ୍ରାମ ରିପୋର୍ଟ ଶେୟାର କରାଯାଇପାରିବ ନାହିଁ ବୋଲି ସିଏଫ୍‌ଏସ୍‌ଏଲ୍ କହିଛି।




# ବିଗୁଡୁଛି ଗହୀରମଥା ପରିବେଶ

- କ୍ଷେପଣାସ୍ତ୍ର ପରୀକ୍ଷଣରେ ପ୍ରଭାବ ପଡୁଛି
- ଡିଆର୍‌ଡିଓକୁ ଅବଗତ କରାଯାଇଥିବା କହିଲେ ରେଞ୍ଜର
- ଅଲିଭ ରିଡ୍‌ଲେଙ୍କ ଆଗମନ ହ୍ରାସ ଆଶଙ୍କା

**କେନ୍ଦ୍ରାପଡ଼ା ଅଫିସ, ୨୨।୧୦**



ଜାତୀୟ ଉଦ୍ୟାନ ଭିତରକନିକା ନିକଟ ହୁଇଲର ଦ୍ୱୀପରୁ ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ଶୁକ୍ରବାର ହୋଇଛି। ଦି ଡିଫେନ୍‌ସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଅର୍ଗାନାଇଜେଶନ (ଡିଆର୍‌ଡିଓ) ପକ୍ଷରୁ ଦୁଇମାସ ମଧ୍ୟରେ ଲଗାତର ମିଶାଇଲ ପରୀକ୍ଷଣ ଜାରି ରହିଛି। ଏହି ନିୟୁକ୍ଲିୟର ପରିବହନ କ୍ଷମତାଧାରୀ ମିଶାଇଲ ପରୀକ୍ଷଣ ସମୟରେ ଉତ୍ପନ୍ନ ଆଲୋକ ଓ ଧୂଆଁର ପ୍ରଭାବ ସିଧାସଳଖ ଜାତୀୟଉଦ୍ୟାନ ମଧ୍ୟରେ ଥିବା ବିରଳ ଅଲିଭରିଡଲେଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ ଗହୀରମଥା ଉପରେ ପଡୁଛି। ଫଳରେ ଚଳିତବର୍ଷ ଏହି କଇଁଛଙ୍କ ଆଗମନ ସଂଖ୍ୟା ହ୍ରାସ ପାଇବ ବୋଲି ପରିବେଶବିତମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ବନ୍ୟଜନ୍ତୁ ସୁରକ୍ଷା ସମିତି ସଭାପତି ବିଶ୍ୱଜିତ ମହାନ୍ତି କୁହନ୍ତି ଯେ, ଜାତୀୟ ଉଦ୍ୟାନ ଭିତରକନିକାର ପରିବେଶ ଏବେ ବିଗିଡିବାରେ ଲାଗିଛି। ପ୍ରାକୃତିକ ବିପର୍ଯ୍ୟୟ ସହ ତାଳ ଦେଇ ମନୁଷ୍ୟକୃତ କ୍ଷତି ବଢ଼ିଚାଲିଛି। ୨୦୧୯ରେ ଇକୋ ରିଟ୍ରିଟ ପେଣ୍ଠ ବେଳାଭୂମିରେ ଅନୁଷ୍ଠିତ ହୋଇଥିଲା। ଉତ୍ସବ ଶେଷରେ କୁଢ଼କୁଢ଼ ପଲିଥିନ ଗଦା ହୋଇଥିଲା। ଏହି ପଲିଥିନ ଅଲିଭରିଡଲେଙ୍କ ପାଇଁ ବିପଦ ସାଜୁଥିବା ବେଳେ ଏବେ ନିକଟସ୍ଥ ହୁଇଲର ଦ୍ୱୀପରୁ ଲଗାତର ମିଶାଇଲ ଟେଷ୍ଟିଂ ହେଉଛି। ପ୍ରତିବର୍ଷ ଏହି ସମୟରେ ଲକ୍ଷାଧିକ ଅଲିଭରିଡଲେ କଇଁଛଙ୍କ ଆଗମନ ହୋଇଥାଏ। ଏଥିପାଇଁ ଗହୀରମଥା ଅଞ୍ଚଳରେ ନଭେମ୍ବର ପହିଲାରୁ ମେ ୩୧ ଯାଏ ମତ୍ସ୍ୟଜୀବୀଙ୍କ ପାଇଁ କଟକଣା ଥାଏ। ମିଶାଇଲ ପରୀକ୍ଷଣ ଏହି ବିରଳ ସାମୁଦ୍ରିକ ଜୀବଙ୍କୁ ପଥଭ୍ରଷ୍ଟ କରିବ। ସେ କହିଛନ୍ତି, ଅଲିଭରିଡଲେଙ୍କ ପ୍ରଜନନ ସମୟରେ ଟେଷ୍ଟ ଫାୟାରିଂ ନ କରିବାକୁ ତତ୍କାଳୀନ ଡିଆରଡିଓ ମୁଖ୍ୟ ଡ. ଅବଦୁଲ କଲାମଙ୍କୁ ପରିବେଶବିତ୍ ବାଙ୍କବିହାରୀ ଦାସ ଅନୁରୋଧ କରିଥିଲେ। ଏଥିସହ ହୁଇଲର ଦ୍ୱୀପର ଆଲୋକ କଇଁଛଙ୍କୁ ଦିଗଭ୍ରଷ୍ଟ କରୁଥିବା ତଥ୍ୟ ତାଙ୍କ ସମ୍ମୁଖରେ ରଖିଥିଲେ। ଏ ନେଇ ଆଲୋଚନା ପରେ କଇଁଛଙ୍କ ଆଗମନଠାରୁ ଶାବକଙ୍କ ପ୍ରସ୍ଥାନ ପର୍ଯ୍ୟନ୍ତ ସାମରିକ କର୍ତ୍ତୃପକ୍ଷ ସୁରକ୍ଷା ପ୍ରଦାନ କରାଯିବ ବୋଲି ଡ. କଲାମ ଆଶ୍ୱାସନା ଦେଇଥିଲେ। ତେବେ ତାଙ୍କ ପରଲୋକ ପରେ ମିଶାଇଲ ଟେଷ୍ଟ ଫାୟାରିଂ ଜାରି ରହିଛି। ସାମୁଦ୍ରିକ ଜୀବ ଓ ଅଲିଭରିଡଲେ କଇଁଛ ସୁରକ୍ଷା ସମିତି ସଭାପତି ହେମନ୍ତ କୁମାର ରାଉତ କହିଛନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଭିତରକନିକାର ପରିବେଶକୁ ବିଗାଡ଼ି ଦେଇଛି। ଗତ ବର୍ଷକ ମଧ୍ୟରେ କଇଁଛଙ୍କ ଅନ୍ୟତମ ଅନ୍ତୁଡ଼ିଶାଳ ଅଗରନାଶୀ ଦ୍ୱୀପ ସମୁଦ୍ର ମଧ୍ୟରେ ଲୀନ ହୋଇଛି। ସେହିପରି ବିଭିନ୍ନ ସମୟରେ ହେଉଥିବା ସାମୁଦ୍ରିକ ଝଡ଼ ଓ ଜୁଆରରେ ନାଶୀ-୨ର ତଟକ୍ଷୟ କରିଛି। ଏହି ସ୍ଥାନରେ ଅଲିଭରିଡଲେଙ୍କ ଭିଡ ଅଧିକ ହୋଇଥାଏ। ତଟକ୍ଷୟ ସହ ହୁଇଲର ଦ୍ୱୀପରୁ ଲଗାତର କ୍ଷେପଣାସ୍ତ୍ର ପରୀକ୍ଷା କଇଁଛଙ୍କ ଆଗମନ ଉପରେ ପ୍ରଭାବ ପକାଇବ। ପରିବେଶବିତ୍ ଜଗନ୍ନାଥ ଦାସ କହିଛନ୍ତି, ତଟାଞ୍ଚଳରେ ଚିଙ୍ଗୁଡି ଘେରି ପରିବେଶକୁ ନଷ୍ଟ କରୁଥିବା ବେଳେ କ୍ଷେପଣାସ୍ତ୍ର ପରୀକ୍ଷା ଶୁଭଙ୍କର ନୁହେଁ। ଏ ନେଇ ବନ ବିଭାଗ ଓ ଡିଆରଡିଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା ହେବା ଜରୁରୀ। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ମାନସ କୁମାର ଦାସଙ୍କୁ ପଚାରିବାରେ ଅଲିଭରିଡେଲ କଇଁଛଙ୍କ ଆଗମନ ସମ୍ପର୍କରେ ଡିଆରଡିଓକୁ ଚିଠି ଦ୍ୱାରା ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ଏ ନେଇ ଅଧିକ ଆଲୋଚନା ହେବ ବୋଲି ସେ କହିଛନ୍ତି।

# ପ୍ରମାଣ ନଷ୍ଟ ସହ ଫେରାର ଉଦ୍ୟମ କରୁଛନ୍ତି ଜ୍ୟାକ୍‌ଲିନ: ଇଡି



- ନଭେମ୍ବର ୧୦ରେ ପରବର୍ତ୍ତୀ ଶୁଣାଣି
- ମନିଲଣ୍ଡରିଂ ମାମଲାରେ ନାୟିକାଙ୍କ ସମ୍ପୃକ୍ତି ନାହିଁ: ସୁକେଶ

**ନୂଆଦିଲ୍ଲୀ,୨୨।୧୦**

ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିଜ୍ ଫେରାର୍ ହେବାକୁ ଯୋଜନା କରୁଥିବାବେଳେ ତାଙ୍କ ବିରୋଧରେ ଥିବା ସମସ୍ତ ପ୍ରମାଣ ସେ ନଷ୍ଟ କରିଥିବା ଶନିବାର ଜ୍ୟାକଲିନ୍‌ଙ୍କ ଜାମିନ ଶୁଣାଣି ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ କୁହାଯାଇଛି। ଜାମିନ୍ ନେଇ ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୦ରେ କରାଯିବ। ୨୦୦ କୋଟି ଟଙ୍କା ମନି ଲଣ୍ଡରିଂ ମାମଲାରେ କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ର ଶେଖରଙ୍କ ସହ ଜ୍ୟାକ୍‌ଲିନ୍‌ଙ୍କ ସମ୍ପୃକ୍ତି ଥିବା ଇଡି ଦାବି କରିଆସୁଛି। ନାୟିକାଙ୍କ ଜାମିନ୍ ଆବେଦନକୁ ବିରୋଧ କରି ଇଡି କହିଛି, ତଦନ୍ତରେ ଜ୍ୟାକ୍‌ଲିନ୍ ସହଯୋଗ କରୁ ନାହାନ୍ତି। ତାଙ୍କ ଫୋନ୍‌ରେ ଥିବା ସମସ୍ତ ତଥ୍ୟକୁ ସେ ଡିଲିଟ୍ କରିଛନ୍ତି। ତାଙ୍କ ନାଁରେ ଲୁକ୍‌ଆଉଟ୍ ନୋଟିସ୍ ଜାରି ହେବା କାରଣରୁ ସେ ଦେଶ ଛାଡ଼ି ଅନ୍ୟତ୍ର ଯିବାରେ ସଫଳ ହୋଇପାରୁ ନାହାନ୍ତି। କନ୍‌ମ୍ୟାନ୍ ସୁକେଶ ଚନ୍ଦ୍ରଶେଖର ଜ୍ୟାକ୍‌ଲିନ୍‌ଙ୍କୁ ନିର୍ଦ୍ଦୋଷ ଦର୍ଶାଇ ନିଜ ଓକିଲଙ୍କ ଜରିଆରେ ଏକ ଚିଠି ମିଡିଆରେ ପ୍ରକାଶ କରିଛନ୍ତି। ମନି ଲଣ୍ଡରିଂ ମାମଲାରେ ଜ୍ୟାକ୍‌ଲିନଙ୍କର କୌଣସି ପ୍ରକାର ସମ୍ପୃକ୍ତି ନ ଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଦୁହେଁ ରିଲେଶନ୍‌ସିପ୍‌ରେ ଥିବାବେଳେ ସୁକେଶ ନିଜ ଇଚ୍ଛାରେ ତାଙ୍କୁ ଦାମୀ ଉପହାର ଦେଉଥିଲେ। ଜ୍ୟାକ୍‌ଲିନ୍ କେବେ କୌଣସି ଗିଫ୍ଟ ସୁକେଶଙ୍କୁ ମାଗି ନାହାନ୍ତି। ଯୋଜନାବଦ୍ଧ ଭାବେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରାଯାଉଥିବା ସୁକେଶ ଚିଠିରେ ଉଲ୍ଲେଖ କରିବା ସହ ୨୦୨୪ ଲୋକସଭା ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି।

# ଖୁବ୍‌ଶୀଘ୍ର ଓଡ଼ିଶା ଫେରିବ ଡାକୋଟା ବିମାନ

**ନୂଆଦିଲ୍ଲୀ,୨୨।୧୦**



ଓଡ଼ିଶା ସରକାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଡାକୋଟା ବିମାନ କୋଲକାତାରୁ ଖୁବ୍‌ଶୀଘ୍ର ଫେରାଇ ଆଣିବାକୁ ଯାଉଛନ୍ତି। ଏହି ବିମାନକୁ ରଖିବା ପାଇଁ ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ(ଏଏଆଇ) ଭୁବନେଶ୍ୱରରେ ୧.୧ ଏକର ଜମି ଲିଜ୍‌ରେ ଦେବାକୁ ରାଜି ହୋଇଛନ୍ତି। ଡାକୋଟା ବିମାନ ଫେରାଇ ଆଣିବା ଲାଗି ୨ ବର୍ଷ ପୂର୍ବରୁ ଉଦ୍ୟମ ଆରମ୍ଭ ହୋଇଥିଲା ଓ ଏଥିପାଇଁ ଟେଣ୍ଡର ଡକାଯାଇଥିଲା। କୋଭିଡ୍ ମହାମାରୀ ଯୋଗୁ ଉକ୍ତ ଯୋଜନା ଅଟକି ରହିଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ପ୍ରବାଦ ପୁରୁଷ ବିଜୁବାବୁ ଜଣେ ଦକ୍ଷ ପାଇଲଟ୍ ଥିଲେ। ତାଙ୍କର ସ୍ମୃତି ଡାକୋଟା ବିମାନ କୋଲକାତା ବିମାନବନ୍ଦରରେ ଅଚଳାବସ୍ଥାରେ ପଡ଼ିରହିଛି। ୬୪ଫୁଟ୍ ୮ ଇଞ୍ଚ ଲମ୍ବ ଓ ୯୫ ଫୁଟ୍ ଡେଣା ବିଶିଷ୍ଟ ଏହି ବିମାନକୁ ଭାଙ୍ଗି ସଡ଼କ ପଥରେ ଆଣିବାକୁ ଯୋଜନା ହୋଇଛି। ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ପୁନର୍ବାର ଏହାର ପାର୍ଟଗୁଡ଼ିକୁ ଆବଶ୍ୟକ ମରାମତି ଓ ଆସେମ୍ବ୍ଲି କରାଯାଇ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯିବ।



# ଭରା ନଦୀରେ ବାଜି ଲାଗୁଛି ଜୀବନ

ମାଥିଲି,୨୨।୧୦(ଡି.ଏନ. ଏ.)

ପ୍ରତେକ ଦିନ ଭରା ନଈରେ ବାଜି ଲାଗୁଛି ଜୀବନ। ଜୀବୀକା ଆଗରେ ଜୀବନ ହୋଇଛି ତୁଚ୍ଛ। କେବଳ ଶିଳାନ୍ୟାଶ ପରେ ପୋଲ ନିର୍ମାଣ ଆରମ୍ଭ ହୋଇ ୫ବର୍ଷ ହେଲା ସରୁନି। ଯାତାୟାତ ଲାଗି ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରି ଦେଖିବାକୁ ମିଳିଛି ମାଲାକନଗିରି ଜିଲା ମାଥିଲି ବ୍ଲକରେ। ଏହି ବ୍ଲକର ଧୁଙ୍ଗିଆପୁଟ ପଞ୍ଚାୟତରେପ୍ରେବାହିତ ହେଉଛି ଅଟାଲଗୁଡ଼ା ନଦୀ। ନଦୀ ଉପରେ ଅଟାଲଗୁଡା, ଗୋଜିଆଗୁଡା, ତୁରାକାନ, ଅନ୍ଧାରିଜବା, କହ୍ନାଡି, ପଦେଇକନ୍ଦ୍ରା, ମାଳିଗୁଡା, ମୁକୁଡୁ ଆଦି ନଅ ଖଣ୍ଡ ଗ୍ରାମର ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ଗ୍ରାମବାସୀ ହାଟ, ବଜାର, ଡାକ୍ତରଖାନା ତହସିଲ, ବ୍ଲକ, ପଞ୍ଚାୟତ କାର୍ଯ୍ୟାଳୟକୁ ନିଜ କାର୍ଯ୍ୟରେ ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର ହୋଇ ଯାଇଥାନ୍ତି। ନଦୀ ଆରପଟେ ବ୍ଲକ, ତହସିଲ, କଲେଜ, ଡାକ୍ତରଖାନା, ଥାନା, ହାଟ, ବଜାର ଥିବାରୁ ପଦୀପାର ହୋଇ ଯିବା ବ୍ୟତୀତ ଅନ୍ୟ କିଛି ବିକଳ୍ପ ନାହିଁ। ଭଗ୍ରାମବାସୀଙ୍କ ସୁବିଧା ପାଇଁ ତତ୍କାଳୀନ ବିଧାୟକ ଡମ୍ବରୁ ଶିସା ୨୦୧୭ରେ ପୋଲ ନିର୍ମାଣ ଲାଗି ଶିଳାନ୍ୟାଶ କରିଥିଲେ। ଏଥିପାଇଁ ୮୧ ଲକ୍ଷ ୫୪ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ପୋଲ ନିର୍ମାଣ ସେହିବର୍ଷ ଆରମ୍ଭ ହୋଇ ୨୦୧୮ରେ ଶେଷ ହେବା କଥା। ମାତ୍ର ୫ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ଶେଷ ହୋଇପାରିନାହିଁ। କାର୍ଯ୍ୟ କରୁଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ପାଇଁ ଆମକୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଶୀଘ୍ର ପୋଲ ନିର୍ମାଣ ଦିଗରେ ବ୍ଲକ ଓ ଜିଲା ପ୍ରଶାସନ ପଦକ୍ଷେପ ନ ନେଲେ ଆମେ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି ୯ଖଣ୍ଡ ଗ୍ରାମର ଗ୍ରାମବାସୀ।



ନଦୀ ଭିତରେ ପଶି ଯାଉଛନ୍ତି ଗ୍ରାମବାସୀ।

**ଜୀବିକା ଆଗରେ ଜୀବନ ତୁଚ୍ଛ**

- ■୫ବର୍ଷ ହେଲାଣି ଶେଷ ହେଉନି ନିର୍ମାଣ କାର୍ଯ୍ୟ
- ■୯ଖଣ୍ଡ ଗ୍ରାମର ଗ୍ରାମବାସୀ ନିର୍ଭର କରୁଛନ୍ତି
- ■ପ୍ରଶାସନ ପଦକ୍ଷେପ ନ ନେଲେ ଆନ୍ଦୋଳନ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନାକ ବୁଡ଼ ହେବାଯାଏ ବଡ଼ଲୋକ,
କେବେ ନ ଛାଡ଼େ ଆପଣା ଟେକ।**

ମାନ ସମ୍ମାନ ଥରେ ଚାଲିଗଲେ ଆଉ ମିଳି ନ ଥାଏ। ସଚେତନ ବ୍ୟକ୍ତି ସର୍ବଦା ଏଥିପ୍ରତି ସଜାଗ ରହିଥା'ନ୍ତି। ସେହିପରି ଯେତେ କ୍ଷତିଗ୍ରସ୍ତ ହେଲେ ମଧ୍ୟ ଜ୍ଞାନୀ ଗୁଣୀ ବ୍ୟକ୍ତି ନିଜର ଆଭିଜାତ୍ୟକୁ କେବେହେଲେ ତଳକୁ ପକାଇ ଦେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନାକ ଟାଉଁ ଟାଉଁ କରୁଛି;
ପରକୁ ନିରିଖି ମରୁଛି।**

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁପାଇଁ ହୋଇଯାଏ। ଏଭଳି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି। ଏହାକୁ ବରଦାସ୍ତ କରିବା ବା ସହଜରେ ଗ୍ରହଣ କରିବା ତାଙ୍କ ପକ୍ଷେ ଅତୀବ କଷ୍ଟକର ହୋଇଯାଇଥାଏ। ଅନ୍ୟର ଆଖିଦୃଶିଆ ଉନ୍ନତି ଦେଖି ଲାଳାୟିତ ହୋଇପଡୁଥିବା ବ୍ୟକ୍ତି ଏହାକୁ ସହି ନ ପାରି ରବେଇ ଖବେଇ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଛେଳିକୁ ବଞ୍ଚାଇବାକୁ ଯାଇ ୩ ମହିଳାଙ୍କ ଜୀବନ ଗଲା

ତେଲକୋଇ, ୨୨।୧୦(ଡି.ଏନ୍.ଏ)

ଚୋରାରେ ବିଦ୍ୟୁତ୍ ବ୍ୟବହାର ଅନେକ ସମୟରେ ମହଙ୍ଗା ପଡ଼ିଛି। ଅକାରଣରେ ଚାଲିଯାଉଛି ଜୀବନ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଶନିବାର କେନ୍ଦୁଝର ଜିଲା ତେଲକୋଇ ଥାନା ଅଧୀନ ବିମଳା ପଞ୍ଚାୟତ ଟାଙ୍ଗିରୀ ଗ୍ରାମରେ। ଚୋରାରେ ବିଦ୍ୟୁତ୍ ତାର ଟଣାଯାଇଥିବା ଜମିରେ ଛେଳି ଚରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ତାକୁ ବଞ୍ଚାଇବାକୁ ଯାଇ ୩ ଜୀବନ ଯାଇଛି। ମୃତକମାନେ ହେଲେ ଜୁଆଙ୍ଗ ସାହିର ସିଙ୍ଗା ଜୁଆଙ୍ଗଙ୍କ ସ୍ତ୍ରୀ କାଠି ଜୁଆଙ୍ଗ (୬୨) ତାଙ୍କ ବୋହୂ ନିରାଧି ଓ ଅନ୍ୟଜଣେ ମହିଳା ହେଲେ କୁନା ଜୁଆଙ୍ଗଙ୍କ ସ୍ତ୍ରୀ ମଞ୍ଜରୀ ଜୁଆଙ୍ଗ(୩୫)।

ସୂଚନା ମୁତାବକ, ଟାଙ୍ଗିରୀ ଗ୍ରାମର ପତ୍ରଫଡ଼ି ନାଳି ଗ୍ରାମ ଜଙ୍ଗଲରେ ଗ୍ରାମର ଦୁଇ ଜଣ ପନିପରିବା ଚାଷ କରିଛନ୍ତି। ସେମାନେ ଉକ୍ତ କ୍ଷେତକୁ ବେଆଇନ ଭାବେ ଚୋରାରେ ତାର ଟାଣି ବିଦ୍ୟୁତ୍ ନେଇଛନ୍ତି। କାଠି, ନିରାଧି ଓ ମଞ୍ଜରୀ ସକାଳେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିବା ବେଳେ ଛିଡ଼ି ପଡ଼ିଥିବା ତାରରେ ଏକ ଛେଳି ଲାଗିଯାଇଥିଲା। ଛେଳିକୁ ଉଦ୍ଧାର କରିବାକୁ ଯାଇ ୩ ମହିଳା ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଛେଳିର ମଧ୍ୟ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତେଲକୋଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ଏକ ମାମଲା (ନଂ. ୪୭/୨୨) ରୁଜୁ କରି ତଦନ୍ତ କରୁଥିବା ବେଳେ ରବିବାର ବ୍ୟବଚ୍ଛେଦ ହେବ ବୋଲି ଥାନାଧିକାରୀ ସାଇପ୍ରଭା ରାଉତ କହିଛନ୍ତି। ଅନ୍ୟପକ୍ଷେ ବେଆଇନ ଭାବେ ତାର ଟାଣି ଜଙ୍ଗଲ ମଧ୍ୟକୁ ବିଦ୍ୟୁତ୍ ନିଆଯାଉଥିବା ବେଳେ ବନ ବିଭାଗ, ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅନେକ ସମୟରେ ଏଥିରେ ଲାଗି ବହୁ ବନ୍ୟଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି। ଏଥିପ୍ରତି ଉଭୟ ବିଭାଗ ଗୁରୁତ୍ୱ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନୀଳଗିରିରେ ୧୨ ଶିଶୁ ଅପପୁଷ୍ଟିର ଶିକାର



ଅପପୁଷ୍ଟିର ଶିକାର ଜଣେ ଶିଶୁଙ୍କୁ ଚିକିତ୍ସା କରାଯାଉଛି।

ନୀଳଗିରି, ୨୨।୧୦(ସ୍ୱ.ପ୍ର.)

ଅପପୁଷ୍ଟି ରୋକିବା ଲାଗି ରାଜ୍ୟ ସରକାର ବିଭିନ୍ନ ଯୋଜନା ମଧ୍ୟରେ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ଏବେବି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ନୀଳଗିରି ଅଞ୍ଚଳରେ ୧୨ଜଣ ଶିଶୁ ଅପପୁଷ୍ଟିର ଶିକାର ହୋଇ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ (ଏନ୍‌ଆର୍‌ସି) ପୁଷ୍ଟି ପୁର୍ନବାସ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ନଜରକୁ ଆସିଛି। ଶନିବାର ସେମାନଙ୍କ ମଧ୍ୟରୁ ୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

## ୨ ସୁସ୍ଥ ହୋଇ ଘରକୁ ଫେରିଲେ

ଏହି ଶିଶୁମାନେ ନୀଳଗିରି ବ୍ଲକ ପୋଡ଼ାଶୁଳ, ଧୋବଶିଳା, ଚଟିରଖୁଣ୍ଟା, ମିତ୍ରପୁର, ନୀଳଗିରି ଏନଏସି, ଔପଦା ବ୍ଲକ ହାତୀଖୁଲିଆ ଓ ରାଇରାମପୁର ଆଦି ଅଞ୍ଚଳର। ଅଙ୍ଗନୱାଡ଼ି ପକ୍ଷରୁ ମିଳୁଥିବା ଖାଦ୍ୟ ଖାଇବା ପରେ ମଧ୍ୟ ପିଲାମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭିଟାମିନ ଯୋଗାଇ ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଅପପୁଷ୍ଟି ସମ୍ପର୍କରେ ନୀଳଗିରି ମେଡ଼ିକାଲ ଶିଶୁ ରୋଗ ବିଶେଷଜ୍ଞ ରାଜେନ୍ଦ୍ର କୁମାର ସିଂହ କହିଛନ୍ତି, ଖାଦ୍ୟ ଅଭାବ ଓ କ୍ରନିକ୍ ଡିଜିଜ୍ ଥିଲେ ଶିଶୁ ଅପପୁଷ୍ଟିର ଶିକାର ହୋଇଥାନ୍ତି। ଯେଉଁ ପିଲା ଦୁର୍ବଳ ଦେଖାଯାନ୍ତି ତାଙ୍କ ହାଇଟ୍ ଅନୁସାରେ ଓଜନ ଠିକ୍ ନ ରହିଲେ ସେହି ପିଲାଙ୍କୁ ଆମେ ଚିକିତ୍ସା କରି ପ୍ଲାନିଂ ଅନୁସାରେ ଖାଦ୍ୟ ଦେବା ସହ, ଭିଟାମିନ୍ ଓ ଟନିକ ଆଦି ଦେଇଥାଉ। ଯେତିକି ଓଜନ ଥାଏ ତାଠାରୁ ୧୫% ବଢ଼ିବା ପରେ ଛାଡ଼ିଥାଉ ବୋଲି କହିଥିଲେ।

# ୩୦ ଆଇଏଏସ୍ ଅଫିସରଙ୍କୁ ୩୦ ଜିଲା ଦାୟିତ୍ୱ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)

ତୃଣମୂଳସ୍ତରରେ ସରକାରୀ ଯୋଜନା, କାର୍ଯ୍ୟକ୍ରମ ଓ ପ୍ରକଳ୍ପ କାର୍ଯ୍ୟକାରିତାର ତଦାରଖ, ସାଧାରଣ ଲୋକଙ୍କୁ ଜନସେବା ପ୍ରଦାନ ସହ ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ଲାଗି ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ବିଭିନ୍ନ ଜିଲାର ଦାୟିତ୍ୱ ମିଳିଛି। ୩୦ ଜିଲା ପାଇଁ ୩୦ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ସମ୍ପୃକ୍ତ ଅଫିସରମାନେ ଜିଲା ଗସ୍ତର ସମ୍ପୂର୍ଣ୍ଣ ବିବରଣୀ ମୁଖ୍ୟ ଶାସନ ସଚିବଙ୍କ ଅଫିସ୍‌କୁ ପଠାଇବେ। ଏହାସହ ରାଜ୍ୟର ୧୦ ଆକାଂକ୍ଷୀ ଜିଲା ଆବଣ୍ଟିତ ଆଇଏଏସ୍ ଅଫିସରଙ୍କୁ ସ୍ୱତନ୍ତ୍ର ଭାବେ ସବୁ ମାନଦଣ୍ଡ ପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁସାରେ, ବୃନ୍ଦା ଡିଙ୍କୁ ଅନୁଗୁଳ, ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ବଲାଙ୍ଗିର, ଏନ୍ ଥିରୁମାଲା ନାଏକଙ୍କୁ ବାଲେଶ୍ୱର, ଅର୍ଚ୍ଚନା ପଟ୍ଟନାୟକଙ୍କୁ ବରଗଡ଼, ଅରିନ୍ଦମ ଡାକୁଆଙ୍କୁ ଭଦ୍ରକ, ଗୁହା ପୁନମ ତାପସ କୁମାରଙ୍କୁ ବୌଦ୍ଧ, ସୁଜାତା ଆର କାର୍ତ୍ତିକେୟନଙ୍କୁ କଟକ, ସୁରେଶ ଚନ୍ଦ୍ର ଦଳେଇଙ୍କୁ ଦେବଗଡ଼, ମନୋଜ କୁମାର ମିଶ୍ରଙ୍କୁ ଢେଙ୍କାନାଳ, ଚିତ୍ରା ଅରୁମଗମଙ୍କୁ ଗଜପତି, ଏସ୍. ଅଶ୍ୱଥିଙ୍କୁ ଗଞ୍ଜାମ, ଭାସ୍କରଜ୍ୟୋତି ଶର୍ମାଙ୍କୁ ଯାଜପୁର ଜିଲା ଆବଣ୍ଟିତ ହୋଇଛି। ସତ୍ୟବ୍ରତ ସାହୁଙ୍କୁ କଳାହାଣ୍ଡି, ଅନୁ ଗର୍ଗଙ୍କୁ ପୁରୀ, ସୁରେଶ କୁମାର ବଶିଷ୍ଠଙ୍କୁ ରାୟଗଡ଼ା, ବୀରବିକ୍ରମ ଯାଦବଙ୍କୁ ସମ୍ବଲପୁର, ଭୂପେନ୍ଦ୍ର ସିଂ ପୁନିଆଙ୍କୁ ସୋନପୁର, ହେମନ୍ତ ଶର୍ମାଙ୍କୁ ଝାରସୁଗୁଡ଼ା, ଶ୍ରୀକାନ୍ତ ପୃଷ୍ଟିଙ୍କୁ ଜଗତସିଂହପୁର, ବଳବନ୍ତ ସିଂଙ୍କୁ ସୁନ୍ଦରଗଡ଼, ସଚିନ ଆର ଯାଦବଙ୍କୁ ନୂଆପଡ଼ା, ବି ପରମେଶ୍ୱରଙ୍କୁ ନୟାଗଡ଼, ଅରବିନ୍ଦ ଅଗ୍ରୱାଲଙ୍କୁ ନବରଙ୍ଗପୁର, ବିଶାଳ କୁମାର ଦେବଙ୍କୁ ମୟୂରଭଞ୍ଜ, ସଞ୍ଜିବ କୁମାର ଚଡାଙ୍କୁ ମାଲକାନଗିରି, ବିଷ୍ଣୁପଦ ସେଠୀଙ୍କୁ କୋରାପୁଟ, ଶୁଭା ଶର୍ମାଙ୍କୁ ଖୋର୍ଦ୍ଧା, ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ କେନ୍ଦ୍ରାପଡ଼ା, ଦେଓରଞ୍ଜନ ସିଂହଙ୍କୁ କେନ୍ଦୁଝର ଓ ଅରବିନ୍ଦ କୁମାର ପାଢ଼ୀଙ୍କୁ କନ୍ଧମାଳ ଜିଲା ଆବଣ୍ଟିତ କରାଯାଇଛି।

## ଭାଲୁ ଆକ୍ରମଣରେ ଜଣେ ମୃତ

ମାଲକାନଗିରି, ୨୨।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ଗଜିଆଗୁଡାରେ ଶନିବାର ଭାଲୁ ଆକ୍ରମଣରେ ଶିକାର ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଗ୍ରାମର ମୁକୁନ୍ଦ ଖରା। ସନ୍ଧ୍ୟାରେ ମୁକୁନ୍ଦ କୌଣସି କାର୍ଯ୍ୟରେ ଜଙ୍ଗଲକୁ ଯାଇଥିବାବେଳେ ତାଙ୍କୁ ଭାଲୁ ଆକ୍ରମଣ କରିଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ଗ୍ରାମବାସୀ ଏହା ଦେଖି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ମୁକୁନ୍ଦଙ୍କ ମୃତ୍ୟୁ ହୋଇଥିଲା।

## ନାବାଳିକା ବଳାତ୍କାର ମାମଲା | ଦୋଷୀଙ୍କୁ ୧୫ ବର୍ଷ ଜେଲ

ବାରିପଦା ଅଫିସ, ୨୨।୧୦

ବାରିପଦାସ୍ଥିତ ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍‌ସୋ କୋର୍ଟରେ ଶନିବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦୁର୍ଗାଚରଣ ମିଶ୍ର ଏହାର ବିଚାର କରି ଅଭିଯୁକ୍ତ କେନ୍ଦୁଗୁଟୁ ଗ୍ରାମର ଅର୍ଜ୍ଜୁନ ହେମ୍ବ୍ରମ(୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରବା ସହିତ ୧୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏହାସହ ପୀଡିତାଙ୍କୁ ୭ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୧୪ ଅକ୍ଟୋବରରେ ପୀଡିତାଜଣକ ଏକୁଟିଆ ଘରେ ଥିବା ବେଳେ ଅର୍ଜ୍ଜୁନ ଏହାର ସୁଯୋଗ ନେଇ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ପୀଡିତା ଭୟରେ କିଛି ନ ଜଣାଇବାରୁ ସେ ୬ମାସର ଅନ୍ତସତ୍ତ୍ୱା ହେବା ପରେ ପରିବାର ଲୋକେ ଥାନା ଆଶ୍ରୟ ନେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୪/୧୫)ରେ ପୋକ୍‌ସୋ ଆକ୍ଟରେ ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୮ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

**ଆବଶ୍ୟକ**

କଟକରେ ରହି ରୋଷେଇ କରିବା ସହିତ ରୋଷେଇ ଘରର ସମ୍ପୂର୍ଣ୍ଣ ଦାୟିତ୍ୱ ବୁଝିବା ପାଇଁ ଜଣେ ଅଭିଜ୍ଞ ବ୍ୟକ୍ତି ଆବଶ୍ୟକ (ଅଭିଜ୍ଞତା ନିହାତି ଜରୁରୀ)। ରହିବା, ଖାଇବା ସହ ମାସିକ ଦରମା ୧୮,୦୦୦ ଟଙ୍କା।

ଯୋଗାଯୋଗ: 92383 99280

# ଏପ୍ରିଲ ସୁଦ୍ଧା ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ସରିବ

- ■ ମୁଖ୍ୟ ଶାସନ ସଚିବଙ୍କ ସତ୍ୟବାଦୀ ଗସ୍ତ
- ■ ୩ ମାସରେ ଗୋପବନ୍ଧୁଙ୍କ ଜାତୀୟ ସ୍ମାରକୀ ଲୋକାର୍ପଣ

ସାକ୍ଷୀଗୋପାଳ,୨୨।୧୦ (ଡି.ଏନ୍.ଏ/ସ୍ୱ.ପ୍ର.)

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପୁରୀ ଜିଲା ସତ୍ୟବାଦୀ ବ୍ଲକ ସୁଆଣ୍ଡୋ ଗ୍ରାମରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୫କୋଟି ଟଙ୍କା ବ୍ୟୟରେ ଐତିହ୍ୟ ବିକାଶ ପ୍ରକଳ୍ପ ଏବଂ ବକୁଳବନରେ ୩୫ କୋଟି ଟଙ୍କା ବ୍ୟୟରେ ନିର୍ମାଣଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅଗ୍ରଗତି ନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶନିବାର ସମୀକ୍ଷା କରିଛନ୍ତି। ଏଥିସହ ଆସନ୍ତା ବର୍ଷ ଏପ୍ରିଲ ସୁଦ୍ଧା ଓଡ଼ିଆ ବିଶ୍ୱବିଦ୍ୟାଳୟର କାମ ଶେଷ ହେବ ବୋଲି ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ମୁଖ୍ୟ ଶାସନ ସଚିବ ମହାପାତ୍ର ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଅପରାହ୍ନରେ ସତ୍ୟବାଦୀ ଗସ୍ତରେ ଆସି ମୁଖ୍ୟ ଶାସନ ସଚିବ ସୁଆଣ୍ଡୋ ରାସ୍ତାର ପଟ୍ଟନାୟିକିଆ ଛକରେ ଅଭ୍ୟର୍ଥନା କକ୍ଷ ଓ ସୂଚନାକେନ୍ଦ୍ର ବୁଲି ଦେଖିଥିଲେ। ସୁଆଣ୍ଡୋ ଗ୍ରାମରେ ଶ୍ରୀଲୋକନାଥ ଦେବ ମନ୍ଦିର, ପୁଷ୍କରିଣୀ ଉନ୍ନୟନ, ସଂଗ୍ରହାଳୟ, ଷଠିଘର ସଂରକ୍ଷଣ, ଗୋପବନ୍ଧୁଙ୍କ କୁଳଦେବତା ଶ୍ରୀରାଧା ବିନୋଦ ବିହାରୀଙ୍କ ମନ୍ଦିର, ପ୍ରମୋଦ ଉଦ୍ୟାନ, ରାସ୍ତା ଆଦି ଐତିହ୍ୟ ବିକାଶ ପ୍ରକଳ୍ପ ପରିଦର୍ଶନ କରିବା ସହ ପୂର୍ଣ୍ଣାଙ୍ଗ ରୂପରେଖ ସମ୍ପର୍କରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ୩ ମାସ ମଧ୍ୟରେ ଐତିହ୍ୟ ସମ୍ପନ୍ନ ଜାତୀୟ ସ୍ମାରକୀ ଲୋକାର୍ପଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଥିଲେ।

ସତ୍ୟବାଦୀ ବକୁଳବନର ବନବିଦ୍ୟାଳୟର ସ୍ମୃତି ଉଜ୍ଜୀବିତ କରିବା ସହିତ ଓଡ଼ିଆ ଭାଷା ସାହିତ୍ୟର ଉତ୍ତୋରତ୍ତର ଗବେଷଣା ନିମନ୍ତେ ନିର୍ମାଣାଧୀନ ଓଡ଼ିଆ ବିଶ୍ୱବିଦ୍ୟାଳୟ ଛାତ୍ରାବାସ, ମୁଖ୍ୟ ପ୍ରଶାସନିକ ଦପ୍ତର ଶ୍ରେଣୀକକ୍ଷ ଆଦି ବିଭିନ୍ନ ବ୍ଲକ ସମ୍ପର୍କିତ ଡିଜାଇନ ବୁଲି ଦେଖିବା ପରେ ମୁଖ୍ୟ ଶାସନ ସଚିବ ମହାପାତ୍ର ଶ୍ରୀସାକ୍ଷୀଗୋପାଳ ମନ୍ଦିରରେ ପହଞ୍ଚି ଠାକୁରଙ୍କ ଦର୍ଶନ କରିଥିଲେ। ବେଢା ପରିକ୍ରମା କରିବା ସମୟରେ ସଚିବ ମନ୍ଦିରର ଅଭାବ ଅସୁବିଧା ସମ୍ପର୍କରେ ସେବାୟତମାନଙ୍କ ସହ ଆଲୋଚନା କରିଥିଲେ। ପୁରାତନ ମୁଖ୍ୟ ମନ୍ଦିର ମରାମତି, କେମିକାଲ ଆସ୍ତରଣ, ବେଢ଼ାରେ ପଥର ବିଛାଇବା କାମ ପୂର୍ଣ୍ଣାଙ୍ଗ କରିବାକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାକ୍ଷୀଗୋପାଳ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ସହିତ ଐତିହାସିକ ବକୁଳବନକୁ ଆକର୍ଷଣୀୟ କରାଯିବା ନିମନ୍ତେ ଡିଜାଇନ ପ୍ରସ୍ତୁତ ହୋଇଛି। ଖୁବ୍‌ଶୀଘ୍ର ଏହି କାମ ଆରମ୍ଭ ହେବ। ଅନ୍ୟପକ୍ଷେ ସାକ୍ଷୀଗୋପାଳ ମନ୍ଦିରକୁ ଗମନାଗମନ ସୁବିଧା ପାଇଁ ରାସ୍ତାରେ ରେଳ ଓଭରବ୍ରିଜ ଏଂ ମନ୍ଦିର ବାଇପାସ୍ ରାସ୍ତା ପ୍ରଶସ୍ତୀକରଣ କରାଯିବ ବୋଲି ଅଧିକାରୀମାନେ ମୁଖ୍ୟ ଶାସନ ସଚିବଙ୍କୁ ଜଣାଇଥିଲେ। ମୁଖ୍ୟ ଶାସନ ସଚିବଙ୍କ ସହିତ ଜିଲାପାଳ ସମର୍ଥ ବର୍ମା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ପ୍ରତ୍ନତତ୍ତ୍ୱ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଅଶ୍ୱିନୀ ଶତପଥୀ, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂହ, ବିଡିଓ ଲୋଚନ ଦାସ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଜୟକୃଷ୍ଣ ଦାସ, ନିର୍ବାହୀଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଅନ୍ୟାନ୍ୟ ଅଧିକାରୀ ଏହି ଗସ୍ତରେ ଉପସ୍ଥିତ ଥିଲେ।



ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

**OFFICE OF THE PRINCIPAL
S.B.R. GOVT. (AUTONOMOUS)
WOMEN'S COLLEGE, BERHAMPUR**
Website: www.sbrgautowomenscollege.ac.in

Candidates from CPET-2022 rank list may apply in offline mode for admission into PG (Odia, Sanskrit, Political Science, Economics) by Speed Post. The form and enclosures should reach by 10.11.2022. For details & form visit website: www.sbrgautowomenscollege.ac.in.

Sd./- Principal
SBR Govt. Auto. Women's College
Berhampur

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ

**UTKAL UNIVERSITY OF CULTURE**
Sanskruti Vihar, At/P.O.- Madanpur, Bhubaneswar- 752054
E-mail: mailboxuuc@gmail.com, Website: www.uuc.ac.in
No.1202/UUC Dt.20.10.2022

**Admission Notice for Ph.D. Programme 2022-23**

No.CAD-2261:- Applications are invited for admission to the Ph.D. Programme in different disciplines of the Utkal University of Culture latest by 16.11.2022. The date of Entrance test and Viva-Voce shall be intimated to the shortlisted candidates through University Website only. The candidates are advised to remain in touch with the University website for the details of Entrance Test and Viva-Voce for admission in the Ph.D. Programme. The eligibility criteria and exemption from Entrance Test are as per UGC (Minimum Standards and Procedure for Award of Ph.D. Degree) Regulations. For details regarding eligibility criteria, fees for entrance exam, number of seats available (Discipline wise), application format and Ph.D. Regulation-2022, please visit University Website- **www.uuc.ac.in (Ph.D. Admission-2022)** from **26.10.2022** onwards.

Sd./-
Controller of Examinations
OIPR-03005/11/0008/2223

## ସଂକ୍ଷେପରେ

### ଛୁରି ଦେଖାଇ ମହିଳାଙ୍କୁ ବଳାତ୍କାର

ବାଲିଗୁଡ଼ା/କୋଟଗଡ଼,୨୨।୧୦ (ଡି.ଏନ୍.ଏ.): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କୋଟଗଡ଼ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଛୁରି ଦେଖାଇ ବଳାତ୍କାର ଓ ପରେ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଧମକ ଦେଇଥିବା ୩ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କୋଟଗଡ଼ ଅଞ୍ଚଳର ଦାମୋଦର ନାୟକ। ରାୟଗଡ଼ା ଜିଲା ଚନ୍ଦ୍ରପୁର ଅଞ୍ଚଳରେ ବିବାହ କରିଥିବା ମହିଳା ଜଣଙ୍କ କିଛି ଦିନ ହେବ ବାପଘର କୋଟଗଡ଼ ଥାନା ଅଞ୍ଚଳକୁ ଆସିଥିଲେ। ଗତ ୧୯ ତାରିଖ ରାତି ପ୍ରାୟ ୮ଟାରେ ଶୌଚ ପାଇଁ ସେ ବାହରକୁ ଯାଇଥିବା ବେଳେ ବଳାତ୍କାରର ଶିକାର ହୋଇଥିଲେ। ଘଟଣା ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରେ ମାରିଦେବେ ବୋଲି ଅଭିଯୁକ୍ତ ଦାମୋଦରଙ୍କ ୩ ସହଯୋଗୀ ଧମକ ଦେଇଥିଲେ। ଏ ନେଇ ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି କୋଟଗଡ ଥାନାରେ ନଂ.୧୦୯/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ଥାନା ଅଧିକାରୀ ଧୀରାଜ କୁମାର ଲେଙ୍କା ଘଟଣାର ତଦନ୍ତ କରିଥିଲେ।

### ଡକାୟତି ଯୋଜନା ପଣ୍ଡ: ୭ ଗିରଫ

ହିଞ୍ଜିଳିକାଟୁ,୨୨।୧୦(ଡ଼ି.ଏନ୍.ଏ): କିଛି ଦିନ ଧରି ଅଞ୍ଚଳରେ ଆତଙ୍କରାଜ ଚଳାଇଥିବା ଏକ ଡକାୟତି ଗ୍ୟାଙ୍ଗକୁ ଶୁକ୍ରବାର ରାତିରେ ଗଞ୍ଜାମ ଜିଲା ହିଞ୍ଜିଳି ପୋଲିସ କାବୁ କରିଛି। ସେମାନେ ହେଲେ ହିଞ୍ଜିଳିକାଟୁ କେନାଲ ସାହିର ଟିଣ୍ଟୁ ଦାସ, ସାନସାହିର ଲିପୁ ଦାସ, ଠାକୁରାଣୀ ସାହିର ଶୁଭମ ଦାସ, ରାମଚନ୍ଦ୍ରପୁରର କାଳିଆ ସେଠି, ଶାସନଆମ୍ବଗାଁର ବାଲାଜୀ ଗଉଡ଼, ନୂଆଗଡ଼ର ଗୟା ଦାସ ଓ ଶିକିରି ନୂଆଁସାହିର ହୀନ ସାମଲ। ଅଭିଯୁକ୍ତମାନଙ୍କଠାରୁ ୨ଟି ସିଙ୍ଗଲ ସଟ ପିସ୍ତଲ, ୪ ବୋମା, ୨ଖଣ୍ଡା ଆଦି ଜବତ କରାଯାଇଛି। ଅଭିଯୁକ୍ତମାନେ ହିଞ୍ଜିଳିକାଟୁ - ବ୍ରହ୍ମପୁର ଜାତୀୟ ରାଜପଥ ନଂ ୫୯ ଅନ୍ତର୍ଗତ ଚୈତନ୍ୟପଡ଼ା ରେଷ୍ଟ ସେଡ଼ରେ ଶୁକ୍ରବାର ରାତିରେ ଏକାଠି ହୋଇ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ମାରଣାସ୍ତ୍ର ଦେକାଇ ଲୁଟ କରିବା ଓ ନିକଟବର୍ତ୍ତୀ ଅଞ୍ଚଳରୁ ଡ଼କାୟତି କରିବା ନିମନ୍ତେ ଯୋଜନା କରୁଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସର ପାଟ୍ରୋଲିଂ ଟିମ ଅତର୍କିତ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରଥିଲା।

# ଭୁବନେଶ୍ୱରକୁ ଲମ୍ବିଛି ନକଲି ସସ୍‌ର ଚେର

- ଗୋଦାମ, ଫ୍ୟାକ୍ଟ୍ରି ସିଲ୍, ଜଣେ ଗିରଫ
- କଖାରୁ, ଆଳୁରେ ପ୍ରସ୍ତୁତ ହେଉଛି ସସ୍, ଆଚାର

କଟକ ଅଫିସ/ ଭୁବନେଶ୍ୱର(ବ୍ୟୁରୋ),୨୨।୧୦




ନକଲି ସାମଗ୍ରୀ ପ୍ରସ୍ତୁତି ନେଇ କଟକ ପରେ ଏହାର ଚେର ଭୁବନେଶ୍ୱର ପର୍ଯ୍ୟନ୍ତ ଲମ୍ବିଥିବା ଜାଣିବାକୁ ମିଳିଛି। ଶନିବାର ମଲଗୋଦାମ ଥାନା ପୋଲିସ ମାଲ୍‌ଗୋଦାମରେ ଏକ ସସ୍ ଗୋଦାମରେ ଚଢ଼ାଉ କରିବାପରେ ଏହା ଭୁବନେଶ୍ୱରର ଏକ ଫ୍ୟାକ୍ଟ୍ରିରେ ପ୍ରସ୍ତୁତ ହୋଇଥିବା ଜାଣିବାକୁ ମିଳିଥିଲା। ଏହାପରେ ଉକ୍ତ ଗୋଦାମ ଓ ଫ୍ୟାକ୍ଟ୍ରିକୁ ସିଲ୍ କରାଯିବା ସହ ମାଲଗୋଦାମ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଆଳୁ ଓ କଖାରୁକୁ ବ୍ୟବହାର କରି ଲୁଚାଛପାରେ ଚିଲିସସ୍, ଟମାଟୋ ସସ୍ ଏବଂ ବିଭିନ୍ନ ପ୍ରକାର ଆଚାର ପ୍ରସ୍ତୁତ କରାଯାଇ ବଜାରକୁ ଛଡ଼ାଯାଉଛି। ଆଉ ଏହି ଅପମିଶ୍ରିତ ସସ୍ ଫ୍ୟାକ୍ଟ୍ରିଓ ଗୋଦାମରେ ମାଲଗୋଦାମ ପୋଲିସ ପକ୍ଷରୁ ଚଢାଉ କରାଯିବା ପରେ ଏହା ଭୁବନେଶ୍ୱର ପାତ୍ରପଡ଼ା ଭଗବାନପୁର ଶିଳ୍ପାଞ୍ଚଳରେ ଥିବା ଉର୍ମି ଫୁଡ୍ ପ୍ରଡକ୍ଟ ନାମକ ଏକ ଫ୍ୟାକ୍ଟ୍ରିରେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଥିଲା। ପରେ ଉକ୍ତ ଫ୍ୟାକ୍ଟ୍ରି ଉପରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ସସ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯିବା ସହ ଫ୍ୟାକ୍ଟ୍ରିକୁ ସିଲ୍ କରାଯାଇଛି। ସିଏମସି ସ୍ୱାସ୍ଥ୍ୟ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ ଓ ପୋଲିସର ମିଳିତ ଭାବରେ ଏହି ଚଢ଼ାଉ କରାଯାଇଥିଲା। ଏଠାରେ ଅପମିଶ୍ରଣ ପାଇଁ ବ୍ୟବହୃତ ଅନେକ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଜବତ ସସ୍ ଓ ଅନ୍ୟ ସାମଗ୍ରୀ ଉପରେ ଖାଦ୍ୟ ନିରାପତ୍ତା ବିଭାଗର ବାରକୋଡ୍ ଦେଖିବାକୁ ମିଳି ନ ଥିଲା। ସେହିପରି ମନଇଚ୍ଛା ଦର ମଧ୍ୟ ଲଗାଯାଇଛି। ଖାଦ୍ୟ ସାମଗ୍ରୀ ଏହି ଗୋଦାମରେ ବିକ୍ରି ଉଦ୍ଦେଶ୍ୟରେ ମହଜୁଦ୍ ରଖାଯିବା ସହ ବିଭିନ୍ନ ବଜାରକୁ ଚାଲାଣ ହେଉଥିଲା। ଅପରପକ୍ଷରେ ମାଲଗୋଦାମରେ ହେଉଥିବା ଚଢ଼ାଉରେ ଚିଲି ଓ ଟମାଟୋ ସସ୍ ଜବତ କରାଯିବା ସହ ଭିନେଗାର ଆଚାର ମଧ୍ୟ ରହିଛି। ଉକ୍ତ ଗୋଦାମ ମାଲିକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିବା ବେଳେ ତାଙ୍କ ଠାରୁ ପାତ୍ରପଡ଼ା ନକଲି ସସ୍ ଫ୍ୟାକ୍ଟ୍ରି ସମ୍ପର୍କରେ ସୂଚନା ପାଇଥିଲା। ରବିବାର ଏହାର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯିବ। ଯଦି ନକଲି ବା ଖରାପ ମାଲ୍ ଦ୍ୱାରା ପ୍ରସ୍ତୁତି କରାଯାଉଥିବା ଜଣାପଡ଼ିବ ତେବେ ଉକ୍ତ ଫ୍ୟାକ୍ଟ୍ରିକୁ ସବୁଦିନ ପାଇଁ ସିଲ୍ କରାଯିବା ସହ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଲ୍‌ଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଉକ୍ତ ଗୋଦାମରେ କମ୍ ଦରରେ ସସ୍ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଏହାପରେ ସେଠାରେ ଚଢ଼ାଉ କରାଯାଇ ସବୁ ଆଚାର, ଚକୋଲେଟ, ବଡ଼ି ଓ ବିସ୍କୁଟ ପ୍ରଭୃତି ଜବତ ସାମଗ୍ରୀକୁ ସିଲ୍ କରାଯାଇଛି। ଗୋଦାମ ମାଲିକଙ୍କୁ ଗିରଫ କରାଯାଇ ଏକ ମାମଲା (ନଂ. ୧୭୧/୨୨) ରୁଜୁ ହୋଇଥିବା ଦାସ କହିଛନ୍ତି।

# ଶୋଭନୀୟ ସାଧିକା ସତ୍ୟଭାମା ଦେବୀଙ୍କ ପରଲୋକ

କଟକ ଅଫିସ,୨୨।୧୦


ସତ୍ୟଭାମା ଦେବୀ

ଶୋଭନୀୟ ଆନ୍ଦୋଳନର ଅନ୍ୟତମ ସାଧିକା ସତ୍ୟଭାମା ଦେବୀଙ୍କର ଶନିବାର ସନ୍ଧ୍ୟା ପ୍ରାୟ ୮ଟା ୩୦ ମିନିଟ୍ ସମୟରେ ବିଡ଼ାନାସୀସ୍ଥିତ ଶୋଭନୀୟ ଆନ୍ଦୋଳନ କାର୍ଯ୍ୟାଳୟ ପରିସରରେ ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ବୟସ ହୋଇଥିଲା। ତାଙ୍କ ନିଜ ଘର କେନ୍ଦୁଝର ଜିଲା ଆନନ୍ଦପୁରର ମୋଚିନ୍ଦା ଗ୍ରାମରେ। ସରକାରୀ ଚାକିରି ଓ ନିଜ ଘରଦ୍ୱାର ଛାଡ଼ି ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ପ୍ରତିଷ୍ଠାତା କୁମାର ଭାଇଙ୍କ ପ୍ରତିଷ୍ଠିତ ଉଦୟଗିରି ଶୋଭନୀୟ ଶିକ୍ଷାଶ୍ରମରେ ପ୍ରଥମେ ଯୋଗଦେଇଥିଲେ। ପରେ କଟକ ବିଡ଼ାନାସୀସ୍ଥିତ ଶିକ୍ଷାଶ୍ରମର ଦାୟିତ୍ୱ ସୁଚାରୁରୂପେ ତୁଲାଇ ଆସୁଥିଲେ। ପୂଜ୍ୟ କୁମାର ଭାଇଙ୍କ ପରେ ସେ ଆନ୍ଦୋଳନର ସମ୍ପାଦିକା ଦାୟିତ୍ୱ ବହନ କରିଥିଲେ। ୨ ବର୍ଷ ହେବ ସେ ଶଯ୍ୟାଶାୟୀ ଥିଲେ। ତାଙ୍କ ବିୟୋଗରେ ରାଜ୍ୟ ତଥା ଦେଶରେ ଥିବା ଶୋଭନୀୟ ପରିବାର ସମେତ ବିଭିନ୍ନ ସ୍ଥାନରେ ଶୋକପ୍ରକାଶ ପାଇଛି। ଆନ୍ଦୋଳନର ନିର୍ଦ୍ଦେଶିକା ତଥା ସମ୍ପାଦିକା ଡ. ଅରୁନ୍ଧତି ଦେବୀ ଶୋଭନୀୟ ଆନ୍ଦୋଳନର ଏକ ଉଜ୍ଜ୍ୱଳତମ ତାରକା ଅନ୍ତର୍ହିତ ହୋଇଗଲେ ବୋଲି ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ ଜଷ୍ଟିସ ଏ. ଏସ. ନାଇଡୁ, ଡ. ସତ୍ୟ ରାୟ, ଦୀପକ ମାଲବ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ବିଡ଼ାନାସୀସ୍ଥିତ ଶୋଭନୀୟ ଆନ୍ଦୋଳନ କାର୍ଯ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନ ୧୧ଟା ସମୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି।

# ୫ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

## ମଦ ଦୋକାନରୁ ଲୁଟ୍ ମାମଲା

ବଇଣ୍ଡା/ଆଠମଲ୍ଲିକ, ୨୨।୧୦(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ଥାନା ବାମୁରସ୍ଥିତ ବିଦେଶୀ ମଦ ଦୋକାନରୁ ଲୁଟ୍ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଆଠମଲ୍ଲିକ ଆସିଷ୍ଟାଣ୍ଟ ସେକ୍ସନ ଜଜ୍ ବିନୋଦ ବିହାରୀ ସାହୁ ମାମଲାର ଶୁଣାଣି କରି ୫ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନଙ୍କୁ ୧୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅଭିଯୁକ୍ତମାନେ ହେଲେ ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମର ତପନ ମହାନ୍ତି ଓରଫ ଟିଲୁ, ଜଳେନ୍ଦ୍ର ବେହେରା, ଜିତେନ୍ଦ୍ର ଭୂୟାଁ, ନୁନୁକାପଶି ଅଞ୍ଚଳର ଆଶିଷ ବେହେରା ଏବଂ ଶୁଭପ୍ରକାଶ ଶତପଥୀ। ଏଥି ସହିତ ଜଣକା ୫ ହଜାର ଟଙ୍କା ଜରିମାନା ଦେବାକୁ ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଲେଖାଏ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଜୁଲାଇ ୨୮ରେ ବାମୁରସ୍ଥିତ ବିଦେଶୀ ମଦ ଦୋକାନରୁ ଲୁଟ୍ ହୋଇଥିଲା। ସମ୍ପୃକ୍ତ ୫ ଅଭିଯୁକ୍ତ ମ୍ୟାନେଜର ଏବଂ ଜଣେ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ୪ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଜଣେ କର୍ମଚାରୀଙ୍କୁ ଗାଡିରେ ଅପହରଣ କରିନେଇ ବାମୁର ଅଗ୍ନିଶମ କେନ୍ଦ୍ର ନିକଟରେ ଛାଡ଼ି ପଳାଇଥିଲେ। ତେବେ ରେଢ଼ାଖୋଲ ପୋଲିସ ହାତରେ ଅଭିଯୁକ୍ତମାନେ ଧରାପଡ଼ିଥିଲେ। ଏହାପରେ ସେଠାକାର ପୋଲିସ କିଶୋରନଗର ପୋଲିସକୁ ହସ୍ତାନ୍ତର କରିଥିଲା। ଏ ନେଇ ନଂ. ୧୧୩/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ସରକାରୀ ଓକିଲ ବିଜୟ କୁମାର ମହାକୁଡ଼ ମାମଲା ପରିଚାଳନା କରିଥିଲେ।

# ଅଶୋକଙ୍କୁ ମିଳିଲା ନୂଆ ରାହା

## କୃତ୍ରିମ ଅଙ୍ଗ ଯୋଗାଇଦେଲା ଓଡ଼ିଶା ମୋ ପରିବାର

ଭୁବନେଶ୍ୱର, ୨୨।୧୦ (ବ୍ୟୁରୋ)

ଦୁର୍ଘଟଣା ପରେ ଦୁର୍ବିଷହ ହୋଇପଡିଥିଲା ଜୀବନ। ଦୁଇଗୋଡ଼ ନ ଥିବାରୁ ଜିଇବା ପାଇଁ ତାଙ୍କୁ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁଥିଲା। ତେବେ ଅଶୋକ ମହାନ୍ତି (୩୯)ଙ୍କ ଜୀବନରେ ଘୋଟି ଆସିଥିବା ଅନ୍ଧାରକୁ ଦୂର କରିଛି ଓଡ଼ିଶା ମୋ ପରିବାର। ତାଙ୍କ ଜୀବନକୁ ସହଜ କରିବା ସହ ଆଶାର ଆଲୋକ ସାଜି ଓଡ଼ିଶା ମୋ ପରିବାର ତାଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେଇଛି। ଏଣିକି ଅଶୋକ ଚଲାବୁଲା କରିବା ସହ ନିଜେ ରୋଜଗାରକ୍ଷମ ହେବାକୁ ଆଶା ବାନ୍ଧିଛନ୍ତି। ଯାଜପୁର ଜିଲା ବାସିନ୍ଦା ଅଶୋକ ୨୦୧୩ରେ ଟ୍ରେନ ଦୁର୍ଘଟଣାରେ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ହାଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ତାଙ୍କ ବାମ ଗୋଡ଼ ଆଣ୍ଠୁ ଉପର ଭାଗ ଏବଂ ଡାହାଣ ଗୋଡ଼ ଆଣ୍ଠୁ ତଳ ଭାଗ ସମ୍ପୂର୍ଣ୍ଣ କଟାଯାଇଥିଲା। ଅଶୋକ ପ୍ରଥମେ ଏକ ହସ୍ପିଟାଲରେ କୃତ୍ରିମ ଗୋଡ଼ ଲଗାଇଥିଲେ। ମାତ୍ର ତାହା ଅଧିକ ଓଜନ ଥିବାରୁ ଚଲାବୁଲାରେ ଅସୁବିଧା ହେଉଥିଲା। ଫଳରେ ସେ ଉକ୍ତ କୃତ୍ରିମ ଗୋଡ଼ ବ୍ୟବହାର କରିବା ବନ୍ଦ କରିଦେଇଥିଲେ। ଭଲ କୃତ୍ରିମ ଗୋଡ଼ ଯୋଗାଇଦେବା ପାଇଁ ଅଶୋକ ଓଡିଶା ମୋ ପରିବାର ଯୁଗ୍ମ ସମ୍ପାଦକ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ଅନୁରୋଧ କରିଥିଲେ। ରୁଦ୍ର ଏ ସମ୍ପର୍କରେ ଓଡ଼ିଶା ମୋ ପରିବାରକୁ ସୂଚନା ଦେବା ପରେ ପଦକ୍ଷେପ ନିଆଯାଇଥିଲା। କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହିତ ସମନ୍ୱୟ ରକ୍ଷା କରି ତାଙ୍କୁ ନୂତନ କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଛି। କୃତ୍ରିମ ଗୋଡ଼ ପାଇବା ପରେ ଅଶୋକଙ୍କ ମୁହଁରେ ହସର ଲହରି ଖେଳି ଯାଇଥିଲା।



# ସ୍ୱାମୀଙ୍କ ଦଶାହ ପାଇଁ ଭିକ ମାଗୁଛନ୍ତି ସ୍ତ୍ରୀ


ମୃତକଙ୍କ ସ୍ତ୍ରୀଙ୍କୁ ତହସିଲଦାର ଜିଲା ରେଡ୍‌କ୍ରସ୍ ସହାୟତା ରାଶି ପ୍ରଦାନ କରୁଛନ୍ତି।

ରାଜନଗର,୨୨।୧୦(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଘଡିଆମାଳ ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କ ୯ଦିନ ତଳେ ପରଲୋକ ଘଟିଥିଲା। ସେ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ଏବେ ରବୀନ୍ଦ୍ରଙ୍କ ସ୍ତ୍ରୀ ଦୀପା ସ୍ୱାମୀଙ୍କ ଦଶାହ କର୍ମ ପାଇଁ ଅନ୍ୟପାଖରେ ହାତ ପତାଉଛନ୍ତି। ତାଙ୍କ ପାଖରେ ଫଟା ପାହୁଲା ନାହିଁ। ସ୍ୱାମୀ ମରିଗଲା ପରେ ୪ ଶିଶୁଙ୍କ ସହ ସେ ଅସହାୟ ହୋଇପଡିଛନ୍ତି। ଏବେ ସ୍ୱାମୀଙ୍କ ଦଶାହ କର୍ମ ପାଇଁ ସେ ଗାଁ ଗାଁ ବୁଲି ଭିକ୍ଷା ଥାଳି ଧରି ଭିକ ମାଗୁଥିବା ଦୃଶ୍ୟ ସମସ୍ତଙ୍କୁ ଭାବବିହ୍ୱଳ କରିଛି। ସାଇପଡ଼ିଶାଙ୍କଠାରୁ ସେ ଯାହା ପାଇଛନ୍ତି ସେଥିରେ ସ୍ୱାମୀଙ୍କ ଦଶାହ କର୍ମ କରିବେ ବୋଲି କହିଛନ୍ତି। ଏହି ଦୁଃଖଦ ଘଟଣା ଜାଣିବା ପରେ କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ଶନିବାର ସନ୍ଧ୍ୟାରେ ଯୋଗାଇ ଦେଇଛନ୍ତି। ସେହି ସହାୟତା ରାଶି ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଦୀପାଙ୍କୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ରବୀନ୍ଦ୍ର ଦୀର୍ଘଦିନ ହେବ ଅନ୍ୟ ରାଜ୍ୟରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ଯାହା ରୋଜଗାର କରୁଥିଲେ ସେଥିରେ ତାଙ୍କ ୭ ପ୍ରାଣୀ କୁଟୁମ୍ବ ଚଳୁଥିଲା। ମାତ୍ର ଦେହ ଖରାପ ହେବାରୁ ସେ ଗାଁକୁ ଚାଲିଆସିଥିଲେ। ସ୍ଥାନୀୟ ମେଡିକାଲରେ ଆବଶ୍ୟକ ପରୀକ୍ଷା କରାଯିବା ପରେ ସେ ରକ୍ତ କର୍କଟରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା।

# ସ୍ୱାମୀଙ୍କୁ ହତ୍ୟାକଲେ ସ୍ତ୍ରୀ

ବଲାଙ୍ଗୀର ଅଫିସ/ ଗୁଡ଼ଭେଲା, ୨୨।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ ମହୀପୁର ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରି ସ୍ତ୍ରୀ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଦିବ୍ୟସିଂ ଭୋଇ (୩୫)।

ଶୁକ୍ରବାର ରାତିରେ ଦିବ୍ୟସିଂ ଓ ତାଙ୍କ ସ୍ତ୍ରୀ ଯଶୋଦା ଭୋଇ (୩୦) ସବୁଦିନ ଭଳି ରାତ୍ରଭୋଜନ ସାରି ଶୋଇଥିଲେ। ରାତି ପ୍ରାୟ ୩ଟାରେ ଘରୁ ଯଶୋଦା ବ୍ୟତିବ୍ୟସ୍ତ ହୋଇ ବାହାରି ଯାଉଥିବା ଦିବ୍ୟସିଂଙ୍କ ଭାଇ ଗୁପ୍ତେଶ୍ୱର ଦେଖିଥିଲେ। ସନ୍ଦେହ ହେବାରୁ ସେ ତାଙ୍କ ଭାଇଙ୍କୁ ବାହାରୁ ଥାଇ ଡାକିଥିଲେ। ହେଲେ କେହି ଶୁଣି ନ ଥିଲେ। ଏହାପରେ ସେ ଘର ଭିତରକୁ ଗଲା ପରେ ଦିବ୍ୟସିଂଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡିଥିବା ଦେଖିବାକୁ ପାଇଥିଲେ। ଏହାପରେ ଘରର ଅନ୍ୟ ସଦସ୍ୟଙ୍କୁ ଡାକିଥିଲେ। ଦିବ୍ୟସିଂଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତୁଷୁରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ଦିବ୍ୟସିଂଙ୍କ ପିତା ରଜନୀକାନ୍ତ ଭୋଇ ତୁଷୁରା ଥାନାରେ ଘଟଣାକୁ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗରେ ତାଙ୍କ ପୁଅକୁ ବୋହୂ ଯଶୋଦା ହତ୍ୟା କରି ଫେରାର ହୋଇଯାଇଥିବା ଦର୍ଶାଇଛନ୍ତି। ଅଭିଯୋଗ ଅନୁସାରେ ଏକ ମାମଲା (୧୬୨/୨୨) ରୁଜୁ ହୋଇଛି। ଶନିବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଘଟଣାର ଛାନଭିନ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଯଶୋଦାଙ୍କ କୌଣସି ପତ୍ତା ମିଳିନାହିଁ। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି।

ମିଳିଥିବା ସୂଚନା ମୁତାବକ ୫ବର୍ଷ ପୂର୍ବେ ଦିବ୍ୟସିଂ କଳାହାଣ୍ଡି ଜିଲା ମହୁଲଖୁପା ଗ୍ରାମର ଯଶୋଦାଙ୍କୁ ପ୍ରେମ ବିବାହ କରିଥିଲେ। ତେବେ ହଠାତ୍ କେଉଁ କାରଣରୁ ଯଶୋଦା ଶୋଇଥିବା ସ୍ୱାମୀଙ୍କୁ ହତ୍ୟା କଲେ ତାହା ଜଣାପଡିନାହିଁ। ଘଟଣାର ତଦନ୍ତ ଚାଲିଥିବା ସଦର ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

## ବ୍ରାହ୍ମଣୀ ଆଁରେ...

ପ୍ରଥମ ପୃଷ୍ଠାରୁ...

ଏଯାଏ ମିଳି ନ ଥିବାବେଳେ ଏବେ ବ୍ରାହ୍ମଣୀ ପାଇଁ ନୀଳକଣ୍ଠପୁରର ଅସ୍ତିତ୍ୱ ସଙ୍କଟରେ ପଡ଼ିଛି। ପ୍ରତିବର୍ଷ କୂଳ ଖାଉଛି ବ୍ରାହ୍ମଣୀ। ଏହି କାରଣରୁ ୩୦ ବର୍ଷ ହେଲା ବାଜିଙ୍କ ପୈତୃକ ଜମି ନଦୀ ଗର୍ଭରେ ବିଲୀନ ହୋଇଯାଇଛି। ଜୀବନ ଜୀବିକା ପ୍ରତି ବିପଦ ଘୋଟିବାରୁ ପରିବାରର ଅନ୍ୟ ସଦସ୍ୟମାନେ ଗ୍ରାମଠାରୁ ୭ କି.ମି. ଦୂର ଏକତାଳି ପଞ୍ଚାୟତର ନୟା ନୀଳକଣ୍ଠପୁରକୁ ସ୍ଥାନାନ୍ତର ହୋଇଛନ୍ତି। ବ୍ରାହ୍ମଣୀ ଏବେ ଜନବସତିଠାରୁ ମାତ୍ର ୨୦୦ ମିଟର ଦୂରରେ। ବର୍ଷାଦିନେ ନଈ ଉଛୁଳୁଛି। ବଢ଼ି ପାଣି ବନ୍ଧ ଡେଇଁ ମାଡ଼ିଆସୁଛି। ତଥାପି ନୀଳକଣ୍ଠପୁର ପ୍ରତି ସତେ ଯେମିତି ଆଖି ବୁଜିଦେଇଛନ୍ତି ସଭିଏଁ। ନଦୀ ଉପକୂଳବର୍ତ୍ତୀ ଗ୍ରାମର ସୁରକ୍ଷା ଲାଗି ମୃତ୍ତିକା ସଂରକ୍ଷଣ ଏବଂ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ପଥର ପ୍ୟାକିଂ କରାଯାଉଥିଲେ ମଧ୍ୟ ଏହି ଗ୍ରାମ ଏଭଳି ବହୁମୁଖୀ ଯୋଜନାଠାରୁ ବହୁ ଦୂରରେ। ଜଳସ୍ରୋତ ହ୍ରାସ କରିବାଲାଗି ନଦୀ ଶଯ୍ୟାରେ କେବଳ ୩ଟି ଗାର୍ଡୱାଲ୍ କରି ବିଭାଗ କାମ ସାରିଦେଇଛି। ସେହିପରି ଡିଆର୍‌ଡିଏ ଜରିଆରେ ୮ ବର୍ଷ ତଳେ ୪୦ ଲକ୍ଷ ଟଙ୍କା ବ୍ୟୟରେ ସ୍ମୃତିସ୍ତମ୍ଭ, ସଭାଗୃହ, ମୁଖ୍ୟ ଫାଟକ ସାଙ୍ଗକୁ ଆମ୍ରକାନନର ଉନ୍ନତୀକରଣ କରାଯାଇଛି। ଏସବୁର ରକ୍ଷଣାବେକ୍ଷଣ ପାଇଁ ୮ ଲକ୍ଷ ଟଙ୍କାର ପାଣ୍ଠି ରଖାଯାଇଥିଲେ ମଧ୍ୟ ଏହାର ଉପଯୋଗ ହେଉନାହିଁ। ଫଳରେ ନିର୍ମାଣାଧୀନ ସମସ୍ତ କୋଠା ଜରାଜୀର୍ଣ୍ଣ ହୋଇପଡ଼ିଲାଣି। ପୋଖରୀ କାମ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏ ନେଇ ବାଜି ରାଉତ ସ୍ମୃତି ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି।

ଏ ସଂକ୍ରାନ୍ତରେ ବାଜି ରାଉତଙ୍କ ପୁତୁରା ନଟବର ରାଉତ କୁହନ୍ତି, ଶହୀଦ ପରିବାରର ଦାୟାଦ ହିସାବରେ ଆମେ ଗର୍ବିତ। ହେଲେ କେବଳ ଜନ୍ମତିଥି ଏବଂ ପୁଣ୍ୟତିଥି ବ୍ୟତୀତ ଗାଁରେ କେବେ କାହାର ପାଦ ପଡୁନାହିଁ। ଘର ନଦୀରେ ମିଶିଗଲା। ଭିଟାମାଟି ଛାଡ଼ି ଅନ୍ୟତ୍ର ରହୁଛୁ। ଗାଁରେ ଅଳ୍ପ କିଛି ଜମି ଅଛି ବୋଲି ଚାଷବାସ କରିବାକୁ ଯାଉଛୁ। ବାଜିଙ୍କ ପିଲାଦିନର ବନ୍ଧୁ କାହ୍ନୁଚରଣ ମଲ୍ଲିକ ମଧ୍ୟ ସଙ୍କଟରେ ପଡ଼ିଥିବା ଭିଟାମାଟିକୁ ପ୍ରଶାସନର ଅବହେଳାକୁ ନେଇ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି। ବାଜି ରାଉତ ସ୍ମୃତି ପରିଷଦ ସଭାପତି କୃଷ୍ଣଚନ୍ଦ୍ର ଆଏଚ୍ କୁହନ୍ତି, ୧୯୮୦ରୁ ସେ ସ୍ମୃତି ପରିଷଦ ସହିତ ଜଡ଼ିତ। ଶହୀଦ ଗ୍ରାମକୁ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ ଲାଗି ବହୁବାର ଦାବି କରାଯାଇଛି। କେହି ଶୁଣୁନାହାନ୍ତି। ନଦୀତଟରେ ପଥରବନ୍ଧ ନିର୍ମାଣ, ଗୁଳିକାଣ୍ଡର ସ୍ମୃତି ଉଜ୍ଜୀବିତ କରିବା ଲାଗି କାଳ୍ପନିକ ପ୍ରତିମୂର୍ତ୍ତି ନିର୍ମାଣ, ନଦୀରେ ବୋଟିଂ ବ୍ୟବସ୍ଥା ସହ ଗ୍ରାମକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଗଲେ ଶହୀଦ ଗାଁର ରୂପରେଖ ବଦଳନ୍ତା।

ଏ ସଂକ୍ରାନ୍ତରେ ବିଡିଓ କଲ୍ୟାଣ ସୌରଭ ଦାସ କୁହନ୍ତି, ବ୍ରାହ୍ମଣୀ ନଦୀ କବଳରୁ ଗ୍ରାମକୁ ସୁରକ୍ଷା ଦେବା ଲାଗି ସରକାରୀସ୍ତରରେ ଆବଶ୍ୟକ ସମସ୍ତ ସହଯୋଗ କରାଯିବ। ଶହୀଦ ବାଜି ରାଉତଙ୍କ ସ୍ମୃତିରକ୍ଷା ଲାଗି ମିନିପାର୍କ, ପଥପ୍ରାନ୍ତ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବାକୁ ଯୋଜନା କରାଯାଉଥିବା ସେ ସୂଚନା ଦେଇଛନ୍ତି।

## ପ୍ରଦୂଷିତ ବାୟୁ...

ସମତଳ ଅଞ୍ଚଳରେ ୫୧ କୋଟି ଲୋକ ବସବାସ କରୁଛନ୍ତି, ଯାହା ମୋଟ ଜନସଂଖ୍ୟାର ପାଖାପାଖି ୪୦%। ଯଦି ପ୍ରଦୂଷଣର ବର୍ତ୍ତମାନ ଧାରା ଜାରି ରହେ ତେବେ ସେମାନେ ହାରାହାରି ୭.୬ ବର୍ଷ ଆୟୁଷ ହରାଇବାକୁ ଯାଉଛନ୍ତି। ସେହିପରି ଲକ୍ଷ୍ନୌ ବାସିନ୍ଦା ୯.୫ ବର୍ଷ ଆୟୁଷ ହରାଇବେ। ଯଦି ଦେଶବ୍ୟାପୀ ପ୍ରଦୂଷଣ ମାତ୍ରାକୁ ୨୫ ପ୍ରତିଶତ ହ୍ରାସ କରାଯାଇପାରିବ ତେବେ ହାରାହାରି ଆୟୁଷ ୧.୪ ବର୍ଷ ବଢ଼ିପାରିବ ବୋଲି ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନ୍‌ସିଏପି)ରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହାଦ୍ୱାରା ରାଜଧାନୀ ଦିଲ୍ଲୀ ବାସିନ୍ଦାଙ୍କ ଆୟୁଷ ୨.୬ ବର୍ଷ ବଢ଼ିପାରିବ ବୋଲି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦ୍ୟତମ ତଥ୍ୟ ଆଧାରରେ ଏନର୍ଜି ଆଣ୍ଡ ରିସୋର୍ସେସ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଭୂବିଜ୍ଞାନ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଡ. ଅଞ୍ଜୁ ଗୋଏଲ ଓ ଅନ୍ୟ ଗବେଷକମାନେ କହିଛନ୍ତି।

# ନଦୀଜଳରେ ଫେନୋଲିକ୍ ବିଷ

- ବ୍ରାହ୍ମଣୀ, ଖରସ୍ରୋତା, ବୈତରଣୀ ଅସୁରକ୍ଷିତ
- ଦୁର୍ଗନ୍ଧଯୁକ୍ତ ପାଣି ବ୍ୟବହାର କରୁଛନ୍ତି ଜିଲାବାସୀ

ଯାଜପୁର ଅଫିସ,୨୨।୧୦

ଯାଜପୁର ଜିଲା ଦେଇ ପ୍ରବାହିତ ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀଜଳ ଅସୁରକ୍ଷିତ ହୋଇପଡ଼ିଛି। ସେଥିରେ ବିଷାକ୍ତ ଫେନୋଲିକ୍ କମ୍ପାଉଣ୍ଡ ମିଳୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ରିପୋର୍ଟରୁ ଏହା ଜଣାପଡ଼ିଛି। ପ୍ରତ୍ୟେକ ଜଳ ନମୁନା ପରୀକ୍ଷାରେ ଏଭଳି ରିପୋର୍ଟ ପ୍ରକାଶ ପାଉଥିବାରୁ ତାହା ମଣିଷ ପାଇଁ ପାନୀୟ କିମ୍ବା ଗାଧୋଇବା ସକାଶେ ଉପଯୁକ୍ତ ନୁହେଁ। ଗତ ଗୁରୁବାର ଓଡ଼ିଶା ବିଧାନସଭା ପରିବେଶ ଗୃହ କମିଟି ମଧ୍ୟ କଳିଙ୍ଗନଗର ଶିଳ୍ପାଞ୍ଚଳ ପରିଦର୍ଶନରେ ଆସି ଏଭଳି ମନ୍ତବ୍ୟ ଦେଇଛି।

ଯାଜପୁରରେ ପୂର୍ବରୁ ବ୍ରାହ୍ମଣୀ, ଖରସ୍ରୋତା ଓ ବୈତରଣୀ ପାଣି ସଫା ଦେଖିବାକୁ ମିଳୁଥିଲା। ଏବେ ତାହା ଗୋଳିଆ ହୋଇ ଦୁର୍ଗନ୍ଧ ହେଉଛି। ନଦୀତଟବର୍ତ୍ତୀ ଅଞ୍ଚଳର । ଏହି ପ୍ରଦୂଷିତ ପାଣିକୁ ବ୍ୟବହାର କରିବାକୁ ବାଧ ହେଉଛନ୍ତି। କେବଳ କଳିଙ୍ଗନଗର ଶିଳ୍ପାଞ୍ଚଳ ନୁହେଁ, ବ୍ୟାସନଗର ପୌର ପରିଷଦର ଦୂଷିତ ପାଣି ମଧ୍ୟ ବିନା ଉପଚାରରେ ନଦୀଗର୍ଭରେ ପଡୁଛି। ଏ କ୍ଷେତ୍ରରେ ବ୍ୟାସନଗର ପୌର ପରିଷଦ କେବଳ ଅପରାଧ କରୁନାହିଁ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତାଗିଦକୁ ମଧ୍ୟ ବେଖାତିର କରୁଛି। ଅପରପକ୍ଷେ ପୌରପରିଷଦର ଏହି ଆଭିମୁଖ୍ୟ ପାଇଁ ସହରର ଗଣ୍ଡାନାଳ ଜଳ ବିଷାକ୍ତ ହେଉଛି। ଖାଲି ସେତିକି ନୁହେଁ, ଗଣ୍ଡାନାଳ ପାଣି ବ୍ରାହ୍ମଣୀର ଉପନଦୀ ଖରସ୍ରୋତାରେ ମିଶୁଛି। ଏନେଇ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟରୁ ପୂର୍ବରୁ କାରଣଦର୍ଶାଅ ନୋଟିସ ମଧ୍ୟ ଜାରି ହୋଇଛି। ହେଲେ ଏଯାଏ କୌଣସି ପ୍ରତିକାର ବ୍ୟବସ୍ଥା ଗ୍ରହଣ ହେଉ ନ ଥିବାରୁ ନଦୀଜଳ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ବିଧାନସଭା ପରିବେଶ ଗୃହ କମିଟି କେବଳ ଶିଳ୍ପାଞ୍ଚଳରେ ପ୍ରବାହିତ ଗଣ୍ଡାନାଳ ପରିଦର୍ଶନରେ ଯାଇ ମିଲିଟାରୀ ଛକଠାରୁ ଅଗ୍ନିଶମ ବିଭାଗ ଛକ ମଧ୍ୟରେ ପ୍ରବାହିତ ସ୍ଥାନରୁ ଜଳ ନମୁନା ସଂଗ୍ରହ କରିଛି। ତେବେ ଏହି ସମସ୍ୟା ଶିଳ୍ପ କାରଖାନା ଏବଂ ସ୍ୱାୟତ୍ତ ଶାସନ ସଂସ୍ଥାରୁ ଆରମ୍ଭ କରି ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଜନ ପ୍ରତିନିଧି ତଥା ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟିକୁ ଆସୁନାହିଁ। ଗଣ୍ଡାନାଳର ବିଭିନ୍ନ ସ୍ଥାନରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ ବିଶୋଧନ ପରେ ଖରସ୍ରୋତାରେ ନିଷ୍କାସନ ପାଇଁ ଏକାଧିକ ପ୍ରକଳ୍ପ କରାଯିବ ବୋଲି ଗତ ୧୦ବର୍ଷ ହେଲା କ୍ଷମତାସୀନ ରାଜନେତା କହି ଆସୁଥିବାବେଳେ ଏହାର ସର୍ଭେ କାର୍ଯ୍ୟ କରାଯାଉଥିବା ଜନସ୍ୱାସ୍ଥ୍ୟ ବିଭାଗ କହିଆସୁଛି। କିନ୍ତୁ ପ୍ରକଳ୍ପ କାର୍ଯ୍ୟକାରୀ ହେଉନାହିଁ। ଏସ୍‌ପିସିବିର କେନ୍ଦ୍ରୀୟ ପରୀକ୍ଷାଗାରରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଜଳ ନମୁନା ପରୀକ୍ଷାରେ ସର୍ବଦା ବିଷାକ୍ତ ଦ୍ରବ୍ୟ ମିଳିଥିବା ସୂଚନା ମିଳିଛି। ବିଶେଷକରି ଗଣ୍ଡାନାଳର କୁସୁନପୁର ବ୍ରିଜ ନିକଟ ଜଳ ଅଧିକ ବିଷାକ୍ତ ବୋଲି ଜଣାପଡିଛି। ଏହି ଜଳ ନମୁନାରେ ଗ୍ରହଣଯୋଗ୍ୟ ସୀମାଠାରୁ ପ୍ରାୟ ୧୦ ଗୁଣରୁ ଅଧିକ ଫେନୋଲିକ୍ କମ୍ପାଉଣ୍ଡ (କୋଇଲାଯୁକ୍ତ ପଦାର୍ଥ) ମିଳୁଥିବା ଏସ୍‌ପିସିବି ପକ୍ଷରୁ କୁହାଯାଉଛି। ତେବେ ଏହି ଜଳ ପ୍ରଦୂଷଣ ପାଇଁ କେତେକ ପ୍ରଭାବଶାଳୀ କମ୍ପାନୀର ସମ୍ପୃକ୍ତି ରହୁଥିଲେ ହେଁ ସରକାରଙ୍କ ପକ୍ଷରୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ଏଭଳିସ୍ଥିତିରେ ପରିବେଶ କମିଟିର ଅଧ୍ୟକ୍ଷ ବିଧାୟକ ମୋହନ ଚରଣ ମାଝୀ ଅନୁଧ୍ୟାନ ରିପୋର୍ଟ ସଂକ୍ରାନ୍ତରେ ସରକାରଙ୍କୁ ଜଣାଇବେ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସୁପାରିସ କରିବେ ବୋଲି କହିଛନ୍ତି।


ଗଣ୍ଡାନାଳ

ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା କହିଛନ୍ତି, ସେ ମଧ୍ୟ ପରିବେଶ କମିଟି ସହ ରହିଥିଲେ। ୨ ମାସର ଜଳ ନମୁନା ରିପୋର୍ଟ ଅନୁସାରେ ଫେନୋଲିକ୍ ଦ୍ରବ୍ୟ ଅଧିକ ରହୁଥିବା ଜଣାପଡ଼ିଛି। ତେବେ କମ୍ପାନୀରୁ ବୋହି ଯାଉଥିବା ବର୍ଷା ଜଳର ଉପଚାର କରି ସମସ୍ତ କମ୍ପାନୀ ବାହାରକୁ ଛାଡୁଛନ୍ତି। ଅନ୍ୟ ଦିନର ପାଣି କାରଖାନା ଭିତରେ ରିସାଇକ୍ଲିଂ କରି ବ୍ୟବହାର କରାଯାଉ ଥିବାରୁ ବାହାରକୁ ଛଡ଼ା ଯାଉନାହିଁ।

# ଇଏ ବି ପ୍ରେମ !

**ଏକ ଶାଶ୍ୱତ, ନିଃସ୍ୱାର୍ଥ ଓ ଦୃଢ଼ ବିଶ୍ୱାସର ପ୍ରତୀକ ହେଉଛି ପ୍ରେମ; ଯାହାକି ଦୁଇଟି ଅଚିହ୍ନା ଅଜଣା ମଣିଷ ଭିତରେ ଗଢ଼ିପାରେ ଏକ ନିବିଡ଼ ସମ୍ପର୍କର ଡୋରି। ହେଲେ ଆଜିର ଦୁନିଆରେ କେତେକ ପ୍ରେମୀଯୁଗଳଙ୍କ ପାଇଁ ଯେମିତି ବଦଳିଯାଉଛି ଏହାର ପରିଭାଷା...**



**ଟାଇମ୍‌ପାସ୍‌ର ମାଧ୍ୟମ ସାଜିଛି :** ବର୍ତ୍ତମାନ ଅନେକ ଯୁବତୀ ଯୁବକଙ୍କ ପାଇଁ ଟାଇମ୍‌ପାସ୍‌ର ସରଳ ମାଧ୍ୟମ ସାଜିଛି ପ୍ରେମ। ଭଲ ଲାଗୁଥିବା କୌଣସି ପୁଅଝିଅଙ୍କୁ ନିଜର ବୟଫ୍ରେଣ୍ଡ ଅବା ଗର୍ଲଫ୍ରେଣ୍ଡ ଭାବେ ବାଛିନେବା ସହ ତାଙ୍କ ସହିତ ଗପିବା, ବୁଲିଯିବା ଆଦି କାର୍ଯ୍ୟ କରୁଛନ୍ତି। ଏମିତିକି କେହି କେହି ଲିଭ୍ ଇନ୍ ରିଲେସନ୍‌ଶିପ୍‌ରେ ରହିବାକୁ ମଧ୍ୟ



ପଛାଉ ନାହାନ୍ତି। ତେବେ ସ୍ୱାର୍ଥ ପୂରଣ ପରେ ସେମାନଙ୍କ ମଧ୍ୟରେ ବ୍ରେକ୍ ଅପ୍ ଏବଂ ପରେ ଆଉ ଜଣେ ନୂଆ ସାଥୀଙ୍କ ସହ ବୁଲୁଥିବାର ଦେଖିବାକୁ ମିଳୁଛି। ତେବେ ଅଧୁନା ସମାଜରେ ପ୍ରେମର ଏଭଳି କଳୁଷିତ ରୂପ ଅନେକଙ୍କଠାରେ ଆପରାଧିକ ମନୋବୃତ୍ତି ସୃଷ୍ଟି କରୁଛି।

**ପ୍ରେମରେ ବି ଏକ୍ସପେରିମେଣ୍ଟ:** ପ୍ରେମର ପ୍ରକୃତ ମୂଲ୍ୟବୋଧ ନ ବୁଝି ଏହାକୁ ନେଇ ଏକ୍ସପେରିମେଣ୍ଟ କରୁଥିବା ପ୍ରେମୀଙ୍କ ସଂଖ୍ୟା ବର୍ତ୍ତମାନ ଅଧିକ। ସାଙ୍ଗସାଥୀଙ୍କ ମଧ୍ୟରେ କାହାର କେତେଜଣ ବୟଫ୍ରେଣ୍ଡ, ଗର୍ଲଫ୍ରେଣ୍ଡ ରହିଛନ୍ତି ଅବା କିଏ କେତେଜଣଙ୍କୁ ପଟାଇ ପାରୁଛି, ତାହାକୁ ନେଇ ମଧ୍ୟ ଚାଲୁଛି ପ୍ରତିଯୋଗିତା। ଏହି ଆଳରେ ଅନ୍ୟ କାହାର ମାନସିକତା ସହ ଖେଳୁଛନ୍ତି ଏବଂ ଠକିବା ଦ୍ୱାରା ଅନ୍ୟର ଜୀବନ ନଷ୍ଟ ମଧ୍ୟ କରୁଛନ୍ତି।

**ଲିଭ୍ ଇନ୍ ରିଲେଶନ୍‌ଶିପ୍:** ଦିନ ଥିଲା, ପ୍ରେମ କରୁଥିବା ଝିଅପୁଅମାନେ ସମାଜ ଭୟରେ ଏକାଠି ଭେଟିବା ବୁଲିବା ଆଦିକୁ ସଂକୋଚ କରୁଥିଲେ। ହେଲେ ଧୀରେ ଧୀରେ ଏଥିରେ ପରିବର୍ତ୍ତନ ହେଲା। କେବଳ ପାର୍କ, ମଲ୍ କିମ୍ବା ଅନ୍ୟାନ୍ୟ ସ୍ଥାନରେ ନୁହେଁ ବରଂ ସ୍କୁଲ୍ କଲେଜରେ ବିନା ଡରରେ ହଳ ହଳ ହୋଇ ବୁଲୁଥିବା ପ୍ରେମୀଯୁଗଳଙ୍କୁ ଦେଖିବାକୁ ମିଳିଲା। ହେଲେ ବର୍ତ୍ତମାନ ବିବାହିତ ଦମ୍ପତିଙ୍କ ଭଳି କେତେକ ଯୋଡ଼ି ଏକାଠି ରହୁଥିବା ମଧ୍ୟ ଦେଖିବାକୁ ମିଳୁଛି, ଯାହାକୁ ଲିଭ୍ ଇନ୍ ରିଲେଶନ୍‌ଶିପ୍ ବୋଲି କୁହାଯାଉଛି। ତେବେ ପ୍ରଥମେ ଏହା ଅବୈଧ ହୋଇଥିବା ବେଳେ ବର୍ତ୍ତମାନ ଏହା ଆଇନସମ୍ମତ। ହେଲେ ଏହାଦ୍ୱାରା ନା କେବଳ ବିଭିନ୍ନ ଅଘଟଣ ଘଟୁଥିବାର ନଜିର ରହିଛି। ତା'ଛଡ଼ା ଏହାଦ୍ୱାରା ଅନ୍ୟ ଯୁବପିଢ଼ିଙ୍କ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡୁଥିବା ଦେଖିବାକୁ ମିଳୁଛି।



**ବ୍ରେକ୍ ଅପ୍:** ବର୍ତ୍ତମାନ ଅନେକେ ପ୍ରକୃତ ପ୍ରେମର ପରିଭାଷାକୁ ନିଜର ସ୍ୱାର୍ଥ ପାଇଁ ବଦଳାଇ ଦେଲେଣି। କେହି କେହି ଟାଇମ୍‌ପାସ୍ ପାଇଁ ପ୍ରେମ କରୁଛନ୍ତି ତ ଅନ୍ୟ କେହି ପ୍ରେମୀଠାରୁ ଆବଶ୍ୟକ ମୁତାବକ ଅର୍ଥ ହାସଲ କରିବା ଲାଗି ପ୍ରେମର ଅଭିନୟ କରୁଛନ୍ତି। ଅନ୍ୟାନ୍ୟ ସ୍ୱାର୍ଥ ହାସଲ ପାଇଁ ମଧ୍ୟ ବର୍ତ୍ତମାନ ଅନେକେ ପ୍ରେମର ଛଳନା କରୁଥିବା ଦେଖିବାକୁ ମିଳୁଛି। ଆଉ ସ୍ୱାର୍ଥ ହାସଲ ପରେ ସାମାନ୍ୟ କଥାକୁ ନେଇ ଝଗଡ଼ା କରି ବ୍ରେକ୍ ଅପ୍ କରି ଆଉ ଏକ ନୂଆ ସାଥୀଙ୍କ ସନ୍ଧାନ କରି ନେଉଛନ୍ତି। ଏହାଦ୍ୱାରା ପ୍ରକୃତ ପ୍ରେମ ପ୍ରତି ଅନେକଙ୍କର ଭରସା ତୁଟିଯାଉଛି। ଏମିତିକି ଏହି ପ୍ରତାରଣା ସହି ନ ପାରି କେହି କେହି ଆତ୍ମହତ୍ୟା ଭଳି ଭୁଲ୍ କାମ କରିବାକୁ ମଧ୍ୟ ପଛାଉନାହାନ୍ତି। ପ୍ରତିଶୋଧ ପରାୟଣ ହୋଇ କେହି କେହି ସୋସିଆଲ୍ ସାଇଟ୍‌ରେ ଫେକ୍ ଆକାଉଣ୍ଟ ଖୋଲି ବିଭିନ୍ନ ଅଶ୍ଳୀଳ ଫଟୋ, ଭିଡିଓ ଆଦି ଅପ୍‌ଲୋଡ୍ କରି ଅପରପକ୍ଷକୁ ବଦନାମ୍ କରିବା ଭଳି ସାଇବର କ୍ରାଇମ୍ ମଧ୍ୟ କରୁଛନ୍ତି। ଏମିତିକି ଅନେକେ ପ୍ରେମାନ୍ଧ ହୋଇ ଏସିଡ୍ ଫିଙ୍ଗିବା କିମ୍ବା ହତ୍ୟା ଭଳି ଜଘନ୍ୟ ଅପରାଧ ଘଟାଉଥିବାର ଅନେକ ନଜିର ରହିଛି।



## ଏମାନେ କ'ଣ କୁହନ୍ତି



**ବିଶ୍ୱଜିତ୍ ପ୍ରଧାନ** (ଟ୍ରାଭେଲ୍ ଫଟୋଗ୍ରାଫର୍, ଭୁବନେଶ୍ୱର)– ଅଜାଣତରେ ହେଉ କି ଜାଣତରେ, ମନ ଦେଇ ବସିବା ପରେ ଭାଙ୍ଗିଗଲେ ସଜାଡ଼ିବାକୁ ଢେର ସମୟ ଲାଗିଯାଏ। ପ୍ରେମରେ ହାର୍‌ଜିତ୍ ତ ଥାଏ, ହେଲେ ପ୍ରତିଟି ଅସଫଳତାରୁ ହିଁ ଆମେ ଜୀବନରେ କିଛି ଶିଖିବାକୁ ପାଇଥାଉ। ସେହି ସମୟରେ ନିଜକୁ ସମ୍ଭାଳିବା ବି କଠିନ ହୋଇପଡ଼େ। ବ୍ରେକ୍ ଅପ୍ ପାଇଁ କେବେବି ଜୀବନ ଅଟକିଯାଏନି। ପ୍ରତିଥର ଆମେ ଝୁଣ୍ଟୁ ଏବଂ ଚାଲିବା ଶିଖିଥାଉ। ଲଭ୍ ଚକ୍କରରେ ପଡ଼ି ସତ କହିବାକୁ ଗଲେ ଆମେ ନିଜକୁ ହିଁ ଭୁଲି ପ୍ରିୟ ଲୋକଟିକୁ ଖୁସି କରିବାକୁ ଲାଗିପଡୁ। ପ୍ରେମ କରିବା ଭୁଲ୍ ନୁହେଁ, ହେଲେ ସର୍ବପ୍ରଥମେ ନିଜକୁ ପ୍ରେମ କରି ଶିଖିବା ଦରକାର।



**ମଧୁସ୍ମିତା ବେହେରା** (ପୁରୀ)– ମୋ ବେଷ୍ଟଫ୍ରେଣ୍ଡ ସହଜରେ କାହା ସହ ମିଶିପାରେନି। ହେଲେ ଠିକ୍ ବର୍ଷେ ପୂର୍ବରୁ ସେ ଏମିତି ନ ଥିଲା। ଦୀର୍ଘ ୪ବର୍ଷ ଧରି ଗୋଟେ ଝିଅକୁ ସିଏ ଭଲ ପାଉଥିଲା। ଏପରିକି ତାଙ୍କ ଘରେ ମଧ୍ୟ ରାଜି ହୋଇ ଯାଇଥିଲେ। ହଠାତ୍ ସେ ଝିଅଟି ମୋ ସାଙ୍ଗର କଲ୍ ଉଠାଇବା ବନ୍ଦ କରିଦେଲା ଏବଂ ଅଚାନକ ଭାବେ କଲେଜ ମଧ୍ୟ ଚେଞ୍ଜ୍ କରିଦେଲା। ମୋ ସାଙ୍ଗ ଏସବୁରେ ଡିପ୍ରେସନକୁ ଚାଲିଗଲା। କାହା ସହ ଭଲରେ ଦି'ପଦ କଥା ବି ହେଲା ନାହିଁ। ପରେ ଜାଣିବାକୁ ପାଇଲି, ସେ ଝିଅଟି ଅନ୍ୟ ଏକ ପୁଅକୁ ଭଲ ପାଉଥିଲା। ମୋ ସାଙ୍ଗ ସେଇ ପରିସ୍ଥିତିରୁ ବାହାରକୁ ଆସିବାକୁ ପାଖାପାଖି ବର୍ଷେ ଲାଗିଗଲା। ଏଥିପାଇଁ ତାକୁ ଆମେ ବହୁତ ସାହାଯ୍ୟ କଲୁ। ତେଣୁ ମୋ ମତରେ ପ୍ରେମ ନିଶାରେ କାହାକୁ ଅନ୍ଧ ଭଳି ବିଶ୍ୱାସ କରିବା ବି ଠିକ୍ ନୁହେଁ।

## ଜାଣନ୍ତୁ ଦୁନିଆ

# ପାରଦ

**ପାରଦ ଏକମାତ୍ର ଧାତୁ, ଯାହାକି ପୃଥିବୀପୃଷ୍ଠରେ ତରଳ ଅବସ୍ଥାରେ ମିଳିଥାଏ। ରୁପେଲି ରଙ୍ଗର ଉଜ୍ଜ୍ୱଳ ଦେଖାଯାଉଥିବା ଏହି ଧାତୁକୁ କ୍ୱିକ୍ ସିଲ୍‌ଭର୍ ବୋଲି ମଧ୍ୟ କୁହାଯାଇଥାଏ। ତାପମାତ୍ରା ମାପିବା ଲାଗି ଥର୍ମୋମିଟରରେ ଏହା ବ୍ୟବହାର କରାଯାଇଥାଏ। ଜାଣିବା ଏ ସମ୍ପର୍କରେ କିଛି ରୋଚକ ତଥ୍ୟ...**



❖ପାରଦର ଇଂଲିଶ୍ ନାମ ହେଉଛି ମର୍କ୍ୟୁରୀ। ନିଜର ଗତି ଏବଂ ଗତିଶୀଳତା ପାଇଁ ପରିଚିତ ଥିବା ରୋମାନ୍ ଦେବତା ମର୍କ୍ୟୁରୀଙ୍କ ନାମରେ ଏହାକୁ ନାମିତ କରାଯାଇଛି ବୋଲି କୁହାଯାଏ।

❖ଏହାର ରାସାୟନିକ ନାମ Hg, ଯାହାକି ଲାଟିନ୍ ଶବ୍ଦ ହାଇଡ୍ରାର୍ଜିରମ୍‌ରୁ ଆସିଛି।

❖ପାରଦ ପୃଥିବୀପୃଷ୍ଠରେ ଏକମାତ୍ର ଏଭଳି ଧାତୁ, ଯାହା ସାଧାରଣ ତାପମାତ୍ରା ଏବଂ ଚାପରେ ତରଳ ଅବସ୍ଥାରେ ମିଳିଥାଏ।

❖ ଏହା ମୁକ୍ତ ଅବସ୍ଥାରେ ଖୁବ୍ କମ୍ ମିଳିଥାଏ। ଏହାର ମୁଖ୍ୟ ଓର୍ ହେଉଛି ସିନେବାର, ଯାହାକି ସ୍ପେନ୍, ଆମେରିକା, ମେକ୍ସିକୋ, ଜାପାନ, ଚାଇନା ଏବଂ ମଧ୍ୟୟୁରୋପରେ ମିଳିଥାଏ।

❖ଏୟାରକ୍ରାଫ୍ଟରେ ଏହାକୁ ନେବା ମନା। କାରଣ ଏୟାରକ୍ରାଫ୍ଟ ପ୍ରସ୍ତୁତ ହେବା ଲାଗି ଆଲୁମିନିୟମ୍ ବ୍ୟବହାର କରାଯାଇଥାଏ। ପାରଦ ଆଲୁମିନିୟମ ସହ ଏକ ମିଶ୍ରଣ ସୃଷ୍ଟି କରେ, ଯାହାକି ଆଲୁମିନିୟମକୁ ଜଙ୍କ୍ ହେବାରୁ ରକ୍ଷା କରୁଥିବା ଉପାଦାନକୁ ନଷ୍ଟ କରିଦିଏ।

❖ପାରଦ ଅଧିକାଂଶ ଏସିଡ୍ ସହିତ ମିଶିଲେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥାଏ।

❖ଚରକ ସଂହିତାରେ ମଧ୍ୟ ପାରଦ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଗୋଟିଏ ସ୍ଥାନରେ ଏହାକୁ ରସ ଏବଂ ଅନ୍ୟ ସ୍ଥାନରେ ରସୋତ୍ତମ ବୋଲି ଲେଖାଯାଇଛି।

❖ପାରଦର ଫ୍ରିଜିଙ୍ଗ ପଏଣ୍ଟ –୩୮.୮୩° ସେଲ୍‌ସିଅସ୍ ହୋଇଥିବା ବେଳେ ବଏଲିଂ ପଏଣ୍ଟ ୩୫୬.୭୩° ସେଲ୍‌ସିଅସ୍।



## ଏ ସପ୍ତାହର ପ୍ରଶ୍ନ

୧– ଆଇସିସିଆର୍‌ର ଫୁଲ୍‌ଫର୍ମ ........................................ ?
୨– ପୃଥିବୀର ସବୁଠୁ ବଡ଼ ମାଛ ........................................ ?
୩– ୨୦୨୬ କମନ୍‌ୱେଲ୍‌ଥ ଗେମ୍ ............... ଦେଶରେ ଆୟୋଜନ କରାଯିବ ?
୪– ପଙ୍କଜ ଆଡ୍‌ଭାନୀଙ୍କ ନାମ .......................... ଖେଳ ପାଇଁ ଜଣାଶୁଣା ?
୫– ସ୍ପୋର୍ଟ୍ସ ଅଥୋରିଟି ଅଫ୍ ଇଣ୍ଡିଆ ଦ୍ୱାରା ......................... ଠାରେ ୱାଟର ସ୍ପୋର୍ଟ୍ସ ସେଣ୍ଟର ଶୁଭାରମ୍ଭ କରାଯାଇଛି ?

## ଗତ ଥରର ଉତ୍ତର

୧ ଅହମ୍ମଦାବାଦ
୨ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା
୩ ଟେସ୍‌ଲା
୪ ମୁମ୍ବାଇଠାରୁ ଅହମ୍ମଦାବାଦ
୫ ମୌନା ଲୋଆ

## ଉତ୍ତରଦାତା

★ରଶ୍ମିରଞ୍ଜନ ଜୟସିଂ, ଗଞ୍ଜାମ ★ଅଭିଜିତ୍ ସାହୁ, ମାଳପାଟଣ, କେନ୍ଦ୍ରାପଡା
★ଅକ୍ଷୟକୁମାର ବାରିକ୍, ସାକ୍ଷୀଗୋପାଳ ★ ରୀନା ନାୟକ, ଜଗତ୍‌ସିଂହପୁର

## ଟପ୍ ୧୦

### ପୃଥିବୀର ବଡ଼ ବ୍ୟାଙ୍କ୍–୨୦୨୨



୧– ଆଇସିବିସି........................ ଚାଇନା
୨– ଚାଇନା କନ୍‌ଷ୍ଟ୍ରକ୍ସନ ବ୍ୟାଙ୍କ୍........................ଚାଇନା
୩– ଏଗ୍ରିକଲ୍‌ଚରାଲ୍ ବ୍ୟାଙ୍କ ଅଫ୍ ଚାଇନା........................ ଚାଇନା
୪– ବ୍ୟାଙ୍କ୍ ଅଫ୍ ଚାଇନା ........................ ଚାଇନା
୫– ଜେପିମୋର୍ଗାନ୍ ଚେସ୍ ........................ ଆମେରିକା
୬– ବ୍ୟାଙ୍କ୍ ଅଫ୍ ଆମେରିକା ........................ ଆମେରିକା
୭– ମିସୁବିସି ୟୁଏଫ୍‌ଜେ ଫାଇନାନ୍ସିଆଲ୍ ଗ୍ରୁପ୍ ........................ ଜାପାନ
୮– ବିଏନ୍‌ପି ପରିବାସ୍........................ ଫ୍ରାନ୍ସ
୯– ଏଚ୍‌ଏସ୍‌ବିସି........................ ଲଣ୍ଡନ
୧୦– ସିଟି ଗ୍ରୁପ୍........................ ନ୍ୟୁୟର୍କ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଯୁବ ପ୍ରତିଭା

# ମଡେଲିଂ ଦୁନିଆରେ ପ୍ରତିଷ୍ଠିତ ହେବାର ଲକ୍ଷ୍ୟ

ଓଡ଼ିଶା ମଡେଲିଂ ଦୁନିଆରେ ନିଜକୁ ଏକ ପରିଚିତ ତଥା ପ୍ରତିଷ୍ଠିତ ଚେହେରା ଭାବେ ଗଢ଼ିବା ତାଙ୍କର ସ୍ୱପ୍ନ। ଏହାକୁ ସାକାର କରିବା ଲାଗି ସେ ଆରମ୍ଭ ଅରିଥିଲେ ପ୍ରସ୍ତୁତି। ଆଉ ୬ ବର୍ଷ ଉଦ୍ୟମ କରିବା ପରେ ଓଡ଼ିଶା ମିଷ୍ଟର ଫ୍ୟାଶନ ଆଇକନ୍ ପ୍ରତିଯୋଗିତାରେ ପ୍ରଥମ ରନର୍ସ ଅପ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ଏହାପରେ ମିଷ୍ଟର୍ ଓଡ଼ିଶା ସୁପର ମଡେଲ ୨୦୨୧, ଦିଲ୍ଲୀ ଟ୍ରେଣ୍ଡ ଫ୍ୟାଶନ ଶୋ'ରେ ୧ମ ରନର୍ସ ଅପ୍ ହେବା ସହ ମିଷ୍ଟର ଟିଆରା ଇଣ୍ଡିଆ ଫାଇନାଲରେ ବେଷ୍ଟ ର୍‌ୟାମ୍ପ ୱାକ୍ ପାଇଁ ପୁରସ୍କୃତ ହୋଇଥିଲେ। ସେବେଠୁ ମଡେଲିଂ ଦୁନିଆରେ ସଫଳତାର ସହ ଆଗେଇ ଚାଲିଥିବା ଏହି ଉଦୀୟମାନ ମଡେଲ୍ ହେଉଛନ୍ତି ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ବାଙ୍କୋଇରେ ରହୁଥିବା ମାଆ ଚନ୍ଦ୍ରକାନ୍ତି ଏବଂ ବାପା ପ୍ରମୋଦ କୁମାର ପଟ୍ଟନାୟକଙ୍କ ପୁଅ ଆଶୁତୋଷ।



ପିଲାବେଳୁ ଫ୍ୟାଶନ୍ ପ୍ରତି ତାଙ୍କ ରୁଚି ରହିଛି। ବିଶେଷକରି ଟିଭିରେ କୌଣସି ମଡେଲିଂ ଶୋ'ରେ ର୍‌ୟାମ୍ପ ୱାକ୍ କରୁଥିବା ମଡେଲ୍‌ଙ୍କୁ ଦେଖିଲେ ନିଜକୁ ସେହି ସ୍ଥାନରେ ଦେଖିବାକୁ ଚାହୁଁଥିଲେ। ସେଥିପାଇଁ ସେ ଉଦ୍ୟମ ଜାରି ରଖିବା ସହ ବିଭିନ୍ନ ଫ୍ୟାଶନ୍ ଶୋ'ରେ ଅଂଶଗ୍ରହଣ କରି ସଫଳ ମଧ୍ୟ ହୋଇପାରିଲେ। ବର୍ତ୍ତମାନ ଆଶୁତୋଷ ମଡେଲ୍ସ ହବ୍ ନାଁରେ ଏକ ମଡେଲିଂ ଏକାଡେମୀ ଖୋଲି ମଡେଲିଂ ପାଇଁ ଉତ୍ସାହୀ ଉଭୟ କିଡ୍ସ ଏବଂ ଯୁଥ୍‌ମାନଙ୍କୁ ଏ ଦିଗରେ ତାଲିମ ଦେଉଛନ୍ତି। ଏହା ବ୍ୟତୀତ ସେ ନିଜସ୍ୱ ଉଦ୍ୟମରେ ମିଷ୍ଟର ଆଣ୍ଡ ମିସ୍ କଳିଙ୍ଗ ସିଜନ୍– ୧ ଏବଂ ଓଡ଼ିଶା ଫ୍ୟାଶନ୍ ରନ୍‌ୱେ ୱିକ୍ ସିଜନ୍– ୧ ନାମକ ଦୁଇଟି ମଡେଲିଂ ଶୋ ମଧ୍ୟ କରିସାରିଛନ୍ତି। ଖୁବ୍‌ଶୀଘ୍ର ଓଡ଼ିଶା ଫ୍ୟାଶନ ରନ୍‌ୱେ ୱିକ୍‌ର ସିଜନ୍– ୨ ମଧ୍ୟ ଆୟୋଜନ କରିବାକୁ ଯାଉଛନ୍ତି। ସାଙ୍ଗମାନେ ଓ ମୋ ନବୋଦୟ ୟୁଥ୍ ଆସୋସିଏଶନ୍‌ର ଭାଇମାନଙ୍କ ଭଲପାଇବା ମୋତେ ଆଗକୁ ବଢ଼ିବାରେ ବେଶ୍ ଉତ୍ସାହିତ କରୁଛି ବୋଲି ସେ କୁହନ୍ତି।

ମଡେଲିଂ ବ୍ୟତୀତ ଅଭିନୟରେ ତାଙ୍କର ବିଶେଷ ରୁଚି ରହିଛି। ବର୍ତ୍ତମାନ ସୁଦ୍ଧା ସେ ଦୁଇଟି ଘରୋଇ ଓଡ଼ିଆ ଚ୍ୟାନେଲ୍‌ରେ ପ୍ରସାରିତ 'କେମିତି କହିବି କହ' ଏବଂ 'ଭାଗ୍ୟ ହାତେ ଡୋରୀ' ଭଳି ମେଗା ଧାରାବାହିକରେ ମଧ୍ୟ କାମ କରି ସାରିଛନ୍ତି। ନିଜ ମାତାପିତାଙ୍କ ଆଶୀର୍ବାଦ ଓ ପ୍ରୋତ୍ସାହନ ଯୋଗୁ ଆଜି ସଫଳତା ମାର୍ଗରେ ଆଗେଇ ପାରିଛି ବୋଲି କହୁଥିବା ଆଶୁତୋଷ ଭବିଷ୍ୟତରେ ବଡ଼ପରଦାରେ ଜଣେ ସଫଳ ଅଭିନେତା ହେବାକୁ ଲକ୍ଷ୍ୟ ରଖିଛନ୍ତି।

# ଭାରତ ଆଜି ପାକିସ୍ତାନକୁ ଭେଟିବ

**ଟି୨୦ ବିଶ୍ୱକପ୍**

ମେଲବୋର୍ନ,୨୨।୧୦(ପି.ଟି.)

ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଉଥିବା ସମସ୍ତ ମ୍ୟାଚକୁ ନେଇ କ୍ରିକେଟ ଫ୍ୟାନ୍‌ଙ୍କ ମଧ୍ୟରେ ଦେଖିବାକୁ ମିଳିଥାଏ ଉତ୍କଣ୍ଠା। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଚଳିତ ଟି୨୦ ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ଗ୍ରୁପ୍ ବି'ରେ ସୁପର-୧୨ ମ୍ୟାଚ ଖେଳିବେ। ଅତୀତରେ ଆଇସିସି ଇଭେଣ୍ଟଗୁଡିକରେ ପାକିସ୍ତାନ ବିପକ୍ଷରେ ଭାରତ ଅପରାଜେୟ ରହିଥିଲା। ତେବେ ନିକଟ ଅତୀତରେ ଖେଳା ଯାଇଥିବା ୨୦୨୧ ଟି୨୦ ବିଶ୍ୱକପ୍ ଓ ଏସିଆ କପ୍‌ରେ ପରାଜିତ ହୋଇଛି ଭାରତ। ଏପରି ସ୍ଥିତିରେ ଭାରତୀୟ ଦଳ ପୂର୍ବ ପରାଜୟର ପ୍ରତିଶୋଧ ନେବା ପାଇଁ ପଡିଆକୁ ଓହ୍ଲାଇବ। ତେବେ ଏହି ମୁକାବିଲାଟି ବର୍ଷା ଦ୍ୱାରା ପ୍ରଭାବିତ ହୋଇପାରେ। ଏପରିକି ମ୍ୟାଚଟି ବାତିଲ ହେବାର ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଉଭୟ ଦଳର ଅଧିନାୟକ ରୋହିତ ଶର୍ମା ଏବଂ ବାବର ଆଜମ ଏହାକୁ କେବଳ ଏକ ମ୍ୟାଚ ଭାବେ ବିବେଚନା କରୁଥିବା ବେଳେ ଉଭୟ ଦେଶର ଲକ୍ଷ ଲକ୍ଷ ସମର୍ଥକଙ୍କ ପାଇଁ ଏହା କୌଣସି ଯୁଦ୍ଧଠାରୁ କମ୍ ନୁହେଁ। ସେହିପରି ପାକିସ୍ତାନୀ ପେସ୍ ବୋଲର ଶାହିନ୍ ଶାହ ଆଫ୍ରିଦି ମଧ୍ୟ ଭାରତକୁ ଅସୁବିଧାରେ ପକାଇ ପାରନ୍ତି। ୨୦୨୧ ଟି୨୦ ବିଶ୍ୱକପ୍‌ରେ ଆଫ୍ରିଦିଙ୍କ ସ୍ପେଲ କାରଣରୁ ଭାରତ ପାକିସ୍ତାନ ବିପକ୍ଷରେ ପ୍ରଥମ ଥର ପରାଜିତ ହୋଇଥିଲା। ଶାହିନଙ୍କ ଉପସ୍ଥିତି ଭାରତୀୟ ଶିବିରକୁ ସାମାନ୍ୟ ଚିନ୍ତାରେ ପକାଇପାରେ। ଭାରତୀୟ ଟପ୍ ଅର୍ଡର ବ୍ୟାଟର ରୋହିତ ଶର୍ମା, କେ. ଏଲ୍. ରାହୁଲ ଓ ବିରାଟ କୋହଲି ପାକିସ୍ତାନ ବିପକ୍ଷ ପୂର୍ବ ବିଫଳତାକୁ ଭୁଲି ନୂତନ ଆରମ୍ଭ କରିବାକୁ ଚାହିଁବେ। ବର୍ତ୍ତମାନର ଫର୍ମକୁ ଦେଖିଲେ ପାକିସ୍ତାନ ଏହି ମ୍ୟାଚ୍ ପାଇଁ ଫେଭରିଟ୍ ରହିଛି। ବିଗତ ଦିନରେ ଭାରତୀୟ ଦଳର ଫର୍ମରେ ସ୍ଥିରତା ଦେଖିବାକୁ ମିଳିନାହିଁ। ୨୦୨୩ ଏସିଆ କପ୍‌କୁ ନେଇ ବିସିସିଆଇର ବୟାନ ପରେ ବର୍ତ୍ତମାନ ପରିସ୍ଥିତି ଟିକିଏ ଗମ୍ଭୀର ରହିଛି। ତେବେ ଗତ ମ୍ୟାଚରେ ବିଜୟୀ ହୋଇଥିବା କାରଣରୁ ପାକିସ୍ତାନ ଦଳ ଉପରେ ସାମାନ୍ୟ ଚାପ ରହିବ।

ଏହି ମ୍ୟାଚ ପାଇଁ ଚୂଡ଼ାନ୍ତ ଏକାଦଶ ଚୟନ କରିବା ଭାରତ ପାଇଁ ସାମାନ୍ୟ ସମସ୍ୟା ସୃଷ୍ଟି କରିପାରେ। ଜଣେ ଅତିରିକ୍ତ ବୋଲର ଖେଳାଇବାକୁ ଭାରତ ସ୍ପେଶାଲିଷ୍ଟ ବାମହାତୀ ବ୍ୟାଟର ରିଷଭ ପନ୍ତଙ୍କୁ ଦଳରୁ ବାଦ୍ ଦେଇପାରେ। ମାତ୍ର ଯଦି ହାର୍ଦ୍ଦିକ ପାଣ୍ଡ୍ୟା ୫ମ ବୋଲର ଭାବରେ ଖେଳନ୍ତି ତା'ହେଲେ ଭାରତୀୟ ମିଡିଲ ଅର୍ଡରରେ ପନ୍ତ ଖେଳି ପାରନ୍ତି। ସେହିପରି ବର୍ତ୍ତମାନ ଭାରତର ଏକ ନମ୍ବର ବ୍ୟାଟର ଥିବା ସୂର୍ଯ୍ୟ କୁମାର ଯାଦବଙ୍କଠାରୁ ମଧ୍ୟ ଦଳ ଏକ ଭଲ ଇନିଂସ ଆଶା କରିବ। ତେବେ ବର୍ଷାର ଆଶଙ୍କା ରହିଥିବା ବେଳେ ଭାରତ ଟସ୍ ଜିତିବାକୁ ଚାହିଁବ। ଭାରତୀୟ ଦଳ ନିକଟରେ ୩ ଜଣ ସ୍ପିନର ଅଛନ୍ତି। ପାକିସ୍ତାନ ମିଡିଲ ଅର୍ଡରରେ ଶାନ୍ ମାସୁଦ୍, ଫାଖର ଜମାନ, ମହମ୍ମଦ ନୱାଜ ଓ ଖୁଶଦିଲ ଶାହଙ୍କ ପରି ଖେଳାଳି ଥିବାରୁ ଏହି ମ୍ୟାଚରେ ଆର. ଅଶ୍ୱିନଙ୍କୁ ଅଗ୍ରାଧିକାର ମିଳିପାରେ। ଏସିଆ କପ୍ ସୁପର-୪ରେ ପାକିସ୍ତାନ ମହମ୍ମଦ ନୱାଜଙ୍କୁ ଆଗୁଆ ବ୍ୟାଟିଂ କରିବାକୁ ପଠାଇଥିଲା। ରବିବାର ମ୍ୟାଚରେ ମଧ୍ୟ କିଛି ସମାନ ଦୃଶ୍ୟ ଦେଖିବାକୁ ମିଳିପାରେ। ଗ୍ରୁପ୍ ଏ'ର ଅନ୍ୟ ଏକ ମ୍ୟାଚରେ ଶ୍ରୀଲଙ୍କା ଓ ଆୟର୍ଲାଣ୍ଡ ସାମ୍ନାସାମ୍ନି ହେବେ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଲୋକେଶ ରାହୁଲ (ଉପ ଅଧିନାୟକ), ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଆର. ଅଶ୍ୱିନ, ମହମ୍ମଦ ଶାମି, ଭୁବନେଶ୍ୱର କୁମାର, ଅର୍ଶଦୀପ ସିଂ, ହର୍ଷଲ ପଟେଲ ଓ ଦୀପକ ହୁଡା।

**ପାକିସ୍ତାନ ଦଳ:** ବାବର ଆଜମ୍(ଅଧିନାୟକ), ମହମ୍ମଦ ରିଜୱାନ, ଫାଖର ଜମାନ୍, ଶାନ୍ ମାସୁଦ୍, ମହମ୍ମଦ ନୱାଜ, ଖୁଶଦିଲ ଶାହ, ଆସିଫ ଅଲୀ, ହାଇଦର ଅଲୀ, ଇଫତିଖାର ଅହମ୍ମଦ, ହରିଶ ରୌଫ, ନଶିମ ଶାହ, ଶାହିନ୍ ଶାହ ଆଫ୍ରିଦି, ମହମ୍ମଦ ୱାସିମ୍, ଶଦାବ ଖାନ୍, ମହମ୍ମଦ ହସନେନ୍।

**ସ୍ଥାନ: ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**
**ସମୟ: ଅପରାହ୍ନ ୧.୩୦**


ପାକିସ୍ତାନ ବିପକ୍ଷ ମ୍ୟାଚ ପୂର୍ବରୁ ଅଭ୍ୟାସ ସେସନ ବେଳେ କୋଚ୍ ରାହୁଲ ଦ୍ରାବିଡଙ୍କ ସହ ଭାରତୀୟ ଖେଳାଳି।

## ଇଂଲଣ୍ଡ ୫ ଉଇକେଟରେ ବିଜୟୀ


ବେନ୍ ଷ୍ଟୋକ୍ସ ଏବଂ ସାମ୍ କୁରାନ।

**ପର୍ଥ, ୨୨।୧୦ (ପି.ଟି.):** ସାମ୍ କୁରାନଙ୍କ ୫ ଉଇକେଟ ସଫଳତା ଯୋଗୁ ଇଂଲଣ୍ଡ ଚଳିତ ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ ସୁପର-୧୨ ଗ୍ରୁପ୍ ୱାନ୍‌ର ଏକ ମ୍ୟାଚରେ ଆଫଗାନିସ୍ତାନକୁ ୫ ଉଇକେଟରେ ପରାସ୍ତ କରିଛି। ୧୧୩ରନର ବିଜୟ ଲକ୍ଷ୍ୟକୁ ଦଳ ୧୮.୧ ଓଭରରେ ୫ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଦଳର ଟପ୍ ସ୍କୋରର ଲିଆମ୍ ଲିଭିଂଷ୍ଟୋନ୍ ୨୯ରନ କରି ଅପରାଜିତ ରହିଥିଲେ। ଆଲେକ୍ସ ହେଲ୍ସ ୧୯ ଏବଂ ଜୋସ୍ ବଟଲର ଓ ଦାୱିଦ ମଲନ ୧୮ରନ ଲେଖାଏ କରିଥିଲେ। ଆଫଗାନିସ୍ତାନ ତରଫରୁ ଫଜଲହକ୍ ଫାରୁକି, ମୁଜିବୁର ରହମନ, ରଶିଦ ଖାଁ, ଫରିଦ ଅହମଦ ମଲିକ ଓ ମହମ୍ମଦ ନବି ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୧୯.୪ ଓଭରରେ ମାତ୍ର ୧୧୨ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ଇବ୍ରାହିମ୍ ଜାଦ୍ରାନ ୩୨ ବଲ୍‌ରୁ ୩୨ ରନ କରିଥିଲେ। ଉସ୍‌ମାନ ଘାନୀ ମହତ୍ତ୍ୱପୂର୍ଣ୍ଣ ୩୦ରନ କରିଥିଲେ। ଇଂଲଣ୍ଡ ବୋଲରଙ୍କ ପ୍ରାଧାନ୍ୟ ଯୋଗୁ ଆଫଗାନିସ୍ତାନ ବ୍ୟାଟରମାନେ ଏକ ବଡ଼ ପାର୍ଟନରଶିପ୍ କରିବାରେ ସମର୍ଥ ହୋଇ ନ ଥିଲେ। ବାମହାତୀ ମିଡିୟମ ଫାଷ୍ଟ ବୋଲର କୁରାନ ମାତ୍ର ୧୦ ରନ ବିନିମୟରେ ୫ ଉଇକେଟ ନେଇଥିବା ବେଳେ ବେନ୍ ଷ୍ଟୋକ୍ସ (୨/୧୯) ଓ ମାର୍କ ଉଡ୍ (୨/୨୩) ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଆଫଗାନିସ୍ତାନ:** ୧୯.୪ ଓଭରରେ ୧୧୨/ଅଲଆଉଟ (ଇବ୍ରାହିମ୍ ଜାଦ୍ରାନ-୩୨ ; ସାମ୍ କୁରାନ-୫/୧୦, ବେନ୍ ଷ୍ଟୋକ୍ସ-୨/୧୯, ମାର୍କ ଉଡ୍-୨/୨୩)।
**ଇଂଲଣ୍ଡ:** ୧୮.୧ ଓଭରରେ ୧୧୩/୫ (ଲିଆମ ଲିଭିଂଷ୍ଟୋନ୍-୨୯*, ଆଲେକ୍ସ ହେଲ୍ସ-୧୯ ; ମହମ୍ମଦ ନବି-୧/୧୬)।

## ବୁଲ୍ସର ଚମକପ୍ରଦ ବିଜୟ

ବେଙ୍ଗାଲୁରୁ, ୨୨।୧୦ (ପି.ଟି.)

ପ୍ରୋ-କବାଡ଼ି ଲିଗ୍‌ରେ ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଏକଦା ପ୍ରଥମାର୍ଦ୍ଧ ସୁଦ୍ଧା ୟୁ ମୁମ୍ବା ଭଲ ସ୍ଥିତିରେ ଥିଲା, କିନ୍ତୁ ବେଙ୍ଗାଲୁରୁ ବୁଲ୍ସ ରେଡର ଭରତ ଚମତ୍କାର ପ୍ରଦର୍ଶନ କରି ତାଙ୍କ ଦଳକୁ ୪୨-୩୨ରେ ବିଜୟୀ କରାଇଥିଲେ। ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ଜୟପୁର ପିଙ୍କ୍ ପାନ୍ଥର୍ସ ୫୧-୨୭ରେ ତେଲୁଗୁ ଟାଇଟନ୍ସକୁ ପରାସ୍ତ କରିଛି।

## ସ୍ୱପ୍ନିଲଙ୍କୁ ତୃତୀୟ କୋଟା

କାଇରୋ, ୨୨।୧୦ (ପି.ଟି.)

ସ୍ୱପ୍ନିଲ କୁସାଲେ ଭାରତ ପାଇଁ ତୃତୀୟ ଅଲିମ୍ପିକ କୋଟା ହାସଲ କରିଛନ୍ତି। ଶନିବାର ଏଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ପୁରୁଷ ୫୦ମିଟର ରାଇଫଲ ୩ ପୋଜିଶନ ଫାଇନାଲରେ ସେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ପ୍ରଥମ କୋଟା ଭୋନିଶ ମେଣ୍ଡିରାଟା ପୁରୁଷ ଟ୍ରାପ୍ ଶୁଟିଂ ଇଭେଣ୍ଟ ଏବଂ ରୁଦ୍ରାଂକ୍ଷ ବାଲାସାହେବ ପାଟିଲ ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ସହ ଦ୍ୱିତୀୟ କୋଟା ହାସଲ କରିସାରିଛନ୍ତି।

## ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ

**୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍**

ମାର୍ଗାଓ,୨୨।୧୦




୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ଶନିବାର କଲମ୍ବିଆ ଓ ସ୍ପେନ୍ ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ କ୍ୱାର୍ଟରରେ କଲମ୍ବିଆ ୩-୦ ଗୋଲରେ ତାଞ୍ଜାନିଆକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ସେମିରେ ଜାପାନକୁ ୨-୧ରେ ପରାସ୍ତ କରିଛି ସ୍ପେନ୍। ଦୁଇଟି ଯାକ ସେମିଫାଇନାଲ ଗୋଆର ଫତୋର୍ଦା ଷ୍ଟାଡିୟମରେ ବୁଧବାର ଖେଳାଯିବ। ଅପରାହ୍ନ ୪.୩୦ରେ ନାଇଜେରିଆ ଓ କଲମ୍ବିଆ ମଧ୍ୟରେ ଓ ରାତି ୮.୦୦ରେ ଜର୍ମାନୀ ଓ ସ୍ପେନ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ଖେଳାଯିବ।

ଶନିବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ତାଞ୍ଜାନିଆକୁ ୩-୦ରେ ପରାସ୍ତ କରିଛି କଲମ୍ବିଆ। ମ୍ୟାଚ୍ ଆରମ୍ଭରୁ କଲମ୍ବିଆ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଲିଣ୍ଡା କାଇସେଡୋ(୩), ପାଓଲା ରୋଜାସ(୧୭) ଓ ଗାବ୍ରିଏଲା ରୋଡ୍ରିଗ୍ୱେଜ(୩୬ ତମ ମିନିଟରେ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ତାଞ୍ଜାନିଆର ଦୁଇ ଜଣ ଖେଳାଳିଙ୍କୁ ରେଡ କାର୍ଡ ମିଳିଥିଲା। ପ୍ରଥମ ହାଫ୍‌ରେ କଲମ୍ବିଆ ୩ ଗୋଲ ସ୍କୋର କରିଥିବା ବେଳେ ଦ୍ୱିତୀୟ ହାଫ୍‌ରେ ଗୋଟିଏ ବି ଗୋଲ ସ୍କୋର ହୋଇ ନ ଥିଲା। ଭିକି ଲୋପେଜ୍‌ଙ୍କ ଡବଲ ଗୋଲ ବଳରେ ୨-୧ରେ ବିଜୟୀ ହୋଇଛି ସ୍ପେନ୍। ମ୍ୟାଚର ୬୬ତମ ମିନିଟରେ ଜାପାନର ମୋମୋକୋ ଟାନିକାୱା ପ୍ରଥମ ଗୋଲ ସ୍କୋର କରିଥିଲେ। ୮୭ ତମ ମିନିଟରେ ସ୍ପେନର ଭିକି ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ୯୦+୩ ମିନିଟରେ ସେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ।

## ମାଲେସିଆକୁ ୫-୨ରେ ହରାଇଲା ଭାରତ

**ସୁଲ୍‌ତାନ ଅଫ୍ ଜୋହର କପ୍ ହକି**

ଜୋହର୍ (ମାଲେସିଆ), ୨୨।୧୦ (ପି.ଟି.)

ସୁଲ୍‌ତାନ ଅଫ୍ ଜୋହର କପ୍ ଟୁର୍ନାମେଣ୍ଟରେ ଭାରତୀୟ ଜୁନିୟର ହକି ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଦଳ ଶନିବାର ଆୟୋଜକ ମାଲେସିଆକୁ ୫-୨ ଗୋଲରେ ପରାସ୍ତ କରିଛି। ଭାରତ ପକ୍ଷରୁ ଅମନଦୀପ (୬ଷ୍ଠ ମିନିଟ), ଅରାଇଜିତ୍ ସିଂ ହୁଣ୍ଡାଲ (୧୦ମ), ବବି ସିଂ ଧାମି (୨୦ତମ), ସୁଦୀପ ଚିର୍‌ମାକୋ (୨୬ତମ) ଓ ଶ୍ରଦ୍ଧାନନ୍ଦ ତିୱାରୀ (୫୬ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମାଲେସିଆ ତରଫରୁ ଶାମି ଇରଫାନ ସୁହେମି (୧୩ତମ) ଓ ମହମ୍ମଦ ମାମତ (୫୨ତମ) ଗୋଲ୍ ସ୍କୋର କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ।

## ଅଷ୍ଟ୍ରେଲିଆ ବିପକ୍ଷରେ ନ୍ୟୁଜିଲାଣ୍ଡର ବୃହତ୍ ବିଜୟ

**ଟି୨୦ ବିଶ୍ୱକପ୍ ସୁପର-୧୨**

ସିଡ୍‌ନୀ,୨୨।୧୦(ପି.ଟି.)

ଶନିବାରଠାରୁ ଟି୨୦ ବିଶ୍ୱକପ୍ ୨୦୨୨ର ସୁପର-୧୨ ପର୍ଯ୍ୟାୟ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚରେ ଆୟୋଜକ ଅଷ୍ଟ୍ରେଲିଆ ବିପକ୍ଷରେ ବୃହତ୍ ବିଜୟ ସହିତ ଅଭିଯାନ ଆରମ୍ଭ କରିଛି ନ୍ୟୁଜିଲାଣ୍ଡ। ସିଡ୍‌ନୀରେ ଖେଳା ଯାଇଥିବା ମ୍ୟାଚରେ ଡେଭନ କନ୍‌ୱେଙ୍କ ଦମଦାର ଅର୍ଦ୍ଧଶତକ ବଳରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆକୁ ୮୯ ରନରେ ପରାସ୍ତ କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ନ୍ୟୁଜିଲାଣ୍ଡର ଦୁଇ ଓପନର ଫିନ୍ ଆଲେନ୍(୪୨) ଓ ଡେଭନ କନ୍‌ୱେ(୯୨*) ପ୍ରଥମ ଉଇକେଟରେ ଦ୍ରୁତ ୫୬ ରନ୍ ଯୋଡିଥିଲେ। ଆଲେନଙ୍କ ୧୬ ବଲର ବିସ୍ଫୋରକ ଇନିଂସରେ ୫ ଚୌକା ଓ ୩ ଛକା ସାମିଲ ଥିଲା। ୪ ଓଭରରେ ଉଭୟ ୫୬ ରନ୍ ଯୋଡିଥିଲେ। ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା କନ୍‌ୱେ ୫୮ ବଲରେ ୭ ଚୌକା ଓ ୨ ଛକା ମାରିଥିଲେ। ଉଭୟଙ୍କ ଇନିଂସ ବଳରେ ନ୍ୟୁଜିଲାଣ୍ଡ ୩ ଉଇକେଟରେ ୨୦୦ ରନ୍ କରି ନିଜର ସର୍ବାଧିକ ଟି୨୦ ସ୍କୋର ରେକର୍ଡ କରିଥିଲା। ଜୋଶ ହାଜେଲଉଡ୍ ୪୧ ରନରେ ଦୁଇ ଉଇକେଟ ନେଇଥିଲେ।

୨୦୧ ରନ ବିଜୟ ଲକ୍ଷ୍ୟ ନେଇ ଅଷ୍ଟ୍ରେଲିଆ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟିମ୍ ସାଉଦି ଓ ମିଚେଲ ସାଣ୍ଟନରଙ୍କ ଘାତକ ବୋଲିଂ ବଳରେ ଅଷ୍ଟ୍ରେଲିଆ ୧୭.୧ ଓଭରରେ ୧୧୧ ରନରେ ଅଲଆଉଟ ହୋଇଥିଲା। ଗ୍ଲେନ୍ ମ୍ୟାକ୍ସୱେଲ ସର୍ବାଧିକ ୨୮ ରନ୍ କରିଥିଲେ। ଟିମ୍ ସାଉଦି ଓ ମିଚେଲ ସାଣ୍ଟନର ୩ ଉଇକେଟ ଲେଖାଏ ନେଇଥିବା ବେଳେ ଟ୍ରେଣ୍ଟ ବୋଲ୍ଟଙ୍କୁ ମିଳିଥିଲା ଦୁଇ ସଫଳତା। ଡେଭନ୍ କନ୍‌ୱେଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

**ନ୍ୟୁଜିଲାଣ୍ଡ:** ୨୦ ଓଭରରେ ୨୦୦/୩ ( ଡେଭନ୍ କନ୍‌ୱେ-୯୨*, ଫିନ୍ ଆଲେନ୍-୪୨, ଜିମି ନିଶାମ୍-୨୬, ଜୋଶ ହାଜେଲଉଡ୍-୨/୪୧, ଆଡାମ ଜାମ୍ପା-୧/୩୯ ।)
**ଅଷ୍ଟ୍ରେଲିଆ:** ୧୭.୧ ଓଭରରେ ୧୧୧/୧୦ (ଗ୍ଲେନ୍ ମ୍ୟାକ୍ସୱେଲ-୨୮, ପ୍ୟାଟ୍ କମିନ୍ସ-୨୧, ମିଚେଲ ମାର୍ଶ-୧୬, ଟିମ୍ ସାଉଦି-୩/୬, ମିଚେଲ ସାଣ୍ଟନର-୩/୩୪, ଟ୍ରେଣ୍ଟ ବୋଲ୍ଟ- ୨/୨୪)

## ସଫଳ ଶକ୍ତି ଉତ୍ତୋଳକ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୨।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଶନିବାର ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଶକ୍ତି ଉତ୍ତୋଳକମାନଙ୍କୁ ରାଜ୍ୟ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ପ୍ରୋତ୍ସାହନ ପାଇଁ ସେମାନଙ୍କୁ ୪୦,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଓଡ଼ିଶା ରାଜ୍ୟ ଶକ୍ତି ଉତ୍ତୋଳନ ସଂଘ ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ସଂଘର ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଗୌରି ମହାନ୍ତି, ଖୋର୍ଦ୍ଧା ଜିଲା ସମ୍ପାଦକ ସମରେନ୍ଦ୍ର ରାଉତରାୟ, ଅନ୍ତର୍ଜାତୀୟ ଖେଳାଳି ପ୍ରଦୀପ ପାତ୍ର, ଶକ୍ତିରଞ୍ଜନ ବାରିକ ଓ ମୀର ଅଜମତ ଅଲି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଖେଳାଳିମାନେ ହେଲେ ଦେବୀ ସିଂ, ସୁଷମା ରାୟ, ଦେବାଶିଷ ମହାନ୍ତି, ଅଭିଷେକ ମହନ୍ତ, ସୁଜିତ ଗିରି, ନାରାୟଣ ସେଠୀ, ରାକେଶ ଶତପଥୀ, ଦୀପକ ନାୟକ, ଅନୁପମା ସ୍ୱାଇଁ, ସ୍ୱାଗତିକା ଖଟୋଇ, ତନୟା ପଣ୍ଡା ଓ ପ୍ରତିମା ରଥ।



କର୍ମକର୍ତ୍ତାଙ୍କ ଗହଣରେ ସମ୍ବର୍ଦ୍ଧିତ ସଫଳ ଶକ୍ତି ଉତ୍ତୋଳକମାନେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ନାବାଳିକାଙ୍କୁ ଅସଦାଚରଣ କରି ଯୁବକ ଗିରଫ

**ମଙ୍ଗୁଳି,(ଡି.ଏନ୍.ଏ.):** ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଗତପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ ନୂତନ ଶିଳ୍ପାଞ୍ଚଳର ସନିଆ ସିଂ। ସ୍ଥାନୀୟ ତାଳବଣିଆ ଅଞ୍ଚଳର ନାବାଳିକା ଜଣଙ୍କ ଗତ ସୋମବାର ଅପରାହ୍ନ ୨ଟାରେ ଘରେ ଏକୁଟିଆ ଥିବାବେଳେ ସନିଆ ତାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ କରିଥିଲେ। ଏହି ସମୟରେ ନାବାଳିକା ପାଟି କରିବାରୁ ସନିଆ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ନାବାଳିକା ତାଙ୍କ ମାଆଙ୍କୁ ଜଣାଇଥିଲେ। ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା(ନଂ.୪୪୪/୨୨) ରୁଜୁ କରିଛି।

## ସଂକ୍ଷେପରେ

### ପରିବେଶ ପ୍ରଦୂଷଣ କରୁଥିବା ବାଣ ନ ଫୁଟାଇବା ପାଇଁ ଆହ୍ୱାନ

**କଟକ ଅଫିସ,୨୨।୧୦:** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଲରାବାଙ୍କଠାରେ ଅବସ୍ଥିତ କଳିଙ୍ଗ ଇଂଲିଶ ମିଡିୟମ ସ୍କୁଲଠାରେ ଏକ ବିଶେଷ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ପରିସରରେ ଅଭିଭାବକଙ୍କ ମଧ୍ୟରେ ରଙ୍ଗୋଲି ପ୍ରତିଯୋଗିତା ସହ ଦୀପାବଳି ଉତ୍ସବ ପାଳନ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ଚେୟାରପର୍ସନ୍ ଡ. ଇତି ସାମନ୍ତ ଯୋଗଦେଇ ପରମ୍ପରାକୁ ପାଳନ କରିବା ସହ ପରିବେଶ ପ୍ରଦୂଷଣ କରୁଥିବା ବାଣ ନ ଫୁଟାଇବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଓଡ଼ିଶୀ ନୃତ୍ୟଶିଳ୍ପୀ ଜାହ୍ନବୀ ବେହେରା, ସାମାଜିକ କର୍ମୀ ସବିତା ପଟ୍ଟନାୟକ, ଟିଭି ଉଦ୍‌ଘୋଷିକା ରମ୍ୟା ନନ୍ଦ, ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ସଂଘର ସମ୍ପାଦକ ସରିତା ପ୍ରଧାନ, ଅଞ୍ଜନା ସାମନ୍ତ, ଅମୀୟ ପଟ୍ଟନାୟକ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରିନ୍ସିପାଲ ଆଶୁତୋଷ ମହାନ୍ତି ଓ ପ୍ରଶାସନିକ ଅଧିକାରିଣୀ ସାଗରିକା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜିଆର୍‌ଏସ୍‌ଙ୍କୁ ଆକ୍ରମଣ, ଯୁବକ ଗିରଫ

**କଟକ ସଦର,୨୨।୧୦(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍) ସନ୍ତୋଷ କୁମାର ପ୍ରଧାନଙ୍କୁ ଆକ୍ରମଣ କରିବା ଅଭିଯୋଗରେ କନ୍ଦରପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପରମହଂସ ବ୍ରାହ୍ମଣ ସାହିର ଯୁଧିଷ୍ଠିର ଦାଶ। ପୋଲିସ ସୂତ୍ରରୁ ପ୍ରକାଶ, ସନ୍ତୋଷ ଭତ୍ତା ବଣ୍ଟନ କରୁଥିବାବେଳେ ଅଭିଯୁକ୍ତ ଜଣଙ୍କ ହଠାତ୍ ଅଫିସରେ ପଶି ତାଙ୍କୁ କାହିଁକି ଘର ମିଳିଲାନି ବୋଲି ପଚାରିଥିଲେ। ମାତ୍ର ସନ୍ତୋଷ କିଛି କହିପାରିବି ନାହିଁ ବୋଲି କହିବା ପରେ ଅଭିଯୁକ୍ତ ଜଣଙ୍କ ବ୍ୟାଗରେ ଲୁଚାଇ ରଖିଥିବା ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ପଞ୍ଚାୟତ ପିଅନ ଶ୍ୟାମସୁନ୍ଦର ପଣ୍ଡା ମଧ୍ୟ ସନ୍ତୋଷଙ୍କୁ ବଞ୍ଚାଇବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ଉଭୟ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୦/୨୨) ରୁଜୁ କରିଛି।

### ଓଡ଼ିଆ ଭାଷା ପ୍ରଚାରରେ ଇଚ୍ଛାମୟୀଙ୍କ ଭୂମିକା ଅତୁଳନୀୟ

**କଟକ ଅଫିସ, ୨୨।୧୦:** ଇଚ୍ଛାମୟୀ ରାଉତରାୟଙ୍କ ସପ୍ତଦଶ ପୁଣ୍ୟତିଥି ମର୍କତନଗର ସିଡିଏ-୯ସ୍ଥିତ ଇଚ୍ଛା-ତୀର୍ଥ ନିଳୟମଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ସତ୍ୟ ରାୟ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ବିଭିନ୍ନ ରାଜ୍ୟରେ ପ୍ରଚାର ଓ ପ୍ରସାର କରିବାରେ ଇଚ୍ଛାମୟୀଙ୍କ ଭୂମିକା ଅତୁଳନୀୟ ବୋଲି କହିଥିଲେ। ଏଥିରେ ନିତ୍ୟାନନ୍ଦ ମିଶ୍ର, ଧରଣୀଧର ପଟ୍ଟନାୟକ, ନେତ୍ରାନନ୍ଦ ରାଉତ, ଗିରିବାଳା ବେହେରା, ରବୀନ୍ଦ୍ରନାଥ ଷଡଙ୍ଗୀ, ଭାଗୀରଥି ରାଉତ, ବିଜୟ କୁମାର ପାତ୍ର, ନଳିନୀ କୁମାର ରାୟ, ଭୁବନାନନ୍ଦ ମହାନ୍ତି, ଗିରୀଶ ଦାସ, ଦୀପ୍ତିମୟୀ ରାଉତ, ସବିତା ରାଉତରାୟ, ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ପ୍ରମୁଖ ଯୋଗଦେଇ ଇଚ୍ଛାମୟୀଙ୍କ ସ୍ମୃତିଚାରଣ କରିଥିଲେ। ଇଚ୍ଛାମୟୀଙ୍କ ପୁତ୍ର ଉତ୍କଳ ଭୂଷଣ ରାଉତରାୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଦାବିପତ୍ର

**ସଦାନନ୍ଦ ନାୟକ ହତ୍ୟା ଘଟଣା**

**କଟକ ଅଫିସ ୨୨।୧୦:** ସାମାଜିକ ସଙ୍ଗଠନ ଆମ କଟକ ପକ୍ଷରୁ ସର୍କିଟ ହାଉସରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। କଟକ ଗୋପାଳପୁର ବାଲିକୁଦା ସାମଲ ସାହିରେ ସଦାନନ୍ଦ ନାଏକଙ୍କ ହତ୍ୟା ଘଟଣାରେ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଆଲୋଚନା ହୋଇଥିଲା। ଏନେଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ପୂର୍ବରୁ ନ୍ୟାୟ ପାଇଁ ଡିସିପି, ମାନବାଧିକାର କମିଶନ, ଜାତୀୟ ଏସ୍‌ସି କମିଶନର, ଜିଲାପାଳ, ଆର୍‌ଡିସି ଓ ମୁଖ୍ୟମନ୍ତ୍ରୀ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସଦାନନ୍ଦଙ୍କ ପରିବାରକୁ ନ୍ୟାୟ ମିଳିପାରିନାହିଁ। ତେଣୁ ସଙ୍ଗଠନର ସଭାପତି ଅନିଲ କୁମାର ବେଉରା, ମାନସ ପରିଡା, ଅଜିତ ଦାସ ପ୍ରମୁଖ ନାଏକଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରିଛନ୍ତି।

# ପାର୍କ ପାଲଟିଛି ଗୋଚର ଭୂମି

■ଉଦ୍‌ଘାଟନ ପରେ ତାଲା ଝୁଲୁଛି
■ରାତି ହେଲେ ଜମୁଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**କଟକ ଅଫିସ,୨୨।୧୦**



ଖାନ୍‌ନଗରରୁ ପଞ୍ଚମୁଖୀ ହନୁମାନ ମନ୍ଦିର ଯିବା ରାସ୍ତା ପାର୍ଶ୍ୱରେ ଥିବା ପାର୍କ ଫାଟକରେ ଦୀର୍ଘଦିନ ହେବ ତାଲା ଝୁଲୁଛି। ଏହାକୁ ବ୍ୟବହାର କରାଯାଉ ନ ଥିବାରୁ ଗୋରୁଙ୍କ ଚରାଭୂଇଁ ପାଲଟିଛି। ଏପରି କି ରାତିହେଲେ ସେଠାରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି। ତୁରନ୍ତ ଏହି ପାର୍କକୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ସହରବାସୀ ମୁକ୍ତାକାଶ ତଳେ ଅବସର ସମୟ କାଟିବା ଓ ବ୍ୟାୟାମ କରିବା ପାଇଁ ସହରରେ ଅନେକ ଛୋଟବଡ ପାର୍କ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ନିର୍ମାଣ କରାଯାଇଥିଲା। ଉକ୍ତ ପାର୍କରେ ମଧ୍ୟ ଅନେକ ବ୍ୟବସ୍ଥା କରାଯାଇଥିଲା। ସେଥିରେ ପିଇବା ପାଣି, ଆଲୋକ, ଜିମ୍ ଉପକରଣ, ବେଞ୍ଚ ଓ ପିଲାଙ୍କ ଖେଳିବା ପାଇଁ ବିଭିନ୍ନ ଉପକରଣ ରଖାଯାଇଥିଲା। ଏଥିପାଇଁ ୧୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ପାର୍କ ନିର୍ମାଣ ପରେ ୬/୭ ମାସ ଧରି ସେଭଳି ଭାବେ ରହିଥିଲା। ଉଦ୍‌ଘାଟନ ନ ହେବାରୁ ଏହାକୁ ବ୍ୟବହାର କରାଗଲା ନାହିଁ। ଫଳରେ ପିଲାଙ୍କ ପାଇଁ ଥିବା ଉପକରଣରେ କଳଙ୍କି ଲାଗିଥିବାବେଳେ ଗଛଲତା ଉଠି ଜଙ୍ଗଲର ଭ୍ରମ ସୃଷ୍ଟି କରିଥିଲା। ପରେ ଏହାକୁ ସଫା କରାଯାଇ ଗତ ସ୍ୱାୟତ ଶାସନ ଦିବସରେ ସିଏମ୍‌ସି ପକ୍ଷରୁ ଉଦ୍‌ଘାଟନ କରାଯାଇଥିଲା। ଇତିମଧ୍ୟରେ ଉଦ୍‌ଘାଟନକୁ ଦେଢମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହାକୁ ସର୍ବସାଧାରଣଙ୍କ ଲାଗି ବ୍ୟବହାର ଉପଯୋଗୀ କରାଯାଇପାରି ନାହିଁ। ଫଳରେ ଦିନରେ ଗୋରୁମାନେ ଚରୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି, ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଆମକୁ ଉକ୍ତ ପାର୍କ ହସ୍ତାନ୍ତର କରାଯାଇନାହିଁ। ହସ୍ତାନ୍ତର ପରେ ପାର୍କ ଖୋଲାଯିବ। ଏନେଇ ଆସନ୍ତା ବୈଠକରେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।



ବାଲିଯାତ୍ରାକୁ ଜାତୀୟସ୍ତରୀୟ ମାନ୍ୟତା ଏବଂ ପ୍ଲଟ୍ ଆବଣ୍ଟନର ନୂତନ ନିୟମକୁ ବିରୋଧ କରି ବାଲିଯାତ୍ରା ସୁରକ୍ଷା ମଞ୍ଚ ଓ ହିନ୍ଦୁ ସେନା ପକ୍ଷରୁ ଶନିବାର ବାଲିଯାତ୍ରା ତଳପଡିଆ ମୁଖ୍ୟଗେଟ୍ ସମ୍ମୁଖରେ ବିକ୍ଷୋଭ।

# ଅଭିଯୁକ୍ତଙ୍କୁ ୧୫ ବର୍ଷ ଜେଲ୍

**ଅନୁସୂଚିତ ଜାତି ଯୁବତୀଙ୍କୁ ବଳାତ୍କାର ମାମଲା**

**କଟକ ଅଫିସ,୨୨।୧୦**

ଅନୁସୂଚିତ ଜାତି ଯୁବତୀଙ୍କୁ ବଳାତ୍କାର କରିବା ମାମଲାରେ ଏସ୍‌ସି/ଏସ୍‌ଟି ସ୍ୱତନ୍ତ୍ର କୋର୍ଟ ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ୧୫ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ଅଭିଯୁକ୍ତ ହେଲେ ଜଗତପୁର ଥାନା ଅଞ୍ଚଳର ମନୋରଞ୍ଜନ ପରିଡ଼ା। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଅନନ୍ତ ବେହେରାଙ୍କୁ ଅଦାଲତ ଦୋଷମୁକ୍ତ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ପୀଡ଼ିତା ଯୁବତୀଙ୍କ ସମ୍ପର୍କୀୟ ଭାଇ ହେଉଛନ୍ତି ଅନନ୍ତ। ଅନନ୍ତଙ୍କ ବନ୍ଧୁ ମନୋରଞ୍ଜନ। ଯୁବତୀ ଅନନ୍ତଙ୍କ ଘରକୁ ଯିବାଆସିବା କରିବାବେଳେ ମନୋରଞ୍ଜନ ତାଙ୍କ ସହ ପରିଚିତ ହୋଇ ପ୍ରେମ ନିବେଦନ କରିଥିଲେ। ଏଥିରେ ଅନନ୍ତ ସହଯୋଗ କରିଥିଲେ। ୨୦୧୫ ଡିସେମ୍ବର ୧୨ରେ ମନୋରଞ୍ଜନ ଯୁବତୀଙ୍କୁ ଘରକୁ ଡାକି ବଳାତ୍କାର କରିଥିଲେ। ପରବର୍ତ୍ତୀ ସମୟରେ ସେ ବିବାହର ପ୍ରତିଶ୍ରୁତି ଦେଇ ବିଭିନ୍ନ ଆଡ଼େ ନେଇ ବଳାତ୍କାର କରିଥିଲେ। ହେଲେ ତାଙ୍କୁ ବିବାହ କରି ନଥିଲେ। ଓଲଟି ପୀଡ଼ିତାଙ୍କ ଜାତି ଓ ଚରିତ୍ରକୁ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ଏନେଇ ପୀଡ଼ିତା ଜଗତପୁର ଥାନାରେ ୨୦୧୬ ଏପ୍ରିଲ ୪ରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ. ୯୪/୨୦୧୬) ରୁଜୁ କରି ତଦନ୍ତ କରିଥିଲା। ମନୋରଞ୍ଜନ ଓ ଅନନ୍ତଙ୍କ ବିରୋଧରେ ପୋଲିସ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। କୋର୍ଟରେ ମାମଲାର ଶୁଣାଣିବେଳେ ୧୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପ୍ରସିକ୍ୟୁଟର ଏଚ୍.ସି. ପୃଷ୍ଟି ମାମଲା ପରିଚାଳନା କରୁଥିଲେ।

# ଜମାକାରୀଙ୍କୁ ଦିଆଯିବ ୮୬ ଲକ୍ଷ ଟଙ୍କା

**ସମବାୟ ମିନିବ୍ୟାଙ୍କ ଅର୍ଥ ତୋସରପାତ ମାମଲା**

**କଟକ ସଦର,୨୨।୧୦(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସମବାୟ ମିନିବ୍ୟାଙ୍କ ଜମାକାରୀଙ୍କ ଅର୍ଥ ତୋସରପାତ ମାମଲା ନୂଆ ମୋଡ଼ ନେଇଛି। ଜମାକାରୀଙ୍କ ୮୬ ଲକ୍ଷ ଟଙ୍କା ଫେରସ୍ତ ପାଇଁ ଉପ ସମବାୟ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି କନ୍ଦରପୁର କୃଷକ ସମବାୟ ସମିତି ସଭାପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟଙ୍କା କୃଷକ ସମବାୟ ସମିତିର ଲାଭାଂଶରୁ ଜମାକାରୀଙ୍କୁ ଫେରସ୍ତ କରାଯିବ। ୨୦୨୧ ସେପ୍ଟେମ୍ବର ୧୮ରେ ଅର୍ଥ ତୋସରପାତ ହୋଇଥିବା ଘଟଣା ଜଣାପଡିଥିଲା। ଏହି ଘଟଣାରେ ବ୍ୟାଙ୍କ କ୍ୟାଶିୟର ଦୀପ୍ତି ପଟ୍ଟନାୟକଙ୍କୁ ନିଲମ୍ବନ କରାଯାଇଥିଲା। ଇତିମଧ୍ୟରେ ଜମାକାରୀଙ୍କୁ ଡକାଯାଇ ତଥ୍ୟ ସଂଗ୍ରହ ସହ ସ୍ୱତନ୍ତ୍ର ଅଡିଟ୍ କରାଯାଇଥିଲା। ଏବେ ସୁଦ୍ଧା ୧୩ ଜଣ ଜମାକାରୀଙ୍କୁ ୮୭,୨୦୦ ଟଙ୍କା ଫେରସ୍ତ କରାଯାଇଛି।



କଟକ ବାଲିଯାତ୍ରା ପାଇଁ ଶନିବାର ତଳପଡିଆରେ ମୋରମ ପକାଇ ସମତୁଲ କରାଯାଉଛି।

# 'ସଚେତନତା ଦ୍ୱାରା ଦୂରେଇ ହେବ ସ୍ତନକର୍କଟ'

**ଡ୍ରିମ୍‌ସ ନର୍ସିଂ କଲେଜରେ ଆଲୋଚନାଚକ୍ର**

**କଟକ ଅଫିସ, ୨୨।୧୦**

ସ୍ତନ କର୍କଟ ସଚେତନତା ମାସ ପାଳନ ଅବସରରେ ଡ୍ରିମ୍‌ସ ସ୍କୁଲ ଆଣ୍ଡ୍ କଲେଜ ଅଫ୍ ନର୍ସିଂ ପକ୍ଷରୁ ସ୍ଥାନୀୟ ରାଣୀଦେବୀ ଅଡିଟୋରିୟମରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। କର୍କଟ ରୋଗ ବିଶେଷଜ୍ଞ ଡା. ରଣଜିତ୍ କର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସମ୍ପ୍ରତି ଦେଶରେ ସ୍ତନକର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତେବେ ପ୍ରାରମ୍ଭରୁ ରୋଗ ଚିହ୍ନଟ ଓ ଚିକିତ୍ସା କରାଗଲେ ଏହାର ଆରୋଗ୍ୟ ସମ୍ଭବ। ସଚେତନତା ଦ୍ୱାରା ହିଁ ସ୍ତନକର୍କଟକୁ ସମ୍ପୂର୍ଣ୍ଣ ଦୂରେଇ ଦେଇହେବ ବୋଲି ସେ କହିଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ଲୋକନାଥ ବେହେରା ଯୋଗଦେଇ ସ୍ତନକର୍କଟ ପ୍ରତିହତ କରିବା ଦିଗରେ ନର୍ସିଂ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଡ. ପି. କଙ୍ଗେଶ୍ୱରୀ ସ୍ୱାଗତ ଭାଷଣ, ସହକାରୀ ପ୍ରାଧ୍ୟାପିକା ରୋଜାଲିନ୍ ଦାସ କାର୍ଯ୍ୟକ୍ରମ ସଂଯୋଜନା ଓ ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ ଧନ୍ୟବାଦ ଦେଇଥିଲେ।

ସେହିପରି ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ଆନୁକୂଲ୍ୟରେ ଚାନ୍ଦିନୀଚୌକ ମେହେନ୍ଦିପିର ପ୍ରାଥମିକ ବିଦ୍ୟାଳୟରେ ସ୍ତନକର୍କଟ ରୋଗର କାରଣ ଓ ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାରୀ ଶିଶୁଭୁବନର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ବବୁଲିନା ମହାନ୍ତି ଯୋଗଦେଇ ଅଧିକ ବୟସରେ ବିବାହ କରିବା, ପିଲାକୁ କ୍ଷୀର ନ ଦେବା, ପିଲା ଜନ୍ମ କରିବାରେ ବିଳମ୍ବ, ଶାରୀରିକ ବ୍ୟାୟାମ ନ କରିବା, ଚର୍ବିଜାତୀୟ ଖାଦ୍ୟ ଅଧିକ ଖାଇବା ଆଦି ସ୍ତନକର୍କଟର ମୁଖ୍ୟ କାରଣ ବୋଲି କହିଥିଲେ। ଯୋଗଗୁରୁ ସାଗରିକା ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାପୁଜୀ ବିଶୋଇ, ପ୍ରଧାନ ଶିକ୍ଷୟିତ୍ରୀ ଲିପିକା ମହାନ୍ତି, ବାସନ୍ତୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ସୌଦାମିନୀ ମିଶ୍ର ଅତିଥି ପରିଚୟ ଓ ଅଞ୍ଜଳି ଦାସ ଧନ୍ୟବାଦ ଦେଇଥିଲେ।




ଡ୍ରିମ୍‌ସ ନର୍ସିଂ କଲେଜର ରାଣୀଦେବୀ ଅଡିଟୋରିୟମରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଖୁଣ୍ଟୁଣୀ,୨୨।୧୦(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଅଧୀନ କୁଲାଇଲୋ ପଞ୍ଚାୟତରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। କୁଲାଇଲୋ ଶିବ ମନ୍ଦିରଠାରୁ ଶତାଧିକ କର୍ମୀ ଓ ନେତୃବୃନ୍ଦ ପଦଯାତ୍ରାରେ ବାହାରି ଉଦୟପୁର, କରିକମଳ ଗ୍ରାମଠାରେ ପହଞ୍ଚିଥିଲେ। ସେଠାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ପାଇଁ କହିଥିଲେ। ପରେ ପାଟଲିଙ୍ଗା ଗ୍ରାମ ଦେଇ ତଳଗଡ଼ ସ୍ୱପନେଶ୍ୱର ମନ୍ଦିରରେ ପଦଯାତ୍ରା ଶେଷ ହୋଇଥିଲା। ଏଥିରେ କୁଲାଇଲୋ ସରପଞ୍ଚ ସୁଜାତା ବେଉରାୟ, ୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ସମିତି ସଭ୍ୟା ଅନସୂୟା ସ୍ୱାଇଁ, ଆଠଗଡ଼ ବ୍ଲକ ସଭାପତି ରବୀନ୍ଦ୍ର ନାଥ ରାଉତ, ପୂର୍ବତନ କଟକ ଜିଲା ପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା, ବିଜେଡି ଜିଲା ଉପସଭାପତି ନୃସିଂହ ଚରଣ ମହାପାତ୍ର, ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ବେଉରାୟ, ଗୋଲକ ବିହାରୀ ସ୍ୱାଇଁ, ସୂର୍ଯ୍ୟକାନ୍ତ ପାଳ, ରାଧାନାଥ ସେଠୀଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ବାଇକ୍‌କୁ ଧକ୍କା ଦେଲା ଆମ୍ବୁଲାନ୍ସ, ୨ ଗୁରୁତର

**ମଙ୍ଗୁଳି,୨୨।୧୦(ଡି.ଏନ୍.ଏ.)**



କଟକ ଜିଲା ଟାଙ୍ଗୀ-ହରିପୁର ରାସ୍ତାର ବରପଦା ଖନ୍ଦାଳବାଙ୍କ ନିକଟରେ ଶନିବାର ଏକ ବାଇକ୍‌କୁ ଆମ୍ବୁଲାନ୍ସ ଧକ୍କା ଦେଇଛି। ଏଥିରେ ୨ ବାଇକ୍ ଆରୋହୀ ଟାଙ୍ଗୀ ଥାନା ଅଧୀନ ହଳଦୀବସନ୍ତ ଗ୍ରାମର ମନୋଜ ସ୍ୱାଇଁ ଓ ସତ୍ୟ ଲେଙ୍କା ଗୁରୁତର ହୋଇଛନ୍ତି। ଚିକିତ୍ସାଲାଗି ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ବାଇକ୍ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ପୂର୍ବାହ୍ନ ୧୦ଟାରେ ସତ୍ୟ ଜେଜେ ମା'ଙ୍କର ଶୁଦ୍ଧିକ୍ରିୟା ପାଇଁ ବଜାରରୁ କିଛି ସାମଗ୍ରୀ କିଣିଥିଲେ। ପରେ ସେ ଓ ତାଙ୍କ ସାଙ୍ଗ ମନୋଜ ବାଇକ(ନଂ. ନଂ. ଓଡ଼ି୦୨ବିଜେଡ୍-୩୩୮୪)ରେ ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଆମ୍ବୁଲାନ୍ସ (ନଂ. ଓଡ଼ି୦୪ଡି-୫୪୪୧) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ରାସ୍ତାରେ ଛିଟ୍‌କି ପଡିଥିଲେ। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲା। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି।

# ବାଲିଯାତ୍ରାରେ ବୁଲିବ ମୋବାଇଲ୍ ଟେଷ୍ଟିଂ ଭ୍ୟାନ୍

**ଖାଦ୍ୟ ନମୁନା ସଂଗ୍ରହ ପାଇଁ ୪ ଟିମ୍ ଗଠନ ହେବ**

**କଟକ ଅଫିସ, ୨୨।୧୦**

କଟକ ବାଲିଯାତ୍ରାରେ ବ୍ୟବସାୟୀମାନେ ନିମ୍ନମାନର ତଥା ବାସି ଖାଦ୍ୟ ବିକ୍ରି କରିପାରିବେନାହିଁ। ଖାଦ୍ୟରେ ଅପମିଶ୍ରଣ ରୋକିବାକୁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ପଦକ୍ଷେପ ନିଆଯାଇଛି। ଖାଦ୍ୟର ନମୁନା ସଂଗ୍ରହ ପାଇଁ ସିଏମ୍‌ସି ପକ୍ଷରୁ ୪ଟି ଟିମ୍ ଗଠନ କରାଯିବ। ପ୍ରତିଦିନ ଚାଟ୍, ଦହିବରା, ଗୁପଚୁପ ଆଦି ଖାଦ୍ୟର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବ। ଏଥିପାଇଁ ମୋବାଇଲ୍ ଟେଷ୍ଟିଂ ଭ୍ୟାନ୍ ମହଜୁଦ ରଖାଯିବ। ଏହି ଭ୍ୟାନ୍‌ରେ ତୁରନ୍ତ ପରୀକ୍ଷା ରିପୋର୍ଟ ମିଳିପାରିବ। ଏଥିସହ ଖାଦ୍ୟ ଅପମିଶ୍ରଣ କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସୁବିଧା ହେବ। ପ୍ରତି ଖାଦ୍ୟ ଷ୍ଟଲରେ ସୂଚନା ଫଳକ ଲଗାଯିବା ସହ ଫୋନ୍ ନମ୍ବର ରହିବ। ଯଦି କୌଣସି ବ୍ୟବସାୟୀ ବାସି କିମ୍ବା ଅପମିଶ୍ରିତ ଖାଦ୍ୟ ବିକ୍ରି କରନ୍ତି ତା'ହେଲେ ଗ୍ରାହକମାନେ ଉକ୍ତ ଫୋନ୍ ନମ୍ବରରେ ସିଏମ୍‌ସି ଅଧିକାରୀଙ୍କୁ ଜଣାଇପାରିବେ। ଫଳରେ ବାସିଖାଦ୍ୟ ଜବତ ହେଲେ ୫୦୦ ଟଙ୍କା ଜରିମାନା କରାଯିବ। ସେହିଭଳି ଖାଦ୍ୟ ତିଆରି କରୁଥିବା ବ୍ୟକ୍ତି ସ୍ୱଚ୍ଛତା ରକ୍ଷା କରିବା ବାଧ୍ୟତାମୂଳକ। ୪ଟି ଟିମ୍ ବାଲିଯାତ୍ରାର ପ୍ରଥମ ଦିନରୁ ଶେଷ ପର୍ଯ୍ୟନ୍ତ ସକାଳ ଓ ସନ୍ଧ୍ୟାବେଳେ ବିଭିନ୍ନ ଖାଦ୍ୟ ଦୋକାନ ଉପରେ ଖାଦ୍ୟର ମାନ ଯାଞ୍ଚ କରିବ। ଯାଞ୍ଚବେଳେ ବାସି ଖାଦ୍ୟ ବିକ୍ରି ହେଉଥିବା ଜଣାପଡିଲେ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ବର୍ଷକରେ ହେବ ୧୦ ଲକ୍ଷ ନିଯୁକ୍ତି

**ରୋଜଗାର ମେଳା ଶୁଭାରମ୍ଭ**
■୧୦୫ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ

**କଟକ ଅଫିସ, ୨୨।୧୦**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ରୋଜଗାର ମେଳା'କୁ ଭିଡିଓ କନ୍‌ଫରେନ୍ସରେ ଶନିବାର ଉଦ୍‌ଘାଟନ କରିଛନ୍ତି। ନିଯୁକ୍ତି ପାଇଥିବା ଯୁବତୀଯୁବକମାନେ ଦେଶ ଓ ଦେଶବାସୀଙ୍କ ସେବାରେ ନିଜକୁ ନିୟୋଜିତ କରି ଭାରତକୁ ଶ୍ରେଷ୍ଠ ଦେଶରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଉକ୍ତ ରୋଜଗାର ମେଳା ଶୁଭାରମ୍ଭର ପ୍ରଥମ ଚରଣରେ ଦେଶରେ ୭୫,୦୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କୁ ନିଯୁକ୍ତି ପତ୍ର ବିତରଣ କରାଯାଇଛି। ଏ ନେଇ ଓଡ଼ିଶାର କଟକସ୍ଥିତ ସହିଦ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ଦେଶରୁ ବେରୋଜଗାରୀ ହଟାଇ ଯୁବତୀଯୁବକଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ପ୍ରଧାନମନ୍ତ୍ରୀ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥାରେ ଖାଲିଥିବା ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏକ ବର୍ଷ ମଧ୍ୟରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତି ଲକ୍ଷ୍ୟ ନିଶ୍ଚିତ ଭାବେ ପୂରଣ କରାଯିବ ବୋଲି ସେ କହିଥିଲେ। ଏହି ଅବସରରେ ମନ୍ତ୍ରୀ ଟୁଡୁ ୧୦୫ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, କଟକ ସଦର ଜିଲା ସଭାପତି ପ୍ରକାଶ ବେହେରା, ଦଳର ବରିଷ୍ଠ ନେତା ସଜନ ଶର୍ମା, କର୍ପୋରେଟର ଲକ୍ଷ୍ମୀଧର ବେହେରା, ସତ୍ୟବ୍ରତ ମିଶ୍ର, କାମାକ୍ଷା ମିଶ୍ର, ଅମୃତ ଆଚାର୍ଯ୍ୟ, ଶିବ ନାରାୟଣ ନାୟକ, ରଶ୍ମି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଜଣେ ପ୍ରାର୍ଥୀନୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ନିରାକାରପୁର,୨୨।୧୦(ଡି.ଏନ୍.ଏ.):** ନିରାକାରପୁର ଓ ଗୋଳବାଇ ରେଳ ଷ୍ଟେଶନ ମଧ୍ୟବର୍ତ୍ତୀ ଛପୋଲିଆ ଅପଲାଇନ ରେଳଧାରଣରୁ ଶନିବାର ଜଣେ ଯୁବକଙ୍କ ମୃତ୍ୟୁଦେହ ଜବତ ହୋଇଛି। ସେ ହେଲେ ନିରାକାରପୁର ଥାନା ଅଧୀନ ଜାଜପୁର ଗ୍ରାମର ବଳରାମ ଦାଶ ଓରଫ ବଳିଆ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ନିରାକାରପୁର ରେଲୱେ ଫାଣ୍ଡି ଅଧିକାରୀ ଇନ୍ଦୁମତୀ ଶୁକ୍ଳା କୁହନ୍ତି, ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏକ ଅପମୃତ୍ୟୁ ମାମଲା (ନଂ.୫୦/୨୨)ରୁଜୁ କରାଯାଇ ତଦନ୍ତ ଚାଲିଥିବା ସେ କହିଛନ୍ତି।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ମୃତିସଭା

**ଖୋର୍ଦ୍ଧା ଅଫିସ,୨୨।୧୦:** ଖୋର୍ଦ୍ଧା ବ୍ଲକ ମିଳିତ ଶିକ୍ଷକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପଲ୍ଲା ସ୍ଥିତ ଅବନୀ ବରାଳ ଶିକ୍ଷକ ଭବନ ଠାରେ ରାଜ୍ୟ ଶିକ୍ଷକ ମହାସଂଘର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ଆବାହକତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଡ.ଗୌରହରି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶିକ୍ଷକ ନେତା ବିଚିତ୍ରାନନ୍ଦ ଚମ୍ପତିରାୟ ଏବଂ ଆଇନଜୀବୀ ବିଚିତ୍ର କୁମାର ବଡ଼ଜେନାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଛତିପୁର ଠାରେ ସାମାଜିକ କର୍ମୀ ପଦ୍ମଚରଣ ରାୟଙ୍କ ସଭାପତିତ୍ୱରେ ବିଚିତ୍ର କୁମାର ବଡ଼ଜେନାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶ୍ରମିକଙ୍କ ସମେତ ରାଧାଶ୍ୟାମ ଜେନା, ହୃଷିକେଶ ବେହେରା, ସେକ୍ ହୁସେନ୍, ଶ୍ରୀନିବାସ ପ୍ରଧାନ, ବିଭୁପ୍ରସାଦ ଶ୍ରୀଚନ୍ଦନ, ଶିବାନନ୍ଦ ପ୍ରଧାନ, ସର୍ବେଶ୍ୱର ପରିଡା, କୈଳାସ ପାଇକରାୟ, ନିମାଇଁ ହରିଚନ୍ଦନ, ବିଘ୍ନେଶ୍ୱର ପରିଡା,ରମେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ। ଖୋର୍ଦ୍ଧାର ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବିଚିତ୍ରାନନ୍ଦ ବଡଜେନାଙ୍କ ସ୍ମୃତିଚାରଣ ସଭା ମଞ୍ଚ ସଭାପତି ସତ୍ୟବାଦୀ ବଳିୟାରସିଂହଙ୍କ ସଭାପତିତ୍ୱରେ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମଞ୍ଚର ସମ୍ପାଦକ ରାମଶଙ୍କର, ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ, ଅଧ୍ୟକ୍ଷ ଦେବପ୍ରସାଦ ମଜୁମଦାର, ବୈକୁଣ୍ଠ ନାଥ ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ବୈକୁଣ୍ଠ ନାଥ ରାଜଗୁରୁ, ବସନ୍ତ ଦାସ, ଉମାଶଙ୍କର ପ୍ରସାଦ, ପ୍ରଭାତ ମିଶ୍ର, ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରମୋଦ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ବଡଜେନା ଯୋଗଦେଇ ସ୍ୱର୍ଗତ ବଡଜେନାଙ୍କ ସ୍ମୃତିଚାରଣ କରିଥିଲେ।

### ୫ ବାଇକ୍ ଜବତ, ୩ ଗିରଫ

**ଭୁବନେଶ୍ୱର ୨୨।୧୦ (ବ୍ୟୁରୋ):** କମିଶନରେଟ ପୋଲିସର ଦୁଇଟି ଥାନା ପକ୍ଷରୁ ପୃଥକ ମାମଲା ରୁଜୁ କରାଯାଇ ୩ ବାଇକ୍ ଚୋରଙ୍କୁ ଗିରଫ କରାଯିବା ପରେ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ୫ଟି ବାଇକ ଜବତ କରାଯାଇଛି।
ସୂଚନାନୁସାରେ, ଗତ ୨୦ ତାରିଖରେ ସ୍ୱାଧୀନ ନାୟକଙ୍କ ବାଇକ ଏମ୍ସ ହସପିଟାଲ ପରିସରରୁ ଚୋରି ହୋଇଥିବା ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ବାଣପୁରର ସନ୍ତୋଷ ଜଗଦେବ ଓରଫ ଇଲୁ (୩୨) ଓ ବୋଲଗଡ଼ର ଅନିଲ ସାହୁ(୨୩)ଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୨ ଟି ବାଇକ ଜବତ କରିଛି । ସେହିପରି ଶୁକ୍ରବାର ହରେକୃଷ୍ଣ ମୁଦୁଲିଙ୍କ ବାଇକ ଚୋରି ନେଇ ପାହାଲ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ଜଗନ୍ନାଥପୁରର ଲୋକନାଥ ଭଞ୍ଜଙ୍କୁ ଗିରଫ କରିଥିଲା।

# ‘ପିଲାଙ୍କ ପ୍ରତିଭାକୁ ବିକଶିତ କରେ ସୁରଭି’

**ଖୋର୍ଦ୍ଧା ଅଫିସ,୨୨।୧୦**

ଖୋର୍ଦ୍ଧା ବ୍ଲକ ମଲ୍ଲୀପୁର ପଞ୍ଚାୟତ ଅନ୍ତର୍ଗତ ମୁକ୍ତାପୁର କ୍ଲଷ୍ଟର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମହାମାୟା ସରକାରୀ ଉଚ୍ଚ ବିଦ୍ୟାଳୟ ମୁକ୍ତାପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଖିଳ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ନାଏବ ସରପଞ୍ଚ ସ୍ୱର୍ଣ୍ଣଲତା ବେହେରା, ୱାର୍ଡମେମ୍ବର ଲିନା ବେହେରା, କ୍ଲଷ୍ଟର ସିଆରସିସି ପୂର୍ଣ୍ଣଲକ୍ଷ୍ମୀ ମହାରଣା ଅତିଥିଭାବେ ଯୋଗଦେଇ ପ୍ରତିଭା ବିକାଶ ଲାଗି ଆହ୍ୱାନ ଦେଇଥିଲେ। ଜୁନିୟର ଓ ସିନିୟର ସ୍ତରରେ ୯ଟି ବିଦ୍ୟାଳୟରୁ ୫୮ ଜଣ ଛାତ୍ରୀଛାତ୍ର ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଜ୍ୟୋତିର୍ମୟୀ ବେହେରା, ସୁଜାତା ପଣ୍ଡା, ସରିତା ନନ୍ଦ, ହୀରାମଣି ରାଉତ, ଚନ୍ଦ୍ରକାନ୍ତ ସୁନ୍ଦରାୟ, ସୁକାନ୍ତ ସେଠୀ, ଜୟନ୍ତୀ ନାହାକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ପ୍ରଣତି ବରାଳ, ବିଜୟ ସାହୁ, ମମତା ବେହେରା, ରଶ୍ମି ମିଶ୍ର, ଭାଗୀରଥି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବାଜପୁର କ୍ଲଷ୍ଟର ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳାଇ ମୁଖ୍ୟ ଅତିଥି, ବିପ୍ଳବ କେଶରୀ ବଳିୟାରସିଂ, ଦ୍ୱାରିକାନାଥ ମହାନ୍ତି, ସିଆରସିସି ଯୁଧିଷ୍ଠିର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ, ଜ୍ଞାନର ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅମିତାରାଣୀ ସିହ୍ନାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ମୁଖ୍ୟ ଅତିଥି, ଏସ୍ଏମ୍‌ସି ସଭାପତି ହେମନ୍ତ କୁମାର ସାହୁ, ମୋ ସ୍କୁଲ ଅଭିଯାନର ସଦସ୍ୟ ସୁଶାନ୍ତ ସାହୁ, ଯୋଗେନ୍ଦ୍ର ଦଳାଇ, ଜିତେନ୍ଦ୍ର ବଳବନ୍ତରାୟ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବାଜପୁର କ୍ଲଷ୍ଟରର ମୋଟ୍ ୧୨ଟି ବିଦ୍ୟାଳୟରୁ ୧୧୨ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସୁଶାନ୍ତ ହରିଚନ୍ଦନ, ପ୍ରଦ୍ୟୁମ୍ନ ମିଶ୍ର, ଗୀତାଞ୍ଜଳି ସାହୁ, ତପସ୍ୱିନୀ ପଟ୍ଟନାୟକ, ମମତାରାଣୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁରାଢ଼ମଲ୍ଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖିଙ୍କିଆରୀଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ୭୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତି ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ସିଆରସିସି ଧ୍ରୁବଚରଣ ରଣା ସଂଯୋଜନା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୁତିମୟୀ ସାହୁ ଓ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତିପ୍ରଭା ଜୟଶ୍ରୀ ସ୍ୱାଇଁ, ଶାନ୍ତିଲତା କର ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ନନ୍ଦଙ୍କ ସଭାପତିତ୍ୱରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ସଚ୍ଚିଦାନନ୍ଦ ଖାଡ଼ଙ୍ଗା, ଶିକ୍ଷକ ସଂଘ ସମ୍ପାଦକ ରତ୍ନାକର ରାଉତରାୟ, ଏସ୍ଏମ୍‌ସି ସଭାପତି ସୁଶାନ୍ତ ହରିଚନ୍ଦନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ଅନ୍ତର୍ନିହିତ ପ୍ରତିଭା ବିକାଶ ଲାଗି ପରାମର୍ଶ ଦେଇଥିଲେ। ସିଆରସିସିପ୍ରଦ୍ୟୁମ୍ନମିଶ୍ର ଏହାର ସଂଯୋଜନା କରିଥିଲେ। ମନୋରଞ୍ଜନ ସାମଲ, ମନୋଜ ଦାଶ, ପୁଷ୍ପଲତା ସାହୁ, ପୁଷ୍ପାଞ୍ଜଳି ରଣା, ଦୀପ୍ତି ଦେବୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

### ସ୍କୁଲ ଗୃହ ତାଲା ଭାଙ୍ଗି ୫ କମ୍ପ୍ୟୁଟର, ସାମଗ୍ରୀ ଚୋରି

**ନିରାକାରପୁର,୨୨।୧୦(ଡି.ଏନ୍.ଏ.)**

ନିରାକାରପୁର ଥାନା ଅଞ୍ଚଳରେ ଚୋରି, ଡକାୟତି ବଢ଼ିବାରେ ଲାଗିଛି। ଏହି ଥାନା ଅଧୀନ ବଡ଼ପୋଖରିଆ ପଞ୍ଚାୟତ ସ୍ଥିତ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର କମ୍ପ୍ୟୁଟର ରୁମ୍‌ର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୫ଟି ମନିଟର, ସିପିୟୁ, କିବୋର୍ଡ, ମାଉସ୍, ଡଙ୍ଗଲ ଚୋରିକରି ନେଇଥିବା ଅଭିଯୋଗ ହୋଇଛି । ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ପାଟଶାଣୀ କୁହନ୍ତି, ଶୁକ୍ରବାର ସ୍କୁଲ ଛୁଟି ହେବା ପରେ ସମସ୍ତ କ୍ଲାସ୍‌ରୁମ୍‌ରେ ତାଲା ପଡ଼ିଥିଲା। ଶନିବାର ସକାଳେ ସ୍କୁଲ ଷ୍ଟାଫ୍ ବିଦ୍ୟାଳୟରେ ପହଞ୍ଚିବା ବେଳେ କମ୍ପ୍ୟୁଟର ରୁମ୍‌ର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। କମ୍ପ୍ୟୁଟର ସାମଗ୍ରୀ ଚୋରି ନେଇ ପରିଚାଳନା କମିଟି ସଭାପତି, ଆଲୁମ୍‌ନି ଆସୋସିଏଶନ କମିଟିକୁ ଜଣାଇବା ସହିତ ସ୍ଥାନୀୟ ଥାନାରେ ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅନ୍ୟପଟେ ପାଟ୍ରୋଲିଂ ଠିକ୍ ଭାବେ ହେଉ ନ ଥିବାରୁ ଅଞ୍ଚଳରେ ଚୋରି ବଢ଼ିଚାଲିଛି ବୋଲି କେତେଜଣ ଅଭିଭାବକ କହିଛନ୍ତି।

# ଚିଲିକାରେ ସ୍ଥାୟୀ ବ୍ରିଜ ନିର୍ମାଣ ଦାବିରେ ଆନ୍ଦୋଳନ



ଚିଲିକାରେ ପୋଲ ନିର୍ମାଣ ଦାବିରେ କୃଷ୍ଣପ୍ରସାଦ ଦ୍ୱୀପାଞ୍ଚଳ ସେତୁ ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**କୃଷ୍ଣପ୍ରସାଦ,୨୨।୧୦(ଡି.ଏନ୍.ଏ.)**

ପୁରୀ ଜିଲା ଜହ୍ନିକୁଦାରୁ ସାତପଡା ପର୍ଯ୍ୟନ୍ତ ଚିଲିକାରେ ସ୍ଥାୟୀ ପୋଲ ନିର୍ମାଣ ଦାବିରେ ଶନିବାର କୃଷ୍ଣପ୍ରସାଦ ଦ୍ୱୀପାଞ୍ଚଳ ସେତୁ ମଞ୍ଚ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରାଯାଇଥିଲା। ଚିଲିକା ନୂଆପଡା ବ୍ଲକ କାର୍ଯ୍ୟାଳୟ ନିକଟ ଚଣ୍ଡୀ ମନ୍ଦିର ଠାରୁ ଆନ୍ଦୋଳନକାରୀ ଏକ ଶୋଭାଯାତ୍ରାରେ ପ୍ଲାକାର୍ଡ ଧରି ଜହ୍ନିକୁଦା ଚିଲିକା କୂଳ ଠାରେ ପହଞ୍ଚିଥିଲେ। ଆବାହକ ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ୧୧୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ୬ଶହରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇ ଚିଲିକାରେ ପଶି ଧାରଣା ଦେଇଥିଲେ । ସରକାର ସାତପଡା–ଜହ୍ନିକୁଦା ଚିଲିକାରେ ଏକ ସ୍ଥାୟୀ ବ୍ରିଜ ନିର୍ମାଣର ଘୋଷଣା କରାଯିବା ନ ଯାଏ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସାମାଜିକକର୍ମୀ ରବିନ୍ଦ୍ର ନାଥ ତରେଇ, କାର୍ତ୍ତିକ ଦଳେଇ, ଉପେନ୍ଦ୍ର ଜେନା, ସୁନିଲ କାନ୍ତ ଜେନା, ବିହାରୀ ବନ୍ଧୁ ପଲେଇ ପ୍ରମୁଖ କହିଛନ୍ତି। ତେବେ ଦିନତମାମ ଆନ୍ଦୋଳନକାରୀ ଧାରଣା ଦେଇଥିଲେ ମଧ କୌଣସି ପ୍ରଶାସନିକ ଅଧିକାରୀ ସେମାନଙ୍କ ନିକଟରେ ପହଞ୍ଚି ନ ଥିବା ଜଣାପଡ଼ିଛି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଶାନ୍ତିଶୃଙ୍ଖଳା ନିମନ୍ତେ କୃଷ୍ଣପ୍ରସାଦ ଥାନା ଏସ୍ଆଇ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ମୋବାଇଲ ଚୋରି: ୨ ଗିରଫ

**ଜଟଣୀ, ୨୨।୧୦(ଡି.ଏନ୍.ଏ.)**

ମୋବାଇଲ ଫୋନ୍ ଚୋରି ଅଭିଯୋଗରେ ଜଟଣୀ ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବାଲିଛକ ମୁଣ୍ଡିଆସାହିର କାହ୍ନୁ ଦାସ (୨୫) ଏବଂ ବାଛରା ଅଞ୍ଚଳର ପ୍ରଶାନ୍ତ ସାସ୍‌ମଲ। ଏମାନଙ୍କ ନିକଟରୁ ୩ଟି ଚୋରି ମୋବାଇଲ ସହ ସ୍କୁଟି ଜବତ କରାଯାଇଛି। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ.୩୭୬/୨୨) ରୁଜୁ ହୋଇଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ପ୍ରକାଶ ଯେ, ଗତ ୧୯ ତାରିଖରେ ଶ୍ରୀହରିବିହାରର ବିଶ୍ୱଜିତ୍ ଖୁଣ୍ଟିଆ ବାପାଙ୍କ ସହିତ ସ୍ଥାନୀୟ ରେଲୱେ ମାର୍କେଟ ସ୍କୁଟିରେ ଯାଉଥିଲେ। ଗୋଲେଇ ମାର୍କେଟ୍‌ଠାରେ ବିଶ୍ୱଜିତ୍‌ଙ୍କ ବାପା ଫୋନ୍‌ରେ କଥା ହେଉଥିଲା ବେଳେ ଦୁଇଜଣ ଯୁବକ ଏକ ସ୍କୁଟିରେ ପଛପଟୁ ଆସି ମୋବାଇଲ ଝମ୍ପି ନେଇଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା।

# ବିଦ୍ୟାଳୟ ହେବ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ବୋଲଗଡ଼,୨୨।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବିଡିଓ ଧୋବେଇ ଚରଣ ନାଏକ ଅଧ୍ୟକ୍ଷତା କରିଥିଲେ। ଏବିଡିଓ ଡ. ରତିକାନ୍ତ ମିଶ୍ର, ସୌମ୍ୟରଞ୍ଜନ ରାୟ, କାମଦେବ ନାୟକଙ୍କ ସମେତ ସିଡିପିଓ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଶକ୍ତି ବିଭାଗୀୟ ଯନ୍ତ୍ରୀ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ବ୍ଲକ୍ ଅଞ୍ଚଳରେ ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ନ ଥିବା ବେଳେ ବିଭିନ୍ନ ଗ୍ରାମରେ ଥିବା ବିଦ୍ୟାଳୟଗୁଡିକୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରାଯିବ। କଚ୍ଛାଘରେ ରହୁଥିବା ଲୋକଙ୍କୁ ଆବଶ୍ୟକ ପଡିଲେ ନିକଟ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ।

# ବାଣ ବଜାରରେ ପୋଲିସର ଚଢ଼ାଉ

**ଜଟଣୀ,୨୨।୧୦(ଡି.ଏନ୍.ଏ.)**

ଆଲୋକର ପର୍ବ ଦୀପାବଳି। ଏନେଇ ବିଭିନ୍ନ ସ୍ଥାନରେ ଖୋଲିଛି ବାଣର ପସରା। ଜଟଣୀ ଷଣ୍ଢପୁର ଖେଳପଡ଼ିଆରେ ବାଣ ବ୍ୟବସାୟ ପାଇଁ ଅସ୍ଥାୟୀ ଲାଇସେନ୍ସ ପ୍ରଦାନ କରାଯାଇଛି। ଖୁଚୁରା ବାଣ ବ୍ୟବସାୟୀ ସଙ୍ଘ ପକ୍ଷରୁ ୭୪ଟି ଦୋକାନରେ ବିଭିନ୍ନ କମ୍ପାନୀର ବାଣ ବିକ୍ରି ହେଉଛି। ତେବେ ସରକାରଙ୍କ ଗାଇଡ୍‌ଲାଇନ୍ ମୁତାବକ ବ୍ୟବସାୟ କରାଯାଉଛି କି ନାହିଁ, ଏହାର ତଦାରଖ କରିବା ପାଇଁ ଶନିବାର ଜଟଣୀ ବାଣ ବଜାର ସହିତ ବିଭିନ୍ନ ସ୍ଥାନରେ କମିଶନରେଟ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍, ଅଗ୍ନିଶମ ବିଭାଗ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିତଭାବେ ଚଢ଼ାଉ କରାଯାଇଥିଲା। ସ୍ୱତନ୍ତ୍ର ସ୍କ୍ୱାଡ୍ ଏସିପି କୃଷ୍ଣଚନ୍ଦ୍ର ପଲାଇ, ଓଡ଼ିଶା ପ୍ରଦୂଷଣ ବୋର୍ଡ ଅଧିକାରୀ ଡ. ରେବତୀକାନ୍ତ ମିଶ୍ର, ଅଗ୍ନିଶମ ଅଧିକାରୀ ଅନୁପ ଦାସ, ଏସ୍ଆଇ ଗୟାନନ୍ଦ ସାହା, ଏଏସ୍ଆଇ ବି. ମହାନ୍ତିଙ୍କ ସମେତ ବହୁ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ। ଏସିପି ପଲାଇ କୁହନ୍ତି, ବ୍ୟବସାୟୀଙ୍କ ପକ୍ଷରୁ ବାଣ ବଜାର ସରକାରଙ୍କ ନିୟମାନୁସାରେ କରାଯାଇଥିବା ଏବଂ କୌଣସି ଦେଶୀ କିମ୍ବା ବେଶି ଶବ୍ଦ ସୃଷ୍ଟିକାରୀ ବାଣ ବିକ୍ରି ହେଉ ନ ଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ଯାଞ୍ଚ ବେଳେ ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ଉପସ୍ଥିତ ଥିଲେ। ଅନ୍ୟପଟେ ଗୋବିନ୍ଦପୁର ମୌଜାସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ଚାଲିଥିବା ବାଣ ବ୍ୟବସାୟ ପ୍ରତିଷ୍ଠାନ, ରାମଚନ୍ଦ୍ରପୁର, ପାତ୍ରପଡ଼ା ଜଗନ୍ନାଥପୁର ଅଞ୍ଚଳରେ ବାଣ ବ୍ୟବସାୟ ଚାଲିଥିବା ବେଳେ ଚଢ଼ାଉ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



### ଖୋଲିଲା ସ୍କୁଲ, ଆସିଲେନି ଛାତ୍ରୀଛାତ୍ର

**ନିରାକାରପୁର,୨୨।୧୦(ଡି.ଏନ୍.ଏ.)**

ଟାଙ୍ଗୀ ବ୍ଲକ ଅଧୀନ ବଡ଼ପୋଖରିଆ ପଞ୍ଚାୟତରେ ରହିଛି ବୋଡ଼ଙ୍ଗରାପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରୁ ବଦଳି ହୋଇଥିବା ଶିକ୍ଷକ କିଶୋର କୁମାର ଦାସଙ୍କୁ ପୁନଃ ନିଯୁକ୍ତି ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିବା ପୁଷ୍ପଲତା ଶ୍ରୀଚନ୍ଦନଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯିବା ପାଇଁ ଦାବି ହୋଇଆସୁଥିଲା। ବାରମ୍ବାର ପ୍ରତିଶ୍ରୁତି ପରେ ଦାବି ପୂରଣ ହେଉ ନ ଥିବାରୁ ଗତ ୧୭ ତାରିଖରେ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଫାଟକରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ପକାଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ନିଷ୍ପତ୍ତିକ୍ରମେ ଶନିବାର ବିଦ୍ୟାଳୟ ଖୋଲାଯାଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୋଲିସ ସୁରକ୍ଷାରେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ତେବେ ସକାଳୁଆ ସ୍କୁଲ ହୋଇଥିବାରୁ ଛାତ୍ରୀଛାତ୍ର ଆସି ନ ଥିବା ଦେଖିବାକୁ ମିଳିଥିଲା।

# ଦୀପାବଳି ପାଇଁ ସଚେତନତା ପଦଯାତ୍ରା



ଦୀପାବଳି ଉପଲକ୍ଷେ ବାହାରିଥିବା ସଚେତନତା ପଦଯାତ୍ରା।

**ଟାଙ୍ଗୀ (ଖୋର୍ଦ୍ଧା), ୨୨।୧୦(ଡି.ଏନ୍.ଏ.)**

ମାଉଣ୍ଟ ଲିଟେରା ଜି ସ୍କୁଲ ପକ୍ଷରୁ ଶନିବାର ଟାଙ୍ଗୀ ଚାନ୍ଦପୁର ଅଞ୍ଚଳରେ ଦୀପାବଳି ଉପଲକ୍ଷେ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରବୋଧ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର ପଦଯାତ୍ରାରେ ବଜାର ପରିକ୍ରମା କରିବା ସହ ବିନା ବାଣରେ ପରିବାର ସଦସ୍ୟଙ୍କ ସହିତ ଦୀପାବଳି ପାଳନ କରିବା ପାଇଁ ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ଚାନ୍ଦପୁର ସ୍ଥିତ ରାମଚଣ୍ଡୀ ମନ୍ଦିର ପରିସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷା ଘୋଷଣା କରିଥିଲେ।

# ସବୁଜ ଦୀପାବଳିର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ଖୋର୍ଦ୍ଧା ଅଫିସ,୨୨।୧୦**

ଦିନକ ପରେ ଆଲୋକର ପର୍ବ ଦୀପାବଳି। ଏହି ଉପଲକ୍ଷେ ସ୍ଥାନୀୟ ବିଡିଏ କଲୋନୀସ୍ଥିତ ସିଗ୍ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ସ୍ୱଚ୍ଛ ଓ ସବୁଜ ଦୀପାବଳିର ବାର୍ତ୍ତା ଦେଇଛନ୍ତି। ଦୀପାବଳିରେ ବାଣ ଫୁଟାଇବା ଦ୍ୱାରା ଗୁରୁତର ରୋଗୀ, ଶିଶୁ, ଗର୍ଭବତୀ, ହୃଦ୍‌ରୋଗୀଙ୍କ ସମେତ ପ୍ରାଣୀଜଗତ ଉପରେ ପ୍ରଭାବ ପକାଇବ। ଏଥିସହ ପରିବେଶକୁ ପ୍ରଦୂଷିତ କରିଥାଏ। ଦୀପାବଳିରେ ମନ୍ଦିର, ଚଉରାମୂଳ, ଘର ଦାଣ୍ଡରେ ସୁନ୍ଦର ଝୋଟି ଆଙ୍କି ଦୀପ ପ୍ରଜ୍ୱଳନ କରିବାକୁ ଛାତ୍ରୀଛାତ୍ର ଆହ୍ୱାନ ଦେଇଛନ୍ତି। ଗୃହକୁ ଦୀପ ଓ ଆଲୋକମାଳାରେ ସୁସଜ୍ଜିତ କରନ୍ତୁ। ଏହି ଅବସରରେ ଛାତ୍ରୀଛାତ୍ର ସ୍କୁଲ ସମ୍ମୁଖ ପଡ଼ିଆରେ ଝୋଟିଚିତ୍ର ଅଙ୍କନ ସହ ଚାରା ରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ ୩ ଶହ ଦୀପ ପ୍ରଜ୍ୱଳନ କରି ଦୀପାବଳିର ଶୁଭେଚ୍ଛା ଦେଇଥିଲେ। ସ୍କୁଲ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ସବୁଜ ଓ ସୁରକ୍ଷିତ ଦୀପାବଳିର ବାର୍ତ୍ତା ଦେଇଥିଲେ। ବିରଞ୍ଚି ନାରାୟଣ ପଣ୍ଡା, ଜ୍ୟୋତିପ୍ରକାଶ ସାହୁ, ତୁଷାର ରଞ୍ଜନ ମହାନ୍ତି, ବସନ୍ତ କୁମାର ଖୁଣ୍ଟିଆ, ଜୟନ୍ତୀ ବେହେରା, ଦୀପ୍ତିମୟୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



### ଝୋଟି ଆଙ୍କି, ଦୀପ ଜାଳି ସଚେତନ କଲେ

# ବିଦ୍ୟୁତ୍ ଆଘାତରେ ଡ୍ରାଇଭରଙ୍କ ମୃତ୍ୟୁ

**ବେଗୁନିଆ,୨୨।୧୦(ଡି.ଏନ୍.ଏ.)**

ବିଦ୍ୟୁତ୍ ଆଘାତରେ ଶନିବାର ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କରଡ଼ଗାଡିଆ ଗ୍ରାମରେ ବିକ୍ରମ ଏସ୍. ମହାନ୍ତି (୨୬)। କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ସହିତ ଗ୍ରାମବାସୀ ସ୍ଥାନୀୟ ଗ୍ରୀଡ୍ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା ଦେଇଥିଲେ। ସୂଚନା ମୁତାବକ, କରଡ଼ଗାଡିଆ ଗ୍ରାମରେ ରହିଥିବା ଓପିଟିସିଏଲ୍ ୨୨୦/୧୩୨ କେଭି ଗ୍ରୀଡ୍‌ରେ ବିକ୍ରମ ବେସରକାରୀ ଭାବେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରିଆସୁଥିଲେ। ଦୈନନ୍ଦିନ ଭଳି ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ବିଦ୍ୟୁତ୍ ମରାମତି କାର୍ଯ୍ୟରେ ଗ୍ରୀଡ୍ କର୍ମଚାରୀଙ୍କ ସହ ମିଶି ବିକ୍ରମ ଦେଉଳିଟାଙ୍ଗୀ ଅଞ୍ଚଳକୁ ଯାଇଥିଲେ। ତେବେ କରଡ଼ଗାଡିଆ ଗ୍ରୀଡ୍‌ରୁ ପୁରୀ ଓ ଅରୁଗୁଳକୁ ଯୋଗାଇ ଦିଆଯାଇଥିବା ୧୩୨ କେଭି ବିଦ୍ୟୁତ୍ ତାର ମରାମତି କରାଯାଉଥିଲା। ଅସାବଧାନତା ଯୋଗୁ ବିକ୍ରମ ସେଠାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୋର୍ଦ୍ଧା ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହି ଘଟଣାକୁ ନେଇ କରଡ଼ଗାଡିଆ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀଙ୍କ ଅବହେଳାରୁ ବିକ୍ରମଙ୍କ ମୃତ୍ୟୁ ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ କରଡ଼ଗାଡିଆ ଗ୍ରୀଡ୍ ସମ୍ମୁଖରେ ସ୍ଥାନୀୟ ଲୋକେ ଧାରଣା ଦେଇଥିଲେ। ଖବର ପାଇ ଖୋର୍ଦ୍ଧା ଡିଏସ୍‌ପି ଓମ୍‌ପ୍ରକାଶ ପାତ୍ର, ସଦର ଥାନା ପୋଲିସ, ସ୍ଥାନୀୟ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ। ସପ୍ତାହକ ମଧ୍ୟରେ ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କା ସହ ଉକ୍ତ କମ୍ପାନୀରେ ଚୁକ୍ତିଭିତ୍ତିକ ଭାବେ ମୃତକଙ୍କ ବଡ଼ଭାଇଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।


ଗ୍ରୀଡ୍ କାର୍ଯ୍ୟାଳୟ ଆଗରେ ମୃତଦେହ ରଖି ଧାରଣା ଦିଆଯାଇଛି।

### କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୧୦।୨୦୨୨

| | |
|---|---|
| ୪,୯୮,୧୦୪ ଟଙ୍କା | |
| ସୁନା | ୮.୨୮୦ ଗ୍ରାମ |
| ରୁପା | ୩.୩୦୦ ଗ୍ରାମ |

## ସଂକ୍ଷେପରେ

### ୮.୫ ଲକ୍ଷର ବ୍ରାଉନସୁଗାର ଜବତ, ଜଣେ ଗିରଫ

ସାକ୍ଷୀଗୋପାଳ,୨୨।୧୦(ଡି.ଏନ୍.ଏ./ସ୍ୱ.ପ୍ର.)- ସାକ୍ଷୀଗୋପାଳରେ ଚୋରା ନିଶା କାରବାର ସହ ବ୍ରାଉନସୁଗାର କାରବାର ହେଉଥିବା ଦୀର୍ଘଦିନ ହେବ ଅଭିଯୋଗ ହୋଇ ଆସୁଥିଲା। ଏହି ପରିପ୍ରେକ୍ଷୀରେ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲା ମୋବାଇଲ ସ୍କ୍ୱାଡ ନିରୀକ୍ଷକ ସଞ୍ଜୟ୍ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ସତ୍ୟବାଦୀ ଥାନା ଅଞ୍ଚଳରେ ଶନିବାର ଚଢ଼ାଉ କରିଥିଲା। ଚଢ଼ାଉରେ ଡୁଙ୍ଗର ଛକଠାରେ ବ୍ରାଉନସୁଗାର ବିକ୍ରି ପାଇଁ ଠିଆ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ୮୫ଗ୍ରାମର ବ୍ରାଉନସୁଗାର ଜବତ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ମନୋରଞ୍ଜନ ସ୍ୱାଇଁ(୩୧)। ଏ ନେଇ ଜିଲା ମୋବାଇଲ ସ୍କ୍ୱାଡ ପକ୍ଷରୁ ଏକ ମାମଲା(ନଂ.୫୬/୨୨)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ କାରାଗାରକୁ ପଠାଯାଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୮ ଲକ୍ଷ ୫୦ ହଜାର ଟଙ୍କା ହେବ। ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ସିଦ୍ଧେଶ୍ୱର ମଲ୍ଲିକ, ଏଏସ୍‌ଆଇ ସୁବାସ ଚନ୍ଦ୍ର ମହାପାତ୍ର, ଗୀତାଞ୍ଜଳି ବେହେରା, ପ୍ରଦୀପ୍ତ ପଣ୍ଡା, ସଞ୍ଜୀବ ହସ୍ତୀ, ମିନତି ପରିଡା, ଦୀପ୍ତି ରଞ୍ଜନ ଦାସ ପ୍ରମୁଖ ସାମିଲ ଥିଲେ।

### ନାବାଳିକାଙ୍କ ଅଶ୍ଳୀଳ ଫଟୋ ଉଠାଇ ଜଣେ ଗିରଫ

ପୁରୀ ଅଫିସ,୨୨।୧୦- ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ଉଠାଇ ଅସଦାଚରଣ କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ଘୋଡ଼ା ବଜାର ଅଞ୍ଚଳର ଜ୍ୟାକସନ୍ ଜୋସେଫ୍ (୧୮)। ପୋଲିସ ଏ ନେଇ ନଂ. ୧୩୯/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ପୀଡିତାଙ୍କ ମା' ଥାନାକୁ ଆସି ଅଭିଯୋଗ କରିଥିଲେ ଅଭିଯୁକ୍ତ ତାଙ୍କ ନାବାଳିକା ଝିଅଙ୍କୁ କୌଣସି ପ୍ରଲୋଭନ ଦେଖା ବାଇକ୍‌ରେ କୌଣସି ସ୍ଥାନକୁ ନେଇଯାଇଥିଲେ। ସେଠାରେ ଖାଦ୍ୟ ଦେଇଥିବାବେଳେ ସେଥିରେ କିଛି ନିଶା ମିଶାଇ ଦେଇଥିଲେ। ପରେ ଅଭିଯୁକ୍ତ ଜଣଙ୍କ ଝିଅକୁ ଅସଦାଚରଣ କରିବା ସହ ସହ ଅଶ୍ଳୀଳ ଫଟୋ ଓ ଭିଡିଓ ଉଠାଇଥିଲେ। ପରେ ସୋସିଆଲ ମିଡିଆରେ ଏକ ଫେକ ଆକାଉଣ୍ଟ ଖୋଲିବା ସହ ଉକ୍ତ ଅଶ୍ଳୀଳ ଫଟୋକୁ ଝିଅର ବାପାଙ୍କ ହ୍ୱାଟ୍ସଆପକୁ ପଠାଇଥିଲେ। ପରେ ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଦେଶୀ ଗାଈର ପଞ୍ଚତତ୍ତ୍ୱରେ ପ୍ରସ୍ତୁତ ପଞ୍ଚଗବ୍ୟ ଦୀପ

ପୁରୀ ଅଫିସ,୨୨।୧୦

- ପ୍ରଦୂଷଣ କମ୍ ସହ ବାୟୁମଣ୍ଡଳରେ ଅମ୍ଳଜାନସ୍ତର ବଢ଼ାଏ
- ୬, ୧୦ ଟଙ୍କାରେ ମିଳେ



ଅନ୍ୱେଷଣ ଫାଉଣ୍ଡେଶନର କୁନି ସଦସ୍ୟମାନେ ପଞ୍ଚଗବ୍ୟ ଦୀପ ପ୍ରସ୍ତୁତ କରୁଛନ୍ତି ।

ଅନ୍ୱେଷଣ ଫାଉଣ୍ଡେଶନ ଚଳିତ ବର୍ଷ ନିଆରା ଢଙ୍ଗରେ ଦୀପାବଳି ପାଳନ ପାଇଁ ଚେଷ୍ଟା କରିଛି। ଫାଉଣ୍ଡେଶନ ପକ୍ଷରୁ ପ୍ରସ୍ତୁତ ଦୀପ ମାଧ୍ୟମରେ ପରିବେଶ ପ୍ରଦୂଷଣ ରୋକିବା ସହ ଏକ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଛି। ଆଲୋକର ପର୍ବ ଦୀପାବଳିରେ ବାଣ, କ୍ୟାଣ୍ଡେଲ ଆଦି ଜଳିବା ଦ୍ୱାରା ବହୁ ପରିମାଣରେ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହେବା ସହ ବାୟୁ ପ୍ରଦୂଷଣ ହୋଇଥାଏ। ତେଣୁ ଚଳିତବର୍ଷ ମାଟି ଦୀପ, କ୍ୟାଣ୍ଡେଲ ପରିବର୍ତ୍ତେ ପଞ୍ଚଗବ୍ୟ ଦୀପ ଜାଳି ସୁସ୍ଥ ରହିବା ସହ ପରିବେଶକୁ ସୁସ୍ଥ ରଖିବାକୁ ଫାଉଣ୍ଡେଶନ ବାର୍ତ୍ତା ଦେଇଛି। ଭାରତୀୟ ଦେଶୀ ଗାଈର ପଞ୍ଚତତ୍ତ୍ୱ ଯଥା ଗୋବର, ଗୋମୂତ୍ର, କ୍ଷୀର, ଘିଅ ଏବଂ ଦହି ଆଦି ଦ୍ରବ୍ୟକୁ ମିଶାଇ ପଞ୍ଚଗବ୍ୟ ଦୀପ ପ୍ରସ୍ତୁତ କରାଯାଉଛି। ଏ ନେଇ ଫାଉଣ୍ଡେଶନ ସଦସ୍ୟ ସନ୍ତୋଷ କୁମାର ରାଉତ କହିଛନ୍ତି, ଦୀପ ଜାଳିବା ଦ୍ୱାରା ଧାର୍ମିକ ଦୃଷ୍ଟିକୋଣରୁ ପବିତ୍ର ହୋଇଥିବା ବେଳେ ବୈଜ୍ଞାନିକ ଦୃଷ୍ଟିକୋଣରୁ ପରିବେଶ ଉପଯୋଗୀ ହୋଇଥାଏ। କିନ୍ତୁ ପଞ୍ଚଗବ୍ୟ ଦୀପ ଜାଳିବା ଦ୍ୱାରା ପରିବେଶ ପ୍ରଦୂଷଣ କମ୍ ରହିବା ସହ ବାୟୁମଣ୍ଡଳରେ ଅମ୍ଳଜାନସ୍ତର ବୃଦ୍ଧି ପାଇଥାଏ। ମନୁଷ୍ୟର ମାନସିକ ଚେତନା ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାଏ। ଅପରପକ୍ଷେ ଦୀପର ବ୍ୟବହାର ଦ୍ୱାରା ମାଟି ଦୀପର ବ୍ୟବହାର କମିପାରିବ, ଫଳରେ ମୃତ୍ତିକା କ୍ଷୟକୁ ରୋକାଯାଇପାରିବ।

ତେବେ ଏହି ପଞ୍ଚଗବ୍ୟ ଦୀପ ପ୍ରସ୍ତୁତି ପାଇଁ ଦେଶୀ ଗାଈର ଶୁଖିଲା ଗୋବର ଆବଶ୍ୟକ ହୋଇଥାଏ। ଗୋବରକୁ ଗୁଣ୍ଡ କରି ପାଉଡର କରାଯାଏ। ପରେ ସେଥିରେ ଗାଈ କ୍ଷୀର, ଦହି, ଗୋମୂତ୍ର, ଘିଅ ମିଶାଯାଇ ଏକ ପ୍ରକାର ପ୍ରଦାର୍ଥ ପ୍ରସ୍ତୁତ କରି ଗୁଡ ଏବଂ ମୁଲତାନ ମାଟି ମିଶାଯାଏ। ପରେ ଉକ୍ତ ମିଶ୍ରଣକୁ ହାତରେ ଦୀପ ପ୍ରସ୍ତୁତ କରାଯାଇ ଶୁଖାଯାଏ। ଦୀପ ଶୁଖିବା ପରେ ବିଭିନ୍ନ ରଙ୍ଗ କରାଯାଏ। ଏହି ଦୀପ ଜାଳିବା ଦ୍ୱାରା ଘରର ନକାରାତ୍ମକଶକ୍ତି ନଷ୍ଟ ହୋଇ ସକାରାତ୍ମକ ଚେତନା ସୃଷ୍ଟି ହୁଏ। ଦୀପ ଜଳିବା ପରେ ଶେଷରେ ଜୈବିକ ସାରରେ ପରିଣତ ହୋଇଥାଏ। ଫଳରେ ଉକ୍ତ ଦୀପର ଅବଶେଷଗୁଡିକୁ ବିଭିନ୍ନ ଫସଲରେ ବ୍ୟବହାର କରାଯାଇପାରିବ। ଉକ୍ତ ଦୀପକୁ ଅନ୍ୱେଷଣ ଫାଉଣ୍ଡେଶନ (ଆମ ଚାଟଶାଳୀ)ର କୁନିକୁନି ସଦସ୍ୟମାନେ ନିର୍ମାଣ କରୁଛନ୍ତି। ଅନୁଷ୍ଠାନର କୁନି ସଦସ୍ୟମାନେ ଦୈନିକ ଚାଟଶାଳୀରେ ପାଠପଢିବା ସହିତ ଦୀପାବଳି ପାଇଁ ପଞ୍ଚଗବ୍ୟ ଦୀପ ନିର୍ମାଣ କରୁଛନ୍ତି। ଦୀପ ଗୁଡିକର ମୂଲ୍ୟ ୬ ଟଙ୍କା ଓ ୧୦ ଟଙ୍କା ରଖାଯାଇଛି। ରେଳଷ୍ଟେଶନ, ବସଷ୍ଟାଣ୍ଡ ସହରର ବିଭିନ୍ନ ବସ୍ତି, ରାସ୍ତାକଡରେ ରହୁଥିବା ପିଲାମାନେ ଶିକ୍ଷାରୁ ଦୂରେଇ ଭିକ୍ଷାବୃତ୍ତି କରୁଥିବା, ବୋତଲ ଗୋଟାଉଥିବା ତଥା ଶିଶୁ ଶ୍ରମିକଙ୍କୁ କିପରି ଶିକ୍ଷାକୁ ଆପଣେଇବେ ଓ ଶିକ୍ଷା ମାଧ୍ୟମରେ ନିଜର ଅଧିକାର ପାଇପାରିବେ ତାହା ହେଉଛି ଅନୁଷ୍ଠାନର ମୂଳ ଲକ୍ଷ୍ୟ। ତେବେ ଏଥିପାଇଁ ଅନୁଷ୍ଠାନର ସଦସ୍ୟା ସଦସ୍ୟ ନିରଞ୍ଜନ ପ୍ରଧାନ, ସନ୍ତୋଷ ରାଉତ, ସିପାଲୀ ବାରିକ, ବାମଦେବ ମହାରଣା, ସୁମିତ୍ରା ଦାଶ, ଦୀପ୍ତିଶିଖା କର, ସନ୍ଧ୍ୟାରାଣୀ ବେହେରା, ତାରାକାନ୍ତ ତରେଇ, ଦୀପିକା ପାଣି ଏବଂ ବ୍ରଜକିଶୋର ସାହୁ ପ୍ରମୁଖ ଏଥିପ୍ରତି ପ୍ରଚେଷ୍ଟା ଜାରି ରଖିଛନ୍ତି। ତେବେ ସରକାର ଏହି ପଞ୍ଚଗବ୍ୟ ଦୀପର ପ୍ରସାର ପ୍ରଚାର ପାଇଁ ଆବଶ୍ୟକ ପଦକ୍ଷେପ ନେଲେ ଏହି ଦୀପ ଲୋକଲୋଚନକୁ ଆସିପାରିବ । ସେହିପରି ଫାଉଣ୍ଡେଶନ ଖାଲି ଦୀପ ନୁହେଁ ଦେଶୀ ଗାଈର ପଞ୍ଚଗବ୍ୟକୁ ବ୍ୟବହାର କରି ଅନେକ ଘରକରଣା ଜିନିଷ ନିର୍ମାଣ ମଧ୍ୟ କରୁଛନ୍ତି।

### ମହିଳାଙ୍କୁ ବ୍ଲାକମେଲ କରି ଜଣେ ଗିରଫ

ପୁରୀ ଅଫିସ,୨୨।୧୦

ମହିଳାଙ୍କ ଅଶ୍ଳୀଳ ଫଟୋ ଉତ୍ତୋଳନ କରି ବ୍ଲାକ୍‌ମେଲ କରିବା ଅଭିଯୋଗରେ ବାସେଳିସାହି ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ବାସେଳିସାହି ଅଞ୍ଚଳରେ ରହୁଥିବା ବଳଙ୍ଗା ଥାନା ରୂପଦେଇପୁରର ସୂର୍ଯ୍ୟ ନାରାୟଣ ପାତ୍ର (୩୦)। ଏ ନେଇ ପୋଲିସ ନଂ.୨୫୪/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ସେହି ଥାନା ଅଞ୍ଚଳର ଜଣେ ମହିଳାଙ୍କ ଘରେ ୭ରୁ ୮ ମାସ ହେବ ଅଭିଯୁକ୍ତ ଭଡାରେ ରହୁଛନ୍ତି। ତେବେ ମହିଳା ଜଣକ ଗାଧୋଉଥିବା ସମୟରେ ଅଜାଣତରେ ଅଭିଯୁକ୍ତ ଲୁଚି ଫଟୋ ଉଠାଇଥିଲେ। ପରେ ଉକ୍ତ ଫଟୋକୁ ତାଙ୍କ ମୋବାଇଲକୁ ପଠାଇଥିଲେ। ଏ ନେଇ ସେ ତାଙ୍କ ସ୍ୱାମୀଙ୍କୁ କହିଥିଲେ ପରେ ଏ ଘଟଣା ନେଇ ଉଭୟଙ୍କ ମଧ୍ୟରେ ସମାଧାନ ହୋଇଥିଲା। ମାତ୍ର କିଛି ଦିନ ପରେ ଅଭିଯୁକ୍ତ ପୁଣି ମହିଳାଙ୍କ ଉକ୍ତ ଫଟୋ ମୋବାଇଲକୁ ପଠାଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିବା ସହ ଟଙ୍କା ମାଗି ବାଲ୍କମେଲ କରିଥିଲେ। ଟଙ୍କା ନ ଦେଲେ ସମସ୍ତ ଫଟୋ ସୋସିଆଲ ମିଡିଆରେ ଛାଡ଼ିଦେବାକୁ ଧମକ ଦେଇଥିଲେ। ଏ ନେଇ ମହିଳା ଜଣକ ସ୍ୱାମୀଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

### ବେଆଇନ ବାଣ ବିକ୍ରି ନେଇ ଚଢ଼ାଉ

ଡେଲାଙ୍ଗ,୨୨।୧୦(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ବିଭିନ୍ନ ବଜାରରେ ଦୀପାବଳି ଉପଲକ୍ଷେ ବେଆଇନ ଭାବେ କେତେଜଣ ବ୍ୟବସାୟୀ ବାଣ ବିକ୍ରି କରୁଛନ୍ତି। ଏହାକୁ ଆଖି ଆଗରେ ରଖି ଡେଲାଙ୍ଗ ପୋଲିସ ବାଣ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ଧରିବା ପାଇଁ ଚଢ଼ାଉ କରିଛନ୍ତି। ଶନିବାର ସନ୍ଧ୍ୟାରେ ଥାନା ଏସ୍‌ଆଇ ଲିଜା ମଲ୍ଲିକ, ଏଏସ୍‌ଆଇ ଗୋପବନ୍ଧୁ ରାଉତ, ସିପାହି ପ୍ରଶାନ୍ତ ପ୍ରଧାନ କଲ୍ୟାଣପୁର ବଜାରର ୨ସ୍ଥାନରୁ ଚଢ଼ାଉ କରି ପ୍ରାୟ ୨୦ହଜାର ଟଙ୍କାର ବାଣ ଜବତ କରିଛନ୍ତି। ଶନିବାର କଲ୍ୟାଣପୁର ବଜାର ସାପ୍ତାହିକ ହାଟ ଥିଲା । ହଜାର ହଜାର ଲୋକ ସମାଗମ ହୋଇଥିଲେ। ତେବେ ପୋଲିସ ଆସିବା ପୂର୍ବରୁ କେତେକ ବାଣ ବ୍ୟବସାୟୀ ଫେରାର ହୋଇଯାଇଥିଲେ। ସେହିପରି ଡେଲାଙ୍ଗ ଷ୍ଟେଶନ ବଜାର ଓ ହାଟ ଉପରେ ଚଢ଼ାଉ କରାଯାଇ ବାଣ ଜବତ କରାଯାଇଛି ।

## ସାହିତ୍ୟର ବିକାଶ ଲାଗି ସଙ୍ଗଠନ, ପତ୍ରିକାକୁ ଆର୍ଥିକ ସହଯୋଗ ଲୋଡ଼ା



ସୁଲେଖାର ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ଲେଖକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ।

ପୁରୀ ଅଫିସ,୨୨।୧୦

**ସୁଲେଖାର ବାର୍ଷିକୋତ୍ସବ, ରାଜ୍ୟସ୍ତରୀୟ ଲେଖକ ସମ୍ମିଳନୀ**

ସାହିତ୍ୟ ପତ୍ରିକା ସୁଲେଖାର ୪୨ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ କବି ଲେଖକ ସମ୍ମେଳନ ଏବଂ ପ୍ରତିଭା ପୂଜନ ସମାରୋହ ଜିଲା ସଂସ୍କୃତି ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ସମ୍ପାଦକ ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଶାସକ ମୀନକେତନ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୁର ପାଟସାହାଣୀ, ସେବାୟତ ଭଗବାନ ସୁଆର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟର ଭାଷା ସାହିତ୍ୟର ବିକାଶ ପାଇଁ ସାରସ୍ୱତ ସଂଗଠନ ଓ ପତ୍ରପତ୍ରିକାଙ୍କୁ ଆର୍ଥିକ ଅନୁଦାନ ଓ ପ୍ରୋତ୍ସାହନ ଯୋଗାଇ ଦେବା ନିହାତି ଆବଶ୍ୟକ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ସାରସ୍ୱତ ସମାରୋହ ମାଧ୍ୟମରେ ଜାତୀୟ ସଂହତି, ଏକତା ଓ ବନ୍ଧୁତା ଅଧିକ ଘନିଷ୍ଠ ହୁଏ ବୋଲି ଅତିଥିମାନେ କହିଥିଲେ। ସୁଲେଖାର ୪୨ ବର୍ଷ ବାର୍ଷିକ ସଂଖ୍ୟା, ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ବାର୍ଷିକ ସାରସ୍ୱତ ସଂକଳନ ଦୟଣା, ଅଶୋକ କୁମାର ବେହେରାଙ୍କ ୩ଟି ସାରସ୍ୱତ ସଂକଳନକୁ ଅତିଥିମାନେ ଲୋକାର୍ପିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ଶିବ ସୁନ୍ଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସୁଲେଖା ସମ୍ମାନରେ ରଘୁନାଥ ମେହେର, ହେମନ୍ତ ଛୋଟରାୟ, ନିର୍ମଳା ଫତେସିଂ, ବିଜୟଲକ୍ଷ୍ମୀ ଦାଶ, ପ୍ରସନ୍ନ ମିଶ୍ର, ଡ. ପ୍ରତିଭା ମହାରଥୀ, ଶାରଦା ରଥ, ଅଶୋକ ବେହେରା, ଡ. ପୁଷ୍ପା ମିଶ୍ର, ଡ. ସ୍ୱାତୀ ଚାଟାର୍ଜୀ, ଡ.ପୁଷ୍ପଲତା ରଥ, ଘନଶ୍ୟାମ ବୋଇତେଇ, ଡା. ଦାଶରଥୀ ଆଚାର୍ଯ୍ୟ, ପ୍ରଫୁଲ୍ଲ ଚନ୍ଦ୍ର ବାରିକଙ୍କ ସମେତ ୨୩ଜଣ ସାରସ୍ୱତ ଓ ସାଂସ୍କୃତିକ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ବାବାଜୀ ଚରଣ ଜେନା, ଅନ୍ନପୂର୍ଣ୍ଣା ଦେବୀ, ଆଶାଲତା ପ୍ରଧାନଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ କବିତା ପାଠ କରିଥିଲେ। ସଭା କାର୍ଯ୍ୟ ପରିଚାଳନାରେ ଅନାମ ଚନ୍ଦ୍ର ସାହୁ, ସୁରେଶ ପଟ୍ଟନାୟକ, କ୍ରିଷ୍ଣା ମହାପାତ୍ର, କୃଷ୍ଣଚନ୍ଦ୍ର ରଥ, ରବୀନ୍ଦ୍ରନାଥ ପଟ୍ଟନାୟକ ଓ ଯୋଗେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।

## ସୋମବାର ରାତି ୧୨ଟା ୧୦ରେ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି

ପୁରୀ ଅଫିସ,୨୨।୧୦

୨୫ତାରିଖ ମଙ୍ଗଳବାର କେତୁଗ୍ରସ୍ତ ଖଣ୍ଡଗ୍ରାସ ସୂର୍ଯ୍ୟୋପରାଗ ଅନୁଷ୍ଠିତ ହେବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିକାନ୍ତି ପ୍ରସ୍ତୁତ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ, ୨୪ ତାରିଖ ସୋମବାର ଅପରାହ୍ନ ୪ଟା ୫୭ ମିନିଟ୍‌ଠାରୁ ପାକ ତ୍ୟାଗ ଓ ଦେବନୀତି ନିଷେଧ ରହିବ। ସନ୍ଧ୍ୟା ୬ଟା ୨୬ ମିନିଟ ୫୨ ସେକେଣ୍ଡରେ ଗ୍ରହଣ ସର୍ବମୋକ୍ଷ ହେବା ନେଇ ସୂଚନା ପ୍ରଦାନ କରାଯାଇଛି। ସୂର୍ଯ୍ୟୋପରାଗକୁ ଆଖିଆଗରେ ରଖି ମହାପ୍ରଭୁଙ୍କ ନୀତିକାନ୍ତିରେ ପରିବର୍ତ୍ତନ କରାଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ, ୨୪ ତାରିଖ ରାତି ୧୨ଟା ୧୦ରେ ଶ୍ରୀମନ୍ଦିର ଦ୍ୱାର ଫିଟା ଯାଇ ନୀତି ଆରମ୍ଭ କରାଯିବ। ଦ୍ୱାରଫିଟା ପରେ ଭିତରଶୋଧ ରାତି ୧୨ ଟା ୨୫, ମଙ୍ଗଳଆଳତି ୧୨ ଟା ୩୦, ମଇଲମ ଓ ତଡ଼ପଲାଗି ୧୨ଟା ୪୫, ଅବକାଶ ଓ ରୋଷହୋମ ୧ଟା ୧୫, ସୂର୍ଯ୍ୟ ପୂଜା ୧ଟା ୪୦, ଦ୍ୱାରପାଳ ପୂଜା ୨ଟା, ରାଧାଦାମୋଦର ବେଶ ୨ଟା, ସକାଳଧୂପ ୨ଟା ୩୦ରୁ ୩ଟା ୩୦, ବାଲଧୂପ ଓ ଭୋଗମଣ୍ଡପ ଉଠିବ ୩ଟା ୪୦, ବାଲଧୂପ ଶେଷ ଭୋର ୪ଟା, ଅମାବାସ୍ୟା ଶ୍ରୀନାରାୟଣ ସାଗରବିଜେ ନୀତି ଭୋର ୪ଟା ୧୫, ମଇଲମ ବେଶ ୪ଟା ୧୫ ରୁ ୪ଟା ୪୦ ଏବଂ ଭୋଗ ମଣ୍ଡପ ଶେଷ ୪ଟା ୫୫ ପରେ ନୀତିକୁ ସ୍ଥଗିତ ରଖାଯିବ। ସେହିପରି ମଙ୍ଗଳବାର ଅପରାହ୍ନ ୪ଟା ୫୬ ମିନିଟ୍ ୫୨ ସେକେଣ୍ଡ୍ ଗ୍ରହଣ ସ୍ପର୍ଶ ପରେ ମହାପ୍ରଭୁଙ୍କ ଗ୍ରହଣ ମହାସ୍ନାନ, ଗ୍ରହଣ ଭୋଗ ସମେତ ଅନେକ ନୀତିକାନ୍ତି ଅନୁଷ୍ଠିତ ହେବା ନେଇ ସୂଚନା ପ୍ରଦାନ କରାଯାଇଛି।

## କିଡ୍‌ନୀ ପ୍ରତିରୋପଣ ପାଇଁ ଛାତ୍ରୀଛାତ୍ରଙ୍କ ଅର୍ଥ ସଂଗ୍ରହ

କଣାସ,୨୨।୧୦(ସ୍ୱ.ପ୍ର.)

ଯୁବକଙ୍କ କିଡ୍‌ନୀ ପ୍ରତିରୋପଣ ନିମନ୍ତେ ଆବଶ୍ୟକ ଅର୍ଥ ସଂଗ୍ରହ ପାଇଁ କିଛି ଛାତ୍ରୀଛାତ୍ର ସହଯୋଗ କରୁଥିବା ଦେଖିବାକୁ ମିଳିଛି। ଖବର ନେବାରେ ଜଣାପଡିଛି, କଣାସ ବ୍ଲକ ଗଡିଶାଗୋଦା ଥାନା ଅନ୍ତର୍ଗତ ବଡଓରା ଗ୍ରାମର ନିରଞ୍ଜନ ସାହୁଙ୍କ ପୁଅ ପ୍ରସନ୍ନ ସାହୁଙ୍କ ୨ଟି ଯାକ କିଡ୍‌ନୀ ନଷ୍ଟ ହୋଇଯାଇଛି । କେବଳ ଡାଏଲିସିସ୍ ଦ୍ୱାରା ତାଙ୍କ ଜୀବନ ବଞ୍ଚି ରହିଛି। ପୁଅକୁ ବଞ୍ଚାଇବା ପାଇଁ ବାପା ନିଜ କିଡ୍‌ନୀ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ହେଲେ ଅର୍ଥ ବାଧକ ସାଜୁଛି। କିଡ୍‌ନୀ ପ୍ରତିରୋପଣ ନିମନ୍ତେ ଆବଶ୍ୟକ ମୋଟା ଅଙ୍କର ଅର୍ଥ ନିରଞ୍ଜନଙ୍କ ପାଖରେ ନାହିଁ। ସ୍ଥାନୀୟ ଛାତ୍ରୀଛାତ୍ର ସୁଜାତା ବଡଜେନା, ମିତାଲି ସାମନ୍ତରାୟ, ଶ୍ରଦ୍ଧାଞ୍ଜଳି ସାହୁ, କୁସୁମ ସାହୁ, ରୁପାଲି ବଡଜେନା, ନମିତା ଜେନା, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଗାଁ ଗାଁ, ଘର ଘର ବୁଲି ୨ ଦିନ ହେଲା ଏଥିପାଇଁ ଅର୍ଥ ସଂଗ୍ରହ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକ ଦିଲୀପ ଶ୍ରୀଚନ୍ଦନ ମଧ୍ୟ ସହଯୋଗ କରୁଛନ୍ତି। ୩ ଦିନ ମଧ୍ୟରେ ୩୦ ହଜାର ଟଙ୍କା ସଂଗ୍ରହ ହୋଇଛି। ଆଉ ୧୦ ଦିନ ଧରି ବିଭିନ୍ନ ଗ୍ରାମକୁ ଯାଇ ଅର୍ଥ ସଂଗ୍ରହ କରିବା ପାଇଁ ଛାତ୍ରୀଛାତ୍ର ଓ ଶିକ୍ଷକ ପ୍ରକାଶ କରିଛନ୍ତି।

### ମଳଦ୍ୱାର ରୋଗ ସମ୍ବନ୍ଧିତ ସଚେତନତା

ପୁରୀ ଅଫିସ ୨୨।୧୦

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ରବିବାର ଆୟୁର୍ବେଦ ଦିବସ ପାଳନ କରାଯିବ। ତେବେ ଆୟୁର୍ବେଦ ଦିବସ ପୂର୍ବରୁ ମହାବିଦ୍ୟାଳୟ ଆନୁକୂଲ୍ୟରେ ସ୍ନାତକୋତ୍ତର ଶଲ୍ୟତନ୍ତ୍ର ବିଭାଗ ଦ୍ୱାରା ସମୁଦ୍ରକୂଳସ୍ଥିତ ବାଲିନୋଳିଆ ସାହିରେ ମଳଦ୍ୱାର ରୋଗ ସମ୍ବନ୍ଧୀୟ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡା. ସୁଦର୍ଶନ ବେହେରା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଶିବିରରେ ଶଲ୍ୟତନ୍ତ୍ର ବିଭାଗର ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସରମାନଙ୍କ ଦ୍ୱାରା ଶତାଧିକ ରୋଗୀଙ୍କର ରୋଗ ନିରୂପଣ ଓ ଚିକିତ୍ସା ସହ ଲୋକମାନଙ୍କୁ ମଳଦ୍ୱାର ରୋଗ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏଥିରେ ପ୍ରଫେସର ଡା. ରଞ୍ଜନ କୁମାର କାସ୍ତ, ଡା. ଶିବ ପ୍ରସାଦ ମିଶ୍ର, ଡା. ତପନ କୁମାର ନାୟକ, ଡା.ସନ୍ଧ୍ୟାରାଣୀ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରକୁ ସୁଚାରରୂପେ ସମ୍ପାଦନ କରିଥିଲେ।

## ନିମାପଡ଼ା କଲେଜ ପକ୍ଷରୁ ପ୍ରାଚୀନ କଳାକୃତି ପ୍ରଦର୍ଶନୀ

ନିମାପଡ଼ା,୨୨।୧୦(ଡି.ଏନ୍.ଏ.)

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଆଇକ୍ୟୁଏସି ସେଲ୍‌ ପକ୍ଷରୁ ଶନିବାର କଲେଜ ପରିସରରେ ଏକ ପ୍ରତିଭା ସମ୍ମାନ, ସମ୍ବର୍ଦ୍ଧନା ସମାରୋହ ଓ ପ୍ରାଚୀନ କୀର୍ତ୍ତିରାଜି, କଳାକୃତି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବୁତ୍, ଅଧ୍ୟକ୍ଷ ରମାକାନ୍ତ ଦାଶ, ଆଇକ୍ୟୁଏସି ସେଲ୍‌ର ମୁଖ୍ୟ ଅଧ୍ୟାପିକା ପୁଷ୍ପିତା ରାଜଗୁରୁ, ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଓଡ଼ିଶାର ବହୁ ପ୍ରତିଷ୍ଠିତ ଖ୍ୟାତନାମା ଶିଳ୍ପୀ ଓ ଶିକ୍ଷକ, ପ୍ରତିଭାମାନଙ୍କୁ ସମ୍ମାନିତ ଏବଂ ସମ୍ବର୍ଦ୍ଧିତ କରିଥିଲେ। ଏହି କୃତୀ ପ୍ରତିଭାଙ୍କ ନୀତି, ଆଦର୍ଶ, ନିଷ୍ଠା, କର୍ତ୍ତବ୍ୟନିଷ୍ଠା, କାର୍ଯ୍ୟ ଦକ୍ଷତାରେ ଆଜିର ଛାତ୍ର ଓ ଯୁବ ସମାଜ ଅନୁପ୍ରାଣିତ ହୋଇ କାର୍ଯ୍ୟ କଲେ ଏହି ଯୁବ ଛାତ୍ରମାନେ ଆଗାମୀ ଦିନରେ ଆମ ରାଜ୍ୟ ଓ ଦେଶରେ ଯଶସ୍ୱୀ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାରୋହରେ ଶିକ୍ଷକ ଈଶ୍ୱରଚନ୍ଦ୍ର ନାୟକ, ପଟ୍ଟଚିତ୍ର ଓ ତାଳପତ୍ର ଶିଳ୍ପୀ ଶରତ ପ୍ରଧାନ, ପ୍ରସ୍ତର ଖୋଦେଇ ଶିଳ୍ପୀ ପ୍ରକାଶ ଚନ୍ଦ୍ର ଓଝା, ଝୋଟ ଶିଳ୍ପୀ ଉଦ୍ୟୋଗୀ ମାନସୀ ପୃଷ୍ଟି ପ୍ରମୁଖ କୃତୀ ପ୍ରତିଭାଙ୍କୁ କଲେଜ ପକ୍ଷରୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କଲେଜ ପରିସରରେ ପ୍ରାଚୀନ କୀର୍ତ୍ତିରାଜି, କଳାକୃତି ସମ୍ପର୍କିତ ବହୁ ସାମଗ୍ରୀର ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। କଲେଜର ବହୁ ଅଧ୍ୟାପିକା ଅଧ୍ୟାପକ, ବହୁ ପ୍ରତିଷ୍ଠିତ ଶିଳ୍ପୀ, ଶିକ୍ଷାବିତ୍, ଶତାଧିକ ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡେଟ୍‌ମାନେ ଯୋଗଦେଇ ଆମ ମାଟିର ଗର୍ବ ଓ ଗୌରବ କୃତୀ ପ୍ରତିଭାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



ନିମାପଡା କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀ ଓ ଛାତ୍ରମାନେ ପ୍ରାଚୀନ କଳାକୃତି ପ୍ରଦର୍ଶନ କରୁଛନ୍ତି ।

## ଧାଡ଼ିବୁଣା କ୍ଷେତ ପରିଦର୍ଶନ କଲେ ୮ ବ୍ଲକର ଚାଷୀ

ଡେଲାଙ୍ଗ,୨୨।୧୦(ଡି.ଏନ୍.ଏ.)




ଡେଲାଙ୍ଗ ବ୍ଲକ ଅଞ୍ଚଳରେ ହୋଇଥିବା ଧାଡିବୁଣା କ୍ଷେତ ପରିଦର୍ଶନରେ ଆସିଥିବା ବିଭିନ୍ନ ବ୍ଲକର ଚାଷୀମାନେ ।

ସିସା ଓ ଡିଏସ୍‌ଆର ପକ୍ଷରୁ ଡେଲାଙ୍ଗ ବ୍ଲକର ଓଁପୁର ଓ ବେନୁପଡାରେ ଧାଡ଼ିବୁଣା ଧାନ କ୍ଷେତକୁ ଶନିବାର ନିମାପଡା, ପିପିଲି, ଡେଲାଙ୍ଗ, କଣାସ, ବ୍ରହ୍ମଗିରି, ପୁରୀ ସଦର, ଗୋପ, ସତ୍ୟବାଦୀ ବ୍ଲକର ଶତାଧିକ ଚାଷୀ ଆସି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଦିନକୁ ଦିନ ମୁଣ୍ଡପିଛା ଜମିର ଆୟତନ କମୁଛି, କୃଷି ଉପକରଣ ଓ ବିନିଯୋଗ ସାମଗ୍ରୀର ମୂଲ୍ୟ ବଢ଼ିଚାଲିଛି। ପାରମ୍ପରିକ ପଦ୍ଧତି ଚାଷରେ ଉତ୍ପାଦନ ହ୍ରାସ ପାଉଛି। ଶସ୍ୟ ଉତ୍ପାଦନ କ୍ଷେତ୍ରରେ ବୃଦ୍ଧି କରିବା ଲକ୍ଷ୍ୟ ନେଇ ସିସା ଓ ଡିଏସ୍‌ଆର ପ୍ରୋଜେକ୍ଟ ମାଧ୍ୟମରେ ନୂତନ ଜ୍ଞାନକୌଶଳ ଓ ଯନ୍ତ୍ରପାତି ମାଧ୍ୟମରେ ମେଶିନ ସାହାଯ୍ୟରେ ଚଳିତବର୍ଷ ପୁରୀ ଜିଲାରେ ୮୫୦ ଏକର ଧାଡିବୁଣା ଧାନଚାଷ କରାଯାଇଛି। ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଆଇଆର୍‌ଆର୍‌ଆଇ), ଦକ୍ଷିଣ ଏସିଆ ଖାଦ୍ୟ ଶସ୍ୟ ଉତ୍ପାଦନ ପ୍ରୋତ୍ସାହନ (ସିସା), ବିହନ ଓ କୀଟନାଶକ ଉତ୍ପାଦକ ବେୟର, ଓଡ଼ିଶା ସରକାରଙ୍କ କୃଷି ବିଭାଗ ଓ ମହିଳା ମିଶନ ଶକ୍ତି ସଂସ୍ଥାର ମିଳିତ ଉଦ୍ୟମରେ ଚାଷୀମାନଙ୍କୁ ଧାଡିବୁଣା କରିବା ଦିଗରେ ସଚେତନ କରାଯାଇଛି। ଡେଲାଙ୍ଗ ବ୍ଲକରେ ଏହି ପଦ୍ଧତିରେ ୩୦ ଏକର ଚାଷ କରାଯାଇଛି। ଅନ୍ତର୍ଜାତୀୟ ଧାନ, ମକା, ଗହମ ଓ ଖାଦ୍ୟ ନୀତି ଗବେଷଣା କେନ୍ଦ୍ରର ସିସା ହେଉଛି ଏକ ପ୍ରୋଜେକ୍ଟ। ଏହି ପ୍ରୋଜେକ୍ଟ ଦ୍ୱାରା ଉନ୍ନତ ଜ୍ଞାନକୌଶଳରେ ଚାଷୀମାନେ ଧାଡିବୁଣା ଧାନଚାଷ କଲେ ୪୦ ଶତକଡା କମ୍ ଶ୍ରମିକ ଲାଗିବା ସହିତ ୩୦ ଶତକଡା କମ୍ ପାଣିରେ ଧାନ ଭଲ ଅମଳକ୍ଷମ ହୋଇପାରିବ। ଏହି ପଦ୍ଧତି ଆପଣେଇବା ଦ୍ୱାରା ବିଶ୍ୱ ତାପାୟନ ନିୟନ୍ତ୍ରଣରେ ମଧ୍ୟ ସହାୟକ ହେବ। କ୍ଷେତରେ କମ୍ ପାଣି ବ୍ୟବହାର ଫଳରେ ମିଥେନ ଗ୍ୟାସ ବାୟୁମଣ୍ଡଳକୁ ନ ଯାଇ ମୃତ୍ତିକାରେ ସଂରକ୍ଷଣ ରହିପାରିବ। ଫଳରେ ଧାନ ଚାଷ ପରେ ରବି ଫସଲରେ ମଧ୍ୟ ଅଧିକ ଅମଳ ହୋଇପାରିବ ବୋଲି ବୈଷୟିକ କୃଷି ପରାମର୍ଶଦାତା ଅଶୋକ ପ୍ରଧାନ ଚାଷୀମାନଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଲାଙ୍ଗ ବ୍ଲକର ଆତ୍ମାର ଅଧ୍ୟକ୍ଷା ମିନତି ସେନାପତି, ଡେଲାଙ୍ଗ ବ୍ଲକ ବିଟିଏମ୍ ଜ୍ଞାନରଞ୍ଜନ ହରିଚନ୍ଦନ, ସତ୍ୟବାଦୀ ବିଟିଏମ୍ ସୋଲେସ କୁମାର ଦାଶ, ନିମାପଡ଼ା ଶ୍ରୀକାନ୍ତ ବଡେଇ, ଭିଏଲ୍‌ଡବ୍ଲ୍ୟୁ ବନ୍ଦିତା ଦାସ ପ୍ରମୁଖଙ୍କ ସହିତ ବିଭିନ୍ନ ବ୍ଲକର ଶତାଧିକ ଚାଷୀ ପରିଦର୍ଶନରେ ଅଂଶଗ୍ରହଣ କରିବା ସହିତ ଧାଡିବୁଣା ନେଇ ବିଭାଗୀୟ ଅଧିକାରୀ ମାନଙ୍କଠାରୁ ପରାମର୍ଶ ନେଇଥିଲେ।

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ, ୨୨।୧୦(ଡି.ଏନ.ଏ): ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ ପାଇଁ ଶନିବାର ଅପରାହ୍ନରେ ଗୁରୁଡିଝାଟିଆଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିର୍ସା ମୁଣ୍ଡା ହୋ ଛାତ୍ର ସଙ୍ଗଠନ ଆଠଗଡ଼ ଶାଖାର ସଭାପତି ଶଶୀ ପୂର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଙ୍ଗଠନର ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାଣ୍ଡିଲ, ଶ୍ରୀ ଶ୍ରୀ ଧବଳେଶ୍ୱର ମହାବିଦ୍ୟାଳୟର ଅଧାପିକା ରାଜଲକ୍ଷ୍ମୀ ବଦରା, ଅଧାପକ ଲକ୍ଷ୍ମୀଧର ତପନ, କଣ୍ଠଶିଳ୍ପୀ ସୁମିତ୍ରା ଡଙ୍ଗିଲ ପ୍ରମୁଖ ଯୋଗ ଦେଇଥିଲେ। ସମାଜରୁ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଦୂର ପାଇଁ ସଚେତନତା ସୃଷ୍ଟି କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆସନ୍ତା ନଭେମ୍ବର ୧୫ରେ ମୁଷୁଳିଆ ହାଟ ପଡିଆରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରାଯିବ ବୋଲି ସଙ୍ଗଠନର ଛାତ୍ରୀ ଜାନକୀ ପୂର୍ତ୍ତି ଘୋଷଣା କରିଥିଲେ। ମଞ୍ଜୁଲତା ମୁଣ୍ଡା, ରଞ୍ଜନ ଜାରିକା, ଲକ୍ଷ୍ମୀ ଗଇପାଇ, ମିନି ବାନାରା, ଚମ୍ପାବତୀ ହେମ୍ବ୍ରମ, ସୁମିତ୍ରା ବଦରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଦାମ ତିରିଆ ଧନ୍ୟବାଦ ଦେଇଥିଲେ।

### ଜେଲ ପରିସରରେ ଚାରା ରୋପଣ

ଚୌଦ୍ୱାର,୨୨।୧୦(ଡି.ଏନ୍.ଏ.): ଚାରବାଟିଆ ଗାୟତ୍ରୀ ପ୍ରଜ୍ଞାପୀଠ ପକ୍ଷରୁ ଚୌଦ୍ୱାର ସର୍କଲ ଜେଲ୍ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଜ୍ଞାପୀଠ ସଭାପତି ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜେଲ୍ ଡିଆଇଜି କୁଳମଣି ବେହେରା ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଗାୟତ୍ରୀ ପରିବାରର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।

### ଜ୍ୟୋତିଷଙ୍କ ବିୟୋଗରେ ଶୋକ



ସାଲେପୁର,୨୨।୧୦ (ଡି.ଏନ୍.ଏ.): ମଧକଚ୍ଛ ପଞ୍ଚାୟତର ଜଣାଶୁଣା ଜ୍ୟୋତିଷ ପୂର୍ବକଚ୍ଛ ଗ୍ରାମର ପଦ୍ମଚରଣ ପାଣିଗ୍ରାହୀଙ୍କ ପରଲୋକ ହୋଇଛି। ଶନିବାର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଜଣେ ଧର୍ମପରାୟଣ, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ମଧକଚ୍ଛ ସରପଞ୍ଚ ସଞ୍ଜୟ କୁମାର ବେହୁରା, ଲକ୍ଷ୍ମୀନୃସିଂହ ଟ୍ରଷ୍ଟର ଟ୍ରଷ୍ଟି କାର୍ତ୍ତିକ ସ୍ୱାଇଁ, ଧ୍ରୁବଚରଣ ବେହେରା, ମଧକଚ୍ଛ ମିଶନ ଶକ୍ତିର ସଭାନେତ୍ରୀ ବୀଣାପାଣି ପାଣିଗ୍ରାହୀ, ନାଏବ ସରପଞ୍ଚ ମଧୁସ୍ମିତା ସାହୁ, ଭବାନୀଶଙ୍କର ସାହୁ, ଜାନକୀବଲ୍ଲଭ ପାଣିଗ୍ରାହୀ, ବିଜୟ ମଲ୍ଲିକ, ନୃସିଂହ ଚରଣ ମଲ୍ଲିକ, ଶନିଶ୍ଚର ସାହୁ, ସରୋଜ ସାମଲ, ସଜେନ୍ଦ୍ର ବେହେରା, ଶ୍ରୀକାନ୍ତ ସାହୁ, ଦିଲୁ ସାହୁ, ଲିପକ ଜେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ହଷ୍ଟେଲରେ ରହି ଚୋରି କରୁଥିଲେ ଏମ୍‌ବିଏ ଛାତ୍ରୀ

■ ଛାତ୍ରୀ ଓ ତାଙ୍କ ସହଯୋଗୀ ଗିରଫ
■ ୪ ମୋବାଇଲ, ୩ ଲାପଟପ ଜବତ
■ ପଶ୍ଚିମବଙ୍ଗରେ ବିକ୍ରି ହେଉଥିଲା ଚୋରି ସାମଗ୍ରୀ

ଭୁବନେଶ୍ୱର,୨୨।୧୦(ବ୍ୟୁରୋ)



ଏକ ପ୍ରତିଷ୍ଠିତ ଘରୋଇ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢୁଥିଲେ ମଧ୍ୟ ଅୟସ ଜୀବନ ବିତାଇବା ଲାଗି ଚୋରି ପେସାକୁ ଆପଣାଇଥିଲେ। ହଷ୍ଟେଲରେ ରହି ଅନ୍ୟମାନଙ୍କ ଲାପ୍‌ଟପ୍, ମୋବାଇଲ୍ ଫୋନ୍ ଆଦି ଚୋରି କରୁଥିଲେ। ଶେଷରେ ପୋଲିସ ହାତରେ ଧରାପଡିଛନ୍ତି ସମ୍ପୃକ୍ତ ଏମ୍‌ବିଏ ଛାତ୍ରୀ। ଇନ୍‌ଫୋସିଟି ଥାନା ପୋଲିସ ଅଭିଯୁକ୍ତା ଛାତ୍ରୀ ପଶ୍ଚିମବଙ୍ଗର ପୂଜା ଶାହା ଓ ତାଙ୍କ ସହଯୋଗୀ ଭୁବନେଶ୍ୱରରେ ରହୁଥିବା ଅହମ୍ମଦ ହୁସେନଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ବିଭିନ୍ନ କମ୍ପାନୀର ୪ଟି ଦାମୀ ମୋବାଇଲ ଓ ୩ଟି ଲାପଟପ ଜବତ କରଛି। ଏନେଇ ପୋଲିସ ମାମଲା (ନଂ. ୨୮୯/୨୨) ରୁଜୁ କରି ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ପୂଜା ବିଶେଷକରି ମୋବାଇଲ୍ ଫୋନ୍ ଓ ଲାପ୍‌ଟପ୍‌କୁ ଟାର୍ଗେଟ କରନ୍ତି। ଧରା ନ ପଡ଼ିବା ଲାଗି ଚୋରି ପରେ ସଙ୍ଗେସଙ୍ଗେ ସେଗୁଡିକୁ ସହଯୋଗୀ ହୁସେନଙ୍କୁ ବିକ୍ରି କରି ଟଙ୍କା ଆଣିଥାନ୍ତି। ଏହାପରେ ହୁସେନ ଉକ୍ତ ମୋବାଇଲଗୁଡିକୁ ପଶ୍ଚିମବଙ୍ଗ ନେଇ ବିକ୍ରି କରି ପୁଣି ଭୁବନେଶ୍ୱର ଚାଲି ଆସୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

ସୂଚନାନୁସାରେ, ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଉକ୍ତ ଘରୋଇ ବିଶ୍ୱବିଦ୍ୟାଳୟରେ ବାରମ୍ବାର ଚୋରି ଅଭିଯୋଗ ହେଉଥିଲା। ଗତ ୨୦ ତାରିଖରେ ହଷ୍ଟେଲର ବ୍ଲକ୍-ଡିରେ ରହୁଥିବା ୨ ଛାତ୍ରୀ ରୁମ୍‌ରେ ନ ଥିବାବେଳେ ତାଙ୍କର ୨ଟି ଲାପ୍‌ଟପ୍ ଚୋରି ହୋଇଥିଲା। ଛାତ୍ରୀଦ୍ୱୟ ସହପାଠିନୀ ପୂଜାଙ୍କ ଉପରେ ସନ୍ଦେହ କରି ତାଙ୍କୁ ପଚାରିଥିଲେ। ହେଲେ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ସହ ପୂଜା ଶାହା ଉପରେ ସନ୍ଦେହ ଥିବା ପୋଲିସ ଆଗରେ କହିଥିଲେ। ପୋଲିସ କେତେଜଣ ଛାତ୍ରୀଙ୍କୁ ପଚରାଉଚରା କରିବା ପରେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ରୀ ପୂଜାଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ପୂଜାଙ୍କ କଥାରେ ତାଳମେଳ ନ ରହିବାରୁ ପୋଲିସ ତାଙ୍କୁ ଥାନାରେ ବସାଇ ଅଧିକ ପଚରାଉଚରା କରିଥିଲା। ଶେଷରେ ସେ ଚୋରି କରିଥିବା ମାନିବା ସହ ପୂରା ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ପୋଲିସ ତାଙ୍କ ରୁମ୍‌ରୁ ୨ଟି ଲାପ୍‌ଟପ୍ ଓ ୨ଟି ମୋବାଇଲ୍ ଫୋନ୍ ଏବଂ ସହଯୋଗୀ ଅହମ୍ମଦ ହୁସେନ୍‌ଙ୍କଠାରୁ ଗୋଟିଏ ଲାପ୍‌ଟପ୍ ଓ ୨ଟି ମୋବାଇଲ୍ ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲା।

# ମଣ୍ଡପ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଫେରାଦ



ରାସ୍ତା କିସମ ଜମିରେ ନିର୍ମାଣ ହୋଇଥିବା ମଣ୍ଡପ।

ତିଗିରିଆ, ୨୨।୧୦(ଡି.ଏନ.ଏ):

ତିଗିରିଆ ତହସିଲ ଅନ୍ତର୍ଗତ ନୂଆପାଟଣା (ସୁରେନ୍ଦ୍ରପାଟଣା) ସୂତାକଳ ପଛ ପାଖ ରାସ୍ତା କିସମ ଜମିରେ କିଛି ଲୋକ ମଣ୍ଡପ ନିର୍ମାଣ କରି ସରକାରୀ ରାସ୍ତାକୁ ବନ୍ଦକରି ରଖିଛନ୍ତି। ଏହାକୁ ଉଚ୍ଛେଦ ନିମନ୍ତେ ସ୍ଥାନୀୟ ଲୋକେ ତହସିଲଦାରଙ୍କ ନିକଟରେ ଫେରାଦ ହୋଇଛନ୍ତି। ଖବର ଅନୁଯାୟୀ ସୁରେନ୍ଦ୍ରପାଟଣା ଖାତା ନଂ ୭୨୮ ସରକାରୀ ରାସ୍ତା ରେକର୍ଡ ଥିବା ବେଳେ କିଛି ଲୋକ ଏହାକୁ ଜବରଦଖଲ କରି ଏକ ମଣ୍ଡପ ନିର୍ମାଣ କରିଛନ୍ତି। ଏ ନେଇ ସାହିବାସିନ୍ଦା ତହସିଲଦାରଙ୍କୁ ଭେଟି ଏହାର ଉଚ୍ଛେଦ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଏ ବିଷୟରେ ପୂର୍ବରୁ ୨୦୧୪ ଓ ୨୦୧୫ରେ ତହସିଲରେ ଅଭିଯୋଗ ହୋଇଥିଲା। ତହସିଲଦାର ପ୍ରମୋଦ ବାସ୍କେଙ୍କୁ ପଚାରିବାରେ ଖୁବଶୀଘ୍ର ଏହାର ତଦନ୍ତ କରି ଉଚ୍ଛେଦ କରାଯିବ ବୋଲି କହିଛନ୍ତି।

# ମହିଳାଙ୍କୁ ସଶକ୍ତ କରିବ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ



ପଞ୍ଚାୟତସ୍ତରୀୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଧିକାରୀ ଓ ଏସ୍‌ଏଚ୍‌ଜି ଗ୍ରୁପ୍‌ର ସଦସ୍ୟାମାନେ।

ତିଗିରିଆ, ୨୨।୧୦(ଡି.ଏନ.ଏ):

ମହିଳାଙ୍କୁ ସଶକ୍ତୀକରଣ କରିବା ପାଇଁ ତିଗିରିଆ ବ୍ଲକ ନୂଆପାଟଣା ଓ ଜେମାଦେଇପୁର ପଞ୍ଚାୟତରେ ଶନିବାର ପଞ୍ଚାୟତସ୍ତରୀୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେମାଦେଇପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଆଇଡିବିଆଇ ବ୍ୟାଙ୍କ ନୂଆପାଟଣା ଶାଖା ତରଫରୁ ୬୫ଟି ମହିଳା ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ନେଇ ବ୍ୟାଙ୍କର ବିଭିନ୍ନ ଯୋଜନା ବିଷୟରେ ଶାଖା ପରିଚାଳକ ଅକ୍ଷୟ କୁମାର ମହାନ୍ତି ଓ ସହ ପରିଚାଳକ ଦେବାଶିଷ ସାହୁ ବୁଝାଇଥିଲେ। ସେହିପରି ନୂଆପାଟଣା ପଞ୍ଚାୟତର କଲ୍ୟାଣ ମଣ୍ଡପଠାରେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ନୂଆପାଟଣା ଶାଖା ତରଫରୁ ମହିଳା ଗୋଷ୍ଠୀର ସିଆରପି, ଏମ୍‌ବିକେଙ୍କୁ ଶାଖା ପରିଚାଳକ ଦେବାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ କଟକର ଜେନେରାଲ ମ୍ୟାନେଜେର ଗଗନ ବିହାରୀ ପ୍ରଧାନ ଓ ସିନିୟର ମ୍ୟାନେଜେର ଶ୍ରୀକାନ୍ତ ସାହୁ, ବିରଜା ପ୍ରସାଦ କର, ରାଜେଶ କୁମାର ବେହେରା ଏଲଡିଏମ କଟକ, ସତ୍ୟନାରାୟଣ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ଚକ୍ଷୁ ଚିକିତ୍ସା ଶିବିର

ଚୌଦ୍ୱାର,୨୨।୧୦(ଡି.ଏନ୍.ଏ.)

ଚୌଦ୍ୱାର ନୂଆସାହିସ୍ଥିତ ମହିଳା ସମିତି ଗୃହ ପରିସରରେ ଚକ୍ଷୁ ଚିକିତ୍ସା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ମହାଦେବ ୟୁଥ୍ କ୍ଲବ୍ ଓ କେୟାର ନେତ୍ରମ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରରେ ୧୦୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱର ପଠାଯାଇଥିଲା। ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ଆଲୋକ ସାହୁ, ସୋନୁ ଲାହେରି, ଧନେଶ୍ୱର ବିଶ୍ୱାଳ, ରାଜକିଶୋର ବେହେରା, ରଘୁନାଥ ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ଦୀପାବଳି ପାଳନ ପାଇଁ ସଚେତନତା

ସାଲେପୁର,୨୨।୧୦(ଡି.ଏନ୍.ଏ.):

ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁରସ୍ଥିତ କସ୍ତୁରବା ଗାନ୍ଧୀ ସ୍ମାରକନିଧି ଟ୍ରଷ୍ଟ ପରିସରରେ ଆଲୋକର ପର୍ବ ଦୀପାବଳି ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଟ୍ରଷ୍ଟର ସମ୍ପାଦିକା ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସମ୍ପାଦନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ ରାମଚନ୍ଦ୍ର ପାଣି ଯୋଗଦେଇ ପ୍ରଦୂଷଣ ସାରା ବିଶ୍ୱ ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଥିବା ବେଳେ ପ୍ରଦୂଷଣମୁକ୍ତ ଦୀପାବଳି ଅନେକାଂଶରେ ପ୍ରଦୂଷଣକୁ ରୋକିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୁଲଣା ଦାସ, ଧୀରେନ୍ଦ୍ର ପୂଜାରୀ, କାଜଲରେଖା ସାହୁଙ୍କ ସମେତ କନ୍ୟାଶ୍ରମର ଅନ୍ତେବାସୀମାନେ ଟ୍ରଷ୍ଟ ପରିସରରେ ପ୍ରଦୀପ ପ୍ରଜ୍ୱଳନ କରି ଦୀପାବଳି ପାଳନ କରିଥିଲେ।



ପ୍ରଦ୍ୟୁଷଣମୁକ୍ତ ଦୀପାବଳି ପାଇଁ ସଚେତନତା କରାଯାଉଛି।

# ରେଭେନ୍‌ଶାରେ ଖୁବ୍‌ଶୀଘ୍ର ହେଉ ନିର୍ବାଚନ

କଟକ ଅଫିସ, ୨୨।୧୦

ରେଭେନ୍‌ଶାକୁ ଓଡିଶାର ଜ୍ଞାନ କେନ୍ଦ୍ର ଓ ମାତୃକଳ୍ପ ଶିକ୍ଷାନୁଷ୍ଠାନ ସ୍ୱୀକୃତି ମିଳିଛି। ଏଥିସହ ୨୦୦୬ରେ ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟକୁ ରୂପାନ୍ତରିତ ହୋଇଛି। ହେଲେ ବିଶ୍ୱବିଦ୍ୟାଳୟରେ ବୌଦ୍ଧିକ ବାତାବରଣର ମୌଳିକ ଅଭାବଗୁଡିକ ପ୍ରତି ଧ୍ୟାନ ଦିଆଯାଉ ନାହିଁ। ଅନ୍ୟପକ୍ଷରେ ଛାତ୍ର ବିରୋଧୀ ଓ କର୍ମଚାରୀ ବିରୋଧୀ ପଦକ୍ଷେପମାନ ନିଆଯାଉଛି। ଛାତ୍ରୀଛାତ୍ର ପ୍ରତିବାଦ, ଧାରଣା, ବିକ୍ଷୋଭ ଓ ଅଭିଯୋଗ କଲେ ତାହାକୁ ବିଶୃଙ୍ଖଳା ଭାବେ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଯୋଗୁ କର୍ତ୍ତୃପକ୍ଷ ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିଛନ୍ତି। ତେବେ କର୍ତ୍ତୃପକ୍ଷ ଏହିଭଳି ଅଗଣତାନ୍ତ୍ରିକ ମନୋଭାବରୁ କ୍ଷାନ୍ତ ରହି ବିଶ୍ୱବିଦ୍ୟାଳୟର ମୌଳିକ ଅଭାବ ଅସୁବିଧା ପ୍ରତି ଦୃଷ୍ଟି ଦେବା ଦରକାର। ଏଥିସହ ରେଭେନ୍‌ଶାରେ ତୁରନ୍ତ ଛାତ୍ର ସଂସଦ ନିର୍ବାଚନ କରି ଛାତ୍ରୀଛାତ୍ରଙ୍କୁ ଗଣତାନ୍ତ୍ରିକ ଅଧିକାର ଦେବା, ବିଶ୍ୱବିଦ୍ୟାଳୟ ଅଧାପକ ପଦବୀ ପୂରଣ କରିବା, ଭିତିଭୂମି ଗବେଷଣା କ୍ଷେତ୍ର ବିକାଶ କରିବାକୁ ରେଭେନ୍‌ଶା ବିକାଶ ଅଭିଯାନ ପକ୍ଷରୁ ଗାନ୍ଧୀ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏହି ସମ୍ମିଳନୀରେ ରେଭେନ୍‌ଶା ବିକାଶ ଅଭିଯାନର ସଭାପତି ଚିତ୍ତରଞ୍ଜନ ମହାନ୍ତି, ବିଶିଷ୍ଟ ଖବରଦାତା ସତ୍ୟ ରାୟ, ସଂଗ୍ରାମୀ ଫୋରମ ଆବାହକ ପ୍ରଶାନ୍ତ ଦାସ, ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ ଦାସ, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତରାୟ, ଗୀତା ଦାସ, ଇସରଫ୍ ଜାହାଁ, ଏନାମୁଲ୍ ହକ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ହେଲେ ଶାରଦା ପ୍ରସନ୍ନ ମହାନ୍ତି

ମଙ୍ଗୁଳି,୨୨।୧୦(ଡି.ଏନ୍.ଏ.)

କଟକ ଜିଲା ଟାଙ୍ଗୀ ବାସିନ୍ଦା ଶାରଦା ପ୍ରସନ୍ନ ମହାନ୍ତି କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତିଙ୍କ ଟାଙ୍ଗୀ ପ୍ରତିନିଧି ଭାବେ ନିଯୁକ୍ତି ପାଇଛନ୍ତି। ସେ ପୂର୍ବରୁ ରାଜ୍ୟ ଯୁବ ଜନତା ଦଳ ଉପ ସଭାପତି ଭାବେ ୫ବର୍ଷ ସଫଳତାର ସହ କାର୍ଯ୍ୟ କରିଛନ୍ତି। ଏହି ନୂତନ ଦାୟିତ୍ୱ ମିଳିବା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି ଅନୁଭବ ମହାନ୍ତି ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବିଜ୍ଞପ୍ତି ରଦ୍ଦ ପରେ ଦୋଷ ଠେଲାଠେଲି

କଟକ,୨୨।୧୦

ରେଭେନଶା ବିଶ୍ୱବିଦ୍ୟାଳୟରେ ପ୍ରଥମେ କଡ଼ା ନିୟମ ନେଇ ବିଜ୍ଞପ୍ତି ପ୍ରକାଶ ପାଇଲା । ଏହାପରେ ଉକ୍ତ ବିଜ୍ଞପ୍ତିକୁ ୨୪ ଘଣ୍ଟା ନପୂରୁଣୁ ପୁଣି ଏକ ବିଜ୍ଞପ୍ତ ଜାରି କରାଯାଇ ପୂର୍ବ ନୋଟିସକୁ ରଦ୍ଦ କରାଯିବା ଘଟଣା ବିଶ୍ୱବିଦ୍ୟାଳୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଆଉ ବର୍ତ୍ତମାନ କୁଳପତି ଏବଂ କୁଳସଚିବଙ୍କ ମଧ୍ୟରେ ଦୋଷ ଠେଲାଠେଲି ଦେଖିବାକୁ ମିଳିଛି । ଗୁରୁବାର ପ୍ରକାଶ ପାଇଥିବା ପ୍ରଥମ ବିଜ୍ଞପ୍ତି ନେଇ ରେଭେନଶା ବିଶ୍ୱବିଦ୍ୟାଳୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ଶନିବାର କୁଳପତି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ନୂଆ ନିୟମ ନେଇ ଛାତ୍ରୀଛାତ୍ରମାନେ ପ୍ରଶ୍ନ କରିବା ପରେ ଏ ବିଷୟରେ କୁଳପତି କିଛି ଜାଣିନଥିବା କହିଥିଲେ। କୁଳସଚିବଙ୍କ ଦ୍ୱାରା ଏଭଳି ନିୟମ କରାଯାଇଥିବା କହି ତାଙ୍କୁ ଦୋଷ ଠେଲି ଦେଇଥିଲେ। ଏ ଦିଗରେ କୁଳସଚିବଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ସେ କହିଥିଲେ। ତେବେ କୁଳପତିଙ୍କ ଏଭଳି ମନ୍ତବ୍ୟକୁ ନେଇ ରେଭେନଶାରେ ବର୍ତ୍ତମାନ ଚର୍ଚ୍ଚା ଜୋର ଧରିଛି। କୁଳପତି ବିଶ୍ୱବିଦ୍ୟାଳୟ ମୁଖ୍ୟ ହୋଇଥିବାବେଳେ ତାଙ୍କ ଅଜାଣତରେ କିପରି ବିଜ୍ଞପ୍ତି ପ୍ରକାଶ ପାଇଲା ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଯାହା ପଦକ୍ଷେପ ନିଆଯାଉଛି ସେ ଦିଗରେ କୌଣସି ଆଲୋଚନା କରାଯାଉନଥିବା ବୈଠକରେ ଅଭିଯୋଗ ହୋଇଥିଲା।

# ସରକାରଙ୍କ ଜନହିତକର ଯୋଜନାର ବାର୍ତ୍ତା ବାଣ୍ଟୁଛି ବିଜେଡି

ତିଗିରିଆ/ସାଲେପୁର, ୨୨।୧୦(ଡି.ଏନ.ଏ):

ତିଗିରିଆ ବ୍ଲକ ଭୀରୁଡ଼ା ପଞ୍ଚାୟତରେ ଶନିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଅଜିତ ଧୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ମୁଖ୍ୟଅତିଥି ଭାବେ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ପଦଯାତ୍ରା ବାଲିପାଟଣା ଶନି ମନ୍ଦିରଠାରୁ ଆରମ୍ଭ ହୋଇ ଗୋଡ଼ିଝରିଆ, ଭୀରୁଡ଼ା ମହାଶ୍ୟାମଳା ମନ୍ଦିରଠାରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରାଯିବା ସହିତ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ତିଗିରିଆ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସରପଞ୍ଚ ବେଣୁଧର ସାହୁ, ସମିତି ସଭ୍ୟ ଧନେଶ୍ୱର ରଣା, ଡିଜିଟାଲ ସମ୍ପାଦକ ଆଶିଷ କଅଁର, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ରୁପା ଦଳେଇ, ସମସୁରା ବେଗମ, ସବିତା ବେହେରା, ହିମାଂଶୁ ଶେଖର ସ୍ୱାଇଁ, ଶୁଭେନ୍ଦୁ ସାହୁ, ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ସାଲେପୁର ବ୍ଲକ ମହଣ ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରଭାତ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଘର ଘର ବୁଲି ବିଜେଡି ସରକାରର ଜନହିତକର ବାର୍ତ୍ତା ସମ୍ପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ମହଣ ପଞ୍ଚାୟତ ସମିତିସଭ୍ୟା ଗୀତାଞ୍ଜଳି ବେହେରା, ବାଲିସାହି ସରପଞ୍ଚ ପବିତ୍ର ସାମଲ, ଜ୍ଞାନରଞ୍ଜନ ପଟ୍ଟନାୟକ, ଚିରଞ୍ଜନ ସାହୁ, ମିଶନ୍ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ା, ଯୁବନେତା ବିରଞ୍ଚି ନାରାୟଣ କର, ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନାଙ୍କ ସମେତ ବହୁ ବିଜେଡି କର୍ମୀ ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ।





ଭୀରୁଡ଼ା ପଞ୍ଚାୟତରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ବିଜେଡି କର୍ମୀମାନେ।

# ଶିଶୁଙ୍କ ଅନ୍ତର୍ନିହିତ ଗୁଣର ବିକାଶ କରେ ସୁରଭି

ମାହାଙ୍ଗା (ସ୍ୱ.ପ୍ର.) /ତିଗିରିଆ (ଡି.ଏନ୍.ଏ).୨୨।୧୦





ନାହାଙ୍ଗ କେନ୍ଦ୍ର ପ୍ରକଳ୍ପ ବିଦ୍ୟାଳୟ ପରିସରରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥବା ଅତିଥିମାନେ।

ମାହାଙ୍ଗା ଶିକ୍ଷାମଣ୍ଡଳ ଅଧୀନ ନାହାଙ୍ଗ କେନ୍ଦ୍ର ପ୍ରକଳ୍ପ ବିଦ୍ୟାଳୟ ପରିସରରେ ଶନିବାର ଶିଶୁ ମହୋତ୍ସବ 'ସୁରଭି -୨୦୨୨' ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରମାକାନ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୋମନାଥ ରାମଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସରପଞ୍ଚଙ୍କ ପ୍ରତିନିଧି ଦେବରଞ୍ଜନ ମହାନ୍ତି ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନଙ୍କର ଅନ୍ତର୍ନିହିତ ଗୁଣର ବିକାଶ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ଦାସ, ପୂର୍ବତନ ସିଆରସିସି ହରେକୃଷ୍ଣ ସାହୁ, ସିଆରସିସି ଭାସ୍କର ଚନ୍ଦ୍ର ସାହୁ, ରାମରାମ ଷଡଙ୍ଗୀ, ଅମର ପ୍ରସାଦ ଜେନା, ପବିତ୍ରମୋହନ ସାହୁ, ନାରାୟଣ ସାହୁ, ରାଧାକାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ବରିଷ୍ଠ ବିଭାଗ ଓ କନିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୁଧାଂଶୁ ଶେଖର ପ୍ରହରାଜ, ପୁରସ୍ତମ ସେଠୀ, ବନଶ୍ରୀ ବାରିକ, ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ସାଧନ କେନ୍ଦ୍ର ଅଧୀନରେ ୧୫ଟି ବିଦ୍ୟାଳୟର ୧୩୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ୫୧ ଜଣ କୃତକାର୍ଯ୍ୟ ହୋଇଥିଲେ। ନୁର୍ତ୍ତାଙ୍ଗ ଉଚ୍ଚ ବିଦ୍ୟାଳୟ ପରିସରରେ ସଂଯୋଜକ ସତ୍ୟବ୍ରତ ରଥଙ୍କ ତତ୍ତ୍ୱାବଧାନରେ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ତାରିଣୀ ପ୍ରସାଦ ପୁହାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଜଟାଧାରୀ ପତି, ଆଦିକନ୍ଦ ନାୟକ, ପ୍ରମିଳା ଲେଙ୍କା, କମଳାକାନ୍ତ ଷଡ଼ଙ୍ଗୀ, ଅନ୍ନପୂର୍ଣ୍ଣା ସିଂହ, ରମେଶ ଚନ୍ଦ୍ର ଦାସ, ନିର୍ମଳ ପ୍ରହରାଜ, ଉମାକାନ୍ତ ମହାନ୍ତି, ମନୋରଞ୍ଜନ ବାରିକ, ବିଭୂରଞ୍ଜନ ସାମଲ, ସର୍ବେଶ୍ୱର ସ୍ୱାଇଁ, ରଞ୍ଜିତା ମହାନ୍ତି, ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ସାଧନ କେନ୍ଦ୍ର ଅଧୀନରେ ୧୦ଟି ବିଦ୍ୟାଳୟର ୧୩୦ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ୫୦ ଜଣ ମନୋନୀତ ହୋଇଥିଲେ।

ବଡମ୍ବା ଶିକ୍ଷା ମଣ୍ଡଳ ଅଧୀନସ୍ଥ ରଘୁନାଥ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ର ଦାଶରଥିପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବଡମ୍ବା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ପଣ୍ଡା ମୁଖ୍ୟ ଅତିଥି, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା, ଜୟଶ୍ରୀ ବରାଳ ସମ୍ମାନିତ ଅତିଥି, ବଡମ୍ବା ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ବିଶିଷ୍ଟ ଅତିଥି, ସୁଶାନ୍ତ କୁମାର ଜେନାସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ସରୋଜ କୁମାର ବେହେରାଙ୍କ ମାର୍ଗ ଦର୍ଶନରେ ଓ ସହକାରୀ ଶିକ୍ଷକ ସମୀର କୁମାର ରାଉତଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ସଂକ୍ଷେପରେ

### ଗୋପାଳ ବେହେରା ଆତ୍ମା ଅଧ୍ୟକ୍ଷ ମନୋନୀତ



**ବୋଲଗଡ଼,୨୨।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କୃଷକ ପରାମର୍ଶ ସୂଚନା କେନ୍ଦ୍ର (ଆତ୍ମା)ର କୃଷକ ଉପଦେଷ୍ଟା ମଣ୍ଡଳୀର ବୈଠକ ବୋଲଗଡ଼ ସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କୃଷି ଅଧିକାରୀ ସୁଶାନ୍ତ କୁମାର ଦାସ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ କୃଷକ ଉପଦେଷ୍ଟା ମଣ୍ଡଳୀର ୨୪ ଜଣ ନୂତନ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସର୍ବସମ୍ମତି କ୍ରମେ ଉପଦେଷ୍ଟା ମଣ୍ଡଳୀର ନୂତନ ଅଧ୍ୟକ୍ଷ ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରାଙ୍କୁ ମନୋନୀତ କରାଯାଇଛି। ବୈଠକରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଅତିଥିଭାବେ ଯୋଗଦେଇ ନବନିର୍ବାଚିତ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସହକାରୀ କୃଷି ଅଧିକାରୀ ସୀତା ରତ୍ନମାଳା ଦାସ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶଙ୍କର୍ଷଣ ମହାନ୍ତି, ଚିନ୍ମୟୀ ତ୍ରିପାଠୀ, ବିକ୍ରମ ସାହୁଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଦସ୍ୟ ଉପସ୍ଥିତ ଥିଲେ।

### ଅଧ୍ୟକ୍ଷ ସଞ୍ଜୟ ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନିରାକାରପୁର,୨୨।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା କୁହୁଡି ସ୍ଥିତ ଜନତା ମହାବିଦ୍ୟାଳୟ ପରିସରରେ ଶନିବାର ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ କୁମାର ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା ଓ ସାହିତ୍ୟା ସଂସ୍କୃତି ଭିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ି, ମୁଖ୍ୟ ବକ୍ତାଭାବେ ଖାଉଟି ସୁରକ୍ଷା ମଞ୍ଚର ସଭାପତି ନାରାୟଣ ମହାପାତ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଅଧାପକ ମୃତ୍ୟୁଞ୍ଜୟ ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସଚିବଙ୍କ ସହ ଅଧ୍ୟକ୍ଷ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁକ୍ତ ୩ ଅଧ୍ୟକ୍ଷ ଟୁକୁନା ପ୍ରଧାନ, ଅଧାପିକା ଅଧାପକ, କର୍ମଚାରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



# ହଷ୍ଟେଲରୁ ଚୋରି କରୁଥିଲେ ଏମ୍‌ବିଏ ଛାତ୍ରୀ

- ଛାତ୍ରୀ ଓ ତାଙ୍କ ସହଯୋଗୀ ଗିରଫ
- ୪ ମୋବାଇଲ, ୩ ଲାପଟପ ଜବତ
- ପଶ୍ଚିମବଙ୍ଗରେ ବିକ୍ରି ହେଉଥିଲା ଚୋରି ସାମଗ୍ରୀ

**ଭୁବନେଶ୍ୱର,୨୨।୧୦(ବ୍ୟୁରୋ)**

ଏକ ପ୍ରତିଷ୍ଠିତ ଘରୋଇ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢୁଥିଲେ ମଧ୍ୟ ଅୟସ ଜୀବନ ବିତାଇବା ଲାଗି ଚୋରି ପେସାକୁ ଆପଣାଇଥିଲେ। ହଷ୍ଟେଲରେ ରହି ଅନ୍ୟମାନଙ୍କ ଲାପ୍‌ଟପ୍, ମୋବାଇଲ୍ ଫୋନ୍ ଆଦି ଚୋରି କରୁଥିଲେ। ଶେଷରେ ପୋଲିସ ହାତରେ ଧରାପଡିଛନ୍ତି ସମ୍ପୃକ୍ତ ଏମ୍‌ବିଏ ଛାତ୍ରୀ। ଇନ୍‌ଫୋସିଟି ଥାନା ପୋଲିସ ଅଭିଯୁକ୍ତା ଛାତ୍ରୀ ପଶ୍ଚିମବଙ୍ଗର ପୂଜା ଶାହା ଓ ତାଙ୍କ ସହଯୋଗୀ ଭୁବନେଶ୍ୱରରେ ରହୁଥିବା ଅହମ୍ମଦ ହୁସେନଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ବିଭିନ୍ନ କମ୍ପାନୀର ୪ଟି ଦାମୀ ମୋବାଇଲ ଓ ୩ଟି ଲାପଟପ ଜବତ କରିଛି। ଏନେଇ ପୋଲିସ ମାମଲା (ନଂ. ୨୮୯/୨୨) ରୁଜୁ କରି ଉଭୟଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ପୂଜା ବିଶେଷକରି ମୋବାଇଲ୍ ଫୋନ୍ ଓ ଲାପ୍‌ଟପ୍‌କୁ ଟାର୍ଗେଟ କରନ୍ତି। ଧରା ନ ପଡ଼ିବା ଲାଗି ଚୋରି ପରେ ସଙ୍ଗେସଙ୍ଗେ ସେଗୁଡିକୁ ସହଯୋଗୀ ହୁସେନଙ୍କୁ ବିକ୍ରି କରି ଟଙ୍କା ଆଣିଥାନ୍ତି। ଏହାପରେ ହୁସେନ ଉକ୍ତ ମୋବାଇଲଗୁଡ଼ିକୁ ପଶ୍ଚିମବଙ୍ଗ ନେଇ ବିକ୍ରି କରି ପୁଣି ଭୁବନେଶ୍ୱର ଚାଲି ଆସୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

ସୂଚନାନୁସାରେ, ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଉକ୍ତ ଘରୋଇ ବିଶ୍ୱବିଦ୍ୟାଳୟରେ ବାରମ୍ବାର ଚୋରି ଅଭିଯୋଗ ହେଉଥିଲା। ଗତ ୨୦ ତାରିଖରେ ହଷ୍ଟେଲର ବ୍ଲକ୍-ଡିରେ ରହୁଥିବା ୨ ଛାତ୍ରୀ ରୁମ୍‌ରେ ନ ଥିବାବେଳେ ତାଙ୍କର ୨ଟି ଲାପ୍‌ଟପ୍ ଚୋରି ହୋଇଥିଲା। ଛାତ୍ରୀଦ୍ୱୟ ସହପାଠିନୀ ପୂଜାଙ୍କ ଉପରେ ସନ୍ଦେହ କରି ତାଙ୍କୁ ପଚାରିଥିଲେ। ହେଲେ ପୂଜା ଉତ୍‌କ୍ଷିପ୍ତ ହୋଇ ଛାତ୍ରୀଦ୍ୱୟଙ୍କୁ ଠେଲାପେଲା କରିଥିଲେ। ଏହି ସମୟରେ ଛାତ୍ରୀଦ୍ୱୟ ପୂଜାଙ୍କ ମୋବାଇଲ ଛଡାଇ ଆଣି ଯାଞ୍ଚ କଲାବେଳେ ବହୁ ପରିମାଣର ଟଙ୍କା ନେଣଦେଣ ହୋଇଥିବା ଜାଣିବାକୁ ପାଇଥିଲେ। ତେଣୁ ସେମାନେ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିବା ସହ ପୂଜା ଶାହା ଉପରେ ସନ୍ଦେହ ଥିବା ପୋଲିସ ଆଗରେ କହିଥିଲେ। ପୋଲିସ କେତେଜଣ ଛାତ୍ରୀଙ୍କୁ ପଚରାଉଚରା କରିବା ପରେ ଏମ୍‌ବିଏ ଦ୍ୱିତୀୟ ବର୍ଷର ଛାତ୍ରୀ ପୂଜାଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ପୂଜାଙ୍କ କଥାରେ ତାଳମେଳ ନ ରହିବାରୁ ପୋଲିସ ତାଙ୍କୁ ଥାନାରେ ବସାଇ ଅଧିକ ପଚରାଉଚରା କରିଥିଲା। ଶେଷରେ ସେ ଚୋରି କରିଥିବା ମାନିବା ସହ ପୂରା ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ପୋଲିସ ତାଙ୍କ ରୁମ୍‌ରୁ ୨ଟି ଲାପ୍‌ଟପ୍ ଓ ୨ଟି ମୋବାଇଲ୍ ଫୋନ୍ ଏବଂ ସହଯୋଗୀ ଅହମ୍ମଦ ହୁସେନ୍‌ଙ୍କଠାରୁ ଗୋଟିଏ ଲାପ୍‌ଟପ୍ ଓ ୨ଟି ମୋବାଇଲ୍ ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲା।



ଅଭିଯୁକ୍ତ ଏମ୍‌ବିଏ ଛାତ୍ରୀ ପୂଜା ଶାହା ଏବଂ ତାଙ୍କ ସହଯୋଗୀ ଅହମ୍ମଦ ହୁସେନ।

# ବ୍ରାଉନସୁଗାର ଜବତ, ୨ ବେପାରୀ ଗିରଫ

**ବାଇକ୍ ଓ ମୋବାଇଲ ଜବତ, ୨ ନାବାଳକ ଅଟକ**

**ବେଗୁନିଆ,୨୨।୧୦(ଡି.ଏନ୍.ଏ.)**

ବେଗୁନିଆ ଥାନା ପୋଲିସ ଶନିବାର ଟିକାତାଳ ଛକ ନିକଟରେ ଚଢ଼ାଉ କରି ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ବୋଲଗଡ଼ ଥାନା ବନ୍ଧସାହି ଗ୍ରାମର ଗଣେଶ ବାରିକ ଏବଂ ମାଣିକପୁର ଗ୍ରାମର ବାଦଲ ରାଉତ। ଏମାନଙ୍କ ନିକଟରୁ ବାଇକ(ଓଡି୦୨ଏଜେଡ୍-୭୦୨୯) ଓ ୪ଟି ମୋବାଇଲ ଫୋନ ଜବତ ହୋଇଛି। ତେବେ କେତେ ପରିମାଣର ବ୍ରାଉନସୁଗାର ଜବତ ହୋଇଛି ପୋଲିସ ସୂଚନା ଦେଇ ନ ଥିବା ବେଳେ ଏଥିରେ ସମ୍ପୃକ୍ତି ନେଇ ୨ଜଣ ନାବାଳକଙ୍କୁ ଧରି ପଚରାଉଚରା ଚଳାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୭୩/୨୨) ରୁଜୁ ହୋଇଛି। ସୂଚନା ମୁତାବକ, ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଶନିବାର ଭୋରରୁ ୫୭ନଂ. ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିଲା। ଟିକାତାଳ ଛକଠାରେ ନିଶା କାରବାର ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ପହଞ୍ଚି ଚଢ଼ାଉ କରି ବ୍ରାଉନସୁଗାର ସହ ବେପାରୀଙ୍କୁ ଗିରଫ କରିଥିଲା।

# ଦୁର୍ଦ୍ଦିନରେ ଉଦୟନାଥଙ୍କ ପରିବାର


ଘର ଆଗରେ ଉଦୟନାଥ ବେହେରା।

**ସରକାରୀ ଯୋଜନା ବାଟବଣା**

**ବୋଲଗଡ଼,୨୨।୧୦(ଡି.ଏନ୍.ଏ.)**

ସରକାର ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରିଛନ୍ତି। ହେଲେ କେତେଜଣ ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ ଜନପ୍ରତିନିଧିଙ୍କ ଅବହେଳା ଯୋଗୁ ଯୋଜନା ବାଟବଣା ହେଉଛି, ଯାହାକି ପ୍ରକୃତ ହିତାଧିକାରୀ ପାଇପାରୁ ନାହାନ୍ତି। ଏଭଳି ଘଟଣା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ସଂପୁର ଗ୍ରାମ ହରିରାଜପୁର ୱାର୍ଡର ଭୂମିହୀନ ଉଦୟନାଥ ବେହେରା(୪୮)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଉଦୟନାଥ ଭୂମିହୀନ ହୋଇଥିଲେ ମଧ୍ୟ ତାଙ୍କୁ ସରକାରୀ ଯୋଜନାରେ ଘର ନିର୍ମାଣ ପାଇଁ ସହାୟତା ମିଳିପାରିନାହିଁ। ଏକ ଟାଇଲ କୁଡିଆ ଘରେ ତାଙ୍କ ପରିବାର ଦୀର୍ଘଦିନ ହେବ ମୁଣ୍ଡ ଗୁଞ୍ଜି ରହିଆସୁଛନ୍ତି। ବର୍ଷା ହେଲେ ସେହି ଘରେ ପାଣି ଜମି ରହୁଛି। ସେ ଦିନମଜୁରିଆ ହୋଇଥିବାରୁ କାମ ମିଳିଲେ ପରିବାର ଚଳିଥାଏ। କାମ ଅଭାବରୁ ଅନେକ ସମୟ ଉପବାସ ରହିଥାନ୍ତି। ସ୍ତ୍ରୀ ଜଣେ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ଜୀବନର ଚଲାପଥ ଦୁର୍ବିସହ ହୋଇପଡ଼ିଛି ବୋଲି ଉଦୟନାଥ କହିଛନ୍ତି। ସରକାରୀ ସହାୟତା ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଉଦୟନାଥଙ୍କୁ ଗୃହ ନିର୍ମାଣ ପାଇଁ ଭୂମି ପ୍ରଦାନ, ଇନ୍ଦିରା ଆବାସ ଓ ତାଙ୍କ ସ୍ତ୍ରୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଜିଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏନେଇ ସରପଞ୍ଚ ଜଳଧର ମହାନ୍ତି କୁହନ୍ତି, ଉଦୟନାଥ ଜଣେ ଭୂମିହୀନ ହୋଇଥିବାରୁ ତାଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ପାରୁନି। ରାଶନ ସାମଗ୍ରୀ ପ୍ରଦାନ କରାଯାଉଥିବାବେଳେ ତାଙ୍କ ସ୍ତ୍ରୀଙ୍କ ମାନସିକ ବିକାରଗ୍ରସ୍ତ ଭତ୍ତା ପାଇଁ ଆବେଦନ କରାଯାଇଛି। ମୋ ପଟ୍ଟା ଯୋଜନାରେ ଜମି ଯୋଗାଇଦେବା ପାଇଁ ଚେଷ୍ଟା କରାଯାଉଛି ବୋଲି ଜଳଧର କହିଛନ୍ତି।

# ସାହିତ୍ୟର ବିକାଶ ଲାଗି ସଙ୍ଗଠନ, ପତ୍ରିକାକୁ ଆର୍ଥିକ ସହଯୋଗ ଲୋଡ଼ା


ସୁଲେଖାର ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ଲେଖକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

**ପୁରୀ ଅଫିସ,୨୨।୧୦**

ସାହିତ୍ୟ ପତ୍ରିକା ସୁଲେଖାର ୪୨ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ କବି ଲେଖକ ସମ୍ମେଳନ ଏବଂ ପ୍ରତିଭା ପୂଜନ ସମାରୋହ ଜିଲା ସଂସ୍କୃତି ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ସମ୍ପାଦକ ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଶାସକ ମୀନକେତନ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୁର ପାଟସାହାଣୀ, ସେବାୟତ ଭଗବାନ ସୁଆର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟର ଭାଷା ସାହିତ୍ୟର ବିକାଶ ପାଇଁ ସାରସ୍ୱତ ସଂଗଠନ ଓ ପତ୍ରପତ୍ରିକାଙ୍କୁ ଆର୍ଥିକ ଅନୁଦାନ ଓ ପ୍ରୋତ୍ସାହନ ଯୋଗାଇ ଦେବା ନିହାତି ଆବଶ୍ୟକ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ସାରସ୍ୱତ ସମାରୋହ ମାଧ୍ୟମରେ ଜାତୀୟ ସଂହତି, ଏକତା ଓ ବନ୍ଧୁତା ଅଧିକ ଘନିଷ୍ଠ ହୁଏ ବୋଲି ଅତିଥିମାନେ କହିଥିଲେ। ସୁଲେଖାର ୪୨ ବର୍ଷ ବାର୍ଷିକ ସଂଖ୍ୟା, ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ୍ୟର ବାର୍ଷିକ ସାରସ୍ୱତ ସଂକଳନ ଦୟଣା, ଅଶୋକ କୁମାର ବେହେରାଙ୍କ ୩ଟି ସାରସ୍ୱତ ସଂକଳନକୁ ଅତିଥିମାନେ ଲୋକାର୍ପିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ଶିବ ସୁନ୍ଦର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସୁଲେଖା ସମ୍ମାନରେ ରଘୁନାଥ ମେହେର, ହେମନ୍ତ ଛୋଟରାୟ, ନିର୍ମଳା ଫତେସିଂ, ବିଜୟଲକ୍ଷ୍ମୀ ଦାଶ, ପ୍ରସନ୍ନ ମିଶ୍ର, ଡ. ପ୍ରତିଭା ମହାରଥୀ, ଶାରଦା ରଥ, ଅଶୋକ ବେହେରା, ଡ. ପୁଷ୍ପା ମିଶ୍ର, ଡ. ସ୍ୱାତୀ ଚାଟାର୍ଜୀ, ଡ.ପୁଷ୍ପଲତା ରଥ, ଘନଶ୍ୟାମ ବୋଇତେଇ, ଡା. ଦାଶରଥୀ ଆଚାର୍ଯ୍ୟ, ପ୍ରଫୁଲ୍ଲ ଚନ୍ଦ୍ର ବାରିକଙ୍କ ସମେତ ୨୩ଜଣ ସାରସ୍ୱତ ଓ ସାଂସ୍କୃତିକ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ବାବାଜୀ ଚରଣ ଜେନା, ଅନ୍ନପୂର୍ଣ୍ଣା ଦେବୀ, ଆଶାଲତା ପ୍ରଧାନଙ୍କ ସଂଯୋଜନାରେ ୫୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ କବିତା ପାଠ କରିଥିଲେ। ସଭା କାର୍ଯ୍ୟ ପରିଚାଳନାରେ ଅନାମ ଚନ୍ଦ୍ର ସାହୁ, ସୁରେଶ ପଟ୍ଟନାୟକ, କ୍ରିଷ୍ଣା ମହାପାତ୍ର, କୃଷ୍ଣଚନ୍ଦ୍ର ରଥ, ରବୀନ୍ଦ୍ରନାଥ ପଟ୍ଟନାୟକ ଓ ଯୋଗେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।

### କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ

**ଖୋର୍ଦ୍ଧା ଅଫିସ,୨୨।୧୦**

ଖୋର୍ଦ୍ଧା ମ୍ୟୁନିସିପାଲିଟି-୨ର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ବକ୍ସି ଜଗବନ୍ଧୁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଜବାହରଲାଲ ସୁବୁଦ୍ଧି, ବିଜୟ ଚନ୍ଦ୍ର ମହାପାତ୍ର, କବି ସମରଜିତ୍ ପଟ୍ଟନାୟକ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଭାବେ ସୁଚିତ୍ରା ମାର୍ଥା, ଶ୍ରଦ୍ଧାଞ୍ଜଳି ପ୍ରଧାନ, ଖୁସି ନାୟକ, ଟିକି ରାଣୀ ଦାସ, ନିକିତା ବେହେରା, ଗୀତିମା ସାହୁ, ଗୁଲସନ୍ ପରବିନ୍, ଶ୍ରଦ୍ଧା ସୁମନ୍ ସେନ୍, ଲୋପାମୁଦ୍ରା ମହାପାତ୍ର, ରଶ୍ମିତା ପରିଡା, ଏଷ୍ଟରରାଣୀ ସାହୁ, ସୁଶ୍ରୀ ସଙ୍ଗୀତା ବେହେରା ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସାମନ୍ତରାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ହରିଚନ୍ଦନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ପ୍ରଧାନ ଶିକ୍ଷକ ସେକ୍ ଗହର ଅଲ୍ଲୀ ଓ ପ୍ରଧାନ ଶିକ୍ଷୟିତ୍ରୀ କମଳାରାଣୀ ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇଥିଲେ।

### 'ଗାଁ ମାଟିର ମହକ' ପୁସ୍ତକ ଉନ୍ମୋଚିତ

**ବାଲିପାଟଣା,୨୨।୧୦(ଡି.ଏନ୍.ଏ.)**

ସାହିତ୍ୟିକ ଶାରଦା ପ୍ରସାଦ ସ୍ୱାଇଁଙ୍କ କବିତା ପୁସ୍ତକ 'ଗାଁ ମାଟିର ମହକ' ଶନିବାର ବାଲିପାଟଣାସ୍ଥିତ ବାଗ୍‌ଦେବୀ ବିଦ୍ୟାମନ୍ଦିର ସଭାଗୃହରେ ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ବ୍ୟାଙ୍କ ଅଧିକାରୀ ରବି ଦାସଙ୍କ ସଭାପତିତ୍ୱରେ ସାହିତ୍ୟିକ ପ୍ରଫେସର ଆଦିକନ୍ଦ ସାହୁ ମୁଖ୍ୟ ଅତିଥି, ଅତିଥି ଭାବେ ସଂଳାପ ଲେଖକ ଡ. ରଜନୀରଞ୍ଜନ ଦାସ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବାଲିପାଟଣା ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ରମେଶ ସାହୁ, କବି ବିପିନ ମହାନ୍ତି, ପ୍ରାଚୀଧାରା ପ୍ରକାଶନୀ ସମ୍ପାଦକ ଭଗବାନ ସାହୁ ପ୍ରମୁଖ ପୁସ୍ତକ ଉପରେ ମତ ରଖିଥିଲେ। କବି କମଳିନୀ ମଲିକ, ବୈଜୟନ୍ତୀ ସାହୁ, ସୌଦାମିନୀ ବେହେରା, ବଙ୍କିମ ନାୟକ, ଲିଙ୍ଗରାଜ ମହାନ୍ତି, ଝୁନି ଦେଈ, ଡ. ଭବାନୀ ଶଙ୍କର ଦାସ ପ୍ରମୁଖ କବିତା ସମୀକ୍ଷା କରିଥିଲେ। କବି ଅଭିମନ୍ୟୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ସୋମବାର ରାତି ୧୨ଟା ୧୦ରେ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି

**ପୁରୀ ଅଫିସ,୨୨।୧୦**

ଚଳିତ ମାସ ୨୫ତାରିଖ ମଙ୍ଗଳବାର କେତୁଗ୍ରସ୍ତ ଖଣ୍ଡଗ୍ରାସ ସୂର୍ଯ୍ୟପରାଗ ଅନୁଷ୍ଠିତ ହେବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିକାନ୍ତି ପ୍ରସ୍ତୁତ କରାଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ଅନୁଯାୟୀ, ୨୪ ତାରିଖ ସୋମବାର ଅପରାହ୍ନ ୪ଟା ୫୭ ମିନିଟ୍‌ଠାରୁ ପାକ ତ୍ୟାଗ ଓ ଦେବନୀତି ନିଷେଧ ରହିବ। ସନ୍ଧ୍ୟା ୬ଟା ୨୬ ମିନିଟ ୫୨ ସେକେଣ୍ଡରେ ଗ୍ରହଣ ସର୍ବମୋକ୍ଷ ହେବା ନେଇ ସୂଚନା ପ୍ରଦାନ କରାଯାଇଛି। ସୂର୍ଯ୍ୟପରାଗକୁ ଆଖିଆଗରେ ରଖି ମହାପ୍ରଭୁଙ୍କ ନୀତିକାନ୍ତିରେ ପରିବର୍ତ୍ତନ କରାଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ, ୨୪ ତାରିଖ ରାତି ୧୨ଟା ୧୦ରେ ଶ୍ରୀମନ୍ଦିର ଦ୍ୱାର ଫିଟା ଯାଇ ନୀତି ଆରମ୍ଭ କରାଯିବ। ଦ୍ୱାରଫିଟା ପରେ ଭିତରଶୋଧ ରାତି ୧୨ ଟା ୨୫, ମଙ୍ଗଳଆଳତି ୧୨ ଟା ୩୦, ମଇଲମ ଓ ତଡପଲାଗି ୧୨ଟା ୪୫, ଅବକାଶ ଓ ରୋଷହୋମ ୧ଟା ୧୫, ସୂର୍ଯ୍ୟ ପୂଜା ୧ଟା ୪୦, ଦ୍ୱାରପାଳ ପୂଜା ୨ଟା, ରାଧାଦାମୋଦର ବେଶ ୨ଟା, ସକାଳଧୂପ ୨ଟା ୩୦ରୁ ୩ଟା ୩୦, ବାଲଧୂପ ଓ ଭୋଗମଣ୍ଡପ ଉଠିବ ୩ଟା ୪୦, ବାଲଧୂପ ଶେଷ ଭୋର ୪ଟା, ଅମାବାସ୍ୟା ଶ୍ରୀନାରାୟଣ ସାଗରବିଜେ ନୀତି ଭୋର ୪ଟା ୧୫, ମଇଲମ ବେଶ ୪ଟା ୧୫ ରୁ ୪ଟା ୪୦ ଏବଂ ଭୋଗ ମଣ୍ଡପ ଶେଷ ୪ଟା ୫୫ ପରେ ନୀତିକୁ ସ୍ଥଗିତ ରଖାଯିବ। ସେହିପରି ସନ୍ଧ୍ୟା ୪ଟା ୫୬ ମିନିଟ୍ ୫୨ ସେକେଣ୍ଡ ଗ୍ରହଣ ସ୍ପର୍ଶ ପରେ ମହାପ୍ରଭୁଙ୍କ ଗ୍ରହଣ ମହାସ୍ନାନ, ଗ୍ରହଣ ଭୋଗ ସମେତ ଅନେକ ନୀତିକାନ୍ତି ଅନୁଷ୍ଠିତ ହେବା ନେଇ ସୂଚନା ପ୍ରଦାନ କରାଯାଇଛି।

# ଦେଶୀ ଗାଈର ପଞ୍ଚତତ୍ତ୍ୱରେ ପ୍ରସ୍ତୁତ ପଞ୍ଚଗବ୍ୟ ଦୀପ

- ପ୍ରଦୂଷଣ କମ୍ ସହ ବାୟୁମଣ୍ଡଳରେ ଅମ୍ଳଜାନସ୍ତର ବଢ଼ାଏ
- ୬, ୧୦ ଟଙ୍କାରେ ମିଳେ

**ପୁରୀ ଅଫିସ,୨୨।୧୦**

ଅନ୍ୱେଷଣ ଫାଉଣ୍ଡେଶନ ଚଳିତ ବର୍ଷ ନିଆରା ଢଙ୍ଗରେ ଦୀପାବଳି ପାଳନ ପାଇଁ ଚେଷ୍ଟା କରିଛି। ଫାଉଣ୍ଡେଶନ ପକ୍ଷରୁ ପ୍ରସ୍ତୁତ ଦୀପ ମାଧ୍ୟମରେ ପରିବେଶ ପ୍ରଦୂଷଣ ରୋକିବା ସହ ଏକ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଛି। ଆଲୋକର ପର୍ବ ଦୀପାବଳିରେ ବାଣ, କ୍ୟାଣ୍ଡେଲ ଆଦି ଜଳିବା ଦ୍ୱାରା ବହୁ ପରିମାଣରେ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହେବା ସହ ବାୟୁ ପ୍ରଦୂଷଣ ହୋଇଥାଏ। ତେଣୁ ଚଳିତବର୍ଷ ମାଟି ଦୀପ, କ୍ୟାଣ୍ଡେଲ ପରିବର୍ତ୍ତେ ପଞ୍ଚଗବ୍ୟ ଦୀପ ଜାଳି ସୁସ୍ଥ ରହିବା ସହ ପରିବେଶକୁ ସୁସ୍ଥ ରଖିବାକୁ ଫାଉଣ୍ଡେଶନ ବାର୍ତ୍ତା ଦେଇଛି। ଭାରତୀୟ ଦେଶୀ ଗାଈର ପଞ୍ଚତତ୍ତ୍ୱ ଯଥା ଗୋବର, ଗୋମୂତ୍ର, କ୍ଷୀର, ଘିଅ ଏବଂ ଦହି ଆଦି ଦ୍ରବ୍ୟକୁ ମିଶାଇ ପଞ୍ଚଗବ୍ୟ ଦୀପ ପ୍ରସ୍ତୁତ କରାଯାଉଛି। ଏ ନେଇ ଫାଉଣ୍ଡେଶନ ସଦସ୍ୟ ସନ୍ତୋଷ କୁମାର ରାଉତ କହିଛନ୍ତି, ଦୀପ ଜାଳିବା ଦ୍ୱାରା ଧାର୍ମିକ ଦୃଷ୍ଟିକୋଣରୁ ପବିତ୍ର ହୋଇଥିବା ବେଳେ ବୈଜ୍ଞାନିକ ଦୃଷ୍ଟିକୋଣରୁ ପରିବେଶ ଉପଯୋଗୀ ହୋଇଥାଏ। କିନ୍ତୁ ପଞ୍ଚଗବ୍ୟ ଦୀପ ଜାଳିବା ଦ୍ୱାରା ପରିବେଶ ପ୍ରଦୂଷଣ କମ୍ ରହିବା ସହ ବାୟୁମଣ୍ଡଳରେ ଅମ୍ଳଜାନସ୍ତର ବୃଦ୍ଧି ପାଇଥାଏ। ମନୁଷ୍ୟର ମାନସିକ ଚେତନା ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାଏ। ଅପରପକ୍ଷେ ଦୀପର ବ୍ୟବହାର ଦ୍ୱାରା ମାଟି ଦୀପର ବ୍ୟବହାର କମିପାରିବ, ଫଳରେ ମୃତ୍ତିକା କ୍ଷୟକୁ ରୋକାଯାଇପାରିବ।

ତେବେ ଏହି ପଞ୍ଚଗବ୍ୟ ଦୀପ ପ୍ରସ୍ତୁତି ପାଇଁ ଦେଶୀ ଗାଈର ଶୁଖିଲା ଗୋବର ଆବଶ୍ୟକ ହୋଇଥାଏ। ଗୋବରକୁ ଗୁଣ୍ଡ କରି ପାଉଡର କରାଯାଏ। ପରେ ସେଥିରେ ଗାଈ କ୍ଷୀର, ଦହି, ଗୋମୂତ୍ର, ଘିଅ ମିଶାଯାଇ ଏକ ପ୍ରକାର ପ୍ରଦାର୍ଥ ପ୍ରସ୍ତୁତ କରି ଗୁଡ ଏବଂ ମୁଲତାନ ମାଟି ମିଶାଯାଏ। ପରେ ଉକ୍ତ ମିଶ୍ରଣକୁ ହାତରେ ଦୀପ ପ୍ରସ୍ତୁତ କରାଯାଇ ଶୁଖାଯାଏ। ଦୀପ ଶୁଖିବା ପରେ ବିଭିନ୍ନ ରଙ୍ଗ କରାଯାଏ। ଏହି ଦୀପ ଜାଳିବା ଦ୍ୱାରା ଘରର ନକାରାତ୍ମକଶକ୍ତି ନଷ୍ଟ ହୋଇ ସକାରାତ୍ମକ ଚେତନା ସୃଷ୍ଟି ହୁଏ। ଦୀପ ଜଳିବା ପରେ ଶେଷରେ ଜୈବିକ ସାରରେ ପରିଣତ ହୋଇଥାଏ। ଫଳରେ ଉକ୍ତ ଦୀପର ଅବଶେଷଗୁଡ଼ିକୁ ବିଭିନ୍ନ ଫସଲରେ ବ୍ୟବହାର କରାଯାଇପାରିବ। ଉକ୍ତ ଦୀପକୁ ଅନ୍ୱେଷଣ ଫାଉଣ୍ଡେଶନ (ଆମ ଚାଟଶାଳୀ)ର କୁନିକୁନି ସଦସ୍ୟମାନେ ନିର୍ମାଣ କରୁଛନ୍ତି। ଅନୁଷ୍ଠାନର କୁନି ସଦସ୍ୟମାନେ ଦୈନିକ ଚାଟଶାଳୀରେ ପାଠପଢିବା ସହିତ ଦୀପାବଳି ପାଇଁ ପଞ୍ଚଗବ୍ୟ ଦୀପ ନିର୍ମାଣ କରୁଛନ୍ତି। ଦୀପ ଗୁଡ଼ିକର ମୂଲ୍ୟ ୬ ଟଙ୍କା ଓ ୧୦ ଟଙ୍କା ରଖାଯାଇଛି। ରେଳଷ୍ଟେଶନ, ବସଷ୍ଟାଣ୍ଡ ସହରର ବିଭିନ୍ନ ବସ୍ତି, ରାସ୍ତାକଡରେ ରହୁଥିବା ପିଲାମାନେ ଶିକ୍ଷାରୁ ଦୂରେଇ ଭିକ୍ଷାବୃତ୍ତି କରୁଥିବା, ବୋତଲ ଗୋଟାଉଥିବା ତଥା ଶିଶୁ ଶ୍ରମିକଙ୍କୁ କିପରି ଶିକ୍ଷାକୁ ଆପଣେଇବେ ଓ ଶିକ୍ଷା ମାଧ୍ୟମରେ ନିଜର ଅଧିକାର ପାଇପାରିବେ ତାହା ହେଉଛି ଅନୁଷ୍ଠାନର ମୂଳ ଲକ୍ଷ୍ୟ। ତେବେ ଏଥିପାଇଁ ଅନୁଷ୍ଠାନର ସଦସ୍ୟା ସଦସ୍ୟ ନିରଞ୍ଜନ ପ୍ରଧାନ, ସନ୍ତୋଷ ରାଉତ, ସିପାଲୀ ବାରିକ, ବାମଦେବ ମହାରଣା, ସୁମିତ୍ରା ଦାଶ, ଦୀପ୍ତିଶିଖା କର, ସନ୍ଧ୍ୟାରାଣୀ ବେହେରା, ତାରାକାନ୍ତ ତରେଇ, ଦୀପିକା ପାଣି ଏବଂ ବ୍ରଜକିଶୋର ସାହୁ ପ୍ରମୁଖ ଏଥିପ୍ରତି ପ୍ରଚେଷ୍ଟା ଜାରି ରଖିଛନ୍ତି। ତେବେ ସରକାର ଏହି ପଞ୍ଚଗବ୍ୟ ଦୀପର ପ୍ରସାର ପ୍ରଚାର ପାଇଁ ଆବଶ୍ୟକ ପଦକ୍ଷେପ ନେଲେ ଏହି ଦୀପ ଲୋକଲୋଚନକୁ ଆସିପାରିବ । ସେହିପରି ଫାଉଣ୍ଡେଶନ ଖାଲି ଦୀପ ନୁହେଁ ଦେଶୀ ଗାଈର ପଞ୍ଚଗବ୍ୟକୁ ବ୍ୟବହାର କରି ଅନେକ ଘରକରଣା ଜିନିଷ ନିର୍ମାଣ ମଧ୍ୟ କରୁଛନ୍ତି।


ଅନ୍ୱେଷଣ ଫାଉଣ୍ଡେଶନର କୁନି ସଦସ୍ୟମାନେ ପଞ୍ଚଗବ୍ୟ ଦୀପ ପ୍ରସ୍ତୁତ କରୁଛନ୍ତି ।

## ସଂକ୍ଷେପରେ

### ୧୭ ସାଧନ କେନ୍ଦ୍ରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

କଣାସ,୨୨।୧୦(ସ୍ୱ.ପ୍ର.)- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶନିବାର କଣାସ ବ୍ଲକର ୧୭ଟି ସାଧନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ କଣାସ ବ୍ଲକ ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ, ସହ ଶିକ୍ଷା ଅଧିକାରୀ ସୂର୍ଯ୍ୟନାରାୟଣ ନାୟକ ଓ ନାରାୟଣ ପ୍ରଧାନ, ବିଭିନ୍ନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ସାଧନ କେନ୍ଦ୍ରର ସଂଯୋଜକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାରଦା ବାଦଲପୁର ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟ ପରିସରରେ ସୁରଭି ଅନୁଷ୍ଠିତ ହୋଇଥିଲା। ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଗଡବଡପୁଟ୍ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ସହ ଶିକ୍ଷା ଅଧିକାରୀ ପ୍ରଧାନ, ବାରଦା ବାଦଲପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ଉତ୍ସବରେ ଯୋଗଦେଇଥିଲେ। ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଜୁନିୟର ଓ ସିନିୟର ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଥିଲେ।

### ମା' କୁଞ୍ଜେଶ୍ୱରୀ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି

କଣାସ, ୨୨।୧୦(ସ୍ୱ.ପ୍ର.): କଣାସ ଅଞ୍ଚଳର ଆରାଧ୍ୟା ଠାକୁରାଣୀ ମା' କୁଞ୍ଜେଶ୍ୱରୀଙ୍କ ପୀଠରେ ହେବାକୁ ଯାଉଥିବା ୪୩ତମ ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ପ୍ରସ୍ତୁତି ବୈଠକ କର୍ପୂର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ ତାରିଖ ରବିବାର ଭୂମିପୂଜନ ତଥା ଶୁଭଖୁଣ୍ଟି ଅନୁକୂଳ ହେବା ପାଇଁ ନିଷ୍ପତ୍ତି ନିଆଯିବା ସହ ଚଳିତ ବର୍ଷ ମହାଯଜ୍ଞ କିପରି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ସମନ ଭୋଳ, ବେଣୁଧର ପାଇକରାୟ, ଗୁଣ୍ଡେଇ ପ୍ରଧାନ, ଅରକ୍ଷିତ ଦାସ, ବୀରବର ପ୍ରଧାନ, କାଳୁ ପ୍ରଧାନ, ପ୍ରକାଶ ଚନ୍ଦ୍ର ବାରିକ, ଭାଗୀରଥି ଖୁଣ୍ଟିଆ, ଉପେନ୍ଦ୍ର ରାଉତରାୟ, ଶ୍ରୀନିବାସ ପ୍ରଧାନ, ପ୍ରଭାକର ବଳିୟାରସିଂହ, ଫକିର ବରାଳ ଏବଂ ଶ୍ରୀକାନ୍ତ ପଟ୍ଟଯୋଶୀ ଉପସ୍ଥିତ ଥିଲେ। ଭୂମିପୂଜନ ତଥା ଖୁଣ୍ଟି ଅନୁକୂଳ କାର୍ଯ୍ୟ ପୁରୋହିତ ଆଚାର୍ଯ୍ୟ କାଳୀ ପ୍ରସାଦ ପରମଗୁରୁ କରିବା ପାଇଁ ସ୍ଥିର ହୋଇଥିଲା।

# ହ୍ୱାଟ୍ସଆପ୍‌ରେ ବାଲ୍ୟ ବିବାହ ବିରୋଧୀ ସଚେତନତା ବାର୍ତ୍ତା

ପୁରୀ ଅଫିସ,୨୨।୧୦

**ଜିଲ୍ଲାସ୍ତରୀୟ କିଶୋର କିଶୋରୀଙ୍କ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ସମ୍ମିଳନୀ**

ଜିଲ୍ଲାସ୍ତରୀୟ କିଶୋର କିଶୋରୀଙ୍କର ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ସମ୍ମିଳନୀ ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମରେ ଜିଲାର ୩ଟି ବ୍ଲକରୁ ମୋଟ ୫୦ଜଣ ସଖି ସହେଲି, ସଖା, ବନ୍ଧୁ, (କିଶୋର କିଶୋରୀ) ବାଲ୍ୟ ବିବାହକୁ ବିରୋଧ କରିଥିବା କିଶୋର କିଶୋରୀଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ଅଙ୍ଗନୱାଡି କର୍ମୀ ଓ ସୁପରଭାଇଜର୍, ସିଡିପିଓମାନେ ଯୋଗଦେଇଥିଲେ। ଆକ୍ସନ ଏଡ୍, ୟୁନିସେଫ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ପୁରୀ ଜିଲ୍ଲାରେ ବାଲ୍ୟ ବିବାହ ମୁକ୍ତ ଅଞ୍ଚଳ ଘୋଷଣା ନିମନ୍ତେ ଏକ ପଦକ୍ଷେପସ୍ୱରୂପ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ଉପଦେଷ୍ଟା ସୁମିତା ରାଣୀ ଘୋଷ ସ୍ୱାଗତ ଭାଷଣ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ କହିଥିଲେ ଶିଶୁ ଅଧିକାର ସାବ୍ୟସ୍ତ ସହ କିଶୋର କିଶୋରୀଙ୍କ ସଚେତନତା ଏବଂ ବାଲ୍ୟ ବିବାହ ନିରୋଧ ନିମନ୍ତେ କିଶୋରୀକିଶୋରଙ୍କର ଏହି ମଞ୍ଚ ଏକ ମାଇଲଖୁଣ୍ଟ ହେବ। ଜିଲ୍ଲା ପ୍ରଶାସନ ସବୁବେଳେ ପିଲାଙ୍କ ସାଥୀରେ ଅଛି ବୋଲି କହିଥିଲେ। ଏହି ଅବସରରେ ପିଲାମାନେ ନିଜ ଅଞ୍ଚଳରେ ବାଲ୍ୟ ବିବାହକୁ କିପରି ରୋକିପାରିବେ ସେ ସମ୍ପର୍କରେ ଆଲୋଚନା କରିବା ସହିତ ବାଲ୍ୟ ବିବାହ ନିରୋଧ ପାଇଁ ନାଟକ ପରିବେଷଣ କରିବା ସହିତ ସ୍କୁଲ ଯିବାକୁ ହଁ କହିବା ଓ ବାଲ୍ୟ ବିବାହକୁ ନା କହିବା ପାଇଁ ଶପଥ ପାଠ କରିଥିଲେ। ଏହି ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ଆଗାମୀ ଦିନରେ ହ୍ୱାଟ୍ସ ଆପ୍ ମାଧ୍ୟମରେ ଜିଲ୍ଲାରେ ଥିବା ସମସ୍ତ କିଶୋର କିଶୋରୀଙ୍କ ପାଖରେ ପହଞ୍ଚିବାର ଲକ୍ଷ୍ୟ ସହିତ କିଭଳି କିଶୋରକିଶୋରୀ ଏହାକୁ ସହଜରେ ଶିଖିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ହେଉଥିବା ପ୍ରତ୍ୟେକ ଶନିବାର କିଶୋରୀ ଦିବସ ସମସ୍ତେ ଭାଗ ନେବେ ବୋଲି ସ୍ଥିର ହୋଇଥିଲା।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ମଞ୍ଚ ଆଗକୁ କିପରି ସୁଦୃଢ଼ ହୋଇ ଶିଶୁମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ କରିବ ସେ ବିଷୟରେ କହିଥିଲେ। ଜିଲା ଶିଶୁ ମଙ୍ଗଳ ସୁରକ୍ଷା ୟୁନିଟର ଅଧିକାରୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଯୋଗଦେଇ ବାଲ୍ୟ ବିବାହ ନିଷେଧ ଅଧିନିୟମ ଓ ତତ୍ ସମ୍ପର୍କିତ ଯୌନ ଶୋଷଣରୁ ଶିଶୁଙ୍କୁ ସୁରକ୍ଷିତ ସମ୍ବନ୍ଧରେ ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ସଖି ୱାନ ଶପ ସେଣ୍ଟର ପ୍ରଶାସିକା ବିଜୟଲକ୍ଷ୍ମୀ ବଡ଼ଜେନା ସଖି ପୁରୀ ଦ୍ୱାରା ପ୍ରାୟୋଜିତ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ ଓ ମିଳୁଥିବା ସୁବିଧା ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ଶେଷରେ କିଶୋର କିଶୋରୀଙ୍କୁ ନେଇ ଜିଲ୍ଲା ସ୍ତରୀୟ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚ ଗଠିତ ହୋଇଥିଲା। ଏହି ମଞ୍ଚ ତୃଣମୂଳ ସ୍ତରରେ ବାଲ୍ୟ ବିବାହ ଓ ଶିଶୁ ଅଧିକାର ପାଇଁ ସଚେତନତା ସୃଷ୍ଟି କରିବା ସହିତ ବାଲ୍ୟ ବିବାହ ନିଷେଧ ନିମନ୍ତେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମକୁ ଉପଦେଷ୍ଟା ସୁମିତା ରାଣୀ ଘୋଷ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ। ଜିଲ୍ଲା ଶିଶୁ ମଙ୍ଗଳ ସୁରକ୍ଷା ୟୁନିଟର ଅଧିକାରୀ, ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।



ବାଲ୍ୟବିବାହ ବିରୋଧ ନେଇ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିବା ଅତିଥିମାନେ ।



ପୁରୀ ୟୁଥ ହଷ୍ଟେଲ ପରିସରରେ ସେଲ୍ଫ ଡିଫେନ୍ସ ଏକାଡେମୀ ପକ୍ଷରୁ ଶନିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ଆନନ୍ଦମୟ ଶିକ୍ଷାର ମହାର୍ଘ ମଞ୍ଚ ପାଲଟିଛି 'ସୁରଭି'

କୋଣାର୍କ,୨୨।୧୦(ଡି.ଏନ୍.ଏ.)

**କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ**

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସହାୟତାରେ ଶିଶୁ ମହୋତ୍ସବ 'ସୁରଭି' ଆୟୋଜିତ କରାଯାଉଛି। ଏହି ଉତ୍ସବ ପ୍ରତି କ୍ଲଷ୍ଟର ସ୍ତରରୁ ବ୍ଲକ, ଜିଲା ଓ ରାଜ୍ୟସ୍ତର ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏଥିରେ ସରକାରୀ ସ୍କୁଲଗୁଡ଼ିକରେ ଅଧ୍ୟୟନରତ ଚତୁର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର କନିଷ୍ଠ ଓ ବରିଷ୍ଠ ବର୍ଗର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହେଉଛନ୍ତି। ଫଳରେ ସେମାନେ ବହୁବିଧ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଉଛନ୍ତି। ଶିଶୁ ମହୋତ୍ସବ ସୁରଭି ଆନନ୍ଦମୟ ଶିକ୍ଷାର ଏକ ମହାର୍ଘ ମଞ୍ଚ ପାଲଟିଛି। ଭୈରବ ନୋଡାଲ ଉ.ପ୍ରା. ସ୍କୁଲ କ୍ଲଷ୍ଟର ପକ୍ଷରୁ ଶନିବାର ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗୋପ ବ୍ଲକ ଶିକ୍ଷାଧିକାରୀ ସୁଶୀଲ ବ୍ରହ୍ମା ମତବ୍ୟକ୍ତ କରିଛନ୍ତି। ଏହି ଉତ୍ସବ କୋଣାର୍କ ନିକଟ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ୧୪ଟି ବିଦ୍ୟାଳୟରୁ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ମୁଖ୍ୟ ଅତିଥିଙ୍କ ସମେତ ମୁଖ୍ୟ ବକ୍ତା ରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ ଏବଂ ସମ୍ମାନିତ ଅତିଥି ରୂପେ ସାମାଜିକ କର୍ମୀ ନିରଞ୍ଜନ ସାହୁ ଓ ଶିମିଳି ସରପଞ୍ଚ ବିଶ୍ୱଜିତ୍ ସ୍ୱାଇଁ ଯୋଗଦେଇଥିଲେ। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ଦାଶ, ସ୍ୱରଜିତ୍ ସେନ୍, ବାଲୁଙ୍କେଶ୍ୱର ବାରିକ, ଶିକ୍ଷକ ସୁଶାନ୍ତ ସାହୁ, ରାମକୃଷ୍ଣ ମହାନ୍ତି, ବାନାମ୍ବର ବେହେରା, କାଳନ୍ଦୀ ଚରଣ ଜେନା, ପ୍ରମୋଦ ବେହେରା ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ।


କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବରେ ଛାତ୍ରୀମାନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

### ୨ ଦିନରେ ୨ ନାଗସାପ ଉଦ୍ଧାର

ଗୋପ,୨୨।୧୦(ଡି.ଏନ୍.ଏ.)

ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତ ଅଧୀନ ଶିଶୋ ଓ ଗଣେଶ୍ୱରପୁର ଗାଁରୁ ୨ ଦିନରେ ୨ଟି ନାଗସାପ ଉଦ୍ଧାର ହୋଇଛି। ସୂଚନା ମୁତାବକ, ଗଣେଶ୍ୱରପୁର ଗ୍ରାମର ରଶ୍ମି ନାୟକଙ୍କ ଘରେ ଶୁକ୍ରବାର ଏକ ନାଗସାପ ପଶି ୧୫ଟି କୁକୁଡ଼ା ଅଣ୍ଡା ସହିତ ଗୋଟିଏ କୁକୁଡ଼ା ଖାଇଦେଇଥିଲା। ଏହା ଦେଖି ପରିବାର ଲୋକେ କାକଟପୁର ସ୍ନେକ୍ ହେଲ୍ପଲାଇନ୍‌ରେ ଖବର ଦେଇଥିଲେ। ଖବର ପାଇ ସ୍ନେକ୍ ହେଲ୍ପଲାଇନ୍‌ର ୩/୪ ଜଣ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲ୍ପଲାଇନ୍‌ର ଜଣେ ସଦସ୍ୟା ଉକ୍ତ ନାଗସାପକୁ ଉଦ୍ଧାର କରିଥିଲେ। ସେହିପରି ଶନିବାର ପୂର୍ବାହ୍ନରେ ଶିଶୋ ଗ୍ରାମର ନାରାୟଣ ସାହୁଙ୍କ ଘରେ ପଶିଥିବା ଗୋଟିଏ ନାଗସାପ ଉଦ୍ଧାର କରାଯାଇଛି।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର

କଣାସ,୨୨।୧୦(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ ଦିବ୍ୟସିଂହପୁର ଗ୍ରାମପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଗୁରୁବାର ରୟାଲ ଓଏଲ ଫାୟାର ଫାଉଣ୍ଡେଶନ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଅହଲ୍ୟା ହସ୍ପିଟାଲ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୪ ଜଣ ଚକ୍ଷୁରୋଗୀ ଯୋଗଦେଇଥିଲେ। ସେମାନଙ୍କ ପରୀକ୍ଷା ନିରୀକ୍ଷା କରାଯାଇ ୪୪ ଜଣଙ୍କୁ ମାଗଣାରେ ଔଷଧ ଦିଆଯିବା ପରେ ୨୦ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱର ନିଆଯାଇଥିଲା। ଡାକ୍ତର ତାପସ କୁମାର ସାହୁ, ଷ୍ଟାଫ୍‌ନର୍ସ ଦମୟନ୍ତୀ ପୂଜାରୀ, ସହକର୍ମୀ ସୁଶାନ୍ତ କୁମାର ପଟ୍ଟନାୟକ, ଅବକାଶ ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ସରପଞ୍ଚ ଝରଣା ମିଶ୍ର, ସ୍ୱେଚ୍ଛାସେବୀ ସରୋଜ କୁମାର ମାର୍ଥା, ହେମନ୍ତ ବଳିୟାରସିଂହ, ଅଶୋକ ପ୍ରଧାନ, ହରମୋହନ ନାୟକ, ସମିତି ସଭ୍ୟା ସୁମିତ୍ରା ପ୍ରଧାନ ସହଯୋଗ କରିଥିଲେ।

# କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ତଦନ୍ତ ନିର୍ଦ୍ଦେଶ

କୋଣାର୍କ,୨୨।୧୦(ଡି.ଏନ୍.ଏ.)

**ବାଲିଘାଇ ଗ୍ରାମ୍ୟ ନିର୍ମାଣ ସେକ୍ସନ**
**■ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା**

କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନ ବାଲିଘାଇ ଗ୍ରାମ୍ୟ ନିର୍ମାଣ ବିଭାଗରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଟ ନ ରହିବା ନେଇ ପଚାରିବାରେ କୋଣାର୍କ ଅଞ୍ଚଳର କାର୍ଯ୍ୟରତ ଖବରଦାତାଙ୍କୁ ସେ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣାରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସତ୍ୟଜିତ ବେହେରା ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଖବର ଅନୁଯାୟୀ, କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅଧୀନ ବାଲିଘାଇ ଗ୍ରାମ୍ୟ ନିର୍ମାଣ କନିଷ୍ଠ ଯନ୍ତ୍ରୀ ସେକ୍ସନ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସେଣ୍ଟ ସମ୍ପୃକ୍ତ ସେକ୍ସନକୁ ନ ଯାଇ କୋଣାର୍କ ସ୍ଥିତ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଏ ନେଇ କେତେଜଣ ଖବରଦାତା ତାଙ୍କୁ ପ୍ରଶ୍ନ କରିବାରୁ କନିଷ୍ଠ ଯନ୍ତ୍ରୀ ଦୁର୍ବ୍ୟବହାର କରିଥିଲେ। ଏହି ଘଟଣାକୁ ନେଇ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବିରୋଧ କରିବା ସହ ଉକ୍ତ କନିଷ୍ଠଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଜିଲାପାଳଙ୍କ ସମେତ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଥିଲା। ପରେ ଅଭିଯୋଗକୁ ନେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସତ୍ୟଜିତ ବେହେରା ଘଟଣାକୁ ଗୁରୁତ୍ୱ ଦେଇ ଏହାର ତଦନ୍ତ ପାଇଁ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ସତ୍ୟଜିତ ଦଳାଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ବାଲିଘାଇ ଗ୍ରାମ୍ୟ ନିର୍ମାଣ ସେକ୍ସନ ଅଫିସର କନିଷ୍ଠ ଯନ୍ତ୍ରୀଙ୍କୁ ଚାକିରିରୁ ନିଲମ୍ବନ ସହ ବିଭାଗୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋଣାର୍କ ସାମ୍ବାଦିକ ସଂଘ ଉପସଭାପତି ଭାଗୀରଥୀ ସାଇଁଙ୍କ ସମେତ କର୍ମକର୍ତ୍ତା ଦାବି କରିଛନ୍ତି।

### ଗାଁ ବିକାଶ ଆମମାନଙ୍କ ଲକ୍ଷ୍ୟ

ଗୋପ,୨୨।୧୦(ଡି.ଏନ୍.ଏ.)

ଗାଁର ବିକାଶ ହେଲେ ଆମମାନଙ୍କ ବିକାଶ ହେବା ସହ ରାଜ୍ୟ ଓ ଦେଶର ମଧ୍ୟ ବିକାଶ ହୋଇପାରିବ। ଗୋପ ମୁକ୍ତି ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ ଶନିବାର ଆୟୋଜିତ ୱାର୍ଡ ସଭ୍ୟାସଭ୍ୟଙ୍କୁ ଦିଆଯାଉଥିବା ଟ୍ରେନିଂ କାର୍ଯ୍ୟକ୍ରମରେ ବିକାଶ ସ୍ୱେଚ୍ଛାସେବୀ ସଙ୍ଗଠନର ପ୍ରତିଷ୍ଠାତା ଅଶୋକ ନନ୍ଦ ଯୋଗଦେଇ ଏହା କହିଛନ୍ତି। ଏହି ୩ କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ପକ୍ଷରୁ ବ୍ଲକର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ଟ୍ରେନିଂ ପ୍ରଦାନ କରାଯାଉଛି। ଏଥିରେ ଗଣେଶ ଚନ୍ଦ୍ର ଦାଶ, ନକୁଳ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଗାଁର ବିକାଶ କିପରି ଆଗକୁ ଯାଇପାରିବ ଓ ଆସୁଥିବା ବିଭିନ୍ନ ସରକାରୀ ଯୋଜନାକୁ ନେଇ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସଦସ୍ୟ ପ୍ରଫୁଲ୍ଲ ପଣ୍ଡା, ପ୍ରମୋଦ ପ୍ରଧାନ, ସ୍ନିଗ୍ଧା ସୁଚରିତା ପାତ୍ର, ଗୀତାଞ୍ଜଳି କାନ୍ତି ବନିତା ଦାସ, ଦୀପକ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

### ଶିଶୁ ପତ୍ରିକା 'ମୋ ଆଶା'ର ପୂଜାସଂଖ୍ୟା ଉନ୍ମୋଚିତ

ନିମାପଡ଼ା,୨୨।୧୦(ଡି.ଏନ୍.ଏ.)

ନିମାପଡ଼ା ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ୍‌ର ଶିଶୁ ପତ୍ରିକା 'ମୋ ଆଶା'ର ପୂଜାସଂଖ୍ୟା ଶନିବାର ନିମାପଡ଼ା କଲେଜ ପରିସରରେ ଉନ୍ମୋଚିତ ହୋଇଯାଇଛି। ଅତିଥି ଭାବେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବୁତ୍, ଅଧ୍ୟକ୍ଷ ରମାକାନ୍ତ ଦାଶ, ଶିକ୍ଷାବିତ୍ ଡ. ପ୍ରଣବ ସ୍ୱାଇଁ, ପ୍ରାଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢୀ, ଶିଶୁ ପତ୍ରିକା ସମ୍ପାଦକ ସୁମନ୍ତ ମହାରଣା, ଅଧ୍ୟାପିକା ପୁଷ୍ପିତା ରାଜଗୁରୁ, ଶିକ୍ଷକ ଈଶ୍ୱରଚନ୍ଦ୍ର ନାୟକ, ପଟ୍ଟଚିତ୍ର ଶିଳ୍ପୀ ଶରତ ପ୍ରଧାନ ପ୍ରମୁଖ ଯୋଗଦେଇ ଶିଶୁ ପତ୍ରିକାର ପୂଜା ସଂଖ୍ୟାକୁ ଉନ୍ମୋଚିତ କରିଥିଲେ। ପତ୍ରିକାର ଚଳିତ ପୂଜାସଂଖ୍ୟାର ସ୍ୱତନ୍ତ୍ର ପ୍ରଚ୍ଛଦକୁ ଇଂ.ରାଜେଶ୍ୱର ମହାରଣା ଆଙ୍କିଥିବାବେଳେ ଓଡ଼ିଶାର ଖ୍ୟାତନାମା ଚିତ୍ରଶିଳ୍ପୀ ହୀରାଲାଲ୍ ବରିହା ଏହାର ଅଳଙ୍କରଣ କରିଛନ୍ତି। ରାଜ୍ୟର ୩୦ରୁ ଊର୍ଦ୍ଧ୍ୱ ସୁନାମଧନ୍ୟ ଲେଖିକା ଲେଖକଙ୍କ ଉଚ୍ଚକୋଟୀର ଲେଖା ପତ୍ରିକାର ଏହି ପୂଜାସଂଖ୍ୟାରେ ସ୍ଥାନ ପାଇଛି। ଲିଟିଲ ଷ୍ଟାର ଗ୍ରୁପ୍ ପକ୍ଷରୁ ଦୀର୍ଘ ୨୦ ବର୍ଷ ଧରି ନିରବଚ୍ଛିନ ଭାବେ ଏହି ପତ୍ରିକା ପ୍ରକାଶିତ ହୋଇ ଆସୁଥିବାବେଳେ ଏହି ପତ୍ରିକା ଶିଶୁ ଓ କିଶୋରଙ୍କ ପାଖରେ ବେଶ୍ ଆଦୃତ ହୋଇପାରିଛି।


ବୈଠକରେ ଅତିଥିମାନେ ଶିଶୁ ପତ୍ରିକା 'ମୋ ଆଶା'ର ପୂଜାସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି ।

# ଶତବାର୍ଷିକୀ ପାଳନ ପୂଜ୍ୟପୂଜାର ଏକ ଅନନ୍ୟ ନିଦର୍ଶନ

ପୁରୀ ଅଫିସ,୨୨।୧୦:

**ଶିକ୍ଷାବିତ ପଦ୍ମନାଭ ଦାଶଙ୍କ ଜନ୍ମ ଶତବାର୍ଷିକୀ ପାଳିତ**

ଶିକ୍ଷାନୁଷ୍ଠାନଟିଏ ମଣିଷ ଗଢା କାରଖାନା। ବିଶ୍ୱମ୍ଭର ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ପଦ୍ମନାଭ ଦାଶ ଜଣେ ଆଦର୍ଶ ଓ ଅନୁଶାସନପୂର୍ଣ୍ଣ ଶିକ୍ଷକ ଭାବେ ଚିରସ୍ମରଣୀୟ ହୋଇ ରହିଥିବେ ବୋଲି ମତବ୍ୟକ୍ତ କରିଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ଶନିବାର ସଂସ୍କୃତି ଭବନ ପରିସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ପଦ୍ମନାଭ ଦାଶଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଥିଲା। ସଂସଦର ସାଧାରଣ ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁଖ୍ୟ ସଚିବ ମହାପାତ୍ର ଯୋଗଦେଇ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଶତବାର୍ଷିକୀ ପାଳନ ପୂଜ୍ୟପୂଜାର ଏକ ଅପୂର୍ବ ନିଦର୍ଶନ, ଯାହା ପରପିଢ଼ିକୁ ଅନୁପ୍ରାଣିତ କରିଥାଏ ବୋଲି କହିଥିଲେ। ଶିକ୍ଷାବିତ ଦାଶଙ୍କ ଶିକ୍ଷା, ଶିକ୍ଷାନୁଷ୍ଠାନ ଓ ଛାତ୍ରୀଛାତ୍ରଙ୍କ ପ୍ରତି ଅବଦାନ, କର୍ତ୍ତବ୍ୟ ପରାୟଣତା ତାଙ୍କୁ ସମସ୍ତଙ୍କର ପ୍ରିୟ କରିଥିଲା ବୋଲି ସେ କହିଥିଲେ। ଜିଲାପାଳ ସମର୍ଥ ବର୍ମା, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଆୟକର ବିଭାଗର ପୂର୍ବତନ କମିଶନର ଶରତ କୁମାର ଦାସ, ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ଶିକ୍ଷାଦାନ ପଦ୍ଧତି, ଅନୁଶାସନ, ଅନୁଶୀଳନ ଓ ସଂସ୍କାର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ପୂର୍ବତନ ଶିକ୍ଷକ, ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେ ଅତିଥିମାନେ ଏକ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସଭାପତି ରବୀନ୍ଦ୍ର ସେନାପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ସଂସଦର ମୁଖ୍ୟ ଉପଦେଷ୍ଟା କାଳୀ ପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।



ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଶିକ୍ଷାବିତ ପଦ୍ମନାଭ ଦାଶଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ।

### ଚିଲିକାରେ ସ୍ଥାୟୀ ବ୍ରିଜ୍ ନିର୍ମାଣ ଦାବିରେ ଆନ୍ଦୋଳନ

କୃଷ୍ଣପ୍ରସାଦ,୨୨।୧୦(ଡି.ଏନ୍.ଏ.):

ପୁରୀ ଜିଲା ଜହ୍ନିକୁଦାରୁ ସାତପଡ଼ା ପର୍ଯ୍ୟନ୍ତ ଚିଲିକାରେ ସ୍ଥାୟୀ ପୋଲ ନିର୍ମାଣ ଦାବିରେ ଶନିବାର କୃଷ୍ଣପ୍ରସାଦ ଦ୍ୱୀପାଞ୍ଚଳ ସେତୁ ମଞ୍ଚ ପକ୍ଷରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଥିଲା। ଚିଲିକା ନୂଆପଡ଼ା ବ୍ଲକ କାର୍ଯ୍ୟାଳୟ ନିକଟ ଚଣ୍ଡୀମନ୍ଦିରଠାରୁ ଆନ୍ଦୋଳନକାରୀ ଏକ ଶୋଭାଯାତ୍ରାରେ ବାହାରି ପ୍ଲାକାର୍ଡ ଧରି ଜହ୍ନିକୁଦା ଚିଲିକା କୂଳରେ ପହଞ୍ଚିଥିଲେ। ଆବାହକ ସୁବାସ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ୧୧୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ୬ଶହରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇ ଚିଲିକାରେ ପଶି ଧାରଣା ଦେଇଥିଲେ । ସରକାର ସାତପଡ଼ା-ଜହ୍ନିକୁଦା ଚିଲିକାରେ ଏକ ସ୍ଥାୟୀ ବ୍ରିଜ ନିର୍ମାଣର ଘୋଷଣା ନ କରିବା ଯାଏ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସାମାଜିକ କର୍ମୀ ରବୀନ୍ଦ୍ର ନାଥ ତରେଇ, କାର୍ତ୍ତିକ ଦଳେଇ, ଉପେନ୍ଦ୍ର ଜେନା, ସୁନୀଲ କାନ୍ତ ଜେନା, ବିହାରୀବନ୍ଧୁ ପଲେଇ ପ୍ରମୁଖ କହିଛନ୍ତି। ତେବେ ଦିନତମାମ ଆନ୍ଦୋଳନକାରୀ ଧାରଣା ଦେଇଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ସେମାନଙ୍କ ନିକଟରେ ପହଞ୍ଚି ନ ଥିବା ଜଣାପଡ଼ିଛି, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଶାନ୍ତିଶୃଙ୍ଖଳା ନିମନ୍ତେ କୃଷ୍ଣପ୍ରସାଦ ଥାନା ଏସ୍‌ଆଇ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ବିଶ୍ୱବିଦ୍ୟାଳୟ ପଲିସି ଉପରେ ପଦକ୍ଷେପ ନିଅ

ପୁରୀ ଅଫିସ,୨୨।୧୦

**ରାଜ୍ୟ ଶିକ୍ଷା ପରିଷଦର ବୈଠକ ତଥା କୁଳପତି ସମ୍ମିଳନୀ**

ଉଚ୍ଚଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ଶିକ୍ଷା ପରିଷଦର ବୈଠକ ତଥା କୁଳପତି ସମ୍ମିଳନୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ସଭାପତିତ୍ୱ କରିଥିବା ବେଳେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇ ଉଚ୍ଚଶିକ୍ଷାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ସଭା ପରିଚାଳନା କରିବା ସହ ରାଜ୍ୟରେ ଉଚ୍ଚଶିକ୍ଷାର ମାନ ଓ ଗୁଣାତ୍ମକ ବିକାଶର ବିଭିନ୍ନ ଦିଗ ଉପରେ ଉପସ୍ଥିତ କୁଳପତିମାନଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ଅଧିବେଶନରେ ସମସ୍ତ ୧୪ଟି ସରକାରୀ ବିଶ୍ୱବିଦ୍ୟାଳୟ ତଥା ୬ଟି ବେସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ରାଜ୍ୟ ଶିକ୍ଷା ପରିଷଦର ସଦସ୍ୟ ସଚିବ ପ୍ରଦୀପ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧିବେଶନରେ ମନ୍ତ୍ରୀ ପୂଜାରୀ ପ୍ଲେସମେଣ୍ଟ ପଲିସି, ଷ୍ଟୁଡେଣ୍ଟ ଷ୍ଟାର୍ଟ ପଲିସି, ଡିଜିଟାଲ ଲାଇବ୍ରେରୀ ଏବଂ ହକି ଖେଳର ପ୍ରମୋସନ ପାଇଁ ପଦକ୍ଷେପ ନେବାକୁ କୁଳପତିମାନଙ୍କୁ ଅନୁରୋଧ କରିଥିଲେ।

ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟମନ୍ତ୍ରୀଙ୍କର ପ୍ରମୁଖ ପରାମର୍ଶଦାତା (ଶିକ୍ଷା) ଉପେନ୍ଦ୍ର ତ୍ରିପାଠୀ, ମୋ କଲେଜ ଅଭିଯାନ ସଂଗଠକ ଆକାଶ ଦାସ ନାୟକ ଯୋଗଦେଇ କୁଳପତିମାନଙ୍କର ନିଜ ନିଜ ବିଶ୍ୱବିଦ୍ୟାଳୟର ଆଗାମୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ପରାମର୍ଶଦାତା ତ୍ରିପାଠୀ, ଶିକ୍ଷା ବ୍ୟବସ୍ଥାର ଟ୍ରାନ୍ସଫର୍ମେସନ ଉପରେ ସମସ୍ତ କୁଳପତିଙ୍କୁ ସଚେତନ କରାଇଥିଲେ। ୨୦୨୩ ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଏଜୁ ଇନଭେଷ୍ଟମେଣ୍ଟ ବିଷୟରେ ଆଲୋଚନା ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ତରଫରୁ ସମସ୍ତ କୁଳପତିଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ ବିଭିନ୍ନ ଚେୟାର ସ୍ଥାନ ପାଇଁ ପ୍ରସ୍ତାବ ଦେବା ପାଇଁ ଅନୁରୋଧ କରାଯାଇଥିଲା। ଲାପ୍‌ଟପ୍ ବଣ୍ଟନ, ମୋ କଲେଜ, ଗ୍ରୀନ ପ୍ୟାସେଜ ସ୍କିମ ଏବଂ ସିଭିଲ ସର୍ଭିସ ପରୀକ୍ଷାର୍ଥୀଙ୍କୁ ମାଗଣା କୋଚିଂ ବ୍ୟବସ୍ଥା ଉପରେ ବିଶେଷ ରୂପେ ଧ୍ୟାନ ଦେବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ, ପିଜି କାଉନସିଲ ଚେୟାରମ୍ୟାନ ଅଧିକାରୀ ଏବଂ ପରୀକ୍ଷା ନିୟନ୍ତ୍ରକମାନେ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ରବୀନ୍ଦ୍ର ପଣ୍ଡା ସ୍ୱାଗତ କରିବା ସହ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ବୀରେନ୍ଦ୍ର ଧନ୍ୟବାଦ ଦେଇଥିଲେ।